# ଯଶପାଳ


କମଳା ପ୍ରସାଦ




ଭାରତୀୟ ସାହିତ୍ୟସ୍ରଷ୍ଟା

OR
813.309 2
Y 26 K

OR
813.309 2
Y 26 K



INDIAN INSTITUTE
OF
ADVANCED STUDY
LIBRARY, SHIMLA



# ଷଷ୍ଠପାଳି

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜ୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନକଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

# ଯଶପାଳ

କମଳା ପ୍ରସାଦ

ଅନୁବାଦ
ବନମାଳୀ ଦାସ

ସାହିତ୍ୟ ଅକାଦେମି

*Yashpal* : Oriya translation by Dr. Banamali Das of the same title in Hindi by Kamala Prasad. Sahitya Akademi, New Delhi, 1995. Price : Rs 15/-

OR 813.309 2 Y 26 K

© ସାହିତ୍ୟ ଅକାଦେମି

ପ୍ରଥମ ପ୍ରକାଶ : ୧୯୯୫

ISBN 81—7201—887-8

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫ ଫିରୋଜଶାହ ରୋଡ . ନୂଆଦିଲ୍ଲୀ ୧୧୦ ୦୦୧

Library IIAS, Shimla
OR 813.309 2 Y 26 K
00117828

ବିକ୍ରୟ କେନ୍ଦ୍ର :

'ସ୍ୱାତି', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧

ଶାଖା ଅଫିସ :

ଜୀବନତାରା ଭବନ, ୨୩ ଏ/୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ଼,
କଲିକତା ୭୦୦ ୦୫୩

'ଗୁନା ବିଲଡ଼ିଂ', ଦ୍ୱିତୀୟ ମହଲା, ୩୦୪-୩୦୫, ଆନା ସାଲାଇ,
ତେନାମ୍‌ପେଟ୍, ମାଡ୍ରାଜ ୬୦୦ ୦୧୮

୧୭୨ ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ବମ୍ବେ ୪୦୦ ୦୧୪

ଏ.ଡି.ଏ ରଙ୍ଗମନ୍ଦିର, ୧୦୯ ଜେ. ସି. ରୋଡ଼, ବାଙ୍ଗାଲୋର ୫୬୦ ୦୦୨

ମୂଲ୍ୟ : ୧୫-୦୦

ମୁଦ୍ରାକର :

ଦି' ପ୍ରିଣ୍ଟୋଭର୍ସ
ମୈତ୍ରୀ ସରଣୀ
କଟକ ୭୫୩ ୦୦୧

Indian Institute of Advanced Study
117828
21/12/04
SHIMLA

# ସୂଚୀପତ୍ର


| | |
|---|---|
| ଜୀବନ ଓ ସ୍ୱଭାବ | ୧ |
| ଆର୍ଯ୍ୟ-ସମାଜ ଭିତରେ | ୪ |
| କ୍ରାନ୍ତିକାରୀ ଦଳରେ | ୭ |
| ବିପ୍ଳବ-ଯୁଗ | ୯ |
| ମାର୍କସବାଦ ପ୍ରତି ଆସ୍ଥା | ୧୨ |
| କାହାଣୀକାର | ୧୭ |
| ଉପନ୍ୟାସ ଲେଖକ ରୂପେ | ୩୦ |
| ଭ୍ରମଣ-କାହାଣୀ | ୪୫ |
| କଥା ପରେ କଥା | ୭୧ |
| ଯଥାର୍ଥବାଦର-କଷଟିରେ | ୭୭ |
| ଯଶପାଲଙ୍କ ରଚନାବଳି | ୭୭ |

# ଜୀବନ ଓ ସ୍ୱଭାବ

କ୍ରାନ୍ତିକାରୀ ଯଶପାଲଙ୍କ ଜୀବନ ବହୁ ଉତ୍ଥାନପତନ ଭିତର ଦେଇ ଗତି କରିଥିବା ଏକ ରୋମାଞ୍ଚକର କାହାଣୀ । ତାଙ୍କର ଜନ୍ମ ୧୯୦୩ ମସିହା ଡିସେମ୍ବର ୩ ତାରିଖରେ ଫିରୋଜପୁରର ଛାଉଣୀରେ ହୋଇଥିଲା । ପିତାଙ୍କ ନାମ ଥିଲା 'ହୀରାଲାଲ' । ତାଙ୍କର ଗୋଟିଏ ଛୋଟ ଦୋକାନ ଥିଲା । ମା' ପ୍ରେମଦେବୀ ଛାଉଣୀର ଏକ ଆର୍ଯ୍ୟ ପାଠଶାଳାରେ କାମ କରୁଥିଲେ । ତାଙ୍କ ଦରମା ଏତେ କମ୍ ଥିଲା ଯେ ସେଥିରେ ଘର ଚଳାଇବା କଷ୍ଟକର ହୋଇ ପଡ଼ୁଥିଲା । ସେଥିପାଇଁ ଯଶପାଲଙ୍କୁ କାଶୀପୁର (ନୈନିତାଲ ଜିଲ୍ଲା)ରେ ରହୁଥିବା ଜଣେ 'ସମ୍ପର୍କୀୟ'ଙ୍କ ଘରକୁ ପଠାଇ ଦିଆଗଲା । ଆଶା କରିଯାଇଥିଲା ଯେ ସେଠାରେ ଅନ୍ତତଃ ତାଙ୍କର ପଢ଼ାପଢ଼ି ଠିକ୍ ଭାବରେ ହୋଇ ପାରିବ, କିନ୍ତୁ ତା' ହୋଇପାରିଲା ନାହିଁ । ତେଣୁ ତାଙ୍କ ମା' ତାଙ୍କୁ ନିଜ ପାଖକୁ ନେଇ ଆଣି ଗୁରୁକୁଳ କାଙ୍ଗଡ଼ି ସ୍କୁଲରେ ଯଶପାଲଙ୍କ ନାମ ଲେଖାଇ ଦେଲେ । ସେତେବେଳକୁ ଯଶପାଳଙ୍କୁ ସାତବର୍ଷ । ମା'ଙ୍କର ଇଚ୍ଛା ଥିଲା ପୁଅ ମହର୍ଷି ଦୟାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉ । ୧୯୧୭ ରେ ଯଶପାଲ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ହୋଇ ପଡ଼ିବାରୁ ତାଙ୍କୁ ଲାହୋର ପଠାଇ ଦିଆଗଲା । ସେଠି ସେ ଭଲ ହେବା ପରେ ସେଠାର ଡ଼ି.ଏ.ଭି. ସ୍କୁଲରେ ତାଙ୍କୁ ଭର୍ତ୍ତି କରି ଦିଆଗଲା । ପାରିବାରିକ କାରଣରୁ ଲାହୋରରେ ସେ ବେଶି ଦିନ ରହି ପାରିଲେ ନାହିଁ । ଏଣୁ ତାଙ୍କର ପରବର୍ତ୍ତୀ ଶିକ୍ଷା ଫିରୋଜପୁର ଛାଉଣୀରେ ହିଁ ହେଲା । ୧୯୨୧ ରେ ସେ ମେଟ୍ରିକ ପରୀକ୍ଷା ଦେଲେ ଏବଂ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲେ । ଏହାମଧ୍ୟରେ ରାଜନୀତି ପ୍ରତି ତାଙ୍କ ମନ ବଳିଲା । ରୋଲାଟ୍ ଆକ୍ଟ (Rowlatt Act) ବିରୋଧରେ କଂଗ୍ରେସ ଦ୍ୱାରା ଯେଉଁ ଅସହଯୋଗ-ଆନ୍ଦୋଳନ ହେଲା, ତାଙ୍କ ଉପରେ ତାର ଯଥେଷ୍ଟ ପ୍ରଭାବ ପଡ଼ିଲା । କ୍ରମେ ଏହା ଏତେ ପ୍ରଭାବଶାଳୀ ହେଲା ଯେ ପ୍ରଥମ ଶେଣୀରେ ପ୍ରଥମ ହେବା ଫଳରେ ତାଙ୍କୁ ମିଳିଥିବା ଛାତ୍ର-ବୃତ୍ତି ଓ ସରକାରୀ କଲେଜରେ ନାମ ଲେଖାଇବାର ସୁବିଧାକୁ ମଧ୍ୟ ସେ ପରିତ୍ୟାଗ କରିଦେଲେ । ସେ ସ୍ୱଭାବରେ ଉଗ୍ର ଥିଲେ । ତେଣୁ

ଶାନ୍ତି ଶୃଙ୍ଖଳାର ସହ ସମାଧାନ ସମ୍ଭବ, ସେ କଥା ସେ ସ୍ୱୀକାର କରିପାରୁ ନଥିଲେ । 'ଚୌରି ଚୌରା' ପ୍ରସଙ୍ଗରେ ମହାତ୍ମା ଗାନ୍ଧିଙ୍କର ବ୍ୟବହାରକୁ ସେ ପସନ୍ଦ କରି ନଥିଲେ । ଏହି ଘଟଣା ପରେ ସେ ନିରାଶ ହୋଇ ପୁଣି ଥରେ ଫେରିଆସି ଅଧ୍ୟୟନ ପ୍ରତି ମନ ବଳାଇଲେ ଓ ଲାଲା ଲାଜପତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ନେସ୍‌ନାଲ କଲେଜ'ରେ ସେ ନାମ ଲେଖାଇଲେ । ଏଠାରେ ଭଗତସିଂହ, ସୁଖଦେବ ଓ ଭଗବତୀ ଚରଣ ବର୍ମାଙ୍କ ସହ ତାଙ୍କର ବନ୍ଧୁତ୍ୱ ହେଲା । ସେମାନଙ୍କ ସାହଚର୍ଯ୍ୟରୁ ସେ ଏଭଳି ଶକ୍ତି ଲାଭ କରିଥିଲେ, ଯାହା ଜୀବନ ତମାମ ତାଙ୍କୁ ଉଦ୍‌ବୁଦ୍ଧ କରି ରଖିଥିଲା ।

ଯଶପାଲ ବି.ଏ. ପାଶ କଲା ପରେ କିଛିଦିନ ଶିକ୍ଷକତା ଏବଂ ଆଉ କିଛିଦିନ ସାମ୍ବାଦିକତା କରିଥିଲେ । କିନ୍ତୁ ତାଙ୍କ ମଧ୍ୟରେ ଦେଶପ୍ରେମର ଯେଉଁ ଜ୍ୱାଳା ରହିଥିଲା ତାହା ତାଙ୍କୁ ଚାକିରି ମଧ୍ୟରେ ଆବଦ୍ଧ କରି ରଖିପାରି ନଥିଲା । ସେ ଥିଲେ ସ୍ୱାଧୀନତା ସଂଗ୍ରାମର ନିର୍ଭୀକ ସେନାନୀ ।

ଯଶପାଲ ପାହାଡ଼ ଅଞ୍ଚଳରେ ଜନ୍ମଲାଭ କରିଥିଲେ । ବଢ଼ିଥିଲେ ଗୁଓ୍ୱା ଆର୍ଯ୍ୟସମାଜ ପରିବେଶରେ । ଜଣେ ଦରିଦ୍ର ବ୍ୟକ୍ତିର ଦୃଷ୍ଟିକୋଣରୁ ସେ ସମଗ୍ର ଦୁନିଆକୁ ଦେଖୁଥିଲେ । ନିଜ ଚେଷ୍ଟାରେ ନିଜ ଜୀବନକୁ ଗଢ଼ି ତୋଳିଥିଲେ ସେ । ରହସ୍ୟାଚ୍ଛନ୍ନ, ଆଧ୍ୟାତ୍ମିକ ଓ ଅଦୃଶ୍ୟ ଶକ୍ତି ସମ୍ବନ୍ଧୀୟ କୌଣସି ଧାରଣା ତାଙ୍କ ମନରେ ପଶିପାରି ନଥିଲା । ତାଙ୍କର ସମ୍ପର୍କ ଥିଲା ପ୍ରତ୍ୟକ୍ଷ କ୍ରିୟା ଓ କର୍ମ ସହିତ । ତତ୍‌କାଳୀନ ରାଜନୀତିକ ଆନ୍ଦୋଳନ ହିଁ ତାଙ୍କ ମନରେ ଆଣିଦେଇଥିଲା ସକ୍ରିୟତା ଓ ସମ୍ଭାବନା । ତାଙ୍କ ମା'ଙ୍କର ଆର୍ଯ୍ୟସମାଜ ପ୍ରତି ଥିଲା ଅଟଳ ବିଶ୍ୱାସ । ଏ ସମାଜର ଭୂମିକା ଅନେକ କାରଣରୁ ସେତେବେଳର ସମାଜ ପାଇଁ ସଂସ୍କାରମୂଳକ ଥିଲା । ଗାନ୍ଧିଜୀଙ୍କ ପ୍ରଭାବ ମଧ୍ୟ ସାଧାରଣ ଜନତାଙ୍କ ଭିତରେ ବଢ଼ି ଚାଲିଥିଲା । ଉଭୟ ମଧ୍ୟରେ ଥିବା ପରିବର୍ତ୍ତନଶୀଳ ଦୃଷ୍ଟିଭଙ୍ଗୀ ଯଶପାଳଙ୍କୁ ଖୁବ ଭଲ ଲାଗୁଥାଏ । ସେ ସାଥୀମାନଙ୍କୁ ଦଳବଦ୍ଧ କରି ଲୋକଙ୍କ ମଧ୍ୟରେ ଏହାର ପ୍ରସାର ଆରମ୍ଭ କରିଦେଲେ । କିନ୍ତୁ ଯେଉଁଠି ତାଙ୍କ ଉଗ୍ରବାଦୀତା ବାଧାପ୍ରାପ୍ତ ହେଉଥିଲା, ସେଠାରେ ସେ ବିରୋଧୀ ହୋଇ ଉଠୁଥିଲେ । କିଛିକାଳ ପରେ ସେ ଏ ଉଭୟଙ୍କୁ ଛାଡ଼ିଦେଲେ । କିନ୍ତୁ ନେସନାଲ କଲେଜର ବନ୍ଧୁମାନେ ତାଙ୍କ ପାଇଁ ତର୍କ, ପ୍ରେମ, ସତ୍ୟ, ନ୍ୟାୟ, ବୈଜ୍ଞାନିକତା, ସକ୍ରିୟତା ଓ ସଂଘର୍ଷର ରାସ୍ତା ଖୋଲି ଦେଲେ । ଯଶପାଲ ଏହା ହିଁ ଚାହୁଁଥିଲେ । ଏଇଥିପାଇଁ ହିଁ ତାଙ୍କ ମନ ଅତ୍ୟନ୍ତ ବ୍ୟାକୁଳ ହୋଇ ଉଠୁଥିଲା । ସେ କ୍ରାନ୍ତିକାରୀ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଲାଗିଲେ । ବୋମା ତିଆରି କରିବା, ସ୍ଥାନ ଓ କାଳ ବିଶେଷରେ ତାହା ଫୁଟାଇବା ଓ ଗୁଳି ଚଳାଇବା, ଲୁଚି-ଛପି ସରକାର-ବିରୋଧୀ କାମ କରିବା ଓ ପଢ଼ିବା ତାଙ୍କର ଦୈନିକ କାର୍ଯ୍ୟ ଥିଲା । ଭାଷା ଶିକ୍ଷା ପ୍ରତି

ତାଙ୍କର କମ୍ ଆଗ୍ରହ ନଥିଲା । ଜେଲରେ ଥିବାବେଳେ ସେ ବଙ୍ଗଳା, ଫ୍ରେଞ୍ଚ୍, ରୁଷ, ଇଟାଲି ଆଦି ଅନେକ ଭାଷା ଶିଖିଥିଲେ । ୧୯୩୭ ଅଗଷ୍ଟ ୭ ତାରିଖରେ ବରେଲି ଜେଲରେ ପ୍ରକାଶବତୀଙ୍କୁ ନିଜର ଜୀବନ ସଙ୍ଗିନୀ ଭାବରେ ସେ ବାଛି ନେଲେ, ଯିଏ ସବୁ ଭାବରେ ଯଶପାଲଙ୍କୁ ସହଯୋଗ କରିଥିଲେ । ଏକ ସମୟରେ କ୍ରାନ୍ତିକାରୀଙ୍କ ମଧ୍ୟରେ ସେ ଏକୁଟିଆ ରହିଗଲା ପରେ ବନ୍ଧୁକକୁ ଛାଡ଼ି ଲେଖନୀକୁ ନିଜର ଆୟୁଧ କରିନେଲେ । ୧୯୭୭ ଡିସେମ୍ବର ୨୬ ତାରିଖ ଅନ୍ତିମ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ସେ ଅବିରାମ ଭାବରେ ସାହିତ୍ୟ ସାଧନା କରି ଚାଲିଥିଲେ ।

□

ଯଶପାଳଙ୍କ ମନରେ ବିଚାରଜନିତ ପ୍ରଭାବ ଓ ତା' ସହିତ ସଂଘର୍ଷର ଅଯ୍ୟମାରମ୍ଭ ଆର୍ଯ୍ୟ ସମାଜରେ ହିଁ ହେଲା । ଆର୍ଯ୍ୟ ସମାଜର ଦୀକ୍ଷା ସେ ଏକ ବିଦ୍ୟାର୍ଥୀ ଭଳି ପାଇଥିଲେ । ଏହାହିଁ ଚାହୁଁଥିଲେ ତାଙ୍କର ମା' । ସେ ପୁଅକୁ ଏ ଧର୍ମର ପ୍ରଚାରକ କରିବାକୁ ମନସ୍ଥ କରିଥିଲେ । ଗୁରୁକୁଳ କାଙ୍ଗଡ଼ୀର ଜୀବନ ଥିଲା ଖାଲି ପାଦରେ ଅଥବା କଠଉ ପିନ୍ଧି ଚାଲିବା, କାଠ-ଖଟରେ ଶୋଇବା, ସୂର୍ଯ୍ୟ-ଉଦୟ ପୂର୍ବରୁ ଥଣ୍ଡା ପାଣିରେ ଗାଧୋଇବା, ଖାଇ ସାରିବା ପରେ ନିଜ ବାସନ ନିଜେ ମାଜିବା ଓ କେବେ କୌଣସି ଦୋକାନ ଅଥବା ସ୍ତ୍ରୀର ମୁଖ ନ ଦେଖିବା ଇତ୍ୟାଦି । ଯଶପାଳଙ୍କୁ ସଂଯମ ନିୟମ ମଧ୍ୟ ପାଳନ କରିବାକୁ ପଡ଼ୁଥିଲା (ସିଂହାବଲୋକନ ଭାଗ ୧, ପୃଷ୍ଠା ୪୪) । ଆର୍ଯ୍ୟ ପାଠଶାଳାରେ ସଂଯମ-ନିୟମର ଶିକ୍ଷା ଦିଆଯାଉଥାଏ ଏବଂ ତା'ର ଉଦ୍ଦେଶ୍ୟ ସମ୍ବନ୍ଧରେ ବୁଝାଯାଉଥାଏ ଯେ ବିଦେଶୀ ଦାସତ୍ୱରୁ ମୁକ୍ତି ନ ମିଳିଲେ ଦେଶର ପ୍ରଗତି ଅସମ୍ଭବ । ବିଦେଶୀ ଦାସତ୍ୱ ଓ ଦେଶପ୍ରେମର ଅର୍ଥ ଯଶପାଳ ଏହିଠାରୁ ହିଁ ବୁଝିଲେ । ସେ ଲେଖିଛନ୍ତି-''ସନ୍ଧ୍ୟାବେଳେ ସ୍କୁଲ ପଢ଼ିଆରେ ପ୍ରାୟ ସବୁବେଳେ ଇଂରେଜମାନଙ୍କ ବିରୁଦ୍ଧରେ ଚର୍ଚ୍ଚା କରୁଥିବା ହେତୁ ମୁଁ ଆଖି ବୁଜି-ବୁଜି ନିଜ କଳ୍ପନାର ଇଂଲଣ୍ଡକୁ ଦେଖେ । ଗୁରୁକୁଳ କାଙ୍ଗଡ଼ୀର ପରିବେଶ ପରି ସେଠି ମଧ୍ୟ ଇଂରେଜମାନେ ଧୋତି କୁର୍ତ୍ତା ପିନ୍ଧିଲା ଭଳି ମୋତେ ଲାଗେ ।'' (ସିଂହାବଲୋକନ)

ଭାରତୀୟମାନଙ୍କ ପ୍ରତି ଇଂରେଜମାନଙ୍କ ଘୃଣାଭାବ ଏବଂ ନିଜ ଜାତିର ମହାନତାର ଦର୍ପ ସେ ନିଜ ଆଖିରେ ଦେଖିଥିଲେ । ତେଣୁ ପାଠଶାଳାରେ ଏ ବିଷୟରେ ଚର୍ଚ୍ଚା ତାଙ୍କୁ ଭାରି ଭଲ ଲାଗୁଥିଲା । ଯେତିକି ପଢ଼ୁଥିଲେ, ତା'ଠାରୁ ଅଧିକ ଗ୍ରହଣ କରି ନେଉଥିଲେ ସେ । ଭାରତୀୟ ଧନୀକବର୍ଗର ଗରିବଙ୍କ ପ୍ରତି ବ୍ୟବହାର ଭଲଭାବେ ଅନୁଭବ କରି ନେଉଥିଲେ । ଆର୍ଯ୍ୟ ପାଠଶାଳାରେ ସମାନତାର ଶିକ୍ଷା ଦିଆଯାଉଥିଲେ ହେଁ ଧନୀ ପିଲାମାନେ ବଡ଼ ଖୁସିରେ ରହୁଥିଲେ । ସେମାନେ

ଗୁରୁମାନଙ୍କର କୃପାପାତ୍ର ହୋଇପାରୁଥିଲେ ଏବଂ ତାଙ୍କ ପରି ଗରିବ ପିଲାମାନଙ୍କୁ ବ୍ୟଙ୍ଗ କରି ସେମାନଙ୍କ ଉପରେ ଟୀକାଟିପ୍ପଣୀ ବି ଦେଉଥିଲେ । ଏପରି ଭାବରେ ଆର୍ଯ୍ୟ ସମାଜ ଭିତରେ ଯେଉଁଠି ସେ ଏକ ଦିଗରେ ଦେଶପ୍ରେମର ଶିକ୍ଷା ପାଇଥିଲେ, ଅନ୍ୟ ଦିଗରେ ଶ୍ରେଣୀ ବୈଷମ୍ୟର ପରିଚୟ ମଧ୍ୟ ପାଇଥିଲେ । ଏହିଠାରେ ହିଁ ତାଙ୍କ ହୃଦୟରେ ପଡ଼ିଥିଲା ସାମ୍ରାଜ୍ୟବାଦ ଓ ସାମନ୍ତବାଦ ପ୍ରତି ଶତ୍ରୁତାର ମୂଳଦୁଆ । ସାମନ୍ତବାଦ ପ୍ରତି ବିରୋଧାତ୍ମକ ମନୋଭାବ ଆର୍ଯ୍ୟ ସମାଜର ଶିକ୍ଷାଦ୍ୱାରା ତାଙ୍କୁ ମିଳି ନଥିଲା, ବରଂ ନିଜ ଅନୁଭବରୁ ହିଁ ତାହା ପ୍ରାପ୍ତ ହୋଇଥିଲା । ନିଜ ଅନୁଭବ ହିଁ ଆର୍ଯ୍ୟ ସମାଜର ବନ୍ଧନରୁ ମୁକ୍ତ କରିଦେଇଥିଲା ତାଙ୍କୁ । ସେ ଜାଣିପାରିଥିଲେ ଆର୍ଯ୍ୟ ସମାଜର ଦୋଷ-ଗୁଣ । ସେ କହିଛନ୍ତି-"କାଙ୍ଗଡ଼େରୁ ଆସି ପଞ୍ଜାବରେ ବସବାସ କରୁଥିବା ମୋର କେତେକ ବନ୍ଧୁ-ବାନ୍ଧବ ଯଦି ଆର୍ଯ୍ୟ ସମାଜର ପ୍ରଭାବରେ ଆସି ନଥାନ୍ତେ ଓ ତାଙ୍କ ଦୟାରୁ ମୋ ମା' ଯତ୍କିଞ୍ଚିତ୍ ଅକ୍ଷର-ଜ୍ଞାନ ପାଇ ନଥାନ୍ତେ, ତା'ହେଲେ ମୁଁ କାଙ୍ଗଡ଼େର ଅନ୍ୟ ଗରିବ ଖଣ୍ଡାୟତ ଯୁବକମାନଙ୍କ ଭଳି ପିଠିରେ ସୌଦା ଗଣ୍ଠିଲି ଧରି ଦୁଆର-ଦୁଆର ବୁଲି ବିକୁଥାନ୍ତି, ଅଥବା ଲହୋର କମ୍ବା ଅମୃତସରରେ ବାସନମାଜିବା କାମରେ ଲାଗିଥାନ୍ତି ।" (ସିଂହା-ପୃ. ୬୪)

ଯଶପାଲ ଆର୍ଯ୍ୟ ସମାଜର ଅବଦାନ କେବେ ଭୁଲି ନଥିଲେ, କିନ୍ତୁ ସେଠାକାର ଆଧ୍ୟାତ୍ମିକ ଦୃଷ୍ଟିକୋଣ ଓ ତଥାକଥିତ ସଂଯମିତ ଜୀବନ ଭିତରେ ଅନ୍ତଃସଲିଳା ଭଳି ଗତି କରୁଥିବା ତୀବ୍ର କାମ-ପିପାସାକୁ ସେ ଭଲଭାବେ ଜାଣି ପାରିଥିଲେ । ଅନ୍ତର୍ବିରୋଧ ବା ଅନ୍ତର୍ଦ୍ୱନ୍ଦ୍ୱକୁ ବୁଝିବାର ଶକ୍ତି ତାଙ୍କର ଆସି ଯାଇଥିଲା । ତେଣୁ ପ୍ରାକୃତିକ ଇଚ୍ଛାକୁ ଦମନ କରିବାର ପ୍ରଚେଷ୍ଟା ବାବଦରେ ତାଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଏହି ପ୍ରତିକ୍ରିୟାକୁ ସେ ବହୁ (ପଚିଶରୁ ଅଧିକ) କାହାଣୀ-ମାନଙ୍କରେ ବ୍ୟକ୍ତ କରିଛନ୍ତି । ଉଦାହରଣ ସ୍ୱରୂପ- 'ପ୍ରାୟଶ୍ଚିତ୍ତ' କାହାଣୀ । ଏଥିରେ ବାପା ନିଜ ଝିଅକୁ ପିଲାଦିନୁ ଆର୍ଯ୍ୟ ସମାଜର ଶିକ୍ଷାରେ ଶିକ୍ଷିତ କରିଛି । ଝିଅ ସନ୍ଧ୍ୟା, ତପସ୍ୟା, ଯମ-ନିୟମ ଆଦିର ଖୁବ୍ ଅଭ୍ୟାସ କରିଛି । କିନ୍ତୁ ଅବସର ପାଇବା ମାତ୍ରେ ୧୪ ବର୍ଷ ବୟସରେ ସେ ବାସନାର ଶିକାର ହୋଇପଡ଼ିଛି । ସେ କହିଛି "ଗୁରୁକୁଳ ଆଶ୍ରମରେ ରହିବା ସମୟରେ ହିଁ ମୋ ମନରେ ବାସନାର ତରଙ୍ଗ ଉଠୁଥିଲା; କିନ୍ତୁ ଗୁରୁମାନଙ୍କର ସଦୁପଦେଶ ଶୁଣି ମୁଁ ତାକୁ ଦମନ କରି ରଖିଥିଲି ।" "ପିଞ୍ଜରେ କୀ ଉଡ଼ାନ୍' ପୃ-୧୦୨) । 'ଜ୍ଞାନଦାନ', 'ଧର୍ମରକ୍ଷା', 'ଉତ୍ତମୀ କୀ ମାଁ', 'ପାପ୍ କୀ କୀଚଡ଼' ଏବଂ 'ହିଂସା' ଇତ୍ୟାଦି କାହାଣୀମାନଙ୍କରେ ଏପରି ବହୁ କଥା ଦେଖିବାକୁ ମିଳେ ।

□

# କ୍ରାନ୍ତିକାରୀ ଦଳରେ

ଦେଶପ୍ରେମର ଅର୍ଥ ସେ ଆର୍ଯ୍ୟ ସମାଜର ପାଠଶାଳାରେ ପଢ଼ିଲାବେଳେ ବୁଝି ପାରିଥିଲେ । ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ କିଛିଦିନ ପାଇଁ ସକ୍ରିୟ ଅଂଶ ଗ୍ରହଣ କରି ଏକ ବିରାଟ ସାମ୍ରାଜ୍ୟ ବିରୋଧରେ ଛିଡ଼ା ହେଲେ ବି ଏ ଦୁଇଟିଯାକ ସଂସ୍ଥା ତାଙ୍କ ସ୍ୱଭାବକୁ ବିକଶିତ କରିବାରେ ବିଶେଷ ସହାୟକ ହୋଇନଥିଲା । ତାଙ୍କ ବ୍ୟକ୍ତିତ୍ୱ ଅଦ୍ଭୁତ ଶକ୍ତିରେ ପରିପୂର୍ଣ୍ଣ ଥିଲା । ସେ ଅନେକ କିଛି କରିଯିବାକୁ ଚାହୁଁଥିଲେ ।

ଗାନ୍ଧିଜୀ ଆଶଙ୍କା କରିଥିଲେ ଯେ ତତ୍କାଳୀନ ଭୂଷଣାନ୍ତ୍ରର ପ୍ରଭାବ ଯଦି ଅଧିକ ବଢ଼ିଯାଏ, ତା'ହେଲେ ଏଠାକାର ଆନ୍ଦୋଳନ ତାଙ୍କ ନେତୃତ୍ୱରେ ରହି ନପାରେ । ସେ ଅସହଯୋଗ ଆନ୍ଦୋଳନରୁ ଉଠୁଥିବା ଉତ୍ତେଜନା ଏବଂ ଶ୍ରମିକଙ୍କ ମଧ୍ୟରେ ଜାଗ୍ରତ ହୋଇଥିବା ରାଷ୍ଟ୍ରୀୟ ଭାବନାକୁ ନିୟନ୍ତ୍ରିତ କରିବାରେ ସମର୍ଥ ହୋଇ ନଥିଲେ । ତେଣୁ ତାକୁ ସ୍ଥଗିତ ରଖିବା ସେ ଉଚିତ ମନେ କଲେ । ନିଜ ମତକୁ ଗାନ୍ଧିଜୀ ବେଶି ଦିନ ଲୁଚାଇ ପାରିନଥିଲେ । ସେ ନଭେମ୍ବର ୨୪ ତାରିଖ ୧୯୨୧ର 'ୟଙ୍ଗ୍ ଇଣ୍ଡିଆ'ରେ ଲେଖିଥିଲେ—"ଏ ମାର୍ଗ ସ୍ୱରାଜ୍ୟର ନୁହେଁ । ଭାରତରେ ବଲସେଭିଜମ୍‌ର ଆବଶ୍ୟକତା ନାହିଁ । ଏଠାକାର ଲୋକେ ଏତେ ଶାନ୍ତିପ୍ରିୟ ଯେ ସେମାନେ ଅରାଜକତାକୁ ସହିପାରିବେ ନାହିଁ ।" ଏକଥା ସେତେବେଳେ କୌଣସି ଯୁବକଙ୍କୁ ଭଲ ଲାଗିନଥିଲା । ସେଥିପାଇଁ ଯୁବଗୋଷ୍ଠୀ ଗାନ୍ଧିଜୀଙ୍କୁ ସହଯୋଗ କରିନଥିଲେ । ପ୍ରଥମରୁ କେତେକ 'ହିନ୍ଦୁସ୍ଥାନ ପ୍ରଜାତନ୍ତ୍ର ଦଳ' (ଏଚ.ଆର୍.ଏ.) ନାମରେ ଗୋଟିଏ ଦଳ ଗଢ଼ି ଗୁପ୍ତଭାବରେ କ୍ରାନ୍ତିକାରୀ ଗତିବିଧି ଆରମ୍ଭ କରି ଦେଇଥିଲେ । ଏହାଛଡ଼ା ସର୍ଦ୍ଦାର ଭଗତସିଂହ, ସୁଖଦେବ ଓ ଭଗବତୀ ଚରଣ ବର୍ମା ଇତ୍ୟାଦି କେତେକ ଯୁବକ 'ନବ ଜଓ୍ୱାନ ଭାରତୀୟ ସଭା' ଗଠନ କରିଥିଲେ । ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ବିପ୍ଳବାତ୍ମକ ଭାବନାକୁ ସକ୍ରିୟ କରିବା । ଧୀରେ-ଧୀରେ ପ୍ରତିଦିନ ଶହ-ଶହ ତରୁଣ ଏଥିରେ ଯୋଗ ଦେବାକୁ ଲାଗିଲେ । ଭଗତ୍‌ସିଂହ ଓ ସୁଖଦେବ ଅଧ୍ୟୟନ ଛାଡ଼ିଦେଲେ ।

ସରକାର ଏମାନଙ୍କ ପଛରେ ଲାଗିଯିବା ଫଳରେ ଏମାନେ ଫେରାର ହୋଇଗଲେ । ଏମାନଙ୍କର ସହଯୋଗୀ ଥିଲେ ଯଶପାଲ । ତେଣୁ ଶିକ୍ଷକ ଥିବା ସତ୍ତ୍ୱେ ବି ଏମାନଙ୍କର କାମ ସେ ସମ୍ଭାଳିନେଲେ । ଗୋଟିକ ପରେ ଗୋଟିଏ ଘଟଣା ଘଟିଗଲା । ପୂରା କ୍ରାନ୍ତିକାରୀ ହୋଇଗଲେ ସେ ।

ସାଇମନ କମିଶନ ଆସିଲା ୧୯୨୮ ଡିସେମ୍ବରରେ । ଲାଜପତ ରାୟ ବଏକଟ୍‌ର ଧ୍ୱନି ଦେଲେ । ଲକ୍ଷ-ଲକ୍ଷ ଲୋକ ତାଙ୍କୁ ସହଯୋଗ କରୁଥାନ୍ତି । ପୁଲିସର ପ୍ରହାର ପଡ଼ିଲା ଲାଜପତ ରାୟଙ୍କ ଉପରେ । ଶହୀଦ ହୋଇଗଲେ ସେ । କ୍ରାନ୍ତିକାରୀ ଯୁବକମାନେ ଏହା ସହନ୍ତେ କିପରି ? ସେମାନେ ଏଥିପାଇଁ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ 'ସେଣ୍ଡର୍ସ'ଙ୍କୁ ଦାୟୀ ମନେକରି ତାଙ୍କୁ ହତ୍ୟା କଲେ । ୧୯୨୯ରେ ଭଗତସିଂହ ଆସେମ୍ବ୍ଲିରେ ବୋମା ପକାଇଲେ, ଯଦ୍ୱାରା ଇଂରେଜମାନଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ସେତେବେଳେ ଲାହୋରରେ ଏକ ଗୁପ୍ତ କେନ୍ଦ୍ରରେ ବୋମା ତିଆରି କରୁଥାନ୍ତି ଯଶପାଲ । ଗୁପ୍ତଚର ଏଜେନ୍‌ସିକୁ ଯେତେବେଳେ ଏକଥା ଜଣା ପଡ଼ିଗଲା, ସେମାନେ ସେ କେନ୍ଦ୍ରକୁ ଘେରାଉ କରିନେଲେ, କିନ୍ତୁ ଯଶପାଲଙ୍କୁ ସେମାନେ ଧରି ପାରିଲେ ନାହିଁ । ସେ ଫେରାର ହୋଇଗଲେ । ସେଠାରୁ ରୋହତକ ଯାଇ କବିରାଜ ଲେଖରାଜଙ୍କ ପାଖରେ ଚାକିରି କଲେ କଳ୍ପିତ ନାମରେ । ଦୋକାନରୁ ଟିକିଏ ସମୟ ପାଇଲେ ବୋମା ତିଆରି କରିବାରେ ଲାଗିପଡ଼ନ୍ତି । ତେଜାପ-ଧୂଆଁରେ ତାଙ୍କର ଲୁଗାପଟା ସବୁ ଜୀର୍ଣ୍ଣଶୀର୍ଣ୍ଣ ହୋଇ ନଷ୍ଟ ହୋଇଯାଏ, ଦେହର ଚମ ଜଳିଯାଏ, ତଥାପି ମନ ଛାଡ଼େ ନାହିଁ । ଡିସେମ୍ବର ୧୯୨୯ରେ ତାଙ୍କ ଦଳ ଲର୍ଡ-ଇ-ରବିନଙ୍କ କାର୍‌କୁ ବୋମାରେ ଉଡ଼ାଇ ଦେବାକୁ ଯୋଜନା କଲା, କିନ୍ତୁ ତାକୁ କାର୍ଯ୍ୟକାରୀ କଲେ ଯଶପାଲ । ଏହା ମଧ୍ୟରେ ସେ ଯେ ସମାଜବାଦୀ ସିଦ୍ଧାନ୍ତକୁ ଗ୍ରହିପାରିଥିଲେ, ତା'ର ପ୍ରମାଣ ମିଳେ ତାଙ୍କ ଜୀବନରେ ଘଟିଥିବା କେତେକ ଘଟଣାରୁ । ଥରେ ଜଣେ ପ୍ରତିଗାମୀ ମହାପୁରୁଷ ତାଙ୍କୁ କହିଲେ, ଯଦି ମହମ୍ମଦ ଜିନ୍ନାଙ୍କୁ ସେ ହତ୍ୟା କରିଦିଅନ୍ତି, ତା'ହେଲେ ତାଙ୍କୁ ପ୍ରଚୁର ଅର୍ଥ ଦିଆଯିବ । ଦଳପାଇଁ ଅର୍ଥର ନିତାନ୍ତ ଆବଶ୍ୟକତା ଥିବା ସତ୍ତ୍ୱେ ସେ ନିଜ ସିଦ୍ଧାନ୍ତରୁ ତିଳେମାତ୍ର ଟଳି ନଥିଲେ । ଅର୍ଥ ନେବାକୁ ମନା କରିଦେଇଥିଲେ । ଏଥିରୁ ସ୍ପଷ୍ଟ ହୁଏ ଯେ ମାନବୀୟ ଏକତାର ବୈଜ୍ଞାନିକ ସିଦ୍ଧାନ୍ତ ତାଙ୍କର ମର୍ମେ ମର୍ମେ ପ୍ରବେଶ କରିଯାଇଥିଲା ।

ତାଙ୍କ ଦଳ ସର୍ବଦା ମୃତ୍ୟୁ ସହିତ ଖେଳୁଥିଲା । ସେମାନେ ଜାଣିଥିଲେ ଯେକୌଣସି ସମୟରେ କୌଣସି ନେତାର ମୃତ୍ୟୁ ହୋଇପାରେ । ୧୯୩୧ ଫେବୃଆରୀ ୩ ତାରିଖରେ ତାଙ୍କର ମୁଖ୍ୟ ନେତା ଚନ୍ଦ୍ରଶେଖର ଆଜାଦ ଶହୀଦ ହୋଇଗଲେ । ଏବେ ନେତୃତ୍ୱର ଭାର ପଡ଼ିଲା ଯଶପାଲଙ୍କ ଉପରେ । ଦିଲ୍ଲୀ ଓ ଲାହୋରରେ ମକଦ୍ଦମା ଚାଲିଲା ।

ଯଶପାଲ ପ୍ରଧାନ ଅପରାଧୀ ରୂପେ ପ୍ରମାଣିତ ହେଲେ । ତାଙ୍କୁ ଧରିବା କଷ୍ଟକର ଥିଲା । ତେଣୁ ସରକାର ସମ୍ବାଦପତ୍ରମାନଙ୍କରେ ଘୋଷଣା କଲେ ଯେ ତାଙ୍କୁ ଧରାଇଦେଲେ ପୁରସ୍କାର ଦିଆଯିବ । ୧୯୩୨ ଜାନୁଆରୀ ୨୩ ତାରିଖରେ ପୁଲିସ ତାଙ୍କୁ ଖୋଜି ପାଇଲା ଇଲାହାବାଦରେ । ଦୁଇପଟୁ ଗୁଳି ଚାଲିଲା । ଶେଷରେ ଧରାପଡ଼ିଲେ ଯଶପାଲ । ୧୪ ବର୍ଷ ପାଇଁ ଜେଲଦଣ୍ଡ ଘୋଷିତ ହେଲା । ୧୯୩୭ରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ିଲା । ଅନ୍ୟ ବନ୍ଦୀମାନେ ଛୁଟି ପାଇଲେ, କିନ୍ତୁ ଯଶପାଳଙ୍କୁ ଛଡ଼ାଗଲା ନାହିଁ । ସରକାରଙ୍କ ଦୃଷ୍ଟିରେ ସେ ଥିଲେ ଭୟଙ୍କର ଆତଙ୍କବାଦୀ । ଜନତା ଓ କଂଗ୍ରେସ ମନ୍ତ୍ରିମଣ୍ଡଳର ଦାବି ଫଳରେ ଗଭର୍ଣ୍ଣର ତାଙ୍କୁ ମୁକ୍ତ ଦେଲେ, କିନ୍ତୁ ସର୍ତ୍ତ ରହିଲା ଯେ ସେ ପଞ୍ଜାବ ଯାଇପାରିବେ ନାହିଁ । ଏହି ନିର୍ଦ୍ଦେଶ ତାଙ୍କ ଉପରେ କୌଣସି ପ୍ରଭାବ ପକେଇ ପାରିଲା ନାହିଁ । ଯେଉଁଠି ଚୁଲି ସେଇଠି କାମ । ସେ ଲକ୍ଷ୍ନୌରେ ରହିବାକୁ ସ୍ଥିର କଲେ ଓ 'କର୍ମଯୋଗୀ' ପତ୍ରିକାରେ କାମକଲେ । ଏଠି ସେ କେବଳ ଦୁଇମାସ ରହିଲେ । ସେ ଜାଣିଥିଲେ ଯେ ତାଙ୍କ ଜୀବନ ଚାକିରି ପାଇଁ ନୁହେଁ, ସଂଘର୍ଷ ପାଇଁ ।

□

ଯଶପାଲ ଭାବିଲେ ଯେ ବର୍ତ୍ତମାନ ବୋମା, ଗୁଳିର ଯୁଦ୍ଧ ସମ୍ଭବ ନୁହେଁ । ଏଥିପାଇଁ ଦୃଢ଼ ସଙ୍ଗଠନଟିଏ ନଥିଲା କି ଧନ ନଥିଲା: ଧନ ସଂଗ୍ରହ କରିବାର ବଳ ମଧ୍ୟ ନଥିଲା । ତେଣୁ ସେ ସମ୍ବାଦପତ୍ର ମାଧ୍ୟମରେ ଓ ସାହିତ୍ୟ ସୃଷ୍ଟିଦ୍ୱାରା କ୍ରାନ୍ତିକାରୀ ଚେତନାର ବିକାଶ ପାଇଁ ସଂକଳ୍ପବଦ୍ଧ ହେଲେ । ୩୦୦ ଟଙ୍କାର ବ୍ୟବସ୍ଥା କରି ସେ 'ବିପ୍ଳବ' ନାମକ ଏକ ସମ୍ବାଦପତ୍ର ବାହାର କରିବା'କୁ ସ୍ଥିର କଲେ । ସେ ଲେଖିଥିଲେ ଯେ—"ରାଜନୀତି ସହ ସମ୍ପର୍କ ଛିଣ୍ଡେଇଦେବାର ଉଦ୍ଦେଶ୍ୟ ନୁହେଁ ଦେଶ ଓ ସମାଜର ଅବସ୍ଥା ଓ ଭବିଷ୍ୟତ ସହିତ ସମ୍ବନ୍ଧ ତୁଟେଇଦେବା । ଏପରି ବୈରାଗୀ ମୁଁ ନୁହେଁ । ଜେଲରୁ ମୁକ୍ତହେବାପରଠାରୁ ମୋର ବିଦ୍ୟାର୍ଥୀ ଜୀବନର ଭାବନା ପୁଣି ଜାଗି ଉଠିଛି । ନିଷ୍ପତ୍ତି କରିନେଇଛି ଯେ ମୁଁ ଯାହା କିଛି କରିବି ସାହିତ୍ୟ ସାଧନାଦ୍ୱାରା ହିଁ କରିବି (ସିଂହାବଲୋକନ ଭାଗ-୩, ପୃ-୧୮୦) ।" 'ବିପ୍ଳବ' ଏଇଥିରୁ ହିଁ ସୃଷ୍ଟି ହୋଇଥିଲା । ୧୯୩୮ ନଭେମ୍ବରରେ 'ବିପ୍ଳବ'ର ପ୍ରଥମ ସଂଖ୍ୟା ପ୍ରକାଶିତ ହେଲା । ସମ୍ପାଦକୀୟରେ ସେ ଲେଖିଥିଲେ—"ହେ ବିପ୍ଳବାଗ୍ନି ! ହେ ଦଳିତ ଓ ପୀଡ଼ିତ ଜନତାର ଶକ୍ତି ଉଦ୍‌ଗାର ! ଉଠ ! ଭାରତର ଦୁର୍ବଳ, ଶିଥିଳ ଶୋଣିତକୁ ତପ୍ତ କରିଦିଅ । ଅନିର୍ମେଷ ଦୃଷ୍ଟିରେ ତୋର ପ୍ରତୀକ୍ଷା କରିଛି ଭାରତ । ତାକୁ ଉତ୍ପୀଡ଼ିତ ରକ୍ତର ପଙ୍କରୁ ଉଦ୍ଧାର କରି ସାମ୍ୟ ଓ ଶାନ୍ତିର ସମତଳ ଭୂମିରେ ଠିଆକରି ତା'ଆଗରେ ମାନବତା ବିକାଶର ମାର୍ଗ ଖୋଲିଦିଅ ।" ଏହି ସଂଖ୍ୟାର ୭୨ ପୃଷ୍ଠା ମଧ୍ୟରୁ ୨୮ ପୃଷ୍ଠାଯାଏ ଲେଖିଥିଲେ କେବଳ ଯଶପାଲ । ସ୍ତମ୍ଭଗୁଡ଼ିକ ଥିଲା—"ଚକ୍କର କ୍ଲବ", "ବୁଦ୍ଧୁ କୀ ଚୁସ୍କିୟାଂ", "ଲଖନଉ କୀ ହଡ଼ତାଲେଁ", "ପତ୍ରୋଂ କେ ଉତ୍ତର୍", "ଏକ କହାନୀ, ଏକ ସଂସ୍କରଣ" ଓ ସମ୍ପାଦକୀୟ । 'ସିଂହାବଲୋକନ' ଓ 'ମାର୍କସ୍‌ବାଦ କୀ ପାଠଶାଳା' ଶୀର୍ଷକ ଲେଖାଗୁଡ଼ିକ 'ବିପ୍ଳବ'ର ମୁଖ୍ୟ ଆକର୍ଷଣ ଥିଲା ।

ଏହି ପତ୍ରିକାରେ ସେ ନିଜର ଛଦ୍ମନାମ ଓ ଶୀର୍ଷକ ମଧ୍ୟ ବଦଳାଇ ଦେଇଥିଲେ । ଲେଖକଙ୍କର ନାଁ ଭାବେ ଏକ ବିଦ୍ୟାର୍ଥୀ, ଏକ ଶିକ୍ଷାର୍ଥୀ ଏକ ଜଣାଶୁଣା-

ଲେଖକ, ଏକ ମଜୁରିଆ, ଏକ କୃଷକ, ରେଲୱେ କୁଲି, ଜସ୍ମ ମହମ୍ମଦ ହିନ୍ଦୀ, ଚନ୍ଦ୍ର, ନଚିକେତା, ଶଙ୍କର ଓ ବିଚକ୍ଷଣ ଇତ୍ୟାଦି ଛଦ୍ମନାମ ଦିଆଯାଉଥିଲା । ବୋମା ତିଆରି କରିବାରେ ଯେପରି ଯଶପାଳ ନିଷ୍ଠାର ସହ ଲାଗିଯାଇଥିଲେ, ସେହିପରି 'ବିପ୍ଳବ'ର ପ୍ରକାଶନ ଓ ବିତରଣରେ ମଧ୍ୟ ନିଷ୍ଠାପରଭାବେ ଲାଗିପଡ଼ିଥିଲେ । ଏହାର ଯଥେଷ୍ଟ ସୁଫଳ ମିଳିଲା । ହିନ୍ଦୀର ପ୍ରସିଦ୍ଧ ଲେଖକମାନଙ୍କଠାରୁ ସହଯୋଗ ମଧ୍ୟ ମିଳିଲା । ପ୍ରକାଶବତୀ ତିନିମାସ କାଳ ଯାତ୍ରାକରି ପାଞ୍ଚଶହଯାଏ ଗ୍ରାହକ କରିଦେଲେ । ଯଶପାଳ ଘୋଷଣା କଲେ ଯେ ନଅମାସ ପରେ ଏହାକୁ ଦୈନିକ କରିଦିଆଯିବ, କିନ୍ତୁ ସେ ଆଶା ପୂରଣ ହୋଇପାରିଲା ନାହିଁ । ଉର୍ଦ୍ଦୁ ସଂସ୍କରଣ ଅବଶ୍ୟ ବାହାରିଲା 'ବାଗୀ' ନାମରେ । ଅପ୍ରେଲ ୧୯୪୦ରେ ଏମାନଙ୍କ ଉପରେ ସରକାର କଟକଣା ଜାରି କଲେ ଓ ଆଦେଶ ଦେଲେ ଯେ ପ୍ରତିଟି ସମ୍ବାଦପତ୍ର ପାଇଁ ବାରହଜାର ଟଙ୍କା ଜମାନତ ରଖିବାକୁ ହେବ । ଏଣୁ ଏଗୁଡ଼ିକୁ ବନ୍ଦ କରିବାକୁ ପଡ଼ିଲା । 'ସାଥୀ' ନାମରେ ଆଉ ଗୋଟିଏ କାଗଜ ସେ ବାହାର କରିବାକୁ ଚାହିଁଲେ, କିନ୍ତୁ ଅନୁମତି ମିଳିଲା ନାହିଁ ।

ଷ୍ଟାଫ୍ୟୀସ୍ତମ୍ଭଗୁଡ଼ିକ ବଦଳାଇ ଦେଇ ସେ 'ବୈପ୍ଳବିକ୍ଟ୍ରେଣ୍ଡ୍' ନାମରେ ଅନ୍ୟ ଗୋଟିଏ କାଗଜ ବାହାର କଲେ । ଏଥିପାଇଁ ତାଙ୍କୁ ବନ୍ଦୀ କରାଗଲା । ଜମାନତ ଦେବା ପରେ ସେ ମୁକ୍ତ ହେଲେ ଅଗଷ୍ଟ ୧୯୪୦ ରେ । ଏହାର ଏକ ଶୋଷିତ ଅଙ୍କ ବାହାରିଲା ଓ ପରେ-ପରେ ପ୍ରକାଶବତୀଙ୍କ ନାମ ସମ୍ପାଦକ ହିସାବରେ ମୁଦ୍ରିତ ହେଲା । ସ୍ୱାସ୍ଥ୍ୟଗତ କାରଣରୁ କାଠଗୋଦାମ ପାଇଁ ଯଶପାଳ ପାହାଡ଼ ଅଞ୍ଚଳକୁ ଚାଲିଗଲେ । କାଠଗୋଦାମ ପାଇଁ ଏ କାଗଜକୁ ବି ବନ୍ଦ କରିଦେବାକୁ ପଡ଼ିଲା । ମାର୍ଚ୍ଚ ୧୯୪୭ ରେ ପୁଣି ପ୍ରକାଶିତ ହେଲା 'ବିପ୍ଳବ' । ଏହା ମଧ୍ୟରେ ବହୁ ବାମପନ୍ଥୀ ଲେଖକ ଓ କବି ସୃଷ୍ଟି ହୋଇଯାଇଥିଲେ, ଯେଉଁମାନେ କି ଏହାସହ ସହଯୋଗ କରିବାକୁ ଆଗେଇ ଆସିଥିଲେ । ଅଧିକାର ପାଇଁ କୃଷକ ଓ ମଜୁରିଆମାନଙ୍କ ସଂଘର୍ଷର ଆଧାର ହେଲା "ବିପ୍ଳବ" । ଅନ୍ତିମ ଅଙ୍କ ପ୍ରକାଶିତ ହେଲା ମାର୍ଚ୍ଚ-ଅପ୍ରେଲ ୧୯୪୯ ରେ ।

୧୫ ଅଗଷ୍ଟ ୧୯୪୭ର ସ୍ୱାଧୀନତାକୁ ଯଶପାଳ 'ମାଉଣ୍ଟବେଟନ ମାର୍କା ଆଜାଦୀ'ର ଆଖ୍ୟା ଦେଇଥିଲେ । ଜନବିରୋଧୀ ନୀତି ଉପରେ କଟୁ ଟିପ୍ପଣୀ ସମ୍ବାଦ-ପତ୍ରମାନଙ୍କରେ ପ୍ରକାଶ କରୁଥିଲେ । ସୈଦ୍ଧାନ୍ତିକ ପ୍ରଶ୍ନ ଉଠାଉଥିଲେ 'ସତ୍ୟ, ଅହିଂସା ଓ ରାଷ୍ଟ୍ରୀୟତା' ଉପରେ । କଂଗ୍ରେସ ସରକାରଙ୍କୁ ପୁଞ୍ଜିବାଦୀ ବୋଲି କହୁଥିଲେ । ସରକାର ଏହା ସହିପାରିଲେ ନାହିଁ, ଆକ୍ରମଣ ଆରମ୍ଭ କରିଦେଲେ । 'ବିପ୍ଳବ'ର ଅନ୍ତିମ ଅଙ୍କରେ ଯଶପାଳ ପ୍ରକାଶ କରିଥିଲେ—'୯ ମାର୍ଚ୍ଚ ୧୯୪୯ରୁ ଆରମ୍ଭ ହେବାକୁ ଥିବା ରେଲମଜୁରିଆଙ୍କ ଧର୍ମଘଟର ବାହାନା କରି କଂଗ୍ରେସ ସରକାର ସମସ୍ତ ଜନବାଦୀ ଶକ୍ତିଙ୍କ ଉପରେ ଫାସିଷ୍ଟ ଆକ୍ରମଣ ଚାଲୁ କରିଦେଇଛନ୍ତି । ଦେଶର ସମସ୍ତ

କୃଷକମଜୁରିଆ ଓ କର୍ମକର୍ତ୍ତାମାନଙ୍କୁ ଗିରଫ କରି ନିଆଯାଇଛି । ଛାତ୍ରନେତାମାନଙ୍କୁ ନଜରବନ୍ଦୀରେ ରଖାଯାଇଛି । ଛାତ୍ରୀମାନେ ଓ ମହିଳା-ଆନ୍ଦୋଳନର ନେତ୍ରୀମାନେ ମଧ୍ୟ ଏଥିରୁ ଛାଡ଼ ପାଇନାହାନ୍ତି । ସାଂସ୍କୃତିକ ଅନୁଷ୍ଠାନ, ଜନନାଟ୍ୟ ସଂଘ ଇତ୍ୟାଦିର ସଦସ୍ୟମାନଙ୍କୁ ବି ଜେଲରେ ଭର୍ତ୍ତି କରି ଦିଆଯାଇଛି । ଏପରିକି ପ୍ରଗତିଶୀଳ ପତ୍ର 'ବିପ୍ଲବ' ଓ 'ଜନମତ'ର ସମ୍ପାଦକମାନେ ମଧ୍ୟ ଏଥିରୁ ଛାଡ଼ ପାଇନାହାନ୍ତି ।......

........ସରକାରଙ୍କୁ ଆମେ ଦମନର ଉଚିତ ଜବାବ ଦେଇପାରୁଁ—"ବିପ୍ଲବ ବାହାରୁ ଥାଉ ।" ଯଶପାଲ ଚାହୁଁଥିଲେ କାଗଜ ବାହାରୁ, କିନ୍ତୁ ଶେଷକୁ ନିରୁପାୟ ହୋଇ ତାଙ୍କୁ କାଗଜ ବନ୍ଦ କରିବାକୁ ପଡ଼ିଲା । ଜଣେ ସମ୍ପାଦକ ହିସାବରେ ଯଶପାଳଙ୍କ ଭୂମିକା ଅନନ୍ୟ ମହତ୍ତ୍ୱପୂର୍ଣ୍ଣ ଥିଲା । ସେ ସର୍ବଦା ତତ୍କାଳୀନ ଘଟଣାମାନଙ୍କର ମାର୍କସ୍‌ବାଦୀୟ ବ୍ୟାଖ୍ୟା କରୁଥିଲେ । ଗାନ୍ଧିବାଦ ଉପରେ ଏକ ବୈଜ୍ଞାନିକ ଲେଖା ସେ ଲେଖିଥିଲେ, ନାଁ ଦେଇଥିଲେ—'ଗାନ୍ଧିବାଦର ଶବ ପରୀକ୍ଷା' । 'ବିପ୍ଲବ' ବାହାରୁଥାଏ । ଗାନ୍ଧିବାଦ ସହ ସଂଘର୍ଷ ଲାଗିରହିଥିବା ଫଳରେ ସେ ଏକ ବିଷୟର ପରିକଳ୍ପନା କରି ନେଇଥିଲେ । ପତ୍ରିକାରେ "ମାର୍କସ୍‌ବାଦୀ ପାଠଶାଳା" ନାମକ ଏକ ସ୍ତମ୍ଭ ବାହାର କରି ମାର୍କସ୍‌ବାଦ ଉପରେ ଗୋଟିଏ ସୈଦ୍ଧାନ୍ତିକ ପୁସ୍ତକ ପ୍ରକାଶ କରିଥିଲେ । ଐତିହାସିକ ଭୌତିକବାଦର ପ୍ରତିକ୍ରିୟାଦ୍ୱାରା ସେ ସେତେ ପ୍ରଭାବିତ ହୋଇ ନଥିଲେ, ତା'ଠାରୁ ଅଧିକ ତତ୍କାଳୀନ ପରିସ୍ଥିତି ଓ ଅନ୍ତର୍ବିରୋଧ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେ 'ବିପ୍ଲବ'କୁ କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର ନ କହି ବାମପନ୍ଥୀ ବିଚାରଧାରାର ଖୋଲାମଞ୍ଚ ବୋଲି ଆଖ୍ୟା ଦେଇଥିଲେ । କିଛିଦିନ ପାଇଁ ଯଶପାଲ 'ରକ୍ତାଭ'ର ପ୍ରଧାନ ସମ୍ପାଦକ ହୋଇଥିଲେ ଏବଂ ଆଉ କିଛିଦିନ ପାଇଁ କମ୍ୟୁନିଷ୍ଟ ପାର୍ଟିର ସାହିତ୍ୟିକ ମାସିକ ପତ୍ରିକା 'ନୟାପଥ'ର ସମ୍ପାଦକ ହୋଇଥିଲେ । 'ନୟାପଥ'ରେ ଶିବ ବର୍ମା ଓ ରାଜୀବ ସକ୍‌ସେନା ତାଙ୍କ ସହଯୋଗୀ ହେଲେ । ଏ ପତ୍ରିକାମାନଙ୍କରୁ ତାଙ୍କ ବ୍ୟକ୍ତିତ୍ୱ ଓ ପ୍ରଖର ବୌଦ୍ଧିକତାର ପୂର୍ଣ୍ଣ ପରିଚୟ ମିଳେ ।

□

# ମାର୍କସବାଦ ପ୍ରତି ଆସ୍ଥା

କ୍ରାନ୍ତିକାରୀ ଦଳର ସଭ୍ୟ ହେବା ମାତ୍ରେ ଯଶପାଳଙ୍କର ମାର୍କସବାଦ ସହ ସମ୍ପର୍କ ବଢ଼ିବାକୁ ଲାଗିଲା । ବହୁ ସରକାରୀ ବାଧା ସତ୍ତ୍ୱେ ସୋଭିଏତରୁଷ୍‌ରୁ ପ୍ରକାଶିତ ବହିଗୁଡ଼ିକ ତାଙ୍କୁ ମିଳିଯାଉଥାଏ । ଋଷିଆଙ୍କ କଲ୍ୟାଣ ନିମିତ୍ତ ପ୍ରଣୀତ ସମସ୍ତ ଯୋଜନାମାନଙ୍କର ପରିଚୟ ବି ସେ ପାଇଯାଉଥାନ୍ତି । ଭଗତସିଂହ, ଶିବ ବର୍ମା ଓ ଯଶପାଳ ନିୟମିତ ଭାବରେ ଏଗୁଡ଼ିକର ଅଧ୍ୟୟନ କରିବା ଆରମ୍ଭ କରିଦେଇଥାନ୍ତି । ମାର୍କସବାଦ ଉପରେ ଛୋଟ-ଛୋଟ ଲେଖାଲେଖି ମାର୍କସବାଦୀୟ ଲେଖକ ହିସାବରେ ଲୋକଙ୍କ ମଧ୍ୟରେ ଶିବ ବର୍ମା ସେତେବେଳକୁ ପରିଚିତ ହୋଇଯାଇଥାନ୍ତି । ଯଶପାଳ ଓ ଭଗତସିଂହଙ୍କ ଆସ୍ଥା ମାର୍କସବାଦ ପ୍ରତି ଯଥେଷ୍ଟ ବଢ଼ି ଯାଇଥାଏ । କୋର୍ଟରେ ଭଗତସିଂହ ଦେଇଥିବା ଭାଷଣ ଏକ ଦସ୍ତାବେଜ ବା ସନନ୍ଦ ହୋଇ ରହିବ, ଯେତେବେଳେ ଯଶପାଳ ଅନୁଭବ କଲେ ଯେ ମାର୍କସବାଦ ଏକ ଅନିବାର୍ଯ୍ୟ ଦର୍ଶନ । ସେତେବେଳେ ସେ ମାର୍କସବାଦୀ ପାଠଶାଳା ସ୍ତମ୍ଭ ଆରମ୍ଭ କଲେ । ଏଥିରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକୁ ନେଇ ସେ 'ମାର୍କସବାଦ' ନାମକ ଏକ ପୁସ୍ତକ ମଧ୍ୟ ପ୍ରଣୟନ କରିଥିଲେ । ଏହାର ପ୍ରଥମ ସଂସ୍କରଣ ୧୯୪୦ରେ ପ୍ରକାଶିତ ହୋଇଥିଲା । ଭୂମିକାରେ ସେ ଲେଖିଥିଲେ—'ଏହା କେବଳ ପରିଚୟ ମାତ୍ର । ଏହାର ଉଦ୍ଦେଶ୍ୟ ହେଲା, ଗଭୀର ଅଧ୍ୟୟନ ଓ ଚିନ୍ତନ ପାଇଁ ମନୋବୃତ୍ତି ସୃଷ୍ଟି କରିବା । ସମାଜବାଦକୁ ବୁଝିବା ପାଇଁ ତାକୁ ଜନ୍ମ ଦେଇଥିବା ଐତିହାସିକ କାରଣମାନଙ୍କୁ ଜାଣିବା ଏବଂ ଅନ୍ୟ ମତବାଦ ସହିତ ଏହାର ତୁଳନାତ୍ମକ ବିବେଚନା କରିବା । ଏହି ଦୃଷ୍ଟିରୁ ହିଁ ଏହାର ଅବତାରଣା । ସେତେବେଳେ ଭାରତ ବର୍ଷରେ ମାର୍କସବାଦ ସମ୍ବନ୍ଧୀୟ ଜ୍ଞାନ ବା ଧାରଣା ସେତେ ଦୂର ପ୍ରସାରଲାଭ କରିନଥିଲା । ତେଣୁ ଯଶପାଳଙ୍କୁ ଏଥିପାଇଁ କେତେ ଚେଷ୍ଟା କରିବାକୁ ପଡ଼ିଥିବ, ତାହା ଏ ପୁସ୍ତକରୁ ହିଁ ଜଣାପଡ଼ୁଛି ।

ଯଶପାଳ ଯେତେବେଳେ ଏ ବହି ଲେଖୁଥିଲେ, ସେତେବେଳେ ଡଗଲସବାଦ, ନାଜୀବାଦ, ଫାସୀଷ୍ଟବାଦ, ପ୍ରଜାତାନ୍ତ୍ରିକ ସମାଜବାଦ, ସମଷ୍ଟିବାଦ, ଗାନ୍ଧିବାଦ,

ପ୍ରଜାତନ୍ତ୍ରବାଦ, ଅରାଜକତାବାଦ ଇତ୍ୟାଦି ନିଜ-ନିଜର ପ୍ରଭାବ ବିସ୍ତାର କରି ଚାଲିଥିଲେ । ଯଶପାଲ ଏ ସମସ୍ତର ବିଶ୍ଳେଷଣ କରି ଏମାନଙ୍କ ମଧ୍ୟରେ ଥିବା ତ୍ରୁଟିଗୁଡ଼ିକପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ଏଥିରୁ ସ୍ପଷ୍ଟ ଜଣାପଡ଼ିଥିଲା ଯେ ମାର୍କସବାଦ ଅଥବା ବୈଜ୍ଞାନିକ ସମାଜବାଦ ହିଁ ମାନବ-ମୁକ୍ତିର ଯଥାର୍ଥ ମାର୍ଗ । ଯଶପାଲ ଆଧ୍ୟାତ୍ମିକ ଓ ଐତିହାସିକ ଚରିତ ସମ୍ବନ୍ଧରେ ଲେଖି ପ୍ରକାଶ କଲେ ଯେ ମାର୍କସବାଦ ଶ୍ରେଣୀହୀନ ସମାଜପ୍ରତି ଅଙ୍ଗୀକାରବଦ୍ଧ; ମାତ୍ର ଆଧ୍ୟାତ୍ମବାଦ ଶ୍ରେଣୀଯୁକ୍ତ ସମାଜ ସ୍ଥାପନାରେ ସହାୟକ । ନିଜର 'ମାର୍କସବାଦ' ପୁସ୍ତକରେ ସେ ଲେଖିଛନ୍ତି-"ଇତିହାସ ପ୍ରମାଣିତ କରେ ଯେ ଆଧ୍ୟାତ୍ମିକତା ସଦା ଉପଦେଶ ଦେଇଆସିଛି ଯେ ଭଗବାନଙ୍କ ଇଚ୍ଛା ଓ ନ୍ୟାୟ ଦ୍ୱାରା ହିଁ ସମାଜରେ 'ମାଲିକ-ଚାକର' ଓ 'ରାଜା-ପ୍ରଜାର' ସୃଷ୍ଟି । ଚାକର ଓ ପ୍ରଜାର କର୍ତ୍ତବ୍ୟ ମାଲିକ ଓ ରାଜାଙ୍କୁ ନିଜର ପିତା, ସ୍ୱାମୀ ଓ ରକ୍ଷକ ମାନି ସେମାନଙ୍କର ସେବା ଓ ଆଜ୍ଞାର ପାଳନ କରିବା । ରାଜା ଓ ମାଲିକପ୍ରତି ବିଦ୍ରୋହ କରିବା ନିତାନ୍ତ ପାପ ଏବଂ ଈଶ୍ୱର ଇଚ୍ଛାର ବିରୁଦ୍ଧ (ପୃଷ୍ଠା ୪୫) ।' ସେତେବେଳେ ମାର୍କସବାଦଦ୍ୱାରା ପ୍ରତିପାଦିତ ମାନବବାଦର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିଲା ଗାନ୍ଧିଙ୍କ ରାମରାଜ୍ୟ । ଲୋକଙ୍କୁ ବୁଝାଇ ଦିଆଯାଉଥିଲା ଯେ ରାମରାଜ୍ୟର କଳ୍ପନାରେ ସେ ସମସ୍ତ କଥା ଅଛି, ଯାହା ମାର୍କସବାଦରେ ନାହିଁ । ଭାରତୀୟ କଳ୍ପନା ହୋଇଥିବା ଯୋଗୁଁ ଏହା ଆମ ପାଇଁ ଅତ୍ୟନ୍ତ ହିତକର, କିନ୍ତୁ ଯଶପାଲ ବୁଝାଇ ଦେଲେ ଯେ ଏହା ଏକ ଭ୍ରମ ଧାରଣା । ଏହାକୁ ସ୍ପଷ୍ଟ କରିବାକୁ ଯାଇ ସେ ଗାନ୍ଧି ଓ ରାମରାଜ୍ୟ ଉପରେ ଦୁଇଖଣ୍ଡି ବହି ଲେଖିଥିଲେ । ଦୁଇଟିଯାକରେ ମୌଳବାଦୀ ଅଭିଯୋଗଗୁଡ଼ିକର ଉତ୍ତର ଦିଆଯାଇଛି । ସେ ସମୟରେ ପ୍ରଚଳିତ ଆରୋପଗୁଡ଼ିକ ହେଲା—ଭୌତିକବାଦୀ ଯାନ୍ତ୍ରିକ ଦର୍ଶନ, ଜୋର ଯାହାର ମୁଲକ ତାହାରର ସିଦ୍ଧାନ୍ତ, ହିଂସାତ୍ମକ କ୍ରାନ୍ତିର ପକ୍ଷପାତିତା ଯେଉଁଥିରେ କି ମାନବ ପାଇଁ ସ୍ନେହ ବା ସହାନୁଭୂତିର ଲେଶମାତ୍ର ନାହିଁ । ଯଶପାଲଙ୍କ ମତରେ ପ୍ରତ୍ୟେକ ସମସ୍ୟାର ମୂଳ କାରଣ ହେଲା ଆର୍ଥିକ ସମସ୍ୟା । ଏଇଥିପାଇଁ ମାର୍କସବାଦ ପ୍ରଚଳିତ ମୂଲ୍ୟପ୍ରତି ଅବହେଳା କରି ଆସିଛି । ଯଶପାଲ 'ବିପ୍ଳବ'ର ' ଚକ୍କର କ୍ଲବ", "ନ୍ୟାୟ କା ସଂଘର୍ଷ", "ଜଗ୍ କା ମୁଜରା" ଇତ୍ୟାଦି ସ୍ତମ୍ଭମାନଙ୍କରେ ଉପରଲିଖିତ ବିଷୟମାନଙ୍କ ଉପରେ ସୁନ୍ଦର ଆଲୋକପାତ କରିଛନ୍ତି । ଯାହାକୁ ସାଧାରଣ ଜନତା ଭଲ ଭାବରେ ବୁଝିପାରିବ । ସେ ସାମ୍ପ୍ରଦାୟିକତା ପୁଞ୍ଜିବାଦ, ସାମନ୍ତବାଦ, ଗାନ୍ଧିବାଦ ଏବଂ ପ୍ରତିକ୍ରିୟାବାଦର ଅର୍ଥ ମଧ୍ୟ ନିଜ ଢଙ୍ଗରେ ବିଶ୍ଳେଷଣ କରିଛନ୍ତି । ଏ ସବୁର ଲକ୍ଷ୍ୟ ହେଲା ମାର୍କସବାଦ ସମ୍ବନ୍ଧରେ କିଛି ନବୁଝି ତା' ବିରୋଧରେ ଲାଗିପଡ଼ିଥିବା ଲୋକଙ୍କୁ ଠିକ୍ କଥା ବୁଝାଇଦେବା ଓ ଅନ୍ୟ ପତ୍ରପତ୍ରିକାରେ ପ୍ରକାଶିତ ବିରୋଧୀ ଲେଖାଗୁଡ଼ିକର ନିଜ ପତ୍ରିକା ଜରିଆରେ ଉଚିତ ଜବାବ ଦେବା । ଉଦାହରଣ ସ୍ୱରୂପ- 'ରାଷ୍ଟ୍ରଧର୍ମ' ପତ୍ରିକାରେ ମୁଂଶୀରାମ ଶର୍ମାଙ୍କର

ଲେଖା 'ଆର୍ଯ୍ୟ ସଂସ୍କୃତିର ସୁରକ୍ଷା' ପ୍ରକାଶ ପାଇଲା । ତାର ଉତ୍ତର ନଚିକେତା ନାମରେ 'ଆମ ସଂସ୍କୃତି ଓ ତା'ର ସୁରକ୍ଷା' ନାମରେ 'ବିପ୍ଳବ'ରେ ବାହାରିଲା । 'ବୌଦ୍ଧ-ସଭ୍ୟତା ଓ ଦାସତ୍ୱ' ଉପରେ ଭଦନ୍ତ ଆନନ୍ଦ କୌଶଲ୍ୟାୟନ ଓ ଗୁରୁଦତ୍ତଙ୍କ ମଧ୍ୟରେ ଖୁବ୍ ବାଦବିବାଦ ଚାଲିଲା । ଗାନ୍ଧିଙ୍କପ୍ରତି ଯଶପାଲଙ୍କ ଧାରଣା ଅତ୍ୟନ୍ତ ତର୍କ ସମ୍ବଳିତ ଥିଲା । ତାଙ୍କ ମୃତ୍ୟୁ-ଅବସରରେ ଯଶପାଲ ଲେଖିଥିଲେ—'ଦେଶର ସବୁଠାରୁ ଅଧିକ ବିଶ୍ୱସ୍ତ ଓ ପ୍ରିୟ ନେତାଙ୍କର ହତ୍ୟାରେ ସାରାଦେଶ କ୍ଷୁବ୍ଧ ଓ ଦୁଃଖିତ । ମହାତ୍ମାଗାନ୍ଧି ସାମ୍ପ୍ରଦାୟିକ ଉନ୍ମାଦନାର ଧମକକୁ ନ ଡରି ଦେଶରେ ନ୍ୟାୟର ସ୍ଥାପନା ପାଇଁ ନିଜକୁ ବଳିଦେବା ଉଚିତ ମନେକଲେ । 'ଚକ୍କର କ୍ଲବ' ଶୀର୍ଷକ ଗ୍ରନ୍ଥରେ ଯଶପାଲ ବହୁ ପ୍ରକାର ପାତ୍ର ସୃଷ୍ଟି କରିଛନ୍ତି ଓ ସେମାନଙ୍କ ଜରିଆରେ ବିଭିନ୍ନ ବିଚାର ଏବଂ ମତର ସ୍ଥାପନା କରିଛନ୍ତି । ସମସ୍ତ ମତବାଦକୁ ନିଜ ବିଚାର ପରିଧିକୁ ଆଣି ସେମାନଙ୍କ ମଧ୍ୟରେ ଥିବା ଦୁର୍ବଳତା ସେ ଦେଖାଇ ଦେଇ ଯାଇଛନ୍ତି ।

ଯଶପାଲଙ୍କ ମାର୍କସବାଦ ନାରୀମାନଙ୍କ ସମସ୍ୟାର ମଧ୍ୟ ଅନୁଶୀଳନ କରିଛି । ତାଙ୍କର ମତ ଯେ ଏ ଦେଶରେ ନାରୀ ବିଚାରୀ ଅବହେଳିତା । ସେ କେବଳ ଇଂରେଜ ଶାସକମାନଙ୍କର ନୁହେଁ; ସାମନ୍ତୀୟ ବିଚାର ପଦ୍ଧତି ଅନୁସାରେ ମଧ୍ୟ ସେ ଧର୍ମ, ରୁଢ଼ିବାଦ ଏବଂ ସ୍ୱାମୀର ସେବାଦାସୀ । ତାକୁ ଦେବୀ କୁହାଯାଏ, ତାର ସୌନ୍ଦର୍ଯ୍ୟକୁ ନେଇ କବିତା ରଚନା କରାଯାଏ, କିନ୍ତୁ ସେ କେବଳ ଭୋଗ୍ୟ ବସ୍ତୁ ହୋଇ ରହିଯାଏ । ସେ ଲେଖିଛନ୍ତି —'ଭୋଗ ପାଇଁ ଅଧିକ ଉପଯୋଗୀ କରିବା ସକାଶେ ନାରୀକୁ କଠିନ ପରିଶ୍ରମରୁ ଦୂରେଇ ରଖି ତାକୁ ଅତ୍ୟନ୍ତ କୋମଳ କରି ଦିଆଯାଇଅଛି । ମିଠାଇକୁ ଅଧିକ ରୋଚକ କରିବା ପାଇଁ ଯେମିତି ତା' ଉପରେ ରୁପେଲି ବର୍କ ଲଗାଇ ଦିଆଯାଏ ଓ ସୁଗନ୍ଧିତ ଜଳ ଛିଞ୍ଚାଯାଏ, ସେହିପରି ନାରୀର କେଶରାଶିରେ ସୁଗନ୍ଧିତ ତେଲ, ହାତରେ ମଞ୍ଜୁଆତି, ଗାଲ ଓ ଓଠରେ ରଙ୍ଗ ଇତ୍ୟାଦି ଲଗାଯାଏ । ତା' ଶରୀରକୁ ସୁନା, ରୁପା ଓ ଚମକଦାର ପଥରର ଅଳଙ୍କାରରେ ସଜାଇ ଦିଆଯାଏ । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ସେ ଯେପରି ଅତ୍ୟନ୍ତ ଆକର୍ଷଣୀୟ ହେଉ (ଚକ୍କର କ୍ଲବ, ପୃ-୬୮) ।' ଯଶପାଲଙ୍କ ମତରେ ଏସବୁ ଜିନିଷ ସ୍ତ୍ରୀମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି । ଏବେ ସେମାନେ ଏହାକୁ ହିଁ ନିଜର ସ୍ୱାତନ୍ତ୍ର୍ୟ ମନେକରନ୍ତି । ନିଜକୁ ଆକର୍ଷିତ କରିବା ସେମାନଙ୍କର ସ୍ୱଭାବର ଏକ ଅଂଶବିଶେଷ ହୋଇଗଲାଣି । ଯଶପାଲ ତାଙ୍କ କାହାଣୀ ଏବଂ ଉପନ୍ୟାସମାନଙ୍କରେ ସ୍ତ୍ରୀମାନଙ୍କ ପ୍ରତି ଏତାଦୃଶ ଭ୍ରମଧାରଣା ଉପରେ ଯେପରି କୁଠାରାଘାତ କରିଛନ୍ତି, ହିନ୍ଦୀ ସାହିତ୍ୟର କୌଣସି ଲେଖକ ସେପରି କରି ନାହାନ୍ତି । ସେ ନାରୀର ବେଶ୍ୟା, କୁଳଟା ଓ ସତୀ-ସାଧ୍ୱୀ ଚରିତ୍ର ଭିତରେ ଥିବା ଅତୃପ୍ତ ବାସନାର ଏପରି ନିଖୁଣ ଚିତ୍ର ଦେଇଛନ୍ତି । 'ଚକ୍କର କ୍ଲବ'ରେ ସେ ଲେଖିଛନ୍ତି —'ସ୍ତ୍ରୀକୁ ଆଧାର କରି ଯେଉଁ ସାହିତ୍ୟ ସୃଷ୍ଟି ହୋଇଛି, ତାହା ମୁଖ୍ୟତଃ ପୁରୁଷମାନଙ୍କ

ସନ୍ତୋଷ ଦମିବ । ପୁରୁଷର ସାହଚର୍ଯ୍ୟଦ୍ୱାରା ନାରୀକୁ ଯେଉଁ ସୁଖ ମିଳିଥାଏ, ତାହାର ବର୍ଣ୍ଣନା ନାରୀ ମୁଖରେ କରାଇ ଏବଂ ନିଜ ବିରହର ଗୀତ ଶୁଣାଇ ପୁରୁଷ ନିଜର ଆତ୍ମାଭିମାନ ପୂର୍ଣ୍ଣକରେ ।' (ପୃ-୭୬)

ଚତୁର୍ଥ ଦଶକରେ ସ୍ତ୍ରୀ-ପୁରୁଷ-ସମ୍ବନ୍ଧ ଉପରେ ଯଥେଷ୍ଟ ଚର୍ଚ୍ଚା ଚାଲିଥିଲା । ହିନ୍ଦୀର କେତେକ ଲେଖକଙ୍କ ମତ ଥିଲା ଯେ ସୃଷ୍ଟିର କେନ୍ଦ୍ର ହେଉଛି ମନୁଷ୍ୟର 'କାମୈଷଣା' । ସେମାନେ ଫ୍ରଏଡ଼ଙ୍କ ଦ୍ୱାରା ପ୍ରଭାବିତ । ଯଶପାଲ ମଧ୍ୟ ସ୍ତ୍ରୀ-ପୁରୁଷର ଯୌନ-ସମ୍ବନ୍ଧ ଉପରେ ଯଥେଷ୍ଟ ଲେଖିଛନ୍ତି । ତେଣୁ ତାଙ୍କୁ ମଧ୍ୟ ଏକଦା ଫ୍ରଏଡ଼ବାଦୀ ହିସାବରେ ଧରିନିଆଯାଇଥିଲା । ଯଶପାଲଙ୍କ ମତ ହେଲା, ସ୍ତ୍ରୀ ପୁରୁଷଙ୍କ ସହାବସ୍ଥାନ ପାଇଁ ବିବାହର ଆବଶ୍ୟକତା ନାହିଁ । ବିବାହ ବ୍ୟତୀତ ମଧ୍ୟ ସେମାନେ ଏକସଙ୍ଗେ ରହି କାମବାସନା ତୃପ୍ତ କରିପାରନ୍ତି । ପ୍ରେମ ସେକ୍ସର ଆଉ ଏକ ଅଭିବ୍ୟକ୍ତି । ଏପରି ମତପୋଷଣ ଯୋଗୁଁ ତାଙ୍କୁ ଫ୍ରଏଡ଼ଙ୍କଦ୍ୱାରା ପ୍ରଭାବିତ ବୋଲି ସମାଲୋଚନା କରାଯାଇଥିଲା । ଆଲୋଚକ ରାମବିଲାସ ଶର୍ମା ଯଶପାଲଙ୍କ ଏହି ସେକ୍ସ-ପ୍ରେମକୁ ନଗ୍ନପ୍ରେମବାଦୀ ବୋଲି ଆଖ୍ୟା ଦେଇଥିଲେ ।

ଯଶପାଲ 'ସେକ୍ସ' ବିଷୟକୁ ନେଇ ସମ୍ପୂର୍ଣ୍ଣ ଡୁବିଯାଇ ନଥିଲେ । ସେ କହୁଥିଲେ ଯେ ଆଦର୍ଶବାଦୀ ଲୋକେ ପ୍ରତ୍ୟକ୍ଷଭାବରେ ଯେତିକି 'ସେକ୍ସ'ର ଦମନ କରନ୍ତି, ସେତିକି ସେମାନେ ତାକୁ ଲୁଚାଇବାର ଅପଚେଷ୍ଟାରେ ବୁଡ଼ିଯାଆନ୍ତି । ବସ୍ତୁତଃ ଯଶପାଲ ଲୋକଙ୍କର ଅନ୍ତର୍ମନ ଖୋଲିଛନ୍ତି । ସେ ଜୀବନର ସମସ୍ତ ପ୍ରଶ୍ନ ଉପରେ ମାର୍କସବାଦୀ ଢଙ୍ଗରେ ବିଚାର କରିବାକୁ ଓ ଲେଖିବାକୁ ଚେଷ୍ଟା କରିଛନ୍ତି । ଏହା ତାଙ୍କର ପ୍ରତ୍ୟେକ କାହାଣୀ ଓ ଉପନ୍ୟାସରେ ପରିଲକ୍ଷିତ ହୁଏ । 'ଦାଦା କମରେଡ୍', 'ଦେଶଦ୍ରୋହୀ', 'ପାର୍ଟି କମରେଡ୍', 'ଝୁଠାସଚ୍' ଓ 'ମେରୀ ତେରୀ ଉସକୀ ବାତ୍' ଆଦି ରଚନାମାନଙ୍କରେ ଏହା ଦେଖାଯାଇଥାଏ । ସେ ବଡ଼ ତର୍କବାଦୀ ଥିଲେ । ତେଣୁ ଯେଉଁଠି ସେ ଅନୁଭବ କରନ୍ତି ଯେ ତାଙ୍କ ମତ ଦୁର୍ବଳ, ସେଠି ସେ ସଂଶୋଧନ କରିନିଅନ୍ତି । ଏଣୁ ତାଙ୍କ ବିକାଶର ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଜାରି ଥିଲା । ନିଜର ରଚନାମାନଙ୍କଦ୍ୱାରା ନିଜ ସିଦ୍ଧାନ୍ତର ସେ ପରୀକ୍ଷା କରନ୍ତି ଏବଂ ସିଦ୍ଧାନ୍ତଦ୍ୱାରା ନିଜ ରଚନାମାନଙ୍କର ମୂଲ୍ୟାଙ୍କନ କରନ୍ତି । ଏପରି ଭାବରେ ମାର୍କସ୍‌ବାଦୀ ଲେଖକ ଓ ଚିନ୍ତକର ଦ୍ୱନ୍ଦ୍ୱାତ୍ମକତା ତାଙ୍କ ଭିତରେ ସର୍ବଦା ବିଦ୍ୟମାନ ଥିଲା । ସେ ଯେଉଁ ସଂଘର୍ଷ ସମ୍ପର୍କରେ ଆସିଛନ୍ତି, ସେଥିରୁ କେବେ ଦୂରେଇ ରହି ନାହାନ୍ତି । ଜୀଇଁ ରହିବା, କାମ କରିବା ଓ ଲେଖିବା ଥିଲା ତାଙ୍କର କାମ୍ୟ । ଏଥିରୁ ସେ କେବେ ବିଚ୍ୟୁତ ହୋଇ ନାହାନ୍ତି । ବାସ୍ତବିକ ସେ ଯେ ଜଣେ ସମର୍ପିତ ଯୋଦ୍ଧା, ଏଥିରେ ସନ୍ଦେହ ନାହିଁ ।

## କାହାଣୀକାର

ହିନ୍ଦୀର ବିଶିଷ୍ଟ ଲେଖକ ଉଦୟଶଙ୍କର ଭଟ୍ଟଙ୍କ ପ୍ରେରଣାରେ ଯଶପାଲ ନେସନାଲ କଲେଜରେ ପଢ଼ିବାବେଳେ ୧୯୨୪ରେ ଏକ କାହାଣୀ ଲେଖିଥିଲେ । ତାଙ୍କର ସେ କାହାଣୀ ବରେଲୀରୁ ପ୍ରକାଶ ପାଉଥିବା 'ଭ୍ରମର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହା ତାଙ୍କର ପ୍ରଥମ ପ୍ରକାଶିତ କାହାଣୀ । କାହାଣୀକାର ଭାବରେ ନିୟମିତ ଲେଖିବା ଆରମ୍ଭ କରିଥିଲେ ସେ 'ବିପ୍ଳବ' ସମୟରୁ, ଯାହା ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଅବିରତ ଚାଲିଥିଲା । ତାଙ୍କର ଅତ୍ୟନ୍ତ ପରିଚିତ କାହାଣୀ ସଂଗ୍ରହ ହେଲା—"ପିଞ୍ଜରେ କୀ ଉଡ଼ାନ (୧୯୩୯), ଓ୍ୱୋ ଦୁନିଆ (୧୯୪୧), ଜ୍ଞାନଦାନ (୧୯୪୩). ଅଭିଶପ୍ତ (୧୯୪୪), ତର୍କ କା ତୁଫାନ୍ (୧୯୪୫), ଭସ୍ମାବୃତ୍ତ ଚିନ୍‌ଗାରି (୧୯୪୬), ଫୁଲୋଂ କା କୁର୍ତ୍ତା (୧୯୪୯), ଧର୍ମଯୁଦ୍ଧ (୧୯୫୦), ଉତ୍ତରାଧିକାରୀ (୧୯୫୧), ଚିତ୍ର କା ଶୀର୍ଷକ (୧୯୫୧), ତୁମନେ କ୍ୟୋଂ କହାଥା ମୈଂ ସୁନ୍ଦର ହୁଁ (୧୯୫୪), ଉତ୍ତମ କୀ ମାଁ (୧୯୫୫) ଓ ଭୈରବୀ (୧୯୫୮), ସଚ୍ ବୋଲନେ କୀ ଭୂଲ (୧୯୬୨), ଖଚ୍‌ଚର ଔର ଆଦମୀ (୧୯୬୪), ଭୁଖ କେ ତୀନଦିନ (୧୯୬୮), ଲେଂପଶେଡ଼ (୧୯୭୯) ।" ନିଜ ଜୀବନରେ ଯାହା ଦେଖିଥିଲେ, ତାରି ଉପରେ ହିଁ ସେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଆର୍ଯ୍ୟ-ସମାଜରେ ରହିଥିବା ଇଂରେଜମାନଙ୍କ ପ୍ରତି ବିଦ୍ରୋହମନୋଭାବକୁ ସେ ପସନ୍ଦ କରୁଥିଲେ ହେଁ ମନୁଷ୍ୟ ପ୍ରତି ରହିଥିବା କଟକଣା ସଂଯମ-ନିୟମକୁ ସେ କେବେ ଗ୍ରହଣ କରିପାରୁ ନଥିଲେ । ସେଠି ସ୍ତ୍ରୀ ଓ ପୁରୁଷଙ୍କୁ ଦିଆଯାଉଥିବା ଆଚରଣ ଶିକ୍ଷାକୁ ସେ କେବେ ସ୍ୱୀକାର କରିପାରୁ ନଥିଲେ । ସେଠାରେ ରହିବା ଫଳରେ ସେଠାକାର ଆଦର୍ଶବାଦର ମିଥ୍ୟାଆଡ଼ମ୍ବରକୁ ସେ ଭଲଭାବରେ ଅନୁଭବ କରିପାରିଥିଲେ । ଏଣୁ ତାଙ୍କର ପ୍ରାୟ ଅଧିକାଂଶ କାହାଣୀମାନଙ୍କରେ ସ୍ତ୍ରୀ-ପୁରୁଷ ମଧ୍ୟରେ ଥିବା ଅପ୍ରକାଶିତ ଅନ୍ତର୍ମନର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅନୁପାତ ତୁଳନାରେ ଏହା କେତେକ କ୍ଷେତ୍ରରେ ଅଧିକ । ଏଣୁ ଆଲୋଚକମାନେ ଯଶପାଲଙ୍କୁ ଫ୍ରୟେଡ଼ଙ୍କଦ୍ୱାରା ପ୍ରଭାବିତ ବୋଲି ଦୋଷାରୋପ କରନ୍ତି ।

ଅବଶ୍ୟ ଏ ପ୍ରଭାବକୁ ଯଥାଶୀଘ୍ର ସେ ମୁକ୍ତିଲାଭ କରିଛନ୍ତି । କିନ୍ତୁ ଯେଉଁଠି ସେ ଯୋଜନାବଦ୍ଧଭାବେ ବାସନାର ଦମନ ଦେଖିଛନ୍ତି, ଅନୁଭବ କରିଛନ୍ତି, ସେଠି ତାଙ୍କ କାହାଣୀ ମୁଖରିତ ହୋଇଉଠିଛି । କିଛିଦିନ ପାଇଁ ଅବଶ୍ୟ ଫ୍ରଏଡ଼ ତାଙ୍କୁ ପ୍ରଭାବିତ କରିଥାଇପାରନ୍ତି, କିନ୍ତୁ କାହାଣୀଗୁଡ଼ିକୁ ପଢ଼ି ବିଶ୍ଳେଷଣ କଲେ ତାଙ୍କ ମୂଲ୍ୟବୋଧର ଯାଥାର୍ଥ୍ୟ ବୁଝିହେବ ।

ଯଶପାଲଙ୍କ ଯୌନ ସମ୍ବନ୍ଧୀୟ କାହାଣୀମାନଙ୍କର ଆଧାର ବହୁ ମାନସିକ ପ୍ରଶ୍ନ ଉତ୍ଥାପନ କରେ । ଲେଖକ ସେଠି ମନସ୍ତତ୍ତ୍ୱବିତ୍ । ତାଙ୍କ ଲେଖାଗୁଡ଼ିକ ଜରିଆରେ ସମାଜର ବହୁ ଗୁହ୍ୟ ରହସ୍ୟ ପ୍ରକାଶିତ ହୋଇପାରିଛି । ପ୍ରତ୍ୟେକ କାହାଣୀ ନିଜ ସୀମା ମଧ୍ୟରେ ସ୍ୱତନ୍ତ୍ର ହେଲେ ମଧ୍ୟ ସେସବୁ ପରସ୍ପର ସହ ଗୁନ୍ଥି ହୋଇ ରହିଛନ୍ତି । "ପ୍ରାୟଶ୍ଚିତ୍ତ", "ସମାଜ-ସେବା", "ନିବାସିତା", "ତର୍କ କା ତୁଫାନ", "ଜ୍ଞାନଦାନ", "ପତିବ୍ରତା", "ଉତ୍ତମୀ କୀ ମାଁ", "ପ୍ରତିଷ୍ଠା କା ବୋଝ" "ଆତିଥ୍ୟ", "ଦାସ ଧର୍ମ", "ସମାଧି କୀ ଧୂଲ", 'ଶଜକ', "ଦୂସରୀ ନାକ", "ଜହାଁ ହସଦ ନହିଁ" ଓ "ଭୈରବୀ", "ଶିକାୟତ", "ଆବରୁ", "ଛଲିୟା ନାରୀ", "ତୁମନେ କ୍ୟୁଁ କହା ଥା ମୈଂ ସୁନ୍ଦର ହୁଁ" ଏବଂ "ଜିମ୍ମେଦାରୀ" ପ୍ରଭୃତି କାହାଣୀଗୁଡ଼ିକ ଏହାର ପ୍ରମାଣ ବହନ କରେ ।

'ପ୍ରାୟଶ୍ଚିତ୍ତ' କାହାଣୀରେ ଆର୍ଯ୍ୟସମାଜର କଠୋର ବନ୍ଧନ ମଧ୍ୟରେ ପାଳିତା ଏକ ବାଳିକାର ଚିତ୍ର ଦିଆଯାଇଛି, ଯିଏ ନିଜର ପ୍ରାକୃତିକ ଇଚ୍ଛାକୁ ଦବେଇ ରଖୁଛି, କିନ୍ତୁ ଅବସର ପାଇବା ମାତ୍ରେ ତାହା ଫୁଟି ପଡ଼ୁଛି । ସେ ସଂଯମଶକ୍ତି ହରାଇ ବସୁଛି, ସେ ହୋଇ ଉଠୁଛି ବିଳାସିନୀ । ସେ ତା'ର ବାପାଙ୍କୁ ଲେଖୁଛି—'ଗୁରୁକୁଳର ବ୍ରହ୍ମଚର୍ଯ୍ୟ ଆଶ୍ରମରେ ରହି ମଧ୍ୟ ମୋ ମନରେ ବିଳାସିତାର ତରଙ୍ଗ ବାର-ବାର ଉଠିଛି, କିନ୍ତୁ ଗୁରୁମା'ମାନଙ୍କର ସଦୁପଦେଶ ଫଳରେ ମୁଁ ତାକୁ ଦବେଇ ରଖିଛି । ......ତଥାପି ଅମୃତସର ପହଞ୍ଚିବା ମାତ୍ରେ ମୁଁ ଚକିତ ହୋଇପଡ଼ିଛି । କିନ୍ତୁ ଭାବିବା ଓ ବିଚାର କରିବାର ଶକ୍ତି ମୋର ଥିବାପରି ମୁଁ ଅନୁଭବ କରିପାରୁନି । ଆଭୂଷଣ ଓ ନାନାପ୍ରକାରର ସୁଗନ୍ଧିତ ଦ୍ରବ୍ୟଦ୍ୱାରା ସୁସଜ୍ଜିତା ସ୍ତ୍ରୀମାନଙ୍କୁ ଦେଖି ମୁଁ ଆତ୍ମବିଭୋର ହୋଇ ଉଠୁଛି । ମୁଁ ଧାରଣା କରିପାରୁନି ଯେ ମୋ ଜୀବନର ପବିତ୍ର ଆଦର୍ଶ କ'ଣ ଥିଲା ?' (ପିଞ୍ଜରେ କୀ ଉଡ଼ାନ, ପୃ. ୧୦୬) । 'ସମାଜ-ସେବାରେ କୁମାରୀ ଉଷା ମେହେତା ବିବାହ ନ କରିବା ଓ ଆଜୀବନ ସମାଜ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପଣ କରିଥିଲେ ହେଁ ହଠାତ୍ ସଂଯମ-ଆବେଷ୍ଟନୀକୁ ଚିରି ଯେ ଉଦ୍ଦାମ ବାସନାର ଶିକାର ହୋଇପଡ଼ିଛି । ପ୍ରମୋଦନାଥ ସହିତ ତାର ଯୌନ-ସମ୍ବନ୍ଧ ସ୍ଥାପିତ ହୋଇଛି । ଶେଷରେ ପ୍ରେମ-ବିବାହରେ ଦୁହେଁ ଆବଦ୍ଧ ହୋଇଛନ୍ତି । କାହାଣୀର ଅନ୍ତ ହେଲା—

ଉତ୍ତରର ଅପେକ୍ଷାରେ ଥିଲ ପ୍ରମୋଦ । ସିଗାରେଟ୍‌କୁ ଶେଷଥର ପାଇଁ ଶୋଷି ନେଇ କହିଲ, 'ସମାଜସେବା ପାଇଁ ନୁହେଁ, ସମାଜ ବଢ଼ାଇବା ପାଇଁ ।' (ଫ. ଉ. ପୃ-୪୫) । 'ନିର୍ବାସିତା' କାହାଣୀରେ 'ଇନ୍ଦୁ' ଏକ ଅସୁନ୍ଦର ବାଳିକା । ଅସୁନ୍ଦର ହେଲେ ବି ଅତ୍ୟନ୍ତ ବୁଦ୍ଧିଶାଳିନୀ ଓ ଅଧ୍ୟୟନଶୀଳା । ନିଜ ଯୋଗ୍ୟତାବଳରେ ସେ କଲେଜରେ ଚାକିରି ପାଇପାରିଛି । କିନ୍ତୁ ସେ ସର୍ବଦା ଏକ ଯୋଗ୍ୟ ପୁରୁଷର ଜୀବନ-ସହଯୋଗ କାମନା କରୁଛି । ଅସୁନ୍ଦରୀ ହେବା ଫଳରେ ତାର କାମନା ପୂରଣ ହୋଇପାରୁନି । ଶେଷରେ ସେ କହୁଛି, 'ଗୃହ ଗୃହ ଆଣା ଆଠ ଅଣାରେ ବିକ୍ରୀ ହେଉଥିବା ପୁରୁଷର ଏ ଅହଙ୍କାର, ଏ ସ୍ପର୍ଦ୍ଧା !!' (ତର୍କ କା ତୂଫାନ୍, ପୃ-୧୬) ।

ଏ କାହାଣୀରେ ଅଭିଜାତ ବର୍ଗର ନୈତିକତା ପ୍ରତି ଇନ୍ଦୁର ସଂଘର୍ଷ ପରିଣାମ ପର୍ଯ୍ୟନ୍ତ ନେଇଯାଏ । ମସୌରୀର ଏକ ହୋଟେଲରୁ ତାକୁ ବହିଷ୍କୃତ ହେବାକୁ ପଡ଼େ । କିନ୍ତୁ ତର୍କ ତାକୁ ଚିନ୍ତା ଓ ମନସ୍ତାପରୁ ମୁକ୍ତ କରିଦିଏ । ଯଶପାଲଙ୍କ ବିଚାରରେ ଯୁବକ-ଯୁବତୀଙ୍କ ମାନସିକତା, ଭାବପ୍ରବଣତା ଓ ଆବେଗକୁ ଦମନ କରିଯାଏ, କିନ୍ତୁ ତର୍କ ସନ୍ତୋଷ ଦିଏ, ପ୍ରେରଣା ଯୋଗାଏ । 'ତର୍କ କା ତୂଫାନ' କାହାଣୀରେ ପ୍ରେମ ଓ ଯୁବାବସ୍ଥାରେ ଉଠୁଥିବା ଯୌନତରଙ୍ଗ ଭିତରେ ଯୁବମନ ଖୁବ୍ ଭଲଭାବେ ବିଶ୍ଳେଷିତ କରିଯାଇଛି ଓ ତର୍କଦ୍ୱାରା ମାନସିକ ଗଣ୍ଠିକୁ ଖୋଲି ଦିଆଯାଇଛି । ଯଶପାଲ ଆଦର୍ଶବାଦୀ ଭାଷାକୁ ବ୍ୟଙ୍ଗ କରିଛନ୍ତି । 'ତର୍କ କା ତୂଫାନ'ର ଭୂମିକାରେ ସେ ଲେଖିଛନ୍ତି ଯେ, 'ପୁରୁଷମାନଙ୍କ ଶବକୁ ନେଇ ସଭା-ସମିତି କରିଯାଇ ନପାରେ, ନବୀନ ବିବେକ ଅଥବା ତର୍କ ହିଁ ମନୁଷ୍ୟର ଏକମାତ୍ର ପଥଦ୍ରଷ୍ଟା । ସୌନ୍ଦର୍ଯ୍ୟର ମୂଲ୍ୟାଙ୍କନ ମଧ୍ୟ ତର୍କଦ୍ୱାରା ହିଁ ସମ୍ଭବ । ତାଙ୍କର ପ୍ରଶ୍ନ ହେଉଛି—'ସୁନ୍ଦର ଓ ଅସୁନ୍ଦର ମଧ୍ୟରେ ଥିବା ବ୍ୟବଧାନ ଏବଂ ଅସୁନ୍ଦରକୁ ସୁନ୍ଦର କରିପାରିବାର ଚେଷ୍ଟା, ବିବେକ ଓ ତର୍କ ବିନା ସମ୍ଭବ ହୋଇନପାରେ । ···ଏଣୁ ସୌନ୍ଦର୍ଯ୍ୟର ମୂଳ ହେଉଛି ତର୍କ ।' (ତର୍କ କା ତୂଫାନ, ପୃ-୬) ।

ଯଶପାଲ ବଡ଼ ବଡ଼ ପ୍ରାସାଦ, ମଠ, ମନ୍ଦିର, ମସ୍‌ଜିଦ ଓ ସମାଜସେବୀ ଅନୁଷ୍ଠାନମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ସେମାନେ ଆତ୍ମ ସମୀକ୍ଷା କରନ୍ତୁ । ସେମାନଙ୍କର ଆଦର୍ଶବାଦ ଲୋକଙ୍କ ଉପରେ ବିପରୀତମୁଖୀ ଚରିତ୍ର ସୃଷ୍ଟି କରିବାକୁ ଚେଷ୍ଟା କରୁଛି ତା' ନିଜେ ହୃଦୟଙ୍ଗମ କରନ୍ତୁ । 'ମୁହଁରେ ରାମ ରାମ ଅଣ୍ଟାରେ ଛୁରି' ଭାବନା ଜନ୍ମ ନେଇଛି ଏହି ଆଦର୍ଶବାଦୀ ଅନ୍ତର୍ବିରୋଧରୁ । ଏହାର ଉଦାହରଣ 'ଜ୍ଞାନଦାନ' କାହାଣୀ । ଏହାର ମୁଖ୍ୟ ପାତ୍ର ହେଉଛନ୍ତି ମହର୍ଷି ଦୀର୍ଘଲୋମ । ସେ ତାଙ୍କ କନ୍ୟା 'ସିଦ୍ଧି'କୁ ପାଳିଛନ୍ତି ମାତୃସ୍ନେହବନ୍ଧନର 'ଅପକାରିତା' ବୁଝାଇ ଓ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟର ଉପଦେଶମାନ ଦେଇ । 'ମାଣ୍ଡକ' ନାମକ ଯୁବକ ମଧ୍ୟ ପାଳିତ ହୋଇଛି

ବ୍ରହ୍ମଚର୍ଯ୍ୟର ଦୀକ୍ଷା ନେଇ । ସେ ଥିଲା ବ୍ରହ୍ମଜ୍ଞାନୀ ଓ କୁଶଳ ବକ୍ତା । ଚାତୁର୍ମାସରେ
ସନ୍ନ୍ୟାସୀମାନଙ୍କର ସଭାରେ ନୀଡ଼କର ଭାଷଣ ଶୁଣିବାକୁ ସିଙ୍କି ଆସିଛି । ଦୁହିଁଙ୍କର
ଚାରି ଚକ୍ଷୁ ମିଳନ ହୋଇଛି । ବ୍ରହ୍ମଚର୍ଯ୍ୟ ଭିତରେ ଭିତରେ ଉଭେଇ ଯାଇଛି ।
ଦୁହିଁଙ୍କ ସ୍ଥିତି ଦୈହିକ ସୁଖରେ ପରିଣତ ହୋଇଛି । ନୀଡ଼କ ପ୍ରଶ୍ନ କରିଛି—
"ସତ କହ, ବର୍ଷ ବର୍ଷ ଧରି ସମାଧି କରି ପରମ ସୁଖରେ ତଲ୍ଲୀନ ହୋଇ ଏବଂ
ଆତ୍ମ-ବିସ୍ମୃତିରେ ସଂସାରକୁ ଭୁଲିଯିବାର ଚେଷ୍ଟା କରି ମଧ୍ୟ ତୁମେ କ'ଣ କେବେ
ତୃପ୍ତିରେ ଏତେ ଆତ୍ମବିଭୋର ହୋଇପାରିଥିଲ, ଯେତେ ବିଭୋର ଆଜି ଏ ରାତ୍ରିରେ
ହୋଇପାରିଛ ।" (ଜ୍ଞାନଦାନ, ପୃ-୨୨) ।

ଆମ ସମାଜରେ ଅନେକ ବିରୋଧାଭାସ ଦେଖାଯାଏ । ସେଥିରୁ ଗୋଟିଏ
ହେଲା, ପୁରୁଷ ଚାହେଁ ତା' ସ୍ତ୍ରୀ କେବଳ ପତିବ୍ରତା ହେଉ, ଅନ୍ୟମାନେ ବ୍ୟଭିଚାରିଣୀ ।
ତା' ଝିଅ ଚରିତ୍ରବତୀ ହେଉ, ଅନ୍ୟମାନେ ତା'ର ପ୍ରେମିକା ହୁଅନ୍ତୁ । ପୁରୁଷ
କୁରୂପ ସ୍ତ୍ରୀମାନଙ୍କୁ ଭୋଗ କରିପାରେ, କିନ୍ତୁ ବିବାହ ନୁହେଁ । ସେ ଭୁଲିଯାଏ ଯେ
ଅନ୍ୟ ସ୍ତ୍ରୀମାନଙ୍କ ପ୍ରତି ତା'ର ଯାହା ଧାରଣା, ଯାହା ବିଚାର, ତା' ସ୍ତ୍ରୀ ଓ
କନ୍ୟା ପ୍ରତି ଅନ୍ୟମାନଙ୍କର ମଧ୍ୟ ସେହି ଧାରଣା ଓ ସେହି ବିଚାର । ଏପରି
ଲୋକମାନଙ୍କ ପ୍ରତି ଯଶପାଲ 'ପାଁଓ ତଲେ କୀ ଡାଲ' କାହାଣୀର ଗୋଟିଏ ଚରିତ୍ର
ମୁହଁରେ କୁହାଇଛନ୍ତି—'ସବୁ ସ୍ତ୍ରୀ କାହାର ନା କାହାର ଭଉଣୀ, ଝିଅ ଅଥବା ସ୍ତ୍ରୀ
ହୋଇଥିବେ । ...ଭଉଣୀ ତୁମ ଆନନ୍ଦପ୍ରାପ୍ତିର ଇଚ୍ଛାକୁ କେବେ ସ୍ୱୀକାର କରିପାରେ ?
...ପୁରୁଷ ହେବାର ଉଦ୍ଦେଶ୍ୟ ନିର୍ଲଜତାର ଅଧିକାର ନୁହେଁ ? ତୁମେ ଗଣତନ୍ତ୍ର
ଏବଂ ସମାନତାର କଥା ଉଠାଉଛ, କିନ୍ତୁ ଗଣତନ୍ତ୍ର ଓ ସମାନତାର ସମାଜରେ କେବଳ
ସେହି ନୈତିକତା ତିଷ୍ଠିପାରେ, ଯାହା ସମସ୍ତଙ୍କ ପାଇଁ ସମ୍ଭବ ।' ମୂଳ ପ୍ରଶ୍ନ ହେଲା—
ପ୍ରତ୍ୟେକ ସ୍ତ୍ରୀର ପାତିବ୍ରତ୍ୟ ଓ ପ୍ରତ୍ୟେକ ବାଳିକାର ସଚ୍ଚରିତ୍ର କିପରି ରକ୍ଷା
ହୋଇପାରିବ ? ଆଜିର ବାସନାନ୍ଧତା ଏତାଦୃଶ ବିବେକକୁ ଧ୍ୱଂସ କରିଦେଇଛି ।
ଏଥିପାଇଁ ଯଶପାଲ ସୁପ୍ତ ବିବେକକୁ ଜାଗ୍ରତ କରିଛନ୍ତି । ଉଦାହରଣ ସ୍ୱରୂପ—
'ତାସ୍ ମିନଟ' କାହାଣୀରେ ସେକ୍ସ-ଆବେଗରେ ଲୀନ ରହିବାକୁ ତାର ପ୍ରେମିକ
କହୁଛି—'ତୁମେ ଏ କଥା କ'ଣ କହୁଛ, ନିଜ ସ୍ତ୍ରୀର ସମ୍ମାନ ବିକିବ ?" ଏହାହିଁ
ଯଶପାଲଙ୍କ ଦୃଷ୍ଟିକୋଣ । ସମାଜରେ ସ୍ତ୍ରୀ-ପୁରୁଷର ନୈତିକତା ଏକ ନୁହେଁ,
ଲେଖକ ଚରିତ୍ର ମାଧ୍ୟମରେ ତାହା ଦେଖାଇ ଦେବାକୁ ଚାହିଁଛନ୍ତି । 'ଉତ୍ତମୀ କୀ ମାଁ'
କାହାଣୀରେ ଉତ୍ତମୀ ଏକ ସୁନ୍ଦର ଝିଅ । ତା' ସହିତ ଯେ କେହି ବିବାହ କରିବାକୁ
ଇଚ୍ଛା କରିପାରେ । କିନ୍ତୁ ବସନ୍ତ ହୋଇଯିବା ଫଳରେ ତା'ର ପୂର୍ବ ଚେହେରା ଆଉ
ରହିଲା ନାହିଁ । ଫଳରେ ନିର୍ବନ୍ଧ ହୋଇଥିବା ବର ତାକୁ ବିବାହ କରିବାକୁ
ମନା କରିଦେଲା । ଅନ୍ୟ କେହି ମଧ୍ୟ ଚାହିଁଲେ ନାହିଁ । ପ୍ରତ୍ୟେକ ତା' ଯୌବନକୁ

ଉପଭୋଗ କରିବାକୁ ଚାହିଁଲେ; କେହି କିନ୍ତୁ ବିବାହ କରିବାକୁ ଇଚ୍ଛୁକ ନଥିଲେ । ଶେଷରେ ସେ ସ୍ଥାନ ପାଇଲା ସନ୍ନ୍ୟାସୀମାନଙ୍କ ସତ୍ସଙ୍ଗରେ । ସେ ଆଖି ବନ୍ଦ କରି ସମାଧି କରେ, କିନ୍ତୁ ତାର ଯୌନ-ଆକାଂକ୍ଷା ଭିତରେ ଭିତରେ ତାକୁ ଜଳାଉଥାଏ । ଏହି ଜ୍ୱଳନ ପରିଶେଷରେ ତାକୁ ଭସ୍ମ କରିଦେଲା । 'ପତିବ୍ରତା' କାହାଣୀରେ ଶିକ୍ଷିତା ସୁମତି ଯୌତୁକ ଅଭାବରେ ଜଣେ ବୃଦ୍ଧର ତୃତୀୟ ପତ୍ନୀ ଭାବରେ ବିବାହ କଲା ଏବଂ ଆଦର୍ଶ ପତି-ସେବାରେ ନିଜକୁ ନିୟୋଜିତ କଲା; କିନ୍ତୁ ଶଠ ଅପରିଚ୍ଛନ୍ନ ଶରୀର ଓ ଗନ୍ଧିଆ ମୁହଁକୁ ନେଇ ନୂଆ ନୂଆ ବିବାହ କରୁଥାଏ ଏବଂ ପ୍ରଚୁର ଅର୍ଥ ବ୍ୟୟ କରି ବେଶ୍ୟାଗମନ କରୁଥାଏ । 'ନୀହାର' ନାମକ ବେଶ୍ୟାକୁ ଯେତେ ଧନ ଦେଲେ ମଧ୍ୟ ତା'ର ସେ ଗନ୍ଧିଆ ଶରୀର ଓ ମୁହଁ ଯୋଗୁଁ ତା' ସହିତ ସମ୍ପର୍କ ରଖିବାକୁ ନୀହାର ମନା କରିଦେଲା । ସୁମତି ଭାବିଲା, ସମାଜ ଯାହାକୁ ବେଶ୍ୟା କହି ଘୃଣା କରେ ସେ କେତେ ସମର୍ଥ, କିନ୍ତୁ ସେ ପତିବ୍ରତା ହେଲେ ସୁଦ୍ଧା କେତେ ଅସହାୟ !

ଯଶପାଲଙ୍କ କାହାଣୀ 'ଧର୍ମରକ୍ଷା', 'ପ୍ରତିଷ୍ଠା କା ବୋଝ', 'ଆତିଥ୍ୟ' ହେଉ ଅଥବା 'ବୈଷ୍ଣବୀ', 'ଶିକାୟତ', 'ଜହାଁ ହସଦ ନହୀଁ', 'ଛଲିୟା ନାରୀ', 'ତୁମନେ କ୍ୟୁଁ କହାଥା ମୈଁ ସୁନ୍ଦର ହୁଁ' ଇତ୍ୟାଦି ଯେକୌଣସି କାହାଣୀ ହେଉ ସବୁଥିରେ ବିଦ୍ୟମାନ ସମାଜ । ସମାଜରେ ଦେଖା ଦେଉଥିବା ପ୍ରବୃତ୍ତିଗୁଡ଼ିକୁ ନେଇ ଏଗୁଡ଼ିକର ସୃଷ୍ଟି । ଧର୍ମର ଦୁହାଇ ଦେଇ ସ୍ତ୍ରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଲେଖକ ବଡ଼ ସାହସର ସହିତ ଉତ୍ଥାପନ କରିଛନ୍ତି । ଯୌତୁକ-ପ୍ରଥା, ବେଶ୍ୟାବୃତ୍ତି, ବହୁବିବାହ ଭଳି ସାମାଜିକ ବ୍ୟାଧିଗୁଡ଼ିକ ଆପେ ଆପେ ଆସିଯାଇଛି ତାଙ୍କ ରଚନାମାନଙ୍କରେ । ଏଥିରେ ସ୍ତ୍ରୀମାନେ ସଢ଼ନ୍ତି ନାହିଁ ବରଂ ସଂଘର୍ଷ କରନ୍ତି, କୁଟିଳ ଆବରଣକୁ ପଦାକୁ ଫୋପାଡ଼ି ଦିଅନ୍ତି । ଅବଦମିତ ବାସନାର ଶିକାର ନ ହୋଇ, ନିଜକୁ କୃତ୍ରିମ ବନ୍ଧନରେ ଆବଦ୍ଧ ନ ରଖି ସ୍ୱାଭାବିକ ପ୍ରେମର ଅନ୍ୱେଷଣ କରନ୍ତି । ସଦାଶିବ ଦ୍ୱିବେଦୀ ଏ ସମ୍ବନ୍ଧରେ ଯାହା କହିଛନ୍ତି, ତାହା ଅତ୍ୟନ୍ତ ଯଥାର୍ଥ—'ସେକ୍ସ ବିନା ପ୍ରେମରେ ତୃପ୍ତି ଆସେ ନାହିଁ । ଏହା ସେତିକି ସତ୍ୟ ଯେତିକି ସତ୍ୟ ହେଉଛି ରକ୍ତ-ସଞ୍ଚାଳନ ବିନା ମନୁଷ୍ୟ ଜୀବିତ ରହିପାରେ ନାହିଁ । ଆମେ ଯେଉଁଠି ପ୍ରେମଠାରୁ ଦୂରରେ ରହୁଁ ସେଠାରେ ଆମେ ନିରାଶ ହେଉ ଓ ସେକ୍ସରୁ ଚରମ ତୃପ୍ତି ମିଳେ ନାହିଁ ।' (କ୍ରାନ୍ତିକାରୀ ଯଶପାଲ - ସଂ. ମଧୁରେଶ, ପୃ. ୧୮୬) ଏହା ନିଶ୍ଚିତ ଯେ ଯଶପାଲ ନିଜ କାହାଣୀ-ମାନଙ୍କରେ ସେକ୍ସକୁ ପାଶ୍ଚାତ୍ୟ ସ୍ୱାଧୀନତାର ଆଧାର କରିନାହାନ୍ତି ଅଥବା ମୁକ୍ତ ଯୌନାଚାରକୁ ପ୍ରଶ୍ରୟ ଦେଇନାହାନ୍ତି । ସେ ମାନସିକ ଗ୍ରନ୍ଥିଗୁଡ଼ିକୁ ଖୋଲି ଦେଇଛନ୍ତି ଯଦ୍ୱାରା ସମସ୍ୟା ସମାଧିତ ହୋଇପାରିବ, କିନ୍ତୁ କୌଣସି ପ୍ରକାର ବିକାର ସୃଷ୍ଟି

ହେବ ନାହିଁ । ତାଙ୍କ କାହାଣୀମାନଙ୍କରେ ପ୍ରେମ ଏବଂ ସେକ୍ସ ମଧ୍ୟରେ ସଂପେକ୍ଷତା ସ୍ଥାପିତ ହୁଏ, ଯୌନ ବ୍ୟାପାରକୁ ପ୍ରଶ୍ରୟ ମିଳେ ନାହିଁ । ସ୍ତ୍ରୀମାନଙ୍କୁ ବିକଶିତ ହେବାର ସୁଯୋଗ ମିଳେ । ସକ୍ରିୟ ଭାବାତ୍ମକ ଆବେଗ ଦ୍ୱାରା ସେମାନେ ସଞ୍ଚାଳିତ ହୁଅନ୍ତି ଆଉ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ଥାପନ କରିବାରେ ସଫଳ ହୁଅନ୍ତି । ପ୍ରଚଳିତ ବ୍ୟବସ୍ଥା ବିରୋଧରେ ଚିଦ୍ରୋହ କରିବାର ଶକ୍ତି ପାଆନ୍ତି ଏବଂ ଉଚିତ ମାର୍ଗର ଅନ୍ୱେଷଣ କରିବାରେ ସମର୍ଥ ହୋଇପାରନ୍ତି । 'ରଜସ୍ୱା', 'ନନ୍ଦୀ', 'କୋକିଲ' ଭଳି ଚରିତ୍ର ସୃଷ୍ଟି କରି ଯଶପାଲ ନାରୀ ଚରିତ୍ରକୁ ଆତ୍ମାଭିମାନ ପ୍ରଦାନ କରିଛନ୍ତି । 'ଚିତ୍ର କା ଶୀର୍ଷକ' ପରି କାହାଣୀମାନଙ୍କଦ୍ୱାରା ଆତ୍ମଗ୍ଲାନି ଓ ମାନସିକ ଅତୃପ୍ତି ଦୂର ହୁଏ ଏବଂ ତାହା ମନୋବୈଜ୍ଞାନିକ ପଦ୍ଧତିରେ । ଏହାଦ୍ୱାରା କେବଳ ପରିବର୍ତ୍ତନ ଆସେନି ବରଂ ସଂଘର୍ଷ ଫଳରେ ବିଚାରବୁଦ୍ଧିରେ ଉନ୍ନତି ଘଟେ । ଆର୍ଯ୍ୟ ସମାଜର ବ୍ରହ୍ମପାଠ ହେଉ ଅଥବା ବୌଦ୍ଧ ସଂସ୍କୃତି ହେଉ ଯଶପାଲ କାହାକୁ ଗ୍ରାହ୍ୟ କରିନାହାନ୍ତି । ପ୍ରକୃତି ଭୌତିକ ସତ୍ୟତାର ସେ ଅନ୍ୱେଷଣ କରିଛନ୍ତି । ଦୈହିକ ମନୋବିଜ୍ଞାନକୁ ମନୁଷ୍ୟର ସହଜ ସ୍ୱାଭାବିକ ପ୍ରକ୍ରିୟା ବୋଲି ଧରିନେଇଛନ୍ତି, ପବିତ୍ରତା ଓ ଅପବିତ୍ରତାର ନିକଟରେ ଏହାକୁ ତଉଲି ନାହାନ୍ତି । 'କୋକିଲ ଡକେଇତ' କାହାଣୀରେ 'କୋକିଲ' ବଞ୍ଚି ରହିବା ପାଇଁ ଦେହ ବିକୁଛି । ତଥାପି ବଞ୍ଚି ରହିବା ତା' ପକ୍ଷରେ ସମ୍ଭବ ହୋଇ ନାହିଁ । ବଞ୍ଚି ରହିବା ସାଧନ ତାକୁ ମିଳିପାରୁ ନାହିଁ । ଡାକୁ ହେବାକୁ ପଡ଼ୁଛି । ଲୋକଙ୍କୁ ଡରାଇବା ଓ ଧମକେଇବା ଫଳରେ ସବୁ କିଛି ମିଳିଯାଉଛି । ଏଥିରେ ଯଶପାଲ ଦେଖାଇଦେବାକୁ ଚାହାନ୍ତି ଯେ ଯୌନ ବ୍ୟାପାର ହେଉ ଅଥବା ଚୋରି-ଡକାୟତି ହେଉ ତା'ର ମୂଳ କାରଣ ଏହି ସମାଜରେ ହିଁ ବିଦ୍ୟମାନ । ଟିକିଏ ଗମ୍ଭୀର ଭାବରେ ଦେଖିଲେ ଦେଖାଯିବ ଯେ ତାଙ୍କର ପ୍ରତ୍ୟେକ କାହାଣୀରେ ସମାଜର ବର୍ଗୀୟ ଅସମାନତାରୁ ଉତ୍ପନ୍ନ ବିକୃତିକୁ କେବଳ ଆଘାତ କରାଯାଇଛି ।

ଯଶପାଲଙ୍କ ସମସ୍ତ କାହାଣୀ ପଢ଼ିଲେ ଜଣାଯାଏ ଯେ ସେ କାହାଣୀର କଥାବସ୍ତୁ ପାଇଁ ଜୀବନର ଅନେକଗୁଡ଼ିଏ ସ୍ଥିତିକୁ ବାଛି ନେଇଛନ୍ତି । ସ୍ୱାଧୀନତା ପୂର୍ବବର୍ତ୍ତୀ ସାମାଜିକ ଅସଙ୍ଗତି ଓ ତା'ର ପରବର୍ତ୍ତୀ ବୌଦ୍ଧିକତା ପ୍ରତି ସେ ସର୍ବଦା ସଜାଗ ରହି ଆସିଛନ୍ତି । ଜନବିରୋଧୀ ପ୍ରବୃତ୍ତିମାନଙ୍କୁ ଜାଣିବା ପାଇଁ ସେ ସଦା ଜାଗରୂକ ଓ ସକ୍ରିୟ ରହିଛନ୍ତି ଏବଂ ସେଗୁଡ଼ିକର ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ତାର ମୂଳୋତ୍ପାଟନ ପାଇଁ ଯଥାର୍ଥବାଦୀ ଦୃଷ୍ଟାନ୍ତ ବା ବିମ୍ବମାନଙ୍କର ସାହାଯ୍ୟ ନେଇଛନ୍ତି । ମିଥ୍ୟା ଆଦର୍ଶ ଉପରେ ସେ କଟୁ ବ୍ୟଙ୍ଗ କରିଛନ୍ତି । ସେ ଜାଣିଥିଲେ ଯେ ମନୁଷ୍ୟ ଦଳିତ ହେଉଛି କେବଳ ସାମାଜିକ ଅସମାନତା ଯୋଗୁଁ ତାକୁ ସବୁ କଥା ନିୟତିର ଆଶ୍ରା ନେଇ, ଭାଗ୍ୟ ଓ ପରଲୋକର ଧାରଣା ଦେଇ ବୁଝାଇ ଦିଆଯାଉଛି । ଏଗୁଡ଼ିକୁ ଶାଶ୍ୱତ ବୋଲି ଧରି ନେଇ ଚୁପ୍ ରହୁଛି ମନୁଷ୍ୟ । ଏହା ସହିତ ଅଜ୍ଞାତ ଭୟର ଅଫିମ ମଧ୍ୟ

ଦେଇ ଦିଆଯାଉଛି । ଏଣୁ ଏହା ବସ୍ତୁର ଓ ତର୍କର ଉପରେ । ତର୍କ ଓ ବିଶ୍ୱାସ ଭିନ୍ନ-ଭିନ୍ନ । ଏହା କିପ୍ରକାର ପ୍ରବଞ୍ଚନା ! ଏହି ପଥ ଦେଇ ଚାଲିଛନ୍ତି ଲେଖକ । 'ପ୍ରସାଦ'ଙ୍କ 'କଙ୍କାଳ' ଓ ପ୍ରେମଚାନ୍ଦଙ୍କ ଉପନ୍ୟାସମାନଙ୍କରେ ଏ ପ୍ରକାର ବିଡ଼ମ୍ବନା ମଧ୍ୟ ବିଦ୍ୟମାନ । ଗାନ୍ଧିବାଦୀ ଦୁର୍ବଳ ସିଦ୍ଧାନ୍ତ ପ୍ରତି ମଧ୍ୟ ଏମାନେ କମ୍ ଆକ୍ଷେପ କରି ନାହାନ୍ତି । ଫଳରେ ଏମାନେ ତତ୍କାଳୀନ ସାହିତ୍ୟିକମାନଙ୍କର ଶରବ୍ୟ ହୋଇଛନ୍ତି । ଜୈନେନ୍ଦ୍ର, ଅଜ୍ଞେୟ, ଇଲାଚନ୍ଦ୍ର ଜୋଶୀ ଇତ୍ୟାଦି ନିଜ ନିଜ ସାହିତ୍ୟ ଜରିଆରେ ଆହ୍ୱାନ ଦେଇଥିଲେ ଏମାନଙ୍କୁ । ଯଶପାଲ ନିଜର ଲେଖା ଓ ପ୍ରଗତିଶୀଳ ଆନ୍ଦୋଳନକୁ ବ୍ୟାପକ ସାମାଜିକ ଜୀବନ ମଧ୍ୟଦେଇ ନେଇ ଚାଲିଛନ୍ତି । ଠାଏ ସେ ଲେଖିଛନ୍ତି—'ଯଦି ପ୍ରଗତିବାଦ ବ୍ୟାପକ ସାମାଜିକ ସମସ୍ୟା କ୍ଷେତ୍ରରେ ପୁରାତନ ଶୋଷକ ବ୍ୟବସ୍ଥାରୁ ସମାଜକୁ ମୁକ୍ତ ଦେବାରେ ସାହାଯ୍ୟ କରିବାକୁ ଚାହେଁ, ତା'ହେଲେ ତାକୁ ସାହିତ୍ୟ ମାଧ୍ୟମରେ ତର୍କସଙ୍ଗତ ସ୍ୱାତନ୍ତ୍ର୍ୟ ପ୍ରକାଶ କରି ଶୋଷକ-ପଦ୍ଧତି ଉପରେ ଆଘାତ କରିବାକୁ ହେବ । ଏହାଦ୍ୱାରା ନୂତନ ସମାଜ ପ୍ରତିଷ୍ଠା ପ୍ରତି ଉତ୍ସାହ ଉତ୍ପନ୍ନ ହୋଇପାରିବ ।' (ଧର୍ମଯୁଦ୍ଧ, ଭୂମିକା ପୃ-୨)

ଶୋଷଣ ବ୍ୟବସ୍ଥା ଦୃଢ଼ ହୁଏ ନିଜର ଆର୍ଥିକ ନିୟନ୍ତ୍ରଣ ଯୋଗୁଁ । ଶୋଷକ ଓ ଶୋଷିତବର୍ଗ ମଧ୍ୟରେ ସାମାଜିକ ସମ୍ବନ୍ଧର ପରମ୍ପରା ମଧ୍ୟ ଏହାର ହେତୁ ଦୃଢ଼ ବା ନଷ୍ଟ ହୋଇଥାଏ । ଧର୍ମ, ସଂସ୍କାର ଓ ସଂସ୍କୃତିର ସଞ୍ଚାଳନ ଏହାଦ୍ୱାରା ହିଁ ହୁଏ । ଯଶପାଲ ଏ ସମସ୍ତ ସାମାଜିକ ସିଦ୍ଧାନ୍ତ ସହିତ ଭଲ ଭାବରେ ପରିଚିତ ଥିଲେ । ଏଣୁ ଏହାର ପରିପ୍ରକାଶ ତାଙ୍କର ବହୁ କାହାଣୀମାନଙ୍କରେ ହୋଇଛି—'ହିଂସା', 'ସନ୍ନ୍ୟାସୀ' 'ନିସ୍ପୀ ଦୁନିଆ', 'ଓ୍ୱିଦ୍ଧସ୍ତ୍ରୀ', 'ବୈଷ୍ଣବୀ', 'ଦୁଃଖ କା ଅଧିକାର', 'ମହାଦାନ', 'ଭସ୍ମାବୃତ୍ତ', 'ଚିନ୍ଗାରୀ', 'ଗଓ୍ୱାହୀ', 'ଭାଗ୍ୟଚକ୍ର', 'ସତ୍ୟ କା ମୂଲ୍ୟ', 'ଶହୀଦତ', ଫୂଲୋକା କୁର୍ତ୍ତା'. 'ଭଓ୍ୱାନୀ ମାତା କୀ ଜୟ', 'ଉତ୍ତରାଧିକାରୀ', 'କୁଲମର୍ଯ୍ୟାଦା' ଓ 'ଭୈରବୀ', 'ଦାସଧର୍ମ', 'ମକ୍ଖୀ ୟା ମକଡ଼ୀ', 'ଖଚର ଔର ଆଦମୀ', 'ଭୂଖ କେ ତୀନଦିନ', 'କର୍ମଫଳ', 'ଫୂଲ କୀ ଚୋରୀ', 'କାଲା ଆଦମୀ', 'ଆଦମୀ ୟା ପୈସା' ଇତ୍ୟାଦି ଏହାର ଉଦାହରଣ ।

ଗାନ୍ଧିଜୀଙ୍କର ମୂଳମନ୍ତ୍ର ଥିଲା—'ଅହିଂସା ପରମୋଧର୍ମଃ' । ସମାଜସେବୀମାନଙ୍କ ପାଇଁ ବ୍ୟାବହାରିକ ଜୀବନରେ ଏହା ନାଟକରେ ପରିଣତ ହୋଇ ଯାଇଥିଲା—ସୂତା କାଟିବା, ପ୍ରାର୍ଥନାରେ ଯୋଗଦେବା ଭଳି । 'ହିଂସା' କାହାଣୀରେ ଯଶପାଲ ଏହା ଉପରେ କୁଠାରଘାତ କରିଛନ୍ତି । 'ସନ୍ନ୍ୟାସୀ' କାହାଣୀରେ ନରେନ୍ଦ୍ର ପରି କଳ୍ପନାଶୀଳ ଯୁବକ ବିବାଦପରବର୍ତ୍ତୀ ପରିସ୍ଥିତିରେ ଭୀତତ୍ରସ୍ତ ହୋଇ ସାଧୁ ହୋଇଯାଉଛି । ପରିବାରରେ ସଂଖ୍ୟାବୃଦ୍ଧି, ଦରବୃଦ୍ଧି, ଦୋକାନ ବଜାର ହିସାବ,

ସୁଧିର୍ ଅଭାବ ଓ କମ୍ ବେତନ ଯୋଗୁ ତା' ଅଣ୍ଟା ଭାଙ୍ଗି ପଡ଼ିଛି । ଶେଷରେ ସେ ଭିକ ମାଗିବା ଶ୍ରେୟ ମନେ କରୁଛି । 'ଓ୍ୱେ ଦୁନିଆଁ' ଅର୍ଥାତ୍ ସ୍ୱର୍ଗ । ସ୍ୱର୍ଗର ଆଶାରେ ପୃଥିବୀକୁ ତିରସ୍କାର କରି ଆଧ୍ୟାତ୍ମିର ଦ୍ୱାହି ଦେଇ ଶୋଷକକୁ ଘଣ୍ଟ ଘୋଡ଼ାଇବାର ବ୍ୟବସ୍ଥା କରାଯାଉଛି ।

'ମହାଦାନ' କାହାଣୀରେ ଏକ ବେପାରୀ ହଜାର ହଜାର ବସ୍ତା ଚାଉଳ କିଣି ଗୋଦାମରେ ଭରି ରଖୁଛି । ଦୁର୍ଭିକ୍ଷକୁ ଅପେକ୍ଷା କରୁଛି । ଦୁର୍ଭିକ୍ଷ ପଡ଼ିଲେ ସେ ଧୀରେ ଧୀରେ ଦରବୃଦ୍ଧି କରିବାକୁ ଲାଗୁଛି । ସତର୍କ ରଖୁଛି ନିଜ ଗୁମାସ୍ତାମାନଙ୍କୁ । ଗରିବ ଲୋକେ ଶହ ଶହ ସଂଖ୍ୟାରେ ମରିବାରେ ଲାଗୁଛନ୍ତି । ସେମାନଙ୍କୁ ପୋଡ଼ିବା ପାଇଁ ବିନା ପଇସାରେ କାଠର ବ୍ୟବସ୍ଥା କରୁଛି ଓ ଭୋକ ଉପାସରେ ବ୍ୟାକୁଳ ହେଉଥିବା ଲୋକମାନଙ୍କୁ ମୁଠେ ମୁଠେ ବୁଟ ଓ ମୁନ୍ଦେ ମୁନ୍ଦେ ପାଣି ଦେଉଛି । ଶେଠର ଏ ପ୍ରକାର 'ମହାଦାନ'ର ଖବର ସମ୍ବାଦପତ୍ରମାନଙ୍କରେ ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଇଛି । ଯିଏ ଦୁର୍ଭିକ୍ଷ ଓ ମୃତ୍ୟୁର କାରଣ, ସେ ହିଁ ସମାଜରେ 'ମହାଦାନୀ'ର ଆଖ୍ୟା ପାଇଛି ଏହା ହିଁ ଏ ସମାଜର ସ୍ୱରୂପ ।

'ବୈଷ୍ଣବୀ' କାହାଣୀରେ ସମାଜର ତାଡ଼ନାରେ ନିରାଶ୍ରୟା 'ଦ୍ରୌପଦୀ' ବେକରେ ତୁଳସୀମାଳା ଧାରଣ କରୁଛି ଓ ମଥାରେ ଚନ୍ଦନ ଲଗାଉଛି । ଆଶ୍ରୟ ଚାହିଁଲେ ବି ସମାଜ ସେଥିରୁ ତାକୁ ବଞ୍ଚିତ କରୁଛି । ପରିଶେଷରେ ସମାଜକୁ ଆହ୍ୱାନ ଦେଇ ସେ ଖୋଜି ନେଉଛି ନିଜର ଆଶ୍ରୟଦାତା ।

'ଫୁଲୋ କା କୁର୍ତ୍ତା' କାହାଣୀରେ ପାଞ୍ଚବର୍ଷର ଝିଅ 'ଫୁଲୋ' ନିଜର ସାତ ବର୍ଷର ପତି 'ସନ୍ତୁ'କୁ ଦେଖି ଫ୍ରକ ଉଠାଇ ମୁହଁ ଘୋଡ଼େଇ ଦେଉଛି । ଏ ଧରଣର ଲଜ୍ଜା କେବଳ ସାମାଜିକ କୁବ୍ୟବସ୍ଥାର ଫଳ ବୋଲି ଯଶପାଲଙ୍କ ମତ । 'ଆମେ ଫୁଲୋର ଫ୍ରକ୍ କାନିରେ ଶରଣ ପାଇବାର ଚେଷ୍ଟାରେ ମୁହଁ ଲୁଚାଇ ଚାଲିଛେ ଆଉ ନୂଆ ଲେଖକମାନେ ଆମ ମୁହଁ ଉପରୁ ପରଦା ଉଠାଇ ଦେବାକୁ ଚାହୁଁଛନ୍ତି । ଏହାର ଉଦ୍ଦେଶ୍ୟ ହେଲ ସମ୍ମାନ ଓ ଲଜ୍ଜାକୁ ନକଲ କରନାହିଁ । 'କୁଳ ମର୍ଯ୍ୟାଦା' କାହାଣୀରେ ଏକ ବ୍ରାହ୍ମଣ ପରିବାରର ମୂର୍ଖତା ଦେଖାଇ ଦିଆଯାଇଛି । ଘରର ସମସ୍ତ ମାନମର୍ଯ୍ୟାଦା ରକ୍ଷାର ଦାୟିତ୍ୱ ବୋହୂର । ସ୍ୱାମୀ ଗଙ୍ଗାଧର ଜଣେ କଂଗ୍ରେସ ନେତା । ସେ ନିଜ ସ୍ତ୍ରୀକୁ ସମାଜରେ ସମସ୍ତଙ୍କ ସଙ୍ଗରେ ମିଶାଇ ଦେବାକୁ ଚାହୁଁଛି । କିନ୍ତୁ ତା'ର ବାପ ମା' ତାହା କରାଇ ଦେଉନାହାନ୍ତି । ବୋହୂକୁ ସାଙ୍ଗରେ ଧରି ସେ ଗାଁ କୁ ଫେରି ଯାଉଛି ଏବଂ ପୁଣି ଘରର ପରଦା ଭିତରେ ତାକୁ ସୁରକ୍ଷିତ ରଖୁଛି ।

'ଉତ୍ତରାଧିକାରୀ' କାହାଣୀ ମଧ୍ୟ ସେଇପରି । ଏହା ସାମନ୍ତ ପରିବାରର ପୁଂସତ୍ୱହୀନ ପୁରୁଷର ସନ୍ତାନ-ଇଚ୍ଛାର କାହାଣୀ । ସମ୍ପତ୍ତିର ଉତ୍ତରାଧିକାରୀ ହେବାପାଇଁ 'ପୁତ୍ର' ହେବା ଦରକାର । ଏହି ଇଚ୍ଛାର ପୂରଣ ପାଇଁ ବିଭିନ୍ନ ପ୍ରକାର ପ୍ରପଞ୍ଚ କରାଯାଉଛି । ଧର୍ମ, ଭାଗ୍ୟ, ପଞ୍ଚାମୃତ ଓ ରୁଢ଼ିର ସାହାଯ୍ୟ ନିଆଯାଉଛି । ଯଶପାଲ ଏପରି ଈଶ୍ୱରଙ୍କୁ ସୃଷ୍ଟି କରୁଛନ୍ତି, ଯିଏ ସାଧାରଣ ଲୋକଙ୍କୁ ମିଥ୍ୟା ସନ୍ତୋଷ ଦେଉଛନ୍ତି, ଶୋଷକମାନେ ଅନ୍ୟାୟ-ଅନାଚାରର କରି ମଧ୍ୟ ମୁକ୍ତି ପାଇପାରୁଛନ୍ତି । 'ଓ ଭୈରବୀ' କାହାଣୀର ଭୂମିକାରେ ସେ ଲେଖିଛନ୍ତି—'ମୁଁ ରାଜା ହରିଶ୍ଚନ୍ଦ୍ରଙ୍କ ଭଳି ଋଣ ପରିଶୋଧ କରିବା ପାଇଁ ବିଚ୍ ବଜାରରେ ସ୍ତ୍ରୀକୁ ବିକି କରିପାରିବାର କର୍ତ୍ତବ୍ୟ-ପରାୟଣତା ଦେଖାଇ ପାରିବି ନାହିଁ ଏବଂ ତଜ୍ଜନିତ ଆଦର ଓ ସହାନୁଭୂତି ମଧ୍ୟ ଉତ୍ପନ୍ନ କରିପାରିବି ନାହିଁ । ଏଭଳି କର୍ତ୍ତବ୍ୟପରାୟଣତାକୁ ଧର୍ମ ବୋଲି ମୁଁ ମନେକରେ ନାହିଁ । (ପୃଷ୍ଠା-୭)

'ଓ ଭୈରବୀ' ବ୍ୟତୀତ 'ଦେବୀ କୀ ଲାଲ', ସାମନ୍ତୀ କୃପା', 'ଗୌମାତା', 'ମହାରାଜା କା ଇଲାଜ', 'ଭଗବାନ କା ଖେଲ', 'ଚୌରାସୀ ଲାଖ୍ ଯୋନି', 'ଖୁଦା କା ଖୌଫ୍', 'ଖୁଦା-ଖୁଦା କୀ ଲଡ଼ାଇ', 'ଭଗବାନ କେ ପିତାକେ ଦର୍ଶନ' ପରି ଅନେକ କାହାଣୀମାନଙ୍କରେ ସାମନ୍ତବାଦୀୟ ମୂଲ୍ୟବୋଧ ପାଇଁ ଶୋଷକମାନଙ୍କ ହିତ ଉଦ୍ଦେଶ୍ୟରେ ଈଶ୍ୱରଙ୍କୁ ଉପଯୋଗ କରାଯାଇଛି । ଏ ସମ୍ବନ୍ଧରେ ଯଶପାଲଙ୍କର ଆଉ ଗୋଟିଏ କାହାଣୀ ଅଛି—'ଭଗବାନ କସକେ ଘର ହୈ' । ଏଥିରେ ରାଜା ଦ୍ୱାରା ନିର୍ଦ୍ଧାରିତ ରାଜା ଏବଂ ଦାସମାନଙ୍କର ଧର୍ମ କିପରି ଭିନ୍ନ ଭିନ୍ନ ତା' ଦେଖାଇ ଦିଆଯାଇଛି । 'ଦାସଧର୍ମ' କାହାଣୀରେ ରାଜା ସାତ ବାହନଙ୍କ ଭୋଗ୍ୟା ଦାସୀ ଭୀମା ଭୁଲରେ ହେଉ ଅଥବା ସହଜ ପ୍ରେରଣାରେ ଦାସ ଆନ୍ତେକମକୁ ପ୍ରେମ କରି ବସୁଛି । ଏଥିପାଇଁ ଦୁଇଜଣଙ୍କୁ ହାତୀ ଗୋଡ଼ ତଳେ ଦଳାଦେବାର ଦଣ୍ଡ ଦିଆଯାଇଛି । ଯଶପାଲ କଂଗ୍ରେସର ଈଶ୍ୱର-ପ୍ରେମ ଉପରେ ଚଢ଼ନ୍ତି, ତା'ର କାରଣ ହେଲା ସାମନ୍ତୀୟ-ପ୍ରଥା ଈଶ୍ୱରଙ୍କୁ ଧନିକବର୍ଗ ପକ୍ଷରେ କରିନେବା । ସେ ଲେଖିଛନ୍ତି—'କଂଗ୍ରେସ-ଆନ୍ଦୋଳନରେ ସହଯୋଗ କରିବାର ସର୍ତ୍ତ ହେଲା—ଈଶ୍ୱରଙ୍କଠାରେ ବିଶ୍ୱାସ ଏବଂ ଈଶ୍ୱରଙ୍କ ନାମ ଧରି ଜନତାକୁ ଭୁଲେଇବାର ଅପାର ପ୍ରଚେଷ୍ଟା ।' (ଦେଶଦ୍ରୋହୀ-୧୦୫) ।

ଯଶପାଲ ପୁଞ୍ଜିବାଦୀ ମୂଲ୍ୟର ଅନ୍ତର୍ବିରୋଧକୁ କାହାଣୀ ମାଧ୍ୟମରେ ଦେଖାଇ ଦେଇଛନ୍ତି ଏବଂ ତା' ମଧ୍ୟରେ ଥିବା ବର୍ଗ-ସଂଘର୍ଷର ସ୍ଥିତିକୁ ମଧ୍ୟ । ଉଦାହରଣ ସ୍ୱରୂପ 'ନମ୍ବୀ ଦୁନିୟା' କାହାଣୀକୁ ନିଆଯାଇପାରେ । ଏଥିରେ ଲେଖକ ଦେଖାଇଛନ୍ତି ଯେ କାରଖାନାରେ କାମ କରୁଥିବା ଶ୍ରମିକମାନଙ୍କର ପ୍ରକୃତ ମଜୁରୀ ଲୁଚାଇବା ପାଇଁ ଓ

ସେମାନଙ୍କୁ ଦମନ କରିବା ପାଇଁ କି କି ପ୍ରକାର ଉପାୟ ଅବଲମ୍ବନ କରିଯାଏ । ମେନେଜରର ସରିନ ଶ୍ରମିକ ନେତା ମାଥୁରକୁ ହସ୍ତଗତ କରିବାପାଇଁ ନାନା ପ୍ରଲୋଭନ ଦେଉଛି । ତାଙ୍କୁ ଭୁଲେଇବା ପାଇଁ ନିଜ ସ୍ତ୍ରୀକୁ ମଧ୍ୟ ଲଗାଉଛି । ପରିଶେଷରେ ତା' ଉପରେ ଲରି ଚଢ଼େଇ ଦେଉଛି । ମାଥୁରର ସ୍ୱପ୍ନ ଥିଲା—ନୂଆ ସମାଜ ବ୍ୟବସ୍ଥା । ଶ୍ରୀମତୀ ସରିନ ଥିଲେ ଅସମର୍ଥ ମାନବୀୟ ସମ୍ବେଦନଶୀଳା । ମାଥୁରର ହତ୍ୟା ବିରୋଧରେ ତାଙ୍କ ମାନବିକତା ଜାଗି ଉଠୁଛି । ସରିନ ଏତେ ବଡ଼ ଅମଣିଷ ଯେ ସେ ସ୍ତ୍ରୀ ଓ ଝିଅକୁ ମଧ୍ୟ ନିଜ ଉଦ୍ଦେଶ୍ୟ-ସିଦ୍ଧି ପାଇଁ ବ୍ୟବହାର କରି ବସୁଛି । କାହାଣୀରେ ସଂଗଠିତ ଶ୍ରମିକମାନେ ନିଜ ନେତାର ପ୍ରତିଶୋଧ ନେଉଛନ୍ତି ସରିନଙ୍କୁ ହତ୍ୟା କରି । ଲେଖକଙ୍କର ଦୃଢ଼ ବିଶ୍ୱାସ ଯେ ଲକ୍ଷ୍ୟକୁ ପାଇବାକୁ ହେଲେ ଗୋଟିଏ ଦୁଇଟି ହତ୍ୟାର ଆତଙ୍କ ସୃଷ୍ଟି ନ କଲେ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା 'ମଜଦୁର ଜିନ୍ଦାବାଦ' ବୃଦ୍ଧି ପାଇବ ନାହିଁ । ଏହା ହେଉଛି ନୂଆ ଦୁନିଆ ଗଢ଼ିବାରେ ସଙ୍କଳ୍ପ । ଏପରି ଆଉ ଗୋଟିଏ କାହାଣୀ ଅଛି—'ଭବାନୀ ମାତା କୀ ଜୟ' । ଏଥିରେ ମିଲ୍ ମାଲିକ, ତା'ର ପ୍ରଭୁ-ଭକ୍ତ ଜମାଦାର ମିତାନ ସିଂହ, ଜମାଦାରର ଜ୍ୱାଇଁ 'ଭୂରେ' ଓ ଝିଅ 'ଭବାନୀ' ସହ ସଂଗଠିତ ଶ୍ରମିକମାନଙ୍କର ମିଳିତ କଥା । ଶ୍ରମିକମାନେ ନିଜ ପ୍ରାପ୍ୟ ପାଇଁ ଲଢ଼ୁଛନ୍ତି । ପ୍ରଭୁଭକ୍ତ ଜମାଦାର ଚାହୁଁଛି ଯେ ଜ୍ୱାଇଁ ଶ୍ରମିକମାନଙ୍କ ସହ ଯୋଗ ନଦେବ । ଏଣୁ ସେ ଝିଅକୁ ନିଜ ପାଖରେ ରଖିନେଉଛି । କିନ୍ତୁ ଜ୍ୱାଇଁ ମାନୁନି । ଝିଅ ସାମୂହିକ ଉତ୍ତେଜନାରେ ଉତ୍ତେଜିତ ହୋଇ ଉଠୁଛି । ସେ ମଧ୍ୟ ସେମାନଙ୍କର ସହଯାତ୍ରୀ ହୋଇଯାଉଛି । ଫଳରେ ମାଲିକ ଗୁଳିରେ ତା'ର ମୃତ୍ୟୁ ଘଟୁଛି । ବର୍ତ୍ତମାନ ପ୍ରଭୁଭକ୍ତ ଜମାଦାର ମିଶିଯାଇଛି ଶ୍ରମିକମାନଙ୍କ ସହ । ଏହାପରେ ଲେଖକ ଶ୍ରମିକମାନଙ୍କୁ ଉପଦେଶମାନ ଦେଇ ଚାଲିଛନ୍ତି । ସେ ଦେଖାଇ ଦେଇଛନ୍ତି ଯେ ବର୍ଗ-ସଂଘର୍ଷ ଅନ୍ତତଃ ବର୍ଗର ହିଁ ସଂଘର୍ଷ ।

ଯଶପାଲ ଶୋଷିତମାନଙ୍କର ଜିଜୀବିଷା ଓ ତା'ର ଅପାର ଶକ୍ତିର ମୂଳକୁ ହିଁ ଦେଖନ୍ତି । ତାଙ୍କ ମତରେ ଏମାନଙ୍କର ପ୍ରକୃତ ଶକ୍ତି ହେଉଛି ଅନେକ କଷ୍ଟ ଓ ମୁମୂର୍ଷୁ ଅବସ୍ଥା ସତ୍ତ୍ୱେ ବି ଜୀବିତ ରହିବା । ବିଡ଼ମ୍ବନା ଯେ ସେମାନେ ନିଜ ସାମର୍ଥ୍ୟ କଳି ପାରନ୍ତି ନାହିଁ । ସେମାନଙ୍କୁ ତାଙ୍କର ଶକ୍ତି ସମ୍ବନ୍ଧରେ ଅବଗତ କରାଇଦେବା ହେଉଛି ସବୁଠୁ ବଡ଼ ଆବଶ୍ୟକତା । ତନ୍ତୁ-ଜାଲରେ ସେମାନେ ଆବଦ୍ଧ । ସେମାନଙ୍କୁ ମୁକ୍ତ କରିବାକୁ ଲେଖକ ବଦ୍ଧପରିକର । 'ମକ୍ଖୀ ଅଥବା ମକଡ଼ୀ' କାହାଣୀର ପ୍ରଥମ ବାକ୍ୟ ହେଉଛି—'ଭଲ ଭଲ ଲୋକେ ଏ ଜାଲରେ ପଡ଼ି ଅସହାୟ ମାଛିପରି ଛଟପଟ ହୋଇ ପ୍ରାଣ ହରଉଛନ୍ତି ।'

'ଭୁଖକେ ତୀନ୍ ଦିନ୍' କାହାଣୀରେ ରୋଜଗାରସ୍ତାନ ନନ୍ଦନ ତିନିଦିନ ହେଲା ଉପବାସରେ । ତାକୁ କାମ ମିଳୁନି । ଯୋଗ୍ୟତା ଓ ସ୍ୱାଭିମାନର କୌଣସି ସମ୍ମାନ

ନାହିଁ । ସାଧାରଣତଃ ବେରୋଜଗାରିଆ ଗୃହେଁ ଯେ ସରକାର ତାକୁ ଜେଲ ପଠେଇ ଦେଉ । ଅନ୍ତତଃ ସେଠି ଖାଇବାକୁ ତ ଗଣ୍ଡେ ମିଳିବ । ତେଣୁ ପୁଲିସ ଅଫିସରର ସହାନୁଭୂତି ଆଗରେ ସେ ପରାଜିତ ହୋଇଯାଏ । ତା'ହିଁ ହେଲା ନନ୍ଦନର କାହାଣୀ । 'ସେ ପରାଜିତ ହେଲା ସୌଜନ୍ୟ ଆଗରେ; କାନୁନ୍ ଆଗରେ ନୁହେଁ ।' ପରିସ୍ଥିତିରୁ ମୁକ୍ତ ହେବା ପାଇଁ ଯଦିଓ ଏ କାହାଣୀ କେତେକାଂଶରେ ଆଦର୍ଶବାଦୀ ହୋଇଯାଇଛି, ତଥାପି ଏଥିରେ ଉପାର୍ଜନଶୂନ୍ୟ ବ୍ୟକ୍ତି ମାନସିକତାର ଚିତ୍ରଣ ପୂର୍ଣ୍ଣ ମାତ୍ରାରେ ହୋଇ ପାରିଛି । ଯଶପାଳଙ୍କ ଧାରଣା ଯେ ମନୁଷ୍ୟ ବେଳେବେଳେ ନିଜ ସଂସ୍କାର ସହିତ ଏତେ ପରିମାଣରେ ଜଡ଼ିତ ହୋଇଯାଏ ଯେ ସେଥିରୁ ମୁକ୍ତ ହେବା ତା'ପକ୍ଷେ ଅସମ୍ଭବ ହୋଇପଡ଼େ । 'ଖଚର ଔର ଆଦମୀ' କାହାଣୀରେ ସେ ଦେଖାଇଛନ୍ତି ଶିମଲାର ହିମପାତ ଭିତରେ ଖଚର ନିଜ ଜୀବନ ରକ୍ଷା କରିପାରୁଛି ଅଥଚ ତଥାକଥିତ ସଂସ୍କାରବାଦୀ ମଣିଷ ତା' କରିପାରୁନାହିଁ । କାରଣ ହେଲା, ସେ ଓଦା ପୋଷାକ ଖୋଲି ଦେଇ ପାରୁନାହିଁ କି ବ୍ରାଣ୍ଡି ପିଇ ଦେହକୁ ଗରମ ରଖିପାରୁ ନାହିଁ । ଲେଖକଙ୍କ କହିବା ହେଲା- 'ଖଚର ବାୟୁମଣ୍ଡଳର ଅବସ୍ଥା ବୁଝି ନିଜର ରକ୍ଷା କରିନେଉଛି କିନ୍ତୁ ମଣିଷ ନିଜର ସଂସ୍କାରରେ ବୁଡ଼ିରହି ସ୍ଥିତି ବା ଅବସ୍ଥା ଅନୁକୂଳ ଆଚରଣ କରିପାରୁ ନାହିଁ !' (ଖଚର ଔର ଆଦମୀ, ପୃଷ୍ଠା-୧୦୪)

ସ୍ଥିତି-ଅନୁକୂଳ ଆଚରଣ କରିବା ପାଇଁ ହିଁ ଯଶପାଳ ତାଙ୍କର ରଚନାତ୍ମକ ସଂଘର୍ଷ କରିଛନ୍ତି । ତାଙ୍କ ମତ ଯେ ରଚନାକାର ନିଜ ରଚନା ଦ୍ୱାରା ଏହା କରିବା ଉଚିତ । ବ୍ୟବସାୟ ପାଇଁ କେବଳ ସେ ରଚନା କରିବା ଉଚିତ ନୁହେଁ । 'ଭସ୍ମାବୃତ ଚିନଗାରୀ' ସଂକଳନରେ ସେ ଲେଖିଛନ୍ତି ଯେ—'କଳା ଓ ସାହିତ୍ୟର ଉଦ୍ଦେଶ୍ୟ ହେଲା କୌଣସି ଅବସ୍ଥାରେ ବ୍ୟକ୍ତିକୁ ପ୍ରେରଣା ଦେଇ ନୈତିକତା ଓ କର୍ତ୍ତବ୍ୟଜ୍ଞାନର ଅଭିବୃଦ୍ଧି କରିବା' (ପୃଷ୍ଠା-୭) । ଏହି ଲକ୍ଷ୍ୟରେ 'ଭସ୍ମାବୃତ ଚିନଗାରୀ' ଲେଖାଯାଇଥିଲା । ଏଥିରେ ଏକ କଳାକାର ନିଜ କଳାରେ ମନୁଷ୍ୟର ବାସ୍ତବିକ ସ୍ୱରୂପ ଚିତ୍ରଣ କରୁଛି ନିଜର ଦୁର୍ଦ୍ଦଶା ସତ୍ତ୍ୱେ । ଅଣ୍ଟାରେ ଅଧଲେ ନାହିଁ, ସ୍ତ୍ରୀ ମରି ପଡ଼ିଛି, ନିଜର ଅତ୍ୟନ୍ତ ଶୋଚନୀୟ ଅବସ୍ଥା, ତଥାପି ତାର କାମ ଚାଲିଛି । ସେ ଦେଖୁଛି—ଭିକାରୀମାନେ ଭୋକ ଉପାସରେ ସଢ଼ୁଛନ୍ତି, ତାର କର୍ତ୍ତବ୍ୟ-ଜ୍ଞାନ ଜାଗି ଉଠିଛି । ସେ ନିଜର ପେଟ ଚିନ୍ତା ନକରି ମନୁଷ୍ୟ-ସମାଜର ଜିଜୀବିଷାକୁ, ତାର ଅନ୍ତରାତ୍ମାକୁ ଜାଗ୍ରତ କରୁଛି । ଏ ବ୍ୟଥା ଯଶପାଳ ନିଜେ ଭୋଗିଛନ୍ତି । ତେଣୁ ତାଙ୍କ କାହାଣୀମାନଙ୍କରେ ଏହା ନିଖୁଣ ଭାବରେ ଫୁଟି ଉଠିଛି । ସେଇ କାରଣରୁ ପତ୍ରିକାମାନଙ୍କରୁ ତାଙ୍କ କାହାଣୀ ଫେରିଆସେ । 'ଉତ୍ତମୀ କୀ ମାଁ' କାହାଣୀର ଭୂମିକାରେ ସେ ଲେଖିଛନ୍ତି—'ମୋ ନିକଟକୁ କାହାଣୀ ପଠାଇବାକୁ ସମ୍ପାଦକମାନଙ୍କ ନିକଟରୁ ବହୁ ଅନୁରୋଧ-ପତ୍ର ଆସେ । ମୁଁ ସେଥିପାଇଁ

'ଭଗବାନ କା ଖେଲ', 'ନ କହନେ କା ବାତ', 'ଭଗବାନ କେ ପିତାକେ ଦର୍ଶନ', 'ନକଲୀ ମାଲ' ଇତ୍ୟାଦି ବହୁ କାହାଣୀ ପଠାଇଛୁ । ମାତ୍ର ଏଗୁଡ଼ିକର ପ୍ରକାଶନରେ ବହୁ ବାଧା ଆସିଛୁ । ସମ୍ପାଦକମାନେ କାହାଣୀ ଫେରାଇ ଦେଇ ଲେଖିଛନ୍ତି-'କାହାଣୀ ବହୁତ ଉଚ୍ଚକୋଟୀର, କିନ୍ତୁ ଏଗୁଡ଼ିକ ମାଲିକମାନଙ୍କୁ ଭଲ ଲାଗିବ ନାହିଁ, ସେଥିନେଇ ଫେରାଇ ଦେବାକୁ ବାଧ୍ୟ ହେଲୁ ?' (ପୃଷ୍ଠା-୭)

ଏହାହିଁ ହେଲା ଯଶପାଲଙ୍କ କାହାଣୀମାନଙ୍କର ଫଳକ । ଏଗୁଡ଼ିକରେ ଲେଖକ ପ୍ରକୃତ ଯଥାର୍ଥବାଦ, କଳ୍ପନା ଏବଂ ଜ୍ଞାନ ବିଗ୍ରହଧାରାର ତ୍ରିବେଣୀ ପ୍ରବାହିତ କରିଛନ୍ତି । ଏ ତିନୋଟିଯାକର ସନ୍ତୁଳନ ରକ୍ଷିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିଛନ୍ତି । କିନ୍ତୁ କେଉଁଠି କେଉଁଠି ସେଗୁଡ଼ିକରେ ଶିଳ୍ପଗତ ଅଭାବ ଦେଖା ଦେଇଛି । ତଥାପି ଏ ସମ୍ବନ୍ଧରେ ଯଶପାଲଙ୍କ ଧାରଣା ସର୍ବଦା ସ୍ପଷ୍ଟ । ସେଥିପାଇଁ ସେ କେବେ ଅନ୍ଧୁଆରେ ପଡ଼ିନାହାନ୍ତି ଅଥବା ଭ୍ରମର ଶିକାର ହୋଇନାହାନ୍ତି । ଉଦାହରଣ ଦୃଷ୍ଟିରୁ ଯଥାର୍ଥ ଓ କଳ୍ପନାର ସମ୍ପର୍କ ସମ୍ବନ୍ଧରେ ତାଙ୍କ ମତ ଯେ – 'ଆମ କଳ୍ପନାର ଆଧାର ହେଉଛି ଜୀବନର ପ୍ରକୃତ ବାସ୍ତବତା । ଏଣୁ କଥା-କାହାଣୀ ପାଇଁ କଳ୍ପନାର ବି ମହତ୍ତ୍ୱ ଅଛି । ଆମ କଳ୍ପନା ଅତୀତର ସୁଖ-ଦୁଃଖ ଜନିତ ଅନୁଭୂତିର ଚିତ୍ର ପ୍ରସ୍ତୁତ କରି ଆନନ୍ଦ ଦେବାକୁ ଚାହେଁ ଅଥବା ଆଦର୍ଶ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସମାଜ ପାଇଁ ନବୀନ ଦୃଷ୍ଟିକୋଣ ସୃଷ୍ଟି କରିବାକୁ ଯତ୍ନ କରେ । (ପିଞ୍ଜରେ କା ଉଡ଼ାନ, ପୃ-୪)

ଯଶପାଳ ନିଜଦ୍ୱାରା ଲିଖିତ କାହାଣୀମାନଙ୍କରେ ଅତି ଯଥାର୍ଥବାଦକୁ ସ୍ଥାନ ଦେଇଛନ୍ତି ଏବଂ ଅତୀତ ଗର୍ଭରୁ ଶୋଷିତ-ପୀଡ଼ିତ ଜନତା ଉପରେ କରାଯାଉଥିବା ଅନ୍ୟାୟ-ଅତ୍ୟାଚାରକୁ ପଦାରେ ପକାଇବାକୁ ଚେଷ୍ଟା କରିଛନ୍ତି । ଐତିହାସିକ ଜ୍ଞାନ ଓ ଅନୁଭୂତିକୁ ଜୀବନ ଦେବା ପାଇଁ କଳ୍ପନାର ସାହାଯ୍ୟ ନେଇଛନ୍ତି ଓ କଳ୍ପନା ସାହାଯ୍ୟରେ ଭବିଷ୍ୟତ ସମାଜର ନକ୍ସା ତିଆରି କରିଛନ୍ତି; ମାତ୍ର ଏ କଳ୍ପନା ତାଙ୍କ ଦ୍ୱାରା ସ୍ୱୀକୃତ ଆଦର୍ଶର, ମାର୍କ୍ସବାଦଦ୍ୱାରା ପ୍ରେରିତ ପ୍ରେରଣାର । ଅନେକବାର ତାଙ୍କର କାହାଣୀଗୁଡ଼ିକ ମାର୍କ୍ସବାଦଦ୍ୱାରା ପ୍ରଭାବିତ ବୋଲି ଆକ୍ଷେପ କରାଯାଇଛି । ଆକ୍ଷେପର ଉତ୍ତର ଦେଇ ସେ କହିଛନ୍ତି—'ମୋ କାହାଣୀଗୁଡ଼ିକ ମାର୍କସବାଦଦ୍ୱାରା ପ୍ରଭାବିତ ହୋଇପାରେ, କିନ୍ତୁ ମୁଁ କେବେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ନଥିଲି । ତା'ପ୍ରତି ମୋର ସହାନୁଭୂତି ରହିଛି । ମୋ କାହାଣୀମାନଙ୍କର ପ୍ରଧାନ ଆଧାର ହେଲା ପ୍ରୟୋଜନୀୟତା । (ସଙ୍କେତ-ଡ. ଉପେନ୍ଦ୍ରନାଥ ଅଶ୍କ,ପୃଷ୍ଠା-୪୧୧) । ନିର୍ଦ୍ଦିଷ୍ଟ ବିଗ୍ରହଧାରା ଉପରେ ଯଶପାଲ କେବେ ବିଶ୍ୱାସ କରନ୍ତି ନାହିଁ । ଆର୍ଯ୍ୟସମାଜ, ଆତଙ୍କବାଦ ଏବଂ ପରିଶେଷରେ ମାକସବାଦ ଆଡ଼କୁ ଗତି କରିଛନ୍ତି ସେ । ତାଙ୍କ କାହାଣୀମାନଙ୍କରେ ଯେଉଁଠି ମାର୍କସବାଦର ପ୍ରଭାବ ପରିଲକ୍ଷିତ ହୁଏ, ସେଠି ବସ୍ତୁତଃ କଳ୍ପନା ଶକ୍ତିର ଅଭାବ

ଦେଖାଯାଏ । ସେଠି ସେ ସରଳୀକୃତ ନିଷ୍କର୍ଷରେ ଦବି ଯାଆନ୍ତି ଓ ମଧ୍ୟବର୍ଗୀୟ ଚେତନା ପ୍ରଭାବଶାଳୀ ହୋଇପଡ଼େ । ଯେଉଁଠି ସେ ନିଜ ଅନୁଭୂତିକୁ ଜୀବନ୍ତ ସତ୍ୟର ରୂପ ଦିଅନ୍ତି ନାହିଁ ସେଠି ଏ ପ୍ରକାର ତ୍ରୁଟି ବା ଅଭାବ ଦେଖାଯାଏ । କୌଣସି ବିଚାରଧାରାଦ୍ୱାରା ପ୍ରଭାବିତ ହେବାର ଦ୍ୱିତୀୟ କାରଣ ହୋଇପାରେ, ଯଶପାଳଙ୍କୁ ପ୍ରଥମେ କୌଣସି ରଚନା ପାଇଁ ଆଇଡ଼ିଆ ମିଳିଗଲେ ତଦନୁସାରେ ସେ ଚରିତ୍ର ଖୋଜନ୍ତି ଅଥବା ସୃଷ୍ଟି କରନ୍ତି, ସମସ୍ତ ସମୟରେ ଏଭଳି କାହାଣୀରେ ତାଙ୍କ ଆଇଡ଼ିଆ ଚରିତ୍ର ସହିତ ମିଶିପାରେ ନାହିଁ । ଏ ଧରଣର ବିଚ୍ୟୁତି ତାଙ୍କର କେତେକ କାହାଣୀରେ ଅବଶ୍ୟ ଦେଖାଯାଏ, ମାତ୍ର ସର୍ବତ୍ର ନୁହେଁ । ଯେତେବେଳେ ସେ ଚରିତ୍ରମାନଙ୍କରେ ବିଚାରର ଅନ୍ୱେଷଣ କରନ୍ତି, ସେତେବେଳେ ସେ ଚରିତ୍ରଗୁଡ଼ିକ ସମାଜର ପ୍ରତିନିଧି ହୋଇପଡ଼ନ୍ତି । ଉଦାହରଣ ସ୍ୱରୂପ 'ସତ୍ୟକା ଦ୍ୱନ୍ଦ୍ୱ', ଏବଂ 'ତୁମନେ କ୍ୟୁଁ କହାଥା ମୈଂ ସୁନ୍ଦର ହୁଁ' ।

'ସତ୍ୟକା ଦ୍ୱନ୍ଦ୍ୱ' କାହାଣୀରେ ପୁରୁଷୋତ୍ତମ ଦାସ ଟଣ୍ଡନଙ୍କ ବ୍ୟକ୍ତିତ୍ୱ କେନ୍ଦ୍ରବିନ୍ଦୁ ହୋଇଛି । ଏ କାହାଣୀ ଜଣେ କଂଗ୍ରେସ ନେତାଙ୍କର ଛଦ୍ମରୂପ ପ୍ରକାଶିତ କରୁଛି । ଦ୍ୱିତୀୟ ହେଲା, ଅଶ୍କଜୀଙ୍କଦ୍ୱାରା କୁହାଯାଇଥିବା ସତ୍ୟ ଘଟଣା ଉପରେ ଆଧାରିତ କାହାଣୀ । ଉଲ୍ଲେଖନୀୟ କଥା ହେଲା, ନିଜ ଅଙ୍ଗେ ଲିଭାଇଥିବା ଘଟଣା ଉପରେ ଅଶ୍କଜୀ 'ବେଦସୀ' ନାମକ କାହାଣୀ ଲେଖିଲେ ଓ ଶୁଣିଥିବା ଘଟଣାକୁ ନେଇ ଯଶପାଳ 'ସତ୍ୟ କା ଦ୍ୱନ୍ଦ୍ୱ' ଲେଖିଲେ । ଦୁଇଟିଯାକ କାହାଣୀରେ ଯେଉଁ ଭିନ୍ନତା ଦେଖାଯାଏ, ତାହା ଦୁହିଁଙ୍କର କଳାଗତ କୁଶଳତାର ଭିନ୍ନତା । ଯଶପାଳଙ୍କ କାହାଣୀରେ କୌଣସି ବିଚାର ବ୍ୟକ୍ତ ହେଉଥିବାବେଳେ, ଅଶ୍କଜୀଙ୍କ କାହାଣୀରେ ଘଟଣାର ସ୍ୱାଭାବିକ ରୂପ ଦେଖାଯାଏ । ଅବଶ୍ୟ ଏହା ହୃଦୟର ଅନ୍ତରତମ ସ୍ଥଳକୁ ସ୍ପର୍ଶ କରିପାରେ ନାହିଁ ।

ଯଶପାଳ ନିଜ ଜୀବନକାଳରେ ବହୁ ଯାତ୍ରା କରିଛନ୍ତି, ଦେଶବିଦେଶ ବୁଲିଛନ୍ତି । ଏଣୁ ତାଙ୍କ କାହାଣୀମାନଙ୍କରେ ସ୍ଥାନ, ନାମ ଏବଂ ସ୍ଥିତିର ପରିଧି ବହୁତ ବିସ୍ତୃତ । ଭ୍ରମଣ କାହାଣୀ ଓ ସ୍ମୃତିକଥା ସେ ଅନେକ ଲେଖିଛନ୍ତି । ତାଙ୍କ କାହାଣୀଗୁଡ଼ିକ ପ୍ରକୃତି ବର୍ଣ୍ଣନା ଓ ପାତ୍ରମାନଙ୍କର ବିଭିନ୍ନ ଚରିତ୍ରାଙ୍କନରେ ବିଶେଷ ରୁଚିମନ୍ତ । ଉଦାହରଣ ସ୍ୱରୂପ 'ସଚ ବୋଲନେ କୀ ଭୂଲ' କାହାଣୀରେ ଯଶପାଳ ଉତ୍ତରାଞ୍ଚଳର ପାହାଡ଼ ଯାତ୍ରାର ବର୍ଣ୍ଣନା କରିଛନ୍ତି । ପାହାଡ଼ୀ ଲୋକଙ୍କ ଶରୀର କଠୋର ହେଲେ ବି ତାଙ୍କ ହୃଦୟ କେତେ କୋମଳ ତାହା ବର୍ଣ୍ଣନା କରାଯାଇଛି । ମାତ୍ର ବର୍ତ୍ତମାନ ସହରର ସଭ୍ୟ ଲୋକଙ୍କ ପାଲରେ ପଡ଼ି ପ୍ରତାରଣାର ଶିକାର ହୋଇ ସେମାନେ କପଟ କଠୋର ହୋଇପଡ଼ିଛନ୍ତି ତା' ଦେଖାଇ ଦିଆଯାଇଅଛି । ତାଙ୍କର ଏହି ପରିବର୍ତ୍ତିତ

ଏ କାହାଣୀରେ ଖୁବ୍ ମାର୍ମିକ ଢଙ୍ଗରେ ଆତ୍ମପ୍ରକାଶ କରିଛି । ତାଙ୍କର ଏ ପ୍ରକାରର ଅନେକ କାହାଣୀ ରହିଛି । ବସ୍ତୁତଃ ଯଶପାଲ ଜଣେ ଯଶସ୍ୱୀ କଥାଶିଳ୍ପୀ । କଲମର କାରିଗର ସେ । ଆଜୀବନ କଲମ ରୂପୀ ବଟାଳିରେ ହାଣିଛନ୍ତି ଏବଂ ଗଢ଼ିଛନ୍ତି ଚରିତ୍ର ରୂପକ ମୂର୍ତ୍ତିଗୁଡ଼ିକୁ । ସାମନ୍ତବାଦ ଓ ପୁଞ୍ଜିବାଦର ପତନଦ୍ୱାରା ସମାଜବାଦୀ ଆଧୁନିକତା ଆଣିବାର ପ୍ରୟାସ ସର୍ବଦା କରି ଆସିଛନ୍ତି ।

# ଉପନ୍ୟାସ ଲେଖକ ରୂପେ

ଯଶପାଲଙ୍କ ଜୀବନର ଅଧିକାଂଶ ଭାଗ ଲେଖକ ଭାବରେ କଟିଛି । ଲେଖକ ହିସାବରେ ବିଶେଷ କରି ସେ କାହାଣୀ ଓ ଉପନ୍ୟାସ ଲେଖିଛନ୍ତି । ତାଙ୍କର ପ୍ରକାଶିତ ଉପନ୍ୟାସ ସଂଖ୍ୟା ଏଗାର । ସେଗୁଡ଼ିକ ହେଲା—ଦାଦା କାମ୍‌ରେଡ୍ (୧୯୪୧), ଦେଶଦ୍ରୋହୀ (୧୯୪୩), ଦିବ୍ୟା (୧୯୪୫), ପାର୍ଟୀ କାମ୍‌ରେଡ଼୍ (୧୯୪୬), ମନୁଷ୍ୟ କେ ରୂପ (୧୯୪୯), ଅମିତା (୧୯୫୬), ଝୁଠା ସଚ (୧୯୫୮ ପ୍ରଥମ ଭାଗ), ଝୁଠା ସଚ (୧୯୬୦ ଦ୍ୱିତୀୟ ଭାଗ), ବାରହ୍ ଘଣ୍ଟେ (୧୯୬୩), ଅପ୍‌ସରା କା ଶାପ୍ (୧୯୬୫), କେୟୋଁ ଫସେ (୧୯୬୯), ମେରୀ ତେରୀ ଉସ୍‌କୀ ବାତ୍ (୧୯୭୫) ।

ଯଶପାଲଙ୍କ ପ୍ରଥମ ଉପନ୍ୟାସ ହେଲା— ଦାଦା କାମ୍‌ରେଡ୍ । ଏହା ରାଜନୀତିକ କଥାବସ୍ତୁ ଉପରେ ଆଧାରିତ । ଆତଙ୍କବାଦରୁ ମୁକ୍ତ ମାର୍କସବାଦ ଉପରେ ଆସ୍ଥା ପୋଷଣର ଚିତ୍ର ଏଥିରେ ପ୍ରତିଫଳିତ । ଲେଖକଙ୍କର ଆତଙ୍କବାଦୀ ସହଯୋଗୀ ବନ୍ଧୁମାନେ ମଧ୍ୟ ଅଛନ୍ତି ଏଥିରେ । ଏହା ଭାରତୀୟ ରାଜନୀତିରେ ଆତଙ୍କବାଦର ପ୍ରାମାଣିକ ଇତିହାସ । କ୍ରାନ୍ତିକାରୀମାନେ ଅହିଂସା-ରାଜନୀତି ଉପରେ ବିଶ୍ୱାସ କରୁନଥିଲେ । ସେମାନେ ଆତଙ୍କ ସୃଷ୍ଟି କରି ଇଂରେଜମାନଙ୍କୁ ତଡ଼ିବାକୁ ଚାହୁଁଥିଲେ । ସେମାନଙ୍କ ସଂଗଠନରେ ଅବଶ୍ୟ କେତେ ତ୍ରୁଟି ଥିଲା, ମାତ୍ର ସେମାନଙ୍କର ଅଦ୍ଭୁତ ସାହସ ଓ ନିଷ୍ଠାର ପ୍ରଶଂସା ନ କରି ରହିହେବ ନାହିଁ । ଏଥିରେ ଦୁଇଟିଯାକ ଦଳର ରେଖାଙ୍କନ ହୋଇଛି । କ୍ରାନ୍ତିକାରୀମାନଙ୍କ ଗୁପ୍ତ ଗତିବିଧିର ରୋମାଞ୍ଚକର ବୃତ୍ତାନ୍ତ ରୂପାୟିତ ହୋଇଛି । ଉପନ୍ୟାସର ଦାଦା ହେଉଛନ୍ତି ଚନ୍ଦ୍ରଶେଖର ଆଜାଦ ଆଉ କମ୍ରେଡ୍ ହେଉଛନ୍ତି ସ୍ୱୟଂ ଯଶପାଲ । ଚନ୍ଦ୍ରଶେଖର ସଂପୂର୍ଣ୍ଣ ଆତଙ୍କବାଦ ଉପରେ ବିଶ୍ୱାସ କରୁଥିଲେ । କ୍ରାନ୍ତି ଆଣିବା ପାଇଁ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ଡକାଇତି କରୁଥିଲେ । କିନ୍ତୁ କାମ୍‌ରେଡ୍ ଶ୍ରମିକମାନଙ୍କ ମଧ୍ୟରେ ସଂଗଠନ ଆଣିବା ପାଇଁ ନିଜକୁ ନିୟୋଜିତ କରିଥିଲେ । ଶୈଳ, ରବର୍ଟ ଆଦିଙ୍କ ସହଯୋଗରେ ପୁଞ୍ଜିବାଦ

ବିରୋଧରେ ଛିଡ଼ା ହେବାକୁ ପ୍ରସ୍ତୁତ ହେଉଥିଲେ । କାନ୍ତିକାରୀମାନଙ୍କୁ ପ୍ରେରଣା ଦେଉଥିଲେ କ୍ରାନ୍ତି ପାଇଁ । ସେ ବୈଜ୍ଞାନିକ ପଦ୍ଧତିରେ ଅମରନାଥ, ଗିରଧାରୀ ଲାଲ, ଶୈଳର ପିତା, ଅଖ୍‌ତର, ତା'ର ସ୍ତ୍ରୀ ଓ ଜମୀଲ୍ ଇତ୍ୟାଦିଙ୍କ ଚରିତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଥିଲେ । ଉପନ୍ୟାସର ଅଧ୍ୟାୟମାନଙ୍କର ନାମକରଣ କରିଥିଲେ ଦୁବିଧା କୀ ରାତ୍, ନୟେ ଢଙ୍ଗ୍ କୀ ଲଡ଼୍‌କୀ, ଓ୍ୱାନ ରୂପ୍, ମନୁଷ୍ୟ, ଗୃହସ୍ଥ, ସୁଲତାନ କୀ ତରହ୍ ।

କଥାବସ୍ତୁର ଦ୍ୱିତୀୟପକ୍ଷ ହେଲା, ସ୍ତ୍ରୀ-ପୁରୁଷ ସମ୍ପର୍କୀୟ ନୈତିକତା ଉପରେ ଆଘାତ କରିବା । ଶୈଳ ଅବିବାହିତା ହେଲେ ମଧ୍ୟ ଖନ୍ନା, ବି. ଏମ୍. ରାବର୍ଟ ଓ ହରୀଶ ସହିତ ଶାରୀରିକ ସମ୍ବନ୍ଧ ରଖିଛି । କେବଳ ଜୀବ-ଶାସ୍ତ୍ରୀୟ ଆବଶ୍ୟକତାର ପୂରଣ ପାଇଁ ପ୍ରେମିକର ଅଧିକାର ଭାବନାକୁ ସେ ଅସ୍ୱୀକାର କରୁଛି । ହରୀଶ ପ୍ରଥମେ କ୍ରାନ୍ତିକାରୀ ଭାବନାରେ ପୂର୍ଣ୍ଣ ପ୍ରାଣରେ ପ୍ରସ୍ତୁତ ହୋଇଥିବା ଯୋଗୁ ସ୍ତ୍ରୀମାନଙ୍କ ସହ ଶାରୀରିକ ସମ୍ବନ୍ଧ ନ ରଖିବାର ପ୍ରତିଜ୍ଞା କରୁଛି, ସେହିପରି ଆଚରଣ ମଧ୍ୟ ଦେଖାଉଛି । ପ୍ରଥମେ ଶୈଳ ପ୍ରତି ନିର୍ଲିପ୍ତ ରହୁଛି । ମାତ୍ର ଶୈଳ ତା' ପ୍ରତି ଆକୃଷ୍ଟ ହେଉଛି । ପରେ ହରୀଶ କେବଳ ତାକୁ ଚାହୁଁନାହିଁ ବରଂ କାମାତୁର ହୋଇ ତାକୁ ନିରାଭରଣା ରୂପେ ଦେଖିବାକୁ ଚାହୁଁଛି । ସେ ନିରାଭରଣା ହେଉଛି ଏବଂ ତା'ସହ ଶାରୀରିକ ସମ୍ପର୍କ ଫଳରେ ଗର୍ଭବତୀ ହେଉଛି । ହରୀଶ ଫାଶି ପାଇଲେ ମଧ୍ୟ ଶୈଳ ଗର୍ଭନଷ୍ଟ କରୁନି । ଉପନ୍ୟାସରେ ଯଶୋଦା ଓ ଅମରନାଥର ଦାମ୍ପତ୍ୟ ଏବଂ ହରୀଶ ପ୍ରତି ନୈନସୀ ପ୍ରେମାତୁର ହେବାର ପ୍ରସଙ୍ଗ ମଧ୍ୟ ଆସୁଛି । କଥା ଆରୋହ-ଅବରୋହ ଦେଇ ଗତି କରି ଚାଲିଛି । ଶ୍ରମିକ ବସ୍ତିର ଅଖ୍‌ତର ପରିବାରର ଅଲଗା ଗୋଟିଏ କାହାଣୀ । ଶୈଳର ପ୍ରେମ ସମ୍ବନ୍ଧରେ ବର୍ତ୍ତମାନ ପ୍ରଶ୍ନ ଉଠିପାରେ—'କଣ ମନୁଷ୍ୟର ସ୍ନେହ କେବଳ ଜଣକ ପ୍ରତି ହେବା ଆବଶ୍ୟକ ?' (ଦାଦା କାମ୍‌ରେଡ୍, ପୃ-୧୦୯)

ଲେଖକ ଯୌନ ସମ୍ବନ୍ଧର ସ୍ୱାଭାବିକତାକୁ ଦେଖାଇବାକୁ ଯାଇ ଅଶ୍ଳୀଳତାର ସୀମା-ଲଙ୍ଘନ କରିଛନ୍ତି । ଯାହାକୁ ଉପନ୍ୟାସର ତ୍ରୁଟି କୁହାଯାଇପାରେ । ଏଥିରୁ ଜଣାଯାଏ ଯେ ଫ୍ରୟେଡ୍‌ଙ୍କର ବିଶେଷ ପ୍ରଭାବ ତାଙ୍କ ଉପରେ ନ ପଡ଼ିଥିଲେ ବି ତାହା କିଛି ମାତ୍ରାରେ ଆସିଯାଇଛି । ଉପନ୍ୟାସରେ ଚରିତ୍ରଗୁଡ଼ିକର ମାନସିକ ଘାତ-ପ୍ରତିଘାତର ବିଶ୍ଳେଷଣରେ ମନୋବୈଜ୍ଞାନିକ ଗମ୍ଭୀରତା ପରିଲକ୍ଷିତ ହୁଏ ନାହିଁ । ଏଣୁ କେତେକ ସ୍ଥାନରେ ବିଚାରଗୁଡ଼ିକ ବକ୍ତବ୍ୟ ପରି ମନେହୁଏ । ଅନେକ କଥା ଅନାବଶ୍ୟକ ପରି ଜଣାପଡ଼େ । ଏ ସମସ୍ତ ତ୍ରୁଟି-ବିଚ୍ୟୁତି ସତ୍ତ୍ୱେ ତତ୍କାଳୀନ ପରିବେଶ ଓ ରାଜନୈତିକ ଚେତନାର ଅନୁଧ୍ୟାନ ଦୃଷ୍ଟିରୁ ଏହାର ମହତ୍ତ୍ୱ କିଛି କମ୍ ନୁହେଁ ।

'ଦେଶଦ୍ରୋହୀ' ଲେଖକଙ୍କର ଦ୍ୱିତୀୟ ରାଜନୀତିକ କୃତି । ଏହା ୧୯୪୮ର ରାଷ୍ଟ୍ରୀୟ ଘଟଣାମାନଙ୍କୁ ନେଇ ଲେଖାଯାଇଛି । ସେତେବେଳେ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ଦ୍ୱନ୍ଦ୍ୱ ଚାଲିଥାଏ ଏବଂ ବାହାରେ ଫାସିଷ୍ଟ ଓ ସୋଭିଏତ୍ ସଂଘର ନେତୃତ୍ୱରେ ମିତ୍ରରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧ ଲାଗିଥାଏ । ଏହି ପରିବେଶକୁ ନେଇ ଉପନ୍ୟାସର ସୃଷ୍ଟି । ଏହାର ଦୁଇଟି ମୁଖ୍ୟ କଥାବସ୍ତୁ । ଗୋଟିଏ ହେଲା ରାଜନୀତି ଓ ଅନ୍ୟଟି ହେଲା ପ୍ରେମ । ଦୁଇଟିଯାକୁ ଯଶପାଲ ବଡ଼ କଳାତ୍ମକ ଢଙ୍ଗରେ ଯୋଡ଼ିଛନ୍ତି ଏବଂ କଥାକୁ ବିକଶିତ କରିଛନ୍ତି ।

ଦିଲ୍ଲୀ ରାଜନୀତିର କେନ୍ଦ୍ରସ୍ଥଳୀ । ଏଣୁ ଉପନ୍ୟାସର କଥାସୂତ୍ର ସେହିଠାରୁ ବାହାରିଛି । ଏହାର ମୁଖ୍ୟପାତ୍ର ହେଉଛନ୍ତି ଖନ୍ନା, ସେ ମିଲେଟାରୀ ଡାକ୍ତର । ରାଜସ୍ଥାନର ବଜୀର ଲୋକଙ୍କଦ୍ୱାରା ଅପହୃତ ହୋଇ ସେଠି ବର୍ଷେ କାଳ ରହିବା ପରେ ସେ ରୁଷ୍ ଯାତ୍ରା କରୁଛନ୍ତି । ସେଠୁ ଫେରି ସେ ଶ୍ରମିକମାନଙ୍କସହ କାମ କରୁଛନ୍ତି । ଯାତ୍ରା କଲାବେଳେ ଦେଖାଦେଇଛି ତାଙ୍କର ବାସନାପ୍ରବୃତ୍ତି । ପ୍ରଥମେ ଲେଖକ ବଜୀରମାନଙ୍କ ଜୀବନ-ଯାତ୍ରାର ବର୍ଣ୍ଣନା କରିଛନ୍ତି । ଇଂରେଜ ଜାତିପ୍ରତି ସେମାନଙ୍କ ମନରେ ଥିବା ଘୃଣା ଏବଂ ତାଙ୍କର ସନ୍ତୋଷମୟ ଜୀବନର ଚିତ୍ର ଦେଇଛନ୍ତି । ପଠାଣ ସୁନ୍ଦରୀମାନଙ୍କର ସ୍ୱାଭାବିକ ଯୌନ-ଇଚ୍ଛା ପରିପ୍ରକାଶ କରିବା ସଙ୍ଗେସଙ୍ଗେ ଏ ପରିବେଶର ଯଥାର୍ଥ ଉପଭୋଗ କରିଥିବା ଡାକ୍ତର ଖନ୍ନାର ଚରିତ୍ରାଙ୍କନ କରିଛନ୍ତି । ଖନ୍ନାର ଧାରଣା ଯେ ଜୀବନ ଗୋଟିଏ ଢାଞ୍ଚାରେ ଗଢ଼ି କରେନି । ନୈତିକତାର ନିୟମ ମଧ୍ୟ ସାର୍ବଭୌମିକ ଓ ସାର୍ବକାଳିକ ନୁହେଁ । ଦିଲ୍ଲୀ-ଆଗ୍ରା ଏବଂ ଏ ଜାଗାରେ ମଧ୍ୟ ବହୁ ବୈଷମ୍ୟ ଦେଖାଯାଏ । ବଜୀରମାନେ ଖନ୍ନାଙ୍କୁ ମୁସଲମାନ କରି ନେଇଥିଲେ ବି ତାଙ୍କ ମନରେ କୌଣସି ପରିବର୍ତ୍ତନ ଦେଖାଦେଇନି । ଉପନ୍ୟାସରେ ଖନ୍ନାର ଆତ୍ମମନ୍ଥନ କରାଯାଇଛି । ତାଙ୍କ ମନ ମଧ୍ୟବର୍ଗୀୟ ସଂସ୍କାରକୁ ଛିନ୍ନ କରିଛି । ତାଙ୍କ ମନରେ ପ୍ରଶ୍ନ ଉଠିଛି—'ଆମ ସେଠାର ସ୍ତ୍ରୀମାନେ ଯେପରି ପତିମାନଙ୍କ ପାଇଁ ଆତ୍ମସମର୍ପଣ କରିବାକୁ ବ୍ୟାକୁଳ, ସେପରି କ'ଣ ବଜୀର ସ୍ତ୍ରୀମାନେ କରନ୍ତି ? ଆମ ସ୍ତ୍ରୀମାନଙ୍କଠାରୁ ବଜୀର ସ୍ତ୍ରୀମାନେ କ'ଣ ଅନ୍ୟପ୍ରକାରର ? ଯେଉଁମାନେ ଦିଲ୍ଲୀ ଓ ଆଗ୍ରାର ଗଳିକନ୍ଦିରେ ଜନ୍ମ ନେଉଛନ୍ତି, ସେମାନେ ତ୍ୟାଗମୟୀ, ସେବାପରାୟଣା, ପତିବ୍ରତା ଏବଂ ପାହାଡ଼ ଅଞ୍ଚଳରେ ଜନ୍ମ ନେଉଛନ୍ତି ବୋଲି କ'ଣ ଏମାନେ ସ୍ୱାର୍ଥୀ, କ୍ରୂର ଏବଂ କୁଳଟା ?' (ଦେଶଦ୍ରୋହୀ, ପୃ. ୪୯)

ଡାକ୍ତର ଖନ୍ନାଙ୍କ ମୃତ୍ୟୁ ହୋଇଛି ବୋଲି ତାଙ୍କର ଘରେ ଖବର ପହଞ୍ଚିଛି । ତାଙ୍କ ସ୍ତ୍ରୀ ଶ୍ରୀମତୀ 'ରାଜଦୁଲାରୀ' ଏ ଖବର ପାଇ ଦୁଃଖିତା । ମାତ୍ର ନିଜ ଜୀବନକୁ ସ୍ଥିରଖୀର ନକରି କଂଗ୍ରେସ ନେତା 'ବଦ୍ରୀବାବୁ'ଙ୍କୁ ପୁନର୍ବିବାହ କରୁଛନ୍ତି ।

ଖନ୍ନା ଘରକୁ ଫେରି ବ୍ୟସ୍ତ ହେଉଛନ୍ତି । କିନ୍ତୁ ରାଜଦୁଲାରୀର ନିଷ୍ପତ୍ତିକୁ ତାଙ୍କୁ ବାଧ୍ୟ ହୋଇ ସ୍ୱୀକାର କରିବାକୁ ପଡ଼ୁଛି । ପୁଣି 'ଚନ୍ଦ୍ରା' ସହିତ ତାଙ୍କର ସମ୍ବନ୍ଧ ସ୍ଥାପିତ ହୋଇଛି । ତାଙ୍କର ଧାରଣା ଯେ ପୁରୁଷର ବଂଶରକ୍ଷାପାଇଁ ସନ୍ତାନୋତ୍ପତ୍ତି କରିବା ବ୍ୟତୀତ ସ୍ତ୍ରୀର ନିଜ ବ୍ୟକ୍ତିତ୍ୱ ଏବଂ ସନ୍ତୋଷର ମଧ୍ୟ କିଛି ମହତ୍ତ୍ୱ ଅଛି । ଯେଉଁ ଘରେ ନିଜର କୌଣସି ମହତ୍ତ୍ୱ ନାହିଁ, ନିଜ ଇଚ୍ଛାର କୌଣସି ମୂଲ୍ୟ ନାହିଁ, ସେ ଘର ନିଜର ନୁହେଁ, ସେଠି ତୁମେ ଏକ ବସ୍ତୁ ମାତ୍ର । (ସେହି ପୃଷ୍ଠା ୨୪୦)

ଚନ୍ଦ୍ରା ସ୍ତ୍ରୀ ଭାବରେ ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ସର୍ବଦା ସଂଘର୍ଷରତା । ଉପନ୍ୟାସର ଏ ଦିଗ ରୋମାଣ୍ଟିକ ବୃତ୍ତାନ୍ତରେ ପରିପୂର୍ଣ୍ଣ । କିନ୍ତୁ ସେଥିରେ ବର୍ଜିତ ବିଷୟକୁ ନ ଆଣିବାକୁ ଲେଖକ ଖୁବ୍ ଚେଷ୍ଟା କରୁଛନ୍ତି । ସାଂପ୍ରଦାୟିକତାଠାରୁ ଦୂରରେ ରହିବାର ଚେଷ୍ଟା ମଧ୍ୟ କରାଯାଇଛି । ଏହାଫଳରେ ମନରେ ସ୍ୱତଃ ସନ୍ଦେହ ଉଠେ ଯେ ଲେଖକଙ୍କର ଉଦ୍ଦେଶ୍ୟ କ'ଣ ? ଏଥି ସଙ୍ଗେ-ସଙ୍ଗେ ଯୌନପ୍ରସଙ୍ଗର ଅରାଜକତା ମଧ୍ୟ ଦେଖାଦେଇଛି । ଏହା ସତ୍ତ୍ୱେ ବି ସବୁକିଛି ରାଜନୀତି ଆଡ଼କୁ ଗଡ଼ିଚାଲିଛି । 'ଦେଶଦ୍ରୋହୀ'ର ରାଜନୀତିକ ପକ୍ଷ ଅତ୍ୟନ୍ତ ରୁଚିକର । ମାତ୍ର ସବୁପାତ୍ର ନିଜ ନିଜର ବ୍ୟକ୍ତିଗତ ସମସ୍ୟା ସହିତ ଆତ୍ମସଂଘର୍ଷ କରି ଚାଲିଛନ୍ତି ଏବଂ ଜାତୀୟ ରାଜନୀତିକ ପ୍ରଶ୍ନ ଉପରେ ସଂଘର୍ଷ ଜାରି ରଖିଛନ୍ତି । ଲମ୍ବା-ଲମ୍ବା ତର୍କ ଚାଲିଛି । ବଦ୍ରୀବାବୁ ଗାନ୍ଧିବାଦୀ, ଶିବନାଥ କଂଗ୍ରେସର ସମାଜବାଦୀ ଏବଂ ଡାକ୍ତର ଖନ୍ନା କମ୍ୟୁନିଷ୍ଟ । ଶେଷରେ ଲେଖକ କମ୍ୟୁନିଷ୍ଟ ରାଜନୀତିକୁ ଉଚିତ୍ ମନେକରୁଛନ୍ତି । ତର୍କର ପ୍ରକ୍ରିୟା ଅତ୍ୟନ୍ତ ସାର୍ଥକ ଏବଂ ବୈଜ୍ଞାନିକ ହୋଇଛି । ଖନ୍ନାଙ୍କ ମାଧ୍ୟମରେ ତତ୍କାଳୀନ ରାଜନୀତିରେ କମ୍ୟୁନିଷ୍ଟ ସ୍ଥିତିର ତାର୍କିକ ବିଶ୍ଳେଷଣ ବି କରାଯାଇଛି ।

'ଦେଶଦ୍ରୋହୀ'ରେ ପ୍ରେମ ଓ ରାଜନୀତିର ମିଶ୍ରଣ ବରାବର ଦେଖାଯାଏ । ପ୍ରେମ-ପ୍ରସଙ୍ଗବେଳେ ଲେଖକଙ୍କର ଆବେଶ ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠିଛି, ପ୍ରଭାବ-ଦୃଷ୍ଟିରୁ ମଧ୍ୟ । ଏଥିପାଇଁ ଲେଖକଙ୍କୁ ଆଲୋଚକମାନେ ଆକ୍ଷେପ କରିଛନ୍ତି । ଏହା ତାଙ୍କର ଦୁର୍ବଳତା ହୋଇପାରେ, କିନ୍ତୁ ସେ ନିଜର ଉଦ୍ଦେଶ୍ୟ କେବେ ଭୁଲି ନାହାନ୍ତି । ଉଦ୍ଦେଶ୍ୟ ରକ୍ଷା ପାଇଁ ସେ ବେଳେବେଳେ ଔଚିତ୍ୟବୋଧକୁ ଭୁଲିଯାଇଛନ୍ତି ଅବଶ୍ୟ । ଉପନ୍ୟାସର 'ପରିଚୟ'ରେ ଯଶପାଲ ନିଜର ଅଭିପ୍ରାୟ ସମ୍ବନ୍ଧରେ ଲେଖିଛନ୍ତି ଯେ—'କଳାକାର ହିସାବରେ ଲେଖକର ସମସ୍ତ ଚେଷ୍ଟାର ସାର୍ଥକତା ସମାଜର ଅନ୍ୟ ଶ୍ରମିକମାନଙ୍କ ପରି କିଛି ଉପଯୋଗିତା ସୃଷ୍ଟି କରିବା ପାଇଁ ହେବା ଉଚିତ' ।

କାଳକ୍ରମ ଦୃଷ୍ଟିରୁ 'ଦିବ୍ୟା' ଯଶପାଳଙ୍କର ତୃତୀୟ ଉପନ୍ୟାସ । କିନ୍ତୁ ତା'ର କଥାବସ୍ତୁ ପ୍ରାଥମିକ ଉପନ୍ୟାସମାନଙ୍କଠାରୁ ଭିନ୍ନ, ଐତିହାସିକ । ଇତିହାସର ଆଲୋକ

ନେଇ ସେ ଦିବ୍ୟା ପରି ବିଶିଷ୍ଟ କୃତି ପ୍ରସ୍ତୁତ କରିପାରିଛନ୍ତି । ଏହି ବିଷୟବସ୍ତୁକୁ ଆଧାର କରି ଆଚାର୍ଯ୍ୟ ଚତୁର ସେନ, ଭଗବତୀ ଚରଣ ବର୍ମା ଏବଂ ରାହୁଲ ପୂର୍ବରୁ ଲେଖି ଆସୁଥିଲେ । ଚତୁର ସେନଙ୍କ ଦୃଷ୍ଟିରେ ଅତୀତ ବର୍ତ୍ତମାନଠାରୁ ଉନ୍ନତ, ଭଗବତୀ ଚରଣଙ୍କ ଦୃଷ୍ଟିରେ ମନୁଷ୍ୟ ପରିସ୍ଥିତିର ଦାସ । ରାହୁଲ ଓ ଯଶପାଳ ଜୀବନର ଯଥାର୍ଥକୁ ଅତୀତରେ ଖୋଜି ସେଥିରେ ବର୍ତ୍ତମାନର ବିକାଶଧାରା ପାଆନ୍ତି । ଏ କାମ ଐତିହାସିକ ଦୃଷ୍ଟି, ବର୍ତ୍ତମାନ ଦୃଷ୍ଟି ଓ କଳ୍ପନାର ସଂଯୋଗ ଦ୍ୱାରା ସମ୍ପୂର୍ଣ୍ଣ ହୁଏ । ଯଶପାଳଙ୍କ ମତରେ— 'ଦିବ୍ୟା ଇତିହାସ ନୁହେଁ, ଐତିହାସିକ କଳ୍ପନା ମାତ୍ର ।' (ପ୍ରାକ୍ କଥନ) ଉପନ୍ୟାସରେ ତେରଟି ଅଧ୍ୟାୟ— ମଧୁପର୍ବ, ଧର୍ମସ୍ଥ କା ପ୍ରସାଦ, ପ୍ରେସ୍ଥ, ଆଚାର୍ଯ୍ୟ ପ୍ରବର୍ଧନ, ଆତ୍ମସମର୍ପଣ, ବିକଟ ବାସ୍ତବ, ତାତଧର୍ମସ୍ଥ, ଦାରା, ଅଂଶୁମାଳା, ମାରିଶ, ପୃଥୁସେନ, ରୁଦ୍ରଧୀର-ମଲ୍ଲିକା ଓ ଦିବ୍ୟା । ଏ ସମସ୍ତ ଅଧ୍ୟାୟ ଚରିତ୍ର, ପ୍ରବୃତ୍ତି ଓ ସ୍ଥାନ ଅନୁସାରେ ନାମିତ ।

ଏହାର କଥା ବୌଦ୍ଧକାଳିକ । ଯବନ ରାଜା 'ମିଳିନ୍ଦ' ଭଦ୍ରରେ ନିଜର ରାଜ୍ୟ ସ୍ଥାପନ କଲେ; କିନ୍ତୁ ଭିକ୍ଷୁ ହୋଇଗଲେ ସେ । 'କୁଳଗଣ ରାଜ୍ୟ ପରିଷଦ' ମହା ସେନାପତି ମିଥୋଦ୍ରସଙ୍କୁ ଗଣପତି କରିଦେଲେ ଏବଂ ଧର୍ମାସ୍ଥାନର ଦାୟିତ୍ୱ ମହା ପଣ୍ଡିତ ଦେବ ଶର୍ମାଙ୍କ ନ୍ୟାୟ-ବ୍ୟବସ୍ଥା ଅଧୀନରେ ରଖିଦେଲେ । କୁଳଗଣରାଜ୍ୟ ଓ ଧର୍ମାସ୍ଥାପନ ମଧ୍ୟରେ ବିରୋଧର ତରଙ୍ଗ ସୃଷ୍ଟି ହେଲା । ଫଳରେ ବ୍ରାହ୍ମଣ-ସମାଜ, ଦାସ ଏବଂ ଶ୍ରେଷ୍ଠୀମାନଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଗଲା । ସଂଘର୍ଷ ଫଳରେ ସମସ୍ତ ସମ୍ପତ୍ତି ଗଣରାଜ୍ୟକୁ ଦେଇ ଦିଆଗଲା ଏବଂ ପ୍ରଜାମାନଙ୍କ ପାଇଁ ସମାନ ନ୍ୟାୟ, ଦାସମାନଙ୍କର ମୁକ୍ତି ଓ ବଳିପ୍ରଥାର ଲୋପ ଆଦିର ନିୟମ ଲାଗୁ କରାଗଲା । ଏହାଫଳରେ ଦାସପୁତ୍ର ପୃଥୁସେନ ସେନାପତି ହୋଇଗଲା । ଧନର ମହିମା ଦିନକୁ ଦିନ ବଢ଼ିବା ସଙ୍ଗେ ସଙ୍ଗେ ଆରମ୍ଭ ହେଲା ଧନବଳରେ ଗଣରେ ସଦସ୍ୟତା ମିଳିବା । ଏହାଫଳରେ ମହାଶ୍ରେଷ୍ଠୀ ପ୍ରେସ୍ଥ ଗଣ-ସମ୍ମାହକ ହୋଇପାରିଲା, କିନ୍ତୁ ଯେତେବେଳେ ବର୍ଣ୍ଣାଶ୍ରମ-ଧର୍ମର ବ୍ୟବସ୍ଥା ଦେଖି ରୁଦ୍ରଧୀର ମଗଧରୁ ଫେରିଲା ସେଠି ମଧ୍ୟ ସେହିଭଳି କୁଚକ୍ର ଦ୍ୱାରା ଶାସନ-ବ୍ୟବସ୍ଥା କରିବାକୁ ଆରମ୍ଭ କରିଦେଲା । ସେ ସଫଳ ହେଲା ଏବଂ ବର୍ଣ୍ଣାଶ୍ରମ-ଶାସନ ସେଠି ମଧ୍ୟ ସ୍ଥାପିତ ହୋଇଗଲା । ଶୂଦ୍ର ଓ ଦାସଙ୍କୁ ନୀଚ ବୋଲି ପୁଣି ଧରିନିଆଗଲା ।

ଏଥିରେ ବର୍ଗ ଭାବରେ ବୌଦ୍ଧ, ଦାସ, ବ୍ରାହ୍ମଣ ଆଦିଙ୍କୁ ନିଆଗଲା । ଏକ ଦିଗରେ ମାରିଶ ଓ ମଥୁରାପୁରୀର ବିଳାସ ଓ ଅନ୍ୟ ଦିଗରେ ଚାର୍ବାକ୍ ନିରୂପିତ ଭୌତିକବାଦ । ଦିବ୍ୟା ଆଜୀବନ ନାରୀ ମୁକ୍ତି ପାଇଁ ସଂଘର୍ଷ କରି ଚାଲିଛି । ତା'ମତରେ ନାରୀର ଅର୍ଥ ହେଲା—ବନ୍ଧନ ଓ ଦାସତ୍ୱ । ବେଶ୍ୟା ହେବାରେ ତା'ର ସ୍ୱତନ୍ତ୍ରତା ଅଛି ।

ସେ ରୁଦ୍ରଧୀରକୁ କହୁଛି—'ଜ୍ଞାନୀ ଆର୍ଯ୍ୟ, କୁଳବଧୂର ସମ୍ମାନ, କୁଳମାତାର ଆଦର ଏବଂ କୁଳ ମହାଦେବୀର ଅଧିକାର କେବଳ ଆର୍ଯ୍ୟ ପୁରୁଷର ଆଶ୍ରୟ ମାତ୍ର । (ପୃ-୨୧୩) । ସେ ମାରିଶଙ୍କୁ ସମର୍ପିତ ହେବାର ଉଦ୍ଦେଶ୍ୟ ହେଲା, 'ସେ ଆଶ୍ରୟର ଆଦାନପ୍ରଦାନ ଚାହେଁ । ସେ ନଶ୍ୱର ଜୀବନରେ ସନ୍ତୋଷର ଅନୁଭୂତି ଦେଇପାରେ ।' (ପୃ-୨୧୪) । ଯେଉଁ ଦିବ୍ୟା ଦୁଆର ଦୁଆର ବୁଲି ନାନା ଭାବରେ ଅପମାନିତା ହୋଇ ଦାସୀ ଓ ଅଂଶୁମାଳା ବେଶରେ ବୁଲୁଥିଲା, ସେ ଅନ୍ତତଃ ଆଜି ଭୌତିକ ଜୀବନରେ ସମାନତାର ଅଧିକାର ପାଇ ଏକ ପୁରୁଷକୁ ବରଣ କରିପାରିଛି । ଏଠି ଯଶପାଲ ପୁଣି ଯୌନସୁଖ ଓ ସନ୍ତାନୋତ୍ପତ୍ତିକୁ ଜୀବନର ଏକ ଅନିବାର୍ଯ୍ୟ ବସ୍ତୁ ମାନି ଚରିତ୍ର ଚୟନ କରିଛନ୍ତି । ଦାସବର୍ଗ ଓ ନାରୀମାନଙ୍କ ମୁକ୍ତିର ରାସ୍ତା ଦେଖାଇଛନ୍ତି । ଏଥିପାଇଁ ଦିବ୍ୟା, ସୀରୋ, ପୃଥୁସେନ ଓ ମାରିଶ ଭଳି ପାତ୍ରମାନଙ୍କର କଳ୍ପନା କରାଯାଇଛି । ଏ ଉପନ୍ୟାସ ସଂକ୍ରମଣକାଳୀନ ସ୍ଥିତିକୁ ସାକାର କରିଛି ।

ଯଶପାଲଙ୍କର ପରବର୍ତ୍ତୀ ରାଜନୀତିକ ଉପନ୍ୟାସ ହେଲା— 'ପାର୍ଟି କାମରେଡ୍' । କାଳକ୍ରମ ଦୃଷ୍ଟିରୁ ଏହାର ସ୍ଥାନ ଚତୁର୍ଥ । ଏହା ୧୯୪୫ର ଇଲେକ୍‌ସନ୍ ଓ ବମ୍ବେର ନାବିକ ବିଦ୍ରୋହର ପୃଷ୍ଠଭୂମିକୁ ନେଇ ଲିଖିତ । ରୋମାଣ୍ଟିକ ଓ ରାଜନୀତିକ କଥାତନ୍ତୁକୁ ନେଇ ଏହା ବୁଣାଯାଇଛି । ରୋମାଣ୍ଟିକ ପ୍ରବୃତ୍ତିଗୁଡ଼ିକୁ ଜାଗ୍ରତ କରୁଛି ନାରୀ ପାତ୍ର 'ଗୀତା' । ସେ ପାର୍ଟିରେ କାମ କରୁଛି । ଇଲେକ୍‌ସନ୍ ପାଇଁ ପାର୍ଟି-ଫଣ୍ଡ୍ ସଂଗ୍ରହ ନିମିତ୍ତ ସେ ଜଣେ ଅସାମାଜିକ ବ୍ୟକ୍ତି 'ସେଠ ଭାବରିୟା' ସହିତ ମିଶୁଛି । ଗୀତା ତା' ଭିତରେ ପରିବର୍ତ୍ତନ ଆଣିଦେଇଛି । ସାମ୍ରାଜ୍ୟବାଦ ବିରୋଧୀ ଭାବନା ତା' ମଧ୍ୟରେ ଜାଗ୍ରତ ହେଉଛି । ସେ ଦଙ୍ଗାରେ ସମ୍ପୃକ୍ତ ହୋଇ ସେ ନିଜ ଜୀବନ ଦେଇଦେଉଛି । ଗୀତା ଓ ଭାବରିୟାର ସମ୍ବନ୍ଧ ଯୌନତୃପ୍ତି ମଧ୍ୟରେ ସୀମିତ ନ ରହି ବୈବାହିକ ରୂପ ଧାରଣ କରିନେଉଛି । ଯଶପାଲଙ୍କ ମତରେ କ୍ରାନ୍ତିକାରୀମାନଙ୍କ ଜୀବନରେ ଅନ୍ୟମାନଙ୍କ ପରି ଏହା ଅନିବାର୍ଯ୍ୟ ସେ ଯୌନପ୍ରବୃତ୍ତିକୁ ଲୁଚାଇବା ଏକ ବଡ଼ ଅପରାଧ । ତାଙ୍କ ଭାଷାରେ— 'କେତେକ ଏହାକୁ ପ୍ରଚାର କହି ପାରନ୍ତି, କିନ୍ତୁ ଯଦି ସାହିତ୍ୟରେ ମନୁଷ୍ୟ ମନର ପ୍ରକୃତ କଥା କୁହା ନ ଯାଏ, ତା' ହେଲେ କ'ଣ ଭାଲୁ-ମାଙ୍କଡ଼ଙ୍କର ପରିଚୟ ଦିଆଯିବ ? ଯାହା ବିଷୟରେ ଲେଖକ କାହାଣୀ ଲେଖୁଛି, ତା'ର ବିଚାର ଓ ବ୍ୟବହାରର ପ୍ରକୃତ ପରିଚୟ ସେ ଦେବା ଉଚିତ୍, ଏହା ପ୍ରଚାର ନୁହେଁ ।' (ଭୂମିକା)

ଉପନ୍ୟାସର ରାଜନୀତିକ କାହାଣୀ କମ୍ୟୁନିଷ୍ଟ ପାର୍ଟିର ତତ୍କାଳୀନ କାର୍ଯ୍ୟକ୍ରମ ଉପରେ ଆଧାରିତ । ଏଥିରେ ସେ କଂଗ୍ରେସ ପାର୍ଟିର ଅନ୍ତର୍ବିରୋଧ ଓ ପୁଞ୍ଜିବାଦ ସହ ହାତ ମିଳାଇବା ଦେଖାଇଛନ୍ତି ଏବଂ ତା'ର ଜନବିରୋଧୀ ନୀତିକୁ ପଦାରେ ପକାଇ

ଦେଇଛନ୍ତି । ସେଇଥିପାଇଁ ସାମ୍ୟବାଦ ଓ କଂଗ୍ରେସ ମଧ୍ୟରେ ସଂଘର୍ଷ ଘଟିଛି । ଅନ୍ତର୍ରାଷ୍ଟ୍ରୀୟ ରାଜନୀତିକ ବିବାଦ ଏହି ସଂଘର୍ଷର ମୂଳକାରଣ ହୋଇଛି । ନୌ-ସୈନିକମାନଙ୍କର ଧର୍ମଘଟ ଏତିକିବେଳେ ଦେଖାଦେଇଛି ଓ ସାମ୍ୟବାଦୀ ଦଳ ତା'ର ସମର୍ଥନ କରିଛି, ମାତ୍ର କଂଗ୍ରେସ ତା'ଠାରୁ ଦୂରେଇ ରହିଛି । ଇଂରେଜମାନେ ଏହାକୁ ଦମନ କରିଛନ୍ତି । ଏହାର ସମ୍ପୂର୍ଣ୍ଣ ଚିତ୍ର ଉପନ୍ୟାସରେ ପ୍ରକାଶ ପାଇଛି । ତେବେ ଉପନ୍ୟାସ ରଚନାର କଳାଦୃଷ୍ଟିରୁ ଦୋଷତ୍ରୁଟିଗୁଡ଼ିକ ଏଥିରେ ମଧ୍ୟ ଦେଖାଦେଇଛି ।

'ମନୁଷ୍ୟ କେ ରୂପ' ଉପନ୍ୟାସରେ ପାହାଡ଼-ଅଞ୍ଚଳରେ ରହୁଥିବା ବିଧବା 'ସୋମା' ହୋଇଛି ମୁଖ୍ୟ ଚରିତ୍ର । ସେ ସୁନ୍ଦରୀ । କମ୍ ବୟସରେ ତା'ର ପତି ଚାଲିଯାଇଛି । ସେ ବର୍ତ୍ତମାନ ଶାଶୁ, ଶ୍ୱଶୁର ଓ ବଡ଼ ଯା'ର ଦାସୀଭାବେ ଜୀବନ କାଟୁଛି । ସୋମାର ମା-ବାପ ତାକୁ ପାଞ୍ଚଶହ ଟଙ୍କାରେ ବିକି ଦେଇଥିଲେ ଓ ବିଧବା ହେବା ପରେ ଶାଶୁ-ଶ୍ୱଶୁର ବି ବିକିଦେବାକୁ ତିଆର । ଧନସିଂହ ଜଣେ ଡ୍ରାଇଭର । ଏଇ ରାସ୍ତାରେ ଗାଡ଼ି ଧରି ଯିବା-ଆସିବା କରିବା ଫଳରେ ସୋମାର ବ୍ୟଥାପୂର୍ଣ୍ଣ କଥା ଶୁଣିଛି ଓ ଜାଣିଛି । ତା'ପ୍ରତି ସେ ଆକର୍ଷିତ । ସ୍ନେହ କରୁଛି ଓ ସୁବିଧା-ସୁଯୋଗ ଦେଖି ନେଇଯାଉଛି ସେ । ସୋମାର ଶ୍ୱଶୁର ତା' ନାଁରେ ମକଦ୍ଦମା କରୁଛି ଏବଂ ତାଙ୍କୁ ଜେଲ ହୋଇଯାଉଛି । ପୁଲିସ ତାକୁ ଛାଡ଼ିଦେବାର ଲୋଭ ଦେଖାଇ ସୋମାକୁ ଉପଭୋଗ କରୁଛନ୍ତି । କିନ୍ତୁ ଫଳ କିଛି ହେଉ ନାହିଁ । ସେ ଅସହାୟା, ଦୁଆର-ଦୁଆର ବୁଲୁଛି । ତାର ସାକ୍ଷାତ ହେଉଛି କମ୍ୟୁନିଷ୍ଟ ଭୂଷଣ ସହ । ସେ ତାକୁ ନେଇ ଜଣେ ଧନୀ ବ୍ୟକ୍ତି ଲାଲା ଜ୍ୱାଲା ସହାୟ ସରେଲାଙ୍କ ଘରେ ରଖାଇ ଦେଉଛି । ଲାଲାଙ୍କ ଝିଅ ମନୋରମା ବାମମାର୍ଗୀ ବିଚାର-ଧାରାର । ସେ ଭୂଷଣପ୍ରତି ଅନୁରକ୍ତା । ତା'ର ସହାନୁଭୂତି ଫଳରେ ସୋମାର ସେଠି କିଛି ଅସୁବିଧା ହେଉନି, ବରଂ ଘରର ଲୋକ ଭଳି ସେ ରହୁଛି । ଜେଲରୁ ବାହାରି ଧନସିଂହ କିଛି ଦିନ ଲାଲାଙ୍କର କାର୍ ଚଳାଉଛି । ଦୁହେଁ ପତି-ପତ୍ନୀ ଭଳି ରହୁଛନ୍ତି । କିନ୍ତୁ ଧନସିଂହ ମନରେ ଅତୃପ୍ତି ରହିଛି ଯେ ସୋମା ପୁଲିସବାଲାଙ୍କୁ ଶରୀର ଦେଇଛି । ଯା ମଧ୍ୟରେ କେତେଜଣ ଅସାମାଜିକ ଲୋକ ସୋମା ପଛରେ ପଡ଼ିଛନ୍ତି । ଧନସିଂହ ସହି ପାରୁନି । ତାକୁ ରକ୍ଷା କରିବାକୁଯାଇ ଜଣେ-ଦୁଇଜଣଙ୍କୁ ମାରିଦେଇଛି । ଫଳରେ ପୁଣିଥରେ ଜେଲ ହେଉଛି । ସେଠୁ ବାହାରି ସେ ମିଲିଟାରୀରେ ପଶୁଛି ଓ ପରେ ସୋସାଲିଷ୍ଟମାନଙ୍କ ସହ ମିଶି କାମ କରୁଛି ।

ଏହା ମଧ୍ୟରେ ମନୋରମା ପରିବାରରୁ ବାହାରି ଯାଇଛି ସୋମା । ବରକତ ନାମକ ଜଣେ ଡ୍ରାଇଭର ସହ ବମ୍ବେ ଚାଲିଯାଇଛି । ତା'ପାଇଁ ଶାରୀରିକ ନୈତିକତାର

କୌଣସି ମୂଲ୍ୟ ନାହିଁ । ସେ ସେଇ ରାସ୍ତାରେ ଯାଇ ପାହାଡ଼ ନାୟିକା ନାଁରେ ସିନେମାରେ ଅଭିନୟ କରୁଛି । କମ୍ୟୁନିଷ୍ଟ ପାର୍ଟିର ସମ୍ବାଦପତ୍ର 'ଲୋକଯୁଦ୍ଧ'ରେ କାମ କରିବା ପାଇଁ ପୂର୍ବରୁ ବମ୍ବେ ଚାଲିଆସିଛି ଭୂଷଣ । ନିଜର ସ୍ୱତନ୍ତ୍ର ବିଚାର ଓ ଚଳନ ଯୋଗୁଁ ଘରେ କଳହର କାରଣ ହୋଇଛି ମନୋରମା । ସେ ମଧ୍ୟ ବମ୍ବେର ଏକ ପାର୍ସୀ ଧନୀ ଯୁବକ ସୁନ୍ତଲୀବାଲ ସହିତ ବିବାହ କରିନେଇଛି । ବର୍ତ୍ତମାନ ସେ ବମ୍ବେରେ । ତିନିଜଣଯାକ ବମ୍ବେରେ । ମନୋରମାର ସ୍ୱଭାବ ଓ ବିଚାର ସୁନ୍ତଲୀବାଲ ସହ ଖାପ ଖାଉନି । ଫଳରେ ସେ ତାକୁ ଛାଡ଼ପତ୍ର ଦେଇ ଭୂଷଣ ସହ ପୁଣି ସମ୍ବନ୍ଧ ସ୍ଥାପନ କରୁଛି । କାନପୁରରେ ଧନସିଂହ ହଠାତ୍ ସିନେମାରେ ସୋମାକୁ ଦେଖି ତାକୁ ପାଇବାକୁ ବମ୍ବେ ଚାଲିଆସୁଛି । ମନୋରମା ଓ ଭୂଷଣ ସହ ସେ ଯାଇଛି ସୋମା ଘରକୁ । ସେଠି ଗୁଣ୍ଡାମାନେ ତାଙ୍କୁ ଆକ୍ରମଣ କରୁଛନ୍ତି । ଆକ୍ରମଣ ଫଳରେ ଭୂଷଣର ମୃତ୍ୟୁ ଘଟୁଛି । ଧନସିଂହ ପୁଲିସ ହାତରେ । ସୋମା ଆଗରେ ଏସବୁ ଘଟଣା ଘଟିଯିବା ସତ୍ତ୍ୱେ ବି ସେ ରକ୍ଷା କରିବାର ଚେଷ୍ଟା କରୁନି । ସ୍ତ୍ରୀ ମଧ୍ୟରେ ସୁନ୍ତଲୀବାଲ ତା'ସହିତ ବିବାହ କରିବାକୁ ଚାହୁଁଛି । ଭୂଷଣର ମୃତ୍ୟୁ ଫଳରେ ମନୋରମାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ୁଛି ।

ମୁଖ୍ୟ ଚରିତ୍ର ସୋମା, ଧନସିଂହ, ମନୋରମା, ସୁନ୍ତଲୀବାଲ ଆଦିଙ୍କର ବିଭିନ୍ନ ରୂପ ଏଥିରେ ଚିତ୍ରିତ । ଏଗୁଡ଼ିକ ପୁଞ୍ଜିବାଦୀ ବ୍ୟବସ୍ଥା ମାନବୀୟ ରୂପ, ଚିତ୍ର ଦୃଷ୍ଟିରୁ ଭଗବତ ଶରଣ ଉପାଧ୍ୟାୟଙ୍କ ଶବ୍ଦରେ 'ସବୁ ଦୃଷ୍ଟିରୁ ଏହା ଏକ ସୁନ୍ଦର କୃତି ।'

'ଅମିତା' ଯଶପାଲଙ୍କର ଦ୍ୱିତୀୟ ଐତିହାସିକ ଉପନ୍ୟାସ । ପ୍ରାକ୍‌କଥନରେ ସେ ଲେଖିଛନ୍ତି—'ଦିବ୍ୟାର କଥାବସ୍ତୁ ଭଳି ଅମିତାର କଥା ମଧ୍ୟ ଇତିହାସ ନୁହେଁ, କଳ୍ପନା ମାତ୍ର । ଇତିହାସର ପ୍ରାମାଣିକ ଘଟଣା ହେଲା କେବଳ ଅଶୋକଙ୍କର କଳିଙ୍ଗ ବିଜୟ କରିବା ପାଇଁ ଯୁଦ୍ଧ କରିବା ଏବଂ ଏ ଯୁଦ୍ଧର ପରିଣାମ ସ୍ୱରୂପ ଭବିଷ୍ୟତରେ ଯୁଦ୍ଧ ନକରିବା ପାଇଁ ପ୍ରତିଜ୍ଞା କରିବା । ନିଜର ଏ ପ୍ରତିଜ୍ଞାକୁ ଶିଳାଲେଖଦ୍ୱାରା ଅଶୋକ ଚିରସ୍ଥାୟୀ କରିଦେଇଛନ୍ତି ।' ଉପନ୍ୟାସରେ ଅମିତା ଏକ ଅବୋଧ ବାଳିକା । ତା'ର ସହଜ-ସରଳ ବ୍ୟବହାର ପରାକ୍ରମୀ ଅଶୋକଙ୍କୁ ଯୁଦ୍ଧରୁ ବିମୁଖ କରାଇ ଦେଇଛି । ଦ୍ୱିତୀୟ ଚରିତ୍ର ଦାସୀ 'ହିତା'ର । ଅମିତାକୁ ପାଳି-ପୋଷି ଓ ଶିକ୍ଷାଦେଇ ବଡ଼ କରିଛି ସେ । ଅମିତା ମାଧ୍ୟମରେ ଜଣେ କୁଶଳୀ ମହିଳା ରୂପେ ନିଜକୁ ପରିଚିତ କରାଇଛି ସେ । ବାତ୍ସଲ୍ୟଭାବ ତା' ମଧ୍ୟରେ ପରିପୂର୍ଣ୍ଣ, ତେଣୁ ଅମିତାକୁ ପାଳିବାର ଶକ୍ତି ତାଠାରେ କମ୍ ନୁହେଁ । ଐତିହାସିକ ଦୃଷ୍ଟିକୋଣରୁ ଏ ଉପନ୍ୟାସ ଲେଖିବା ସମ୍ବନ୍ଧରେ ଯଶପାଳ କହିଛନ୍ତି ଯେ 'ଅମିତା' ଲେଖିବା ପୂର୍ବରୁ ମୁଁ ଜାଣିବାକୁ ଚେଷ୍ଟା କରିଥିଲି ଯେ

ପ୍ରାମାଣିକ ଇତିହାସରେ ଅଶୋକଙ୍କର କଳିଙ୍ଗ-ବିଜୟର କୌଣସି ବିବରଣୀ ମିଳିପାରେ କି ନାହିଁ । ଇତିହାସରେ କୌଣସି ଉଲ୍ଲେଖ ନାହିଁ ଯେ ଅଶୋକଙ୍କ କଳିଙ୍ଗ-ବିଜୟ ସମୟରେ କେଉଁ ରାଜା କଳିଙ୍ଗରେ ରାଜତ୍ୱ କରୁଥିଲେ । ଇତିହାସର ଏ ଅଭାବ ପାଇଁ ମୁଁ କଳ୍ପନାର ଆଶ୍ରୟ ନେଲି ।......ସାମାଜିକ ସମସ୍ୟା ମଧ୍ୟ ଏଥିରୁ ବାଦ୍‌ଯାଇନାହିଁ । (ଯଶପାଳଙ୍କ ପତ୍ର, ପୃ-୪୬-୪୭) । କିନ୍ତୁ ଯଶପାଳଙ୍କ ଉଲ୍ଲେଖନୀୟ କୃତିମାନଙ୍କ ମଧ୍ୟରେ ଏହାର ସ୍ଥାନ ନାହିଁ ।

'ଝୁଠା ସଚ' ଉପନ୍ୟାସ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ରଚନା । ଏହାର ଦୁଇଟିଯାକ ଭାଗ ଲେଖକଙ୍କର ବୁଦ୍ଧି-ବିବେକ ଓ ଶ୍ରମର ଫଳ । ଏହାକୁ ବିଶ୍ୱ ସାହିତ୍ୟ କୋଟିରେ ରଖାଯାଇପାରେ । ଏହାର ଦୁଇଟି ଭାଗ ଜନ୍ମଭୂମି ଓ ଦେଶ ତଥା ଦେଶର ଭବିଷ୍ୟତ । ଏହାର କଥାବସ୍ତୁ ହେଲା—ଭାରତର ସ୍ୱାଧୀନତା, ବିଭାଜନର ବ୍ୟଥା, ସ୍ୱାଧୀନତା ପରେ ଜନ-ସେବା ନାମରେ ନେତାମାନଙ୍କଦ୍ୱାରା ଅନୁଚିତ ମାର୍ଗର ପ୍ରସାର ସାମ୍ପ୍ରଦାୟିକ ଗତିବିଧି ପାଇଁ ପ୍ରେରଣା ଏବଂ ମଧ୍ୟବର୍ଗୀୟ ରୋମାଣ୍ଟିକ ପ୍ରବୃତ୍ତିଗୁଡ଼ିକର ବିସଙ୍ଗତି । କାହାଣୀର କେନ୍ଦ୍ର ହେଲା ଲାହୋର ଏବଂ ଦିଲ୍ଲୀ । ଏହାର ପ୍ରାୟ ସମସ୍ତ ଚରିତ୍ର ନିମ୍ନ ମଧ୍ୟମବର୍ଗ ଓ ଉଚ୍ଚ ମଧ୍ୟମ ବର୍ଗର ଉଚ୍ଚବର୍ଗ ସବଦା ନିଜର ସ୍ଥିତି ବଜାୟ ରଖେ । ଏବଂ ନିଜର ଗତିବିଧିକୁ ତଥାକଥିତ ବୁଦ୍ଧିଜୀବୀଙ୍କ ପରିବେଶଠାରୁ ଉପରକୁ ଉଠାଇବାକୁ ପ୍ରତିଯୋଗିତା କରେ । ଏହାହିଁ ଉପନ୍ୟାସର ସୀମା । ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସିଏ ବି ଜଣେ, ଯିଏ ଜନତା ସହିତ ବିଶ୍ୱାସଘାତକତା କରେ ଏବଂ ଜନସେବକ ନାମରେ ଖ୍ୟାତି ମଧ୍ୟ ପାଏ ।

ଲାହୋରର ଗଳି ଭୋଲାପାଁଧେରେ ହିନ୍ଦୁ ଓ ମୁସଲମାନ ବର୍ଷ-ବର୍ଷ ଧରି ପଡ଼ୋଶୀ ହୋଇ ରହି ଆସୁଛନ୍ତି । ଏଠି ଗୋଟିଏ ପରିବାରରେ 'ଜୟଦେବ ପୁରୀ' ଓ ତା' ଭଉଣୀ 'ତାରା' ରହୁଛନ୍ତି । ପ୍ରଥମେ ଜୟଦେବ ମନରେ ଦେଶଭକ୍ତି ଦେଖା ଦେଉଛି, କିନ୍ତୁ ପରେ ଧନଲୋଭ ଏବଂ ମହତ୍ତ୍ୱାକାଂକ୍ଷାରେ ସେ ବଶୀଭୂତ ହୋଇ ପଡ଼ୁଛି । ଏହା' ଫଳରେ ସେ ଔଚିତ୍ୟର କୌଣସି ବିଚାର କରିପାରୁ ନାହିଁ । ଏପରିକି ଭଉଣୀ ତାରାର ସୋମରାଜ ପରି ଲଫଙ୍ଗା ଯୁବକ ସହିତ ବିବାହକୁ ସେ ବିରୋଧ କରୁନାହିଁ । ସ୍ୱାର୍ଥପାଇଁ ସେ ନିଜ ଭଉଣୀର ମଧ୍ୟ ବଦନାମ କରୁଛି । କନକ ସହିତ ପ୍ରେମ କରିବାର ନାଟକ କରି ମାତା-ପିତାଙ୍କ ଇଚ୍ଛା ବିରୁଦ୍ଧରେ ବିବାହ କରି ଦେଉଛି ଏବଂ କନକ-ଜୀବନକୁ ନଷ୍ଟକରି ଗ୍ଭଲିଛି । ଉର୍ମିଳାର ବିପଦର କାରଣ ମଧ୍ୟ ସେହି । ଏ ସମସ୍ତ ପରେ ମଧ୍ୟ ସେ 'ସୁଦ' ଭଳି ହୀନ କଂଗ୍ରେସ ନେତାର ହାତ ମୁଠାରେ । ଏହା ମଧ୍ୟରେ ପ୍ରେସର ମାଲିକ ଓ ପତ୍ରିକାର ସମ୍ପାଦକ ହୋଇଯାଇଛି ସେ । ବର୍ତ୍ତମାନ ସେ ପକ୍କା ଅବସରବାଦୀ । ଆଜିର ସାମ୍ପ୍ରଦାୟିକତା ଓ ତଥାକଥିତ ଦେଶଭକ୍ତି ବାସ୍ତବିକ ଭାରତୀୟ

ରାଜନୀତିର ଏକ ହୀନ କିନ୍ତୁ ଶକ୍ତିଶାଳୀ ପ୍ରବୃତ୍ତି । ଏହାକୁ ଯଶପାଳ ବଡ଼ ସୁନ୍ଦର ଢଙ୍ଗରେ ବିଶ୍ଳେଷଣ କରିଛନ୍ତି । 'ଝୁଠାସଚ' ରେ ଥିବା ଅନ୍ୟ ଚରିତ୍ରମାନେ ହେଲେ ସୋମରାଜ, ମାଷ୍ଟର ରାମ ଭୂଲାୟାଙ୍କ ବଡ଼ଭାଇ, ଜୟଦେବର ବଡ଼ବାପା ରାମଜ୍ୱାୟା, ରତନ, ଶୀଲୋର ସ୍ୱାମୀ, ବଧଓ୍ୱାମଲ, ପ୍ରସାଦଜୀ, ଅବସ୍ତୀଜୀ, ମିସେଜପନ୍ତ, କୌଶଲ୍ୟା ଦେବୀ ଇତ୍ୟାଦି । ଏମାନେ ଭାରତ ପାକିସ୍ଥାନ ବିଭାଜନ ବେଳେ ଧନ ଲୁଟିବା, ସ୍ୱାଧୀନତାରୁ ସବୁପ୍ରକାର ସୁବିଧା ନେବା, କ୍ୟାମ୍ପମାନଙ୍କରେ ଯୁବତୀ ଝିଅମାନଙ୍କୁ ଭୋଗ କରିବାରେ ବ୍ୟସ୍ତ । ସ୍ୱାର୍ଥ ପୂରଣ ହିଁ ଏମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ । ଲାହୋରରେ ଥିବା ହିନ୍ଦୁମାନେ ସେଠୁ ଭାରତ ଆସୁଛନ୍ତି ଓ ନୂଆ ଢଙ୍ଗରେ ବସବାସ କରିବା ପାଇଁ ବଡ଼ ହଇରାଣ ହେଉଛନ୍ତି । ତାଙ୍କ ହଇରାଣରୁ ଲାଭ ଉଠାଇବା ଲୋକ ହେଉଛନ୍ତି ଏଇମାନେ । ସ୍ୱାଙ୍କ ଭିତରେ ତାରା ଓ ସୋମରାଜର ବିବାହ ହେଉଛି, ଦୁହେଁ ଅଲଗା ମଧ୍ୟ ହୋଇ ଯାଉଛନ୍ତି । ଜୟଦେବ ଓ କନକର ଦଶା ମଧ୍ୟ ଏୟା । କାନ୍ତା ଓ ନୈୟର ଏବଂ ପଣ୍ଡିତ ଗିରିଧାରୀ ଲାଲ ବି ଏଇ ପଥର ପଥିକ । ଏମାନଙ୍କ ମଧ୍ୟରେ ରୂଢ଼ିବାଦ ଓ ସାମ୍ପ୍ରଦାୟିକ ସଂଘର୍ଷର ଭାବନା ମଧ୍ୟ କାମ କରୁଛି । ଏପରି ଦୂଷିତ ଓ ଅଧଃପତିତ ଦୃଶ୍ୟକୁ ଯଶପାଳ ଖୁବ୍ ସଫଳତାର ସହିତ ଚିତ୍ରିତ କରିଛନ୍ତି ।

ଯଶପାଳଙ୍କ ଉପନ୍ୟାସରେ ଅନ୍ଧକାର ସହିତ ଆଲୋକ ବି ଅଛି । ସେ ଏପରି ଲୋକମାନଙ୍କୁ ଖୋଜି ନେଇଛନ୍ତି, ଯେଉଁମାନେ ଏପରି ଭୟାନକ ସଙ୍କଟ ସମୟରେ ମନୁଷ୍ୟକୁ ବଞ୍ଚାଇବା ପାଇଁ ତତ୍ପର ହୋଇ ଉଠିଛନ୍ତି । ଅର୍ଥ ଶାସ୍ତ୍ରଜ୍ଞ ଡ. ନାଥ, ଡ. ଶ୍ୟାମ, ସାମ୍ବାଦିକ କନକ, ଗିଲ, ଇଞ୍ଜିନିୟର ନରୋତ୍ତମ ଓ ନର୍ସ ମସୀ ନିରନ୍ତର ଜନତାର କଲ୍ୟାଣ ପାଇଁ କର୍ତ୍ତବ୍ୟରତ । 'ଚଡ଼୍ଡ଼ା' ଏକ ମାର୍କସ୍‌ବାଦୀ ଓ କମ୍ୟୁନିଷ୍ଟ କାର୍ଯ୍ୟକର୍ତ୍ତା । ସେ ସର୍ବଦା ସ୍ଥିତିର ବିଦ୍ରୂପତାରୁ ମୁକ୍ତି ପାଇବା ପାଇଁ ବାଟ ଖୋଜିବାରେ ଲାଗିଛି । ଏମାନେ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ପାଇଁ ଶିବିର ଖୋଲୁଛନ୍ତି ଏବଂ ସେମାନଙ୍କର ଜୀବନ ରକ୍ଷାପାଇଁ ସବୁପ୍ରକାର ସାହାଯ୍ୟ ସହଯୋଗ କରୁଛନ୍ତି । ବୁଲିବୁଲି ଚାନ୍ଦା ମାଗୁଛନ୍ତି । ଯଶପାଳ ଏଠି ମଧ୍ୟ ହୀନ ଓ ସ୍ୱାର୍ଥୀ ଲୋକଙ୍କୁ ଦେଖାଉଛନ୍ତି, ଯେଉଁମାନେ ଏପରି ଦୁର୍ଦ୍ଦଶା ସମୟରେ ବି ଲାଭ ମାରିନେବାକୁ ତିଆର । କିନ୍ତୁ 'ଦେଶ କା ଭବିଷ୍ୟ' ଖଣ୍ଡରେ ପ୍ରକୃତ ଜନସେବକମାନଙ୍କ ହାତରେ ଦେଶର ଭବିଷ୍ୟତ ନିର୍ଭରକରେ ବୋଲି ସେ ମତପୋଷଣ କରିଛନ୍ତି । ତାଙ୍କର ବିଶ୍ୱାସ ଯେ ଏପ୍ରକାର ହୀନଭାବର ଅବଶ୍ୟ ଅବସାନ ହେବ । ଜନସେବକମାନଙ୍କ ଆଗରେ ଏହା ତିଷ୍ଠି ରହିପାରିବନି । ସେଥିପାଇଁ ଡ. ନାଥଙ୍କ ମୁହଁରେ କୁହାଇଛନ୍ତି—'ଦେଶର ଭବିଷ୍ୟତ ନେତା ଏବଂ ମନ୍ତ୍ରୀମାନଙ୍କ ମୁଠାରେ ନୁହେଁ ଜନତାର ହାନରେ ।' ଝୁଠାସଚ ଉପନ୍ୟାସରେ ଯଶପାଳ ସମସାମୟିକ ଅବସ୍ଥାର ସୁନ୍ଦର ଚିତ୍ର ଦେବା ସଙ୍ଗେ ସଙ୍ଗେ ସୁନ୍ଦର ଚରିତ୍ର ସୃଷ୍ଟି ମଧ୍ୟ କରିଛନ୍ତି ଯାହା ଅତୁଳନୀୟ । ଏଥିରେ

ମାନବୀୟ ଦୁର୍ବଳତା ଦେଖାଇବା ସଙ୍ଗେ ସଙ୍ଗେ ତା' ସହିତ ସଂଘର୍ଷ କରିବା ଶକ୍ତି ମଧ୍ୟ ଦେଖାଇଛନ୍ତି । ବରଂ ଚେଲିଶେବ ଯଥାର୍ଥରେ କହିଛନ୍ତି- 'ଝୁଠାସଚ ଆଧୁନିକ ଭାରତ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଦଶକର ଭାରତୀୟ ବୁଦ୍ଧିଜୀବୀମାନଙ୍କର ଭାଗ୍ୟ ତଥା ଭବିଷ୍ୟତ-ଚିତ୍ରର ଏକ ଯଥାର୍ଥ ଓ ମାର୍ମିକ କଥା ।' (କ୍ରାନ୍ତିକାରୀ ଯଶପାଲ-ସଂ ମଧୁରେଶ, ପୃ ୧୨୫)

ଯଶପାଲ 'ଝୁଠାସଚ' ପରେ ତିନୋଟି ଲଘୁ ଉପନ୍ୟାସ ଲେଖିଛନ୍ତି । ତିନୋଟିଯାକର କଥାରେ ଗୋଟିଏ ସଙ୍ଗତି । ସଙ୍ଗତିଟିଏ ହେଲା ଅନୁଭବର, ଆର୍ଯ୍ୟ ସମାଜର ନାନାବନ୍ଧନରେ ନିୟନ୍ତ୍ରିତ ଯୌନ-ଆକାଂକ୍ଷାର । ଏହାର ପୂର୍ଣ୍ଣ ଅନୁଭବ ଲେଖକଙ୍କର ଥିଲା । ଯଦିଓ ଉପରେ ସଂଯମର ଆବରଣ ଦିଆଯାଇଥାଏ ତଥାପି ଭିତରେ ତାହା କେତେ ଉଦ୍ଦୀପ୍ତ ଓ ବନ୍ଧନମୁକ୍ତ, ଏହା ତାଙ୍କୁ ଅଛପା ନଥିଲା । ଭାରତୀୟ ସମାଜରେ ପବିତ୍ରତାର ଧର୍ମ କଣ, ଏ ବିଷୟରେ ସେ ମୀତ-ବ୍ୟବସାୟୀମାନଙ୍କ ଠାରୁ ବହୁତ କିଛି ଶୁଣିଛନ୍ତି । ଧର୍ମର ଭ୍ରମ ଧାରଣା ଦେଇ ନାରୀମାନଙ୍କୁ ପ୍ରତାରିତ କରିବା ବି ତାଙ୍କୁ ଅଜଣା ନାହିଁ ଏବଂ ପରାଧୀନ ସମାଜରେ ନାରୀର ସ୍ୱାତନ୍ତ୍ର୍ୟ କେତେ ତଳେ ତା' ମଧ୍ୟ ଦେଖିଛନ୍ତି । ତା'ଉପରେ ନାନା ପ୍ରକାର ଅନ୍ୟାୟ-ଅତ୍ୟାଚାର । ତେଣୁ ମୁକ୍ତି ପାଇଁ ନାରୀ ଜାତିକୁ ନିର୍ଭିକ ଓ ନିର୍ଲଜ ହେବାକୁ ପଡ଼ିବ ବୋଲି ସେ ମତପୋଷଣ କରିଛନ୍ତି । ପାତିବ୍ରତ୍ୟ ଧର୍ମର ଖଣ୍ଡନ ପାଇଁ ରଚନାଦ୍ୱାରା ସେ ନାନା ପ୍ରକାର ପରିବେଶ ସୃଷ୍ଟି କରିଛନ୍ତି, ସାହସ ଦେଇଛନ୍ତି । ଏଥିପାଇଁ ତାଙ୍କୁ ବହୁ ଆକ୍ଷେପ କରାଯାଇଛି, କିନ୍ତୁ ତାଙ୍କର ଉତ୍ତର ହେଲା- 'ଲୋକେ ବୁଝି ନାହାନ୍ତି । 'ବାରହ ଘଣ୍ଟେ','ଅପ୍‌ସରା କା ଶ୍ରାପ' ଓ 'କ୍ୟୋଂ ଫଁସେ' ଉପନ୍ୟାସ ତାଙ୍କର ଏତାଦୃଶ ଆତ୍ମବିଶ୍ୱାସପୂର୍ଣ୍ଣ ଦୃଷ୍ଟିକୋଣର ପରିଚାୟକ ।

'ବାରହ ଘଣ୍ଟେ'ରେ ଖ୍ରୀଷ୍ଟଧର୍ମର ଏକ ଭାରତୀୟ ନାରୀ 'ବିନୀ' । ସ୍ୱାମୀ ମରିଯିବା ପରେ ସେ ଅନାଥିନୀ । ତା'ର ସଂସାର ତା'ଠାରୁ ଦୂରରେ । ସାମାଜିକ ନିୟମ ତାକୁ ବୈରାଗ୍ୟ ଆଣି ଦେଇଛି । ବର୍ତ୍ତମାନ ପତି 'ରେମୀ'ର ସ୍ମୃତି ତା'ର ଜୀବନ । ଦୁଃଖ ଯୋଗୁ ଆତ୍ମହତ୍ୟା କରିବାକୁ ବି ସେ ପ୍ରସ୍ତୁତ । ଦିନେ ସେ ପତିର କବର ଉପରେ ଫୁଲ ଦେବାକୁ ଯାଇଛି । ସେଠି 'ଫେଣ୍ଟମ ସହ ତା'ର ଦେଖା । ସେବି ବିଧୁର । ଦୁହିଙ୍କ ମଧ୍ୟରେ ଦୁଃଖର ଆଦାନ-ପ୍ରଦାନ ହେଲା । ବର୍ଷା ଯୋଗୁଁ ଦୁହେଁ ଫେରିଲେ ଗୋଟିଏ ଶକଟରେ । ବିନୀ ଘରକୁ ନ ଆସି ଫେଣ୍ଟମ ସାଙ୍ଗେ ରେସ୍ତରାଂ ଯାଇଛି । ପୁଣି ତା'ଘରକୁ । ସେଠି ଦୁହେଁ ଜୀବନ-ସଙ୍ଗୀ ହୋଇ ଯାଉଛନ୍ତି । ଏକଥା ବିନୀର ଭଉଣୀ 'ଜୈନୀ'କୁ ଭଲ ଲାଗୁନି । କିନ୍ତୁ 'ଜୈନୀ'ର ସ୍ୱାମୀ 'ପାମର' ଓ ତା'

ବନ୍ଧୁ 'ଲରେଂସ' ଏହାଙ୍କୁ ସ୍ୱାଗତ କରୁଛନ୍ତି । ବନ୍ଧ୍ୟା ଓ ଫେଣ୍ଟନ୍‌ମର ମର୍ମବ୍ୟଥାକୁ ବୁଝିବା ମୂଳରେ ମନୋବୈଜ୍ଞାନିକ ଚେଷ୍ଟାହିଁ ଉପନ୍ୟାସର ଆଧାର ହୋଇଛି ।

"ଅପ୍‌ସରା କା ଶ୍ରାପ"ରେ ଅଭିଜ୍ଞାନ ଶାକୁନ୍ତଳର ଆଶ୍ରୟ ନିଆଯାଇଛି । ଏଥିରେ ନାରୀର ବ୍ୟକ୍ତିତ୍ୱ ଦେଖାଇ ଦିଆଯାଇଛି । ଦୁଷ୍ୟନ୍ତ ଶକୁନ୍ତଳାଙ୍କୁ ଭୁଲି ଯାଇଛନ୍ତି । ଶକୁନ୍ତଳା ତାଙ୍କ ଦ୍ୱାରା ଅପମାନିତା । ମେନକା କହୁଛନ୍ତି, ଦୁଷ୍ୟନ୍ତଙ୍କଠାରୁ ନିଜକୁ ମୁକ୍ତ କରିନିଏ । ଯେଉଁ ପୁରୁଷ ତୋତେ ଅପମାନିତ କରିଛି, ତା'ସହିତ ଅନବରତ ଯୋଡ଼ି ହୋଇ ରହିବା ନିଜର ଖିରୁତା । ଶକୁନ୍ତଳା ତାଙ୍କ କଥା ଶୁଣନ୍ତି । ପତି ରୂପରେ ସେ ଦୁଷ୍ୟନ୍ତଙ୍କୁ ଅସ୍ୱୀକାର କରିପାରୁନି । ମେନକା ଚିଡ଼ିଯାଇ ଅଭିଶାପ ଦେଉଛନ୍ତି— 'ପରେ୍ପଜନ୍ମା ହୁଅ' । ସେହିଦିନଠାରୁ ଶକୁନ୍ତଳାଙ୍କ ସହ ଭାରତୀୟ ନାରୀମାନେ ଅଭିଶପ୍ତା । ଏହାହିଁ 'ଅପ୍‌ସରା କା ଶ୍ରାପ' । ଲେଖକଙ୍କ ବକ୍ତବ୍ୟକୁ ମେନକା ଏଠି ବହନ କରିଛନ୍ତି । କଥା ହେଉଛି,—'ସମାଜରେ ପୁରୁଷ ନିଜର ସ୍ୱାର୍ଥ ସାଧନ ପାଇଁ ନାରୀକୁ ନିରଙ୍କୁଶ ଭୋଗର ବସ୍ତୁ କରିନେଇଛି ଏବଂ ପଶୁଧନପରି ତାକୁ ସ୍ୱତ୍ୱହୀନ କରିଦେଇଛି । ନିଜ ବଶରେ ରଖିବା ପାଇଁ ପୁରୁଷ ତାର ନାରୀତ୍ୱ ଓ ବ୍ୟକ୍ତିତ୍ୱକୁ ପାତିବ୍ରତ୍ୟ ଧାରଣାରେ ଆବଦ୍ଧ କରି ତାକୁ କେବଳ ପତ୍ନୀମାତ୍ର କରି ରଖିଛି । ପତି-ପତ୍ନୀ ସମ୍ବନ୍ଧରେ ଏକନିଷ୍ଠ ଧର୍ମର ଦୁହାଇ ଦେଇ ପୁରୁଷ ନିଜେ ସ୍ୱାମୀ ହୋଇ ପତ୍ନୀକୁ ଅଧୀନସ୍ଥ କରିନେଇଛି ।' (ଅପ୍‌ସରା କା ଶ୍ରାପ,ପୃ ୧୦୭)। ଆଲୋଚ୍ୟ ଉପନ୍ୟାସରେ ଦୁଷ୍ୟନ୍ତଙ୍କ ଚରିତ୍ରରୁ ତଥାକଥିତ ଧୀରୋଦାତ୍ତତା ନେଇ ନିଆଯାଇଛି । ନାରୀ-ସ୍ୱାଧୀନତାର ବାଧକ ହୋଇ ସେ ଛିଡ଼ା ହୋଇଛନ୍ତି । ଲେଖକ 'ନିବେଦନ'ରେ ଲେଖିଛନ୍ତି ଯେ— 'ଏ ଯୁଗରେ ପାତିବ୍ରତ୍ୟ ନାଁରେ ଶକୁନ୍ତଳା ପରି ନାରୀର ଦମନ ପାଇଁ ଉତ୍ତରଦାୟୀ ବ୍ୟକ୍ତିକୁ କଣ ଅଲୌକିକ ଶକ୍ତିସମ୍ପନ୍ନ ମନେକରି ଧୀରୋଦାତ୍ତ ଓ ନିର୍ଦ୍ଦୋଷ ବୋଲି କୁହାଯାଇପାରିବ ?' (ଅପ୍‌ସରା କା ଶ୍ରାପ, ପୃ-୧୩୯) ।

"କ୍ୟୌଂ ଫଁସେ" ଉପନ୍ୟାସ ପ୍ରାୟତଃ ଏହିଭଳି । ଯଶପାଳ ରତି କର୍ମକୁ ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି ବୋଲି ଧରି ନେଇଛନ୍ତି । ଏଣୁ ଏହା ଅଦମନୀୟ । ଏ ଉପନ୍ୟାସର ପ୍ରଧାନ ଚରିତ୍ର ହେଲେ—ଭାସ୍କର, ମୋତି, ହେନା ଓ ମିସ୍ ଡକ୍ଟର । ଭାସ୍କର ଯୁବକ । ସେ ବିବାହ ବନ୍ଧନ ଓ ଘରସଂସାର ପ୍ରତି ମନ ବଳାଉନି । ତା'ର ଏକମାତ୍ର ଇଚ୍ଛା ସୁନ୍ଦରୀ ଯୁବତୀ ସହବାସ । 'ମୋତି' ବିବାହିତା ଯୁବତୀ । ସେ ଦାମ୍ପତ୍ୟ ସୁଖ ପାଇନାହିଁ । ଭାସ୍କର ସହିତ ସମ୍ବନ୍ଧ ରଖୁଛି, କିନ୍ତୁ ଦୁହିଁଙ୍କର ଯୌନକାମନା ପୂରା ହୋଇ ପାରୁନାହିଁ । କାରଣ ମୋତିର ସ୍ତ୍ରୀଜନୋଚିତ ଲଜ୍ଜା ଓ ସଙ୍କୋଚକୁ ଭାସ୍କର ପସନ୍ଦ କରୁନି । ସେ ଅନ୍ୟ ଏକ ଯୁବତୀ 'ହେନା'ର ସମ୍ପର୍କରେ ଆସୁଛି । ସେ ଏକ କଲଗାର୍ଲ । ଉନ୍ମୁକ୍ତ ଯୌନାଚାରରେ ପ୍ରବୀଣା । ହେନାଦ୍ୱାରା ଭାସ୍କର ତୃପ୍ତ ହେଉଛି ।

ମୋଟା ହେବାକୁ ଲଜ୍ଜାହୀନା କହିବା ସଙ୍ଗେ-ସଙ୍ଗେ ତାକୁ ଈର୍ଷାକରି ନିଜକୁ ଭାସ୍କରକୁ ସମର୍ପି ଦେଉଛି । କିନ୍ତୁ ଭାସ୍କର ପୁଣି ତାକୁ ଛାଡ଼ିଦେଇଛି, ଘୃଣା କରୁଛି ଓ ସମ୍ପର୍କ କାଟି ଦେଉଛି । ପୁଣି ଅନ୍ୟ ଏକ ଯୁବତୀ ସମ୍ପର୍କରେ ଆସୁଛି ସେ । ସେ ହେଉଛି ମିସ୍ ଡକ୍ଟର । କିନ୍ତୁ ସେ ସମର୍ପିତ ହେବା ପୂର୍ବରୁ ବିବାହ-ପ୍ରସ୍ତାବ ଆଣୁଛି । ଫଳରେ ଭାସ୍କର ତା'ଠାରୁ ଦୂରେଇ ଯାଉଛି । ଏ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଲା, ପ୍ରେମ ପାଇଁ ନୈତିକତା, ସ୍ୱାମୀତ୍ୱ ଏବଂ ଏକାଧିକାର ଭାବନା ନିରର୍ଥକ । ଉପନ୍ୟାସ ଶେଷରେ ଭାସ୍କର ମୁହଁରେ ଲେଖକ ମତ ଦେଇଛନ୍ତି-'ନାରୀକୁ ସର୍ବଦା ସମ୍ପତ୍ତି ଅଥବା ଉପଭୋଗର ବସ୍ତୁ ମନେକରିବା ନାରୀପ୍ରତି ପୁରୁଷର ହୀନ ବିଚାର, ମିଥ୍ୟା ଅହଙ୍କାର ଓ ଅନ୍ୟାୟ ଛଡ଼ା ଅନ୍ୟ କିଛି ନୁହେଁ । ଆତ୍ମବିଶ୍ୱାସୀ ଆତ୍ମନିର୍ଭରଶୀଳ ପୁରୁଷ ନାରୀପ୍ରତି କାହିଁକି ଅନ୍ୟାୟ ଅତ୍ୟାଚାର କରିବ ? ଓ କାହିଁକି ସେଥିରେ ଭାଗୀ ହେବ ? (ପୃ-୧୧୫)

ଯଶପାଲଙ୍କର ଅନ୍ତିମ ଉପନ୍ୟାସ ହେଉଛି 'ମେରୀ ତେରୀ ଉସକୀ ବାତ୍' । ଏହାର ଖୁବ୍ ଚର୍ଚ୍ଚା ହୋଇଛି ଏବଂ ଏହା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ମଧ୍ୟ ହୋଇଛି । ଆକାର ଦୃଷ୍ଟିରୁ ୭୭୮ ପୃଷ୍ଠାର ଏ ଉପନ୍ୟାସ ପ୍ରାୟ 'ଝୁଠା ସଚ' ପରି । ପୂର୍ବ ଉପନ୍ୟାସମାନଙ୍କ ଭଳି ଏହାର କଥାବସ୍ତୁ କେତେକାଂଶରେ ରାଜନୀତିକ ଓ କେତେକାଂଶରେ ସ୍ତ୍ରୀ-ପୁରୁଷ ସମ୍ବନ୍ଧୀୟ । ୧୯୪୨ର ରାଜନୀତିକ ଘଟଣାଗୁଡ଼ିକ ପୁନରାୟ ଆସିଛି ନୂଆ ରୂପ ନେଇ । ଯଶପାଲ ତା'ର ପୁନର୍ମୂଲ୍ୟାଙ୍କନ କରିଛନ୍ତି । ସେ ସ୍ୱାଧୀନତା ପରେ ରାଜନୀତିର ସମସ୍ତ କୁଚକ୍ରି ମଧ୍ୟରେ ଆଲୋକରେଖା ଖୋଜିବାକୁ ଚେଷ୍ଟା କରିଛନ୍ତି । ଉପନ୍ୟାସ ଆକାର ବଡ଼ ହେବା ସଙ୍ଗେ ସଙ୍ଗେ କଥା ବଡ଼ ଧୀର ଓ ମନ୍ଥର ଗତିରେ ଚାଲିଛି । ତା'ର କାରଣ ଯେତେଦୂର ସମ୍ଭବ ସ୍ୱାଧୀନତା ପରବର୍ତ୍ତୀ ଇତିହାସରେ ସେ ନିଜେ ବିଦ୍ୟମାନ । ଏହାର ପ୍ରମୁଖପାତ୍ର ହେଲେ— ସେଠ ଅମରନାଥ ଓ ଉଷା । ପ୍ରଥମେ ଦୁହିଁଙ୍କର ମିଳନ ହେଉଛି ପୁଣି ଦୂରେଇ ଯାଉଛନ୍ତି । ଅମର ଜେଲ ଯାଉଛି, ଉଷା ଛାତ୍ରମାନଙ୍କୁ ନେତୃତ୍ୱ ଦେଉଛି । ଅଦ୍ଭୁତ ରୋମାନ୍ସରେ ପରିପୂର୍ଣ୍ଣ ସେ । ନିଜ ଭାଷଣରେ ଲୋକଙ୍କୁ ଉତ୍ତେଜିତ କରି ନେଉଛି । ବମ୍ବେରେ ଛଦ୍ମବେଶରେ ରହୁଛି ପାଠକ ସହ । ଦୁହିଁଙ୍କ ମଧ୍ୟରେ ରାଜନୀତି ସହ ରୋମାନ୍ସ ମଧ୍ୟ ଭରି ରହିଛି । ଏହା' ଛଡ଼ା ବଲିୟା ଜିଲ୍ଲାର ପୁଲିସ ଥାନା ଓ କଚେରୀମାନଙ୍କୁ କବ୍‌ଜା କରିନେବାର ବିବରଣୀ ମଧ୍ୟ ଦିଆଯାଉଛି । ସେଠ, ଉଷା, ପାଠକ, ନରେନ୍ଦ୍ର, ରଜା ଓ ଅନ୍ୟମାନେ ଯଥେଷ୍ଟ ତର୍କ କରୁଛନ୍ତି ରାଜନୀତି ଉପରେ । ତର୍କ ଖୁବ୍ ଲମ୍ବା, ବହୁ ସମୟ ଧରି ଚାଲିଛି । 'ବିରଜୁ'ର ଶହୀଦ ହେବା ପ୍ରସଙ୍ଗଟି କମ୍ ପ୍ରଭାବଶାଳୀ ହୋଇନି । ଲେଖକ ତତ୍କାଳୀନ

ସାଂପ୍ରଦାୟିକ ଦ୍ୱନ୍ଦ୍ୱକୁ ସଦ୍‌ଭାବରେ ପରିବର୍ତ୍ତିତ କରିବାକୁ ଚାହିଁଛନ୍ତି । ଏଣୁ ଓଜଃପୂର୍ଣ୍ଣ ଭାଷଣ ଦେଇଛନ୍ତି, ପ୍ରବଚନ କରିଛନ୍ତି । ଉପନ୍ୟାସରେ 'ଶୁଜା ଅହମ୍ମଦ'ର ବିପଦପୂର୍ଣ୍ଣ କାହାଣୀର ଉଦ୍ଦେଶ୍ୟ ଏହାହିଁ । ଉଷା ଭୂମିଶାୟୀ ହେବାର ଲକ୍ଷ୍ୟ ମଧ୍ୟ ଏହାହିଁ । ଲେଖକ ସମସ୍ତ ସମସ୍ୟାଗୁଡ଼ିକୁ ବିଭିନ୍ନ ଭାବରେ ଉଠାଇଛନ୍ତି ଏବଂ ସେଗୁଡ଼ିକୁ ଅଲଗା-ଅଲଗା ରଖି ପୁରି ପରୀକ୍ଷା କରି; ସେଗୁଡ଼ିକୁ ବଦଳାଇବାର ଶିଥିଳ ପ୍ରୟାସ ମଧ୍ୟ କରିଛନ୍ତି । ଯେତେବେଳେ ଆମେ ଦେଖୁ ଯେ ଏକ ଦିଗରେ ରଜା, ନରେନ୍ଦ୍ର ଏବଂ ପାଠକର କ୍ରାନ୍ତିକାରୀ ବିଚାରର ପ୍ରଭାବ ଓ ଅନ୍ୟ ଦିଗରେ ହରି ଭୈୟା, ମାୟାଗୋରୀ, ଗଙ୍ଗାବୁଆ ଓ ପଣ୍ଡିତ ପରିବାର ନିଜ ପରିବେଶ ସହିତ ରାଜନୀତିକ ଗଢ-ବଧିରେ ଅଂଶଗ୍ରହଣ କରନ୍ତି, ସେତେବେଳେ ଆମେ ଦେଖୁ ଯେ ସାରା ପରିବେଶ ଉତ୍ତେଜିତ ହୋଇ ଉଠିଛି । ଏଠି ବ୍ୟକ୍ତିଗତ ଚରିତ୍ର ପରିବାର, ସମାଜ ଓ ରାଷ୍ଟ୍ରୀୟ ପରିସ୍ଥିତି ସହ ମିଶି ଆଗେଇ ଚାଲିଛି । ପ୍ରେମ କରିବାର ଇଚ୍ଛା ଓ ସାମାଜିକ ବନ୍ଧନରୁ ମୁକ୍ତିପାଇବାର ପ୍ରୟାସ ମଧ୍ୟରେ କୌଣସି ମୌଳିକ ପାର୍ଥକ୍ୟ ଦେଖାଯାଉନାହିଁ । ପ୍ରେମ କରିବାର ଇଚ୍ଛା ମନୁଷ୍ୟକୁ ସମାଜଠାରୁ ଦୂରେଇ ରଖେ ନାହିଁ । ଏହାର ରଚନାତ୍ମକ ମହତ୍ତ୍ୱ ରହିଛି । ବ୍ୟାପକ ଅର୍ଥରେ ଏହା ନିଜେ ନିଜକୁ ବ୍ୟକ୍ତ କରିବା ଏବଂ ହୀନତା-ଗ୍ରନ୍ଥିରୁ ମୁକ୍ତହୋଇ ବ୍ୟାପକ କ୍ଷେତ୍ରରେ ନିଜକୁ ମିଶାଇ ଦେବାରେ ହିଁ ସାର୍ଥକ ହୁଏ । ଯଶପାଲଙ୍କ ଏତାଦୃଶ ଇଚ୍ଛା କେବଳ ରାଜନୀତି ମଧ୍ୟରେ ସୀମିତ । ଉଷା ଓ ପାଠକ ଚରିତ୍ରରେ ବି ଏହାହିଁ ଦେଖାଯାଏ । ଅମରନାଥ ମନରେ ଅନ୍ୟ କିଛି ଥିବା ଫଳରେ ହୀନମନ୍ୟତା ଆସିବା ସଙ୍ଗେ-ସଙ୍ଗେ ତାହାହିଁ ତା ଦୁଃଖର କାରଣ ହୋଇଛି । ଉପନ୍ୟାସର କେନ୍ଦ୍ରୀୟ ସମସ୍ୟା ଭାବରେ କେବଳ ସ୍ତ୍ରୀ-ପୁରୁଷର ସମ୍ପର୍କକୁ ଦେଖିବା ଉଚିତ୍ ନୁହେଁ । ଧନଞ୍ଜୟ ବର୍ମାଙ୍କ ମତରେ— 'ଯେଉଁମାନେ ବୁଝନ୍ତି ଯେ 'ମେରୀ ତେରୀ ଉସ୍‌କୀ ବାତ'ର କେନ୍ଦ୍ରୀୟ ସମସ୍ୟା ହେଉଛି ସ୍ତ୍ରୀ-ପୁରୁଷର ସମ୍ପର୍କ ଏବଂ ତା'ର କେନ୍ଦ୍ରୀୟ ବସ୍ତୁ ହେଉଛି ସ୍ତ୍ରୀ-ପୁରୁଷର ସମ୍ବନ୍ଧ, ସେମାନେ ଭୁଲ କରନ୍ତି । ଲେଖକ ଏପରି ଧାରଣାକୁ ପାରମ୍ପରିକ ସଙ୍କୀର୍ଣ୍ଣ ବିଚାର ବୋଲି ମନେ କରନ୍ତି । ଲେଖକ ଏଥିରେ ଏପରି ବସ୍ତୁ ନେଇଛନ୍ତି ଓ ଚରିତ୍ର ସୃଷ୍ଟି କରିଛନ୍ତି, ଯାହା ସୁସ୍ଥ ବୋଲି ଭାବିଛନ୍ତି । କୌଣସି ମୂଲ୍ୟବାନ ରଚନାର ଏପରି କଦର୍ଥ କରିବାର ଅଭ୍ୟାସ ଛାଡ଼ିଦେବା ଉଚିତ୍ ।' (କ୍ରାନ୍ତିକାରୀ ଯଶପାଳ, ସଂ. ମଧୁରେଶ, ପୃ.୧୪୫) ।

ଉପନ୍ୟାସ ଶେଷରେ ଉଷା ନିଜର କ୍ରାନ୍ତିକାରୀ କାମ କରି ଚାଲିଛି ଏବଂ 'ପାଠକ' ସହିତ ହେବାକୁ ଥିବା ତା'ର ଦ୍ୱିତୀୟବାର ବିବାହକୁ ସ୍ଥଗିତ ରଖିଛି । ତା' କୋଳରେ ପୁଅ 'ପପ୍‌ପୂ' । ତା'ର ଧାରଣା ହେଲାଣି ଯେ ବାପା ବଦଳାଇବାକୁ ଯାଉଛି ମା । ଏକଥା ଜାଣି ସ୍ତମ୍ଭିତ ହୋଇଛି ଉଷା । ଚିନ୍ତାମଗ୍ନ ହୋଇପଡ଼ୁଛି;

ନିଶ୍ଚୟ କରୁଛନ୍ତି ଯେ ପ୍ରଥମେ ପୁଅ ମନରେ ପରିବର୍ତ୍ତନ ଆଣିବାକୁ ହେବ, ତା'ପରେ ଅନ୍ୟ ଯାହା । ଏହାକୁ ଆଲୋଚକମାନେ ପଳାୟନବାଦୀ ତତ୍ତ୍ୱ ବୋଲି ମତ ଦିଅନ୍ତି । କିନ୍ତୁ ଯଶପାଳଙ୍କ ଉତ୍ତର ହେଉଛି— "ଉଷାର ପ୍ରଥମ ଦାୟିତ୍ୱ ହେଲା ପୁଅର ସଂସ୍କାରକୁ ବଦଳାଇବା । ପୁଅପ୍ରତି ଦାୟିତ୍ୱ ଏବଂ 'ପାଠକ' ସହ ସାନ୍ନିଧ୍ୟର ଆବଶ୍ୟକତା ମଧ୍ୟରେ ସମନ୍ୱୟ ଆଣିବା । ପାଠକ ସହ ତା'ର ଏ ସମ୍ପର୍କ ସ୍ପଷ୍ଟ କରିଦିଏ ଯେ ଏହା ସେ ଦୁହିଁଙ୍କର ପ୍ରାକୃତିକ ଅଧିକାର ।" (ଯଶପାଳଙ୍କ ପତ୍ର, ସଂ. ମଧୁରେଶ, ପୃ. ୧୧୦)

ଏଭଳି କଥାନ୍ତ ଯଶପାଳଙ୍କ ଉନ୍ନତ ବିଚାରର ପ୍ରତୀକ । ଏଥିରୁ ସ୍ପଷ୍ଟ ଯେ, ତାଙ୍କର ୧୯୪୦ର ବିଚାରଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ।

□

ଯାତ୍ରା ଏବଂ ଆଦିମ ସାମ୍ୟବାଦୀ ବ୍ୟବସ୍ଥା ମଧ୍ୟରେ ଗଭୀର ସମ୍ବନ୍ଧ । ମସ୍ତିଷ୍କ ବିକଶିତ ହେବା ପୂର୍ବରୁ ମନୁଷ୍ୟର ପୂର୍ବଜମାନେ ଯାତ୍ରୀ ଥିଲେ । ଯାତ୍ରା ଯୋଗୁଁ ହିଁ ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହେଲା । ଇଚ୍ଛା, ଚେଷ୍ଟା ଏବଂ ଶକ୍ତିର ବିକାଶକ୍ରମ ପ୍ରକୃତି-ସାହଚର୍ଯ୍ୟଦ୍ୱାରା ସମ୍ଭବ ହୋଇପାରିଲା । ବଣମନୁଷ୍ୟରୁ ମନୁଷ୍ୟର ରୂପାନ୍ତର ହେଲା ଯାତ୍ରାଦ୍ୱାରା । ପରେ ବର୍ବର ମାନବ-ସମାଜ ଜନ୍ମଲାଭକଲା । ସମ୍ପତ୍ତିରେ ବ୍ୟକ୍ତିଗତ ଅଧିକାର ସାବ୍ୟସ୍ତ ହେଲା । ବର୍ଗ-ଭେଦ ସୃଷ୍ଟି ହେଲା । ଏହିପରି ଭାବରେ ମନୁଷ୍ୟଙ୍କୁ ସମସ୍ତପ୍ରକାରର ସଂକୀର୍ଣ୍ଣତା ଗ୍ରାସକଲା । ମୁକ୍ତଧରିତଳୁ ସଂକୀର୍ଣ୍ଣ ଦୁନିଆକୁ ଆସି ପୁଣି ସେଥିରୁ ମୁକ୍ତ ହୋଇ ସାମ୍ୟବାଦୀ ଭାବଧାରାକୁ ଆସିବାରେ ଇତିହାସ ବହୁପଥ ଅତିକ୍ରମ କରିଛି । ଏଥିରେ ବହୁ ପରିବର୍ତ୍ତନ ଘଟିଛି । ପ୍ରାକୃତିକତାର ରକ୍ଷାପାଇଁ ଜଗତସହ ସମ୍ପର୍କ ରଖିବା ନିତାନ୍ତ ଦରକାର ଏବଂ ଏଥିନିମିତ୍ତ ଯାତ୍ରା ମଧ୍ୟ ଆବଶ୍ୟକ । ଯାତ୍ରା ବ୍ୟତୀତ ପ୍ରତ୍ୟକ୍ଷ ଅନୁଭବ ବିଲ୍‌କୁଲ ଅସମ୍ଭବ ।

ଅଧୁନା ଜନବାଦୀ ସାହିତ୍ୟକର ମୂଳାଧାର ହେଉଛି ପ୍ରାମାଣିକ ଅନୁଭବ । ଏଣୁ ଜଣେ ସଫଳ କଥାକାର ପାଇଁ ଯାତ୍ରା ନିତାନ୍ତ ଆବଶ୍ୟକ । ସଂସାରର ଅଧିକାଂଶ ମହାନ୍ ଲେଖକ ଯାତ୍ରୀ ଥିଲେ । ରାହୁଲ ଏହାକୁ ପ୍ରମାଣିତ କରିବାପାଇଁ 'ଅଥାତୋ ଘୁମକ୍‌କଡ଼ ଜିଜ୍ଞାସା' ଲେଖିଛନ୍ତି ।

ସେ କହିଛନ୍ତି ଯେ ସଂସାରରେ ମନୁଷ୍ୟ ଥରେ ମାତ୍ର ଜନ୍ମନିଏ ଏବଂ ଯୌବନ କେବଳ ଗୋଟିଏ ଥରହିଁ ଆସେ । ସାହସୀ ଓ ମନସ୍ୱୀ ତରୁଣ-ତରୁଣୀମାନେ ଏହି ଅବସରରୁ ଲାଭ ଉଠାଇବା ଆବଶ୍ୟକ । ଅଣ୍ଟା ଭିଡ଼ି ନିଅ ଭାବୀ ଯାତ୍ରୀବନ୍ଧୁମାନେ, ସଂସାର ତୁମ ସ୍ୱାଗତ ପାଇଁ ବ୍ୟାକୁଳ ହୋଇ ଚାହିଁ ରହିଛି,(ଘୁମକ୍‌କଡ଼ ଶାସ୍ତ୍ର, ପୃ. ୧୧) ।

ଯଶପାଳ ନିଜେ ତିନିଥର ୟୁରୋପ-ଭ୍ରମଣରେ ଯାଇଥିଲେ । ଥରେ ମରିଶସ୍ ମଧ୍ୟ । ଦେଶ ମଧ୍ୟରେ କୌଣସି କୋଣ ସେ ନ ଦେଖି ଛାଡ଼ି ନାହାନ୍ତି । ଏଥିରୁ ଜଣାଯାଏ ଯେ ଦୂରଯାତ୍ରା ଯେପରି ତାଙ୍କର 'ହବି' ଥିଲା । ନିଜକୁ ବ୍ୟାପକ କରିବା ପାଇଁ ସେ ବହୁବାର ଦେଶ ଓ ପ୍ରବାସ ଯାତ୍ରା କରିଛନ୍ତି ।

ସେ ଇଂଲଣ୍ଡ, ସ୍ୱିଜରଲ୍ୟାଣ୍ଡ, ରୁଷ, ଇଟାଲି, ଚେକୋସ୍ଲୋଭାକିଆ, ରୁମାନିଆ, ପୂର୍ବ-ପଶ୍ଚିମ ଜର୍ମାନୀ ଏବଂ ଆଫଗାନିସ୍ଥାନ ଭ୍ରମଣ କରିଛନ୍ତି । ଏହାର ବିବରଣୀ ସେ 'ଲୋହେ କା ଦୀୱାର କେ ଦୋନୋ ଓର', 'ରାହବୀତି', 'ସ୍ୱୀଜା କହତା ହୈ, ମେରା ଚେହରା ଲୌଟାଲ ଦୋ'ରେ ଦେଇଛନ୍ତି । ମରିଶସ୍-ଯାତ୍ରାର ବର୍ଣ୍ଣନା 'ସ୍ୱର୍ଗୋଦ୍ୟାନ ବିନା ସାଁପ'ରେ କରିଛନ୍ତି । ଦେଶ-ଭ୍ରମଣର କାହାଣୀ ମଧ୍ୟ ଏହାର ମଝିରେ-ମଝିରେ ଆସିଯାଇଛି । "ଦେଖା ସୋଚା ସମଝା"ରେ ବିଶେଷଭାବରେ ସେବାଗ୍ରାମ, ଶିମଲାରୁ କୁଲ୍ଲୁ, ନୈନିତାଲର ଅନୁଭବମାନ ଦିଆଯାଇଛି । ଏହାଦ୍ୱାରା ଦୁନିଆର ଦୁଇପ୍ରକାର ଦେଶ ଓ ଜନ-ଜୀବନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଧାରଣା ହୁଏ ।

ଏକ ଦିଗରେ ଇଂଲଣ୍ଡ, ସ୍ୱିଜରଲଣ୍ଡ, ଇଟାଲି, ପଶ୍ଚିମ ଜର୍ମାନୀ, ଆଫଗାନିସ୍ଥାନ ଓ ମରିଶସ୍ । ଏଠି ଦେଖାଯାଏ, ଏକେତ ସମ୍ପନ୍ନ ପୁଞ୍ଜିବାଦୀ ବ୍ୟବସ୍ଥା ଅଥବା ତୃତୀୟ ବିଶ୍ୱରେ ମୁଣ୍ଡଟେକି ଉଠୁଥିବା ସମସ୍ୟାମାନ ଓ ରୂଢ଼ିଗ୍ରସ୍ତ ମାନସିକତା । ଇଂଲଣ୍ଡ ଗିବା ସମୟରେ ଯଶପାଳ ଦେଖିଲେ ଯେ ସେଠାରେ ବ୍ୟାବସାୟିକ ମନୋବୃତ୍ତି ପ୍ରଧାନ ସ୍ଥାନ ନେଇଛି । ମନୁଷ୍ୟ ମଧ୍ୟ କ୍ରୟ-ବିକ୍ରୟର ସାଧନ ହୋଇ ପଡ଼ିଛି । ସାରା ଦେଶ ମାଲ ବିକ୍ରୀ ଦୃଷ୍ଟିରୁ ବିଜ୍ଞାପନ ଦେବାରେ ବ୍ୟସ୍ତ । ମାତ୍ର ଉପଭୋକ୍ତାର ରୁଚିକୁ ଦେଖି ନୁହେଁ । ପୁଞ୍ଜିବାଦୀ ସଂସ୍କୃତିର ବିକୃତି ଚାରିଆଡ଼େ ବ୍ୟାପି ରହିଛି । ଏକ ଦିଗରେ ବେଶ୍ୟାବୃତ୍ତିର ନଗ୍ନ ନୃତ୍ୟ ତ ଅନ୍ୟ ଦିଗରେ ଭିକ୍ଷାବୃତ୍ତି । ଏହା ଏବେ ବି ବିଦ୍ୟମାନ । ସ୍ୱିଜରଲଣ୍ଡ ଦୁନିଆରେ ବିକଶିତ ଓ ସ୍ୱାସ୍ଥ୍ୟବର୍ଦ୍ଧକ ଦେଶ ବୋଲି କୁହାଯାଏ । ମାତ୍ର ସେଠି ମଧ୍ୟ ଆଭିଜାତ୍ୟ ଓ ସ୍ୱତନ୍ତ୍ରତାର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଲା ବଡ଼ ଲୋକଙ୍କର କ୍ଳୀବତ୍ୱ ଓ ଉନ୍ମୁକ୍ତ ଭୋଗଲିପ୍ସା । ଆମ ଦେଶରେ ଉତ୍କୋଚ ନେବା, ଭ୍ରଷ୍ଟାଚାରର ଦଗାବାଜୀ ଏବଂ ଶୋଷଣ-ମନୋବୃତ୍ତିକୁ ଦେଖି ସଂସ୍କୃତିର ପୃଷ୍ଠପୋଷକମାନେ କହନ୍ତି ଯେ ଏହାହିଁ ଆମ ଅଧୋଗତିର କାରଣ । କିନ୍ତୁ ଯଶପାଳ ଆଭିଜାତ୍ୟ ସମ୍ପନ୍ନ ଦେଶମାନଙ୍କର ଯେଉଁ ପ୍ରମାଣ ଦେଇଛନ୍ତି, ତଦ୍ୱାରା ଆମମାନଙ୍କର ଭ୍ରମ ଦୂର ହେବା ଉଚିତ । ଭ୍ରାନ୍ତ ମଧ୍ୟବର୍ଗ ଓ ସାଧାରଣ ଜନତା ଜାଣିବା ପାଇଁ ଏ ସୂଚନା ଯଥେଷ୍ଟ ଯେ ଏ ଦୋଷ ପୁଞ୍ଜିବାଦୀ ସଂସ୍କୃତିର । ଅସମାନତା ଓ ଶୋଷଣ ଯୋଗୁଁ ଏ ସମସ୍ତ ବିକୃତି ଦେଖା ଦେଇଛି । ସମାଜ ଏଭଳି ବିକୃତିମାନଙ୍କୁ ଜନ୍ମଦିଏ

ଏବଂ ତା'ର ସମାଧାନର କୃତ୍ରିମ ପ୍ରଚାର କରି ଜନତାକୁ ବିଭ୍ରାନ୍ତ କରାଏ । ଯଶପାଲ ନିଜର ଅନୁଭୂତ ଆଧାରରେ ଲେଖିଛନ୍ତି ଯେ ଇଟାଲି, ଫ୍ରାନ୍ସ, ମିଶର ଓ ଅଦନରେ ଯେ କୌଣସି ପଦାର୍ଥର ମୂଲ୍ୟ ଦ୍ୱିଗୁଣ ଦେବାକୁ ପଡ଼େ । ବକ୍ସିସ୍ ନାମରେ କର୍ମଚାରୀ ଲାଞ୍ଚ ମାଗେ । ପାସ୍‌ପୋର୍ଟ ଇନ୍‌ସପେକ୍‌ସନ କର୍ମଚାରୀଙ୍କୁ ବକ୍ସିସ୍ ନ ଦିଆଗଲେ ଫୋଟୋକୁ ବିକୃତ କରିଦିଏ । ଚେହେରା ସହିତ ଫଟୋ ଯେପରି ନ ମିଶିବ । ଏ ଦେଶମାନଙ୍କରେ ସାଧାରଣ ଲୋକ ଓ ବିଶିଷ୍ଟ ଲୋକଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ରୋମ, ଲଣ୍ଡନ ଇତ୍ୟାଦି ନଗରମାନଙ୍କରେ ଭ୍ରମଣ କରୁଥିବା ସମୟରେ ସେଠାରେ ଖ୍ରୀଷ୍ଟିୟାନମାନଙ୍କ ଚରିତ୍ର ଦେଖିବାକୁ ପାଇଥିଲେ । ସେଠାରେ ଧର୍ମ ନିର୍ବାଣ ଗରିବ ଲୋକଙ୍କୁ ପାରଲୌକିକ ଆଶା ପ୍ରଦାନ କରେ । ଖ୍ରୀଷ୍ଟଧର୍ମର ଜନ୍ମ ଏଇଥିପାଇଁ ହୋଇଛି । ପରେ ଶାସନ ତାକୁ ନିଜର ଅସ୍ତ୍ର କରି ନେଇଛି । କେବଳ ରୋମ ହିଁ ନୁହେଁ ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କର ସାମ୍ରାଜ୍ୟବାଦୀ ରାଜ୍ୟ ବିସ୍ତାର ଓ ବ୍ୟାପାର-ବୃଦ୍ଧିରେ ଏହା ସହାୟକ ହୁଏ । ଶାନ୍ତି ଓ ଜନସେବା ନାଁରେ ଏ ସଂସ୍କୃତି-ମୁସଲମାନ ସଂସ୍କୃତି ପରି କମ୍ ନର-ସଂହାର କରିନି । ବୌଦ୍ଧଧର୍ମ, ଜୈନଧର୍ମ ଓ ହିନ୍ଦୁ ଧର୍ମରେ ମଧ୍ୟ ଏହା ହିଁ ହୋଇଛି ।

ପାକିସ୍ଥାନ ଓ ଆଫଗାନିସ୍ଥାନରେ ବାସ କରୁଥିବା ଲୋକେ ପ୍ରାୟ ମୁସଲମାନ । ପାକିସ୍ଥାନର ଜନ୍ମ ମୁଷ୍ଟିମେୟ କେତେଜଣ ରାଜନୀତିକ ନେତାମାନଙ୍କର ସାଂପ୍ରଦାୟିକ ମନୋବୃତ୍ତି ଯୋଗୁଁ । ଯେଉଁଦିନଠାରୁ ସେ ଦେଶ ହେଲା ସେହି ଦିନଠାରୁ ପୁରା ପ୍ରଚାର ମାଧ୍ୟମରେ ପଡ଼ୋଶୀ ଲୋକଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରାଗଲା । ସ୍ୱାଧୀନତା-ସଂଗ୍ରାମ ବେଳେ ଏକା ସାଙ୍ଗରେ ହିନ୍ଦୁ ଓ ମୁସଲମାନ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ୁଥିଲେ । ମାତ୍ର ବର୍ତ୍ତମାନ ସେଠାରେ ଆଜିର ତରୁଣ ପିଢ଼ିକୁ ଯେଉଁ ଇତିହାସ ପଢ଼ା ଯାଉଛି, ତା'ର ମୂଳଧାର ହେଲା ସାଂପ୍ରଦାୟିକ ଘୃଣା । ଏହାର କାରଣ ହେଲା, ବହୁଦିନଯାଏ ଶାସନ ପାଇଁ ଲାଗିରହିଥିବା ସଂଘର୍ଷ । ସଂଘର୍ଷ ହିଁ ଶାସନର ମୂଳପିଣ୍ଡ ହୋଇଛି । ଏହାର ମାଧ୍ୟମରେ ସିଂହାସନର ରକ୍ଷା ହୋଇ ଆସୁଛି ଓ ଦାରିଦ୍ର୍ୟଦ୍ୱାରା ପୀଡ଼ିତ ଜନତାର ଧ୍ୟାନକୁ ବିକେନ୍ଦ୍ରିତ କରିଦିଆଯାଉଛି । ଯଶପାଲ ପେଶୱାରରୁ କାବୁଲକୁ ଯିବା ବାଟରେ ବହୁକଥା ଦେଖିଥିଲେ, ବହୁକଥା ଜାଣିବାକୁ ପାଇଲେ । ପୁଲିସ କର୍ମଚାରୀମାନଙ୍କଠାରୁ ବହୁ କଷ୍ଟରେ ସୀମା ପାରହେବାର ଅନୁମତି ମିଳିଲା । ଆଫଗାନିସ୍ଥାନରେ ପହଞ୍ଚିବା ମାତ୍ରେ ଦେଖିଲେ ଯେ ସେଠି ସଡ଼କ, ପାଣି, ବିଜୁଳି ଆଦିର ବଡ଼ ଅବ୍ୟବସ୍ଥା । ଧାର୍ମିକ ରୁଚି ପୂର୍ବପରି । ସେଥିରେ କୌଣସି ପରିବର୍ତ୍ତନ ଆସିନି । ପୁଲିସ କର୍ମଚାରୀମାନଙ୍କ ବ୍ୟବହାର ଇଂରେଜଶାସନ ବେଳର । ଗ୍ରାମମାନଙ୍କରେ ମୂର୍ଖତା, ଦାରିଦ୍ର୍ୟ, ବେକାରୀ ଭାରତଠାରୁ ଭିନ୍ନ ନୁହେଁ । ହିନ୍ଦୁ, ଶିଖ, ମୁସଲମାନ ଆଦି ସେଠାର ନିବାସୀ । ସାଂପ୍ରଦାୟିକ ଦଙ୍ଗା ସେଠି ନାହିଁ, ମାତ୍ର ଆତଙ୍କ ରହିଛି । ପରଦା-ପ୍ରଥା ଏବେ ବି ଅଛି । କାବୁଲ ପରି

ନଗର ମଧ୍ୟ ଅପରିଷ୍କୃତ । ଦାସ-ପ୍ରଥା ଦୂର ହୋଇନି । ଶାସନ ଏବଂ ସାମାଜିକ ରୂଢ଼ିର ପକ୍ଷଧାରମାନଙ୍କ ପ୍ରତି ଜନ-ଅସନ୍ତୋଷ ରହିଛି, ମାତ୍ର ତାହା ସୁନିୟୋଜିତ ନୁହେଁ । ଅନ୍ତରାଷ୍ଟ୍ରୀୟ ପ୍ରଭାବ ଦୃଷ୍ଟିରୁ ଇଂରେଜମାନଙ୍କ ନକଲ ପ୍ରାୟ ଅଧିକ । ଏଣୁ ମନେହେଲା ଜନ-ଅସନ୍ତୋଷ ପାଇଁ ବୈଜ୍ଞାନିକ ପ୍ରେରଣା ନିତାନ୍ତ ଆବଶ୍ୟକ ।

ସମାଜବାଦୀ ଦେଶମାନଙ୍କର ଭ୍ରମଣଫଳରେ ଦୁଇଟି କଥା ସ୍ପଷ୍ଟ ହେଲା । ଅବଶେଷ ରହିଯାଇଥିବା ବସ୍ତୁମାନଙ୍କରୁ ସେଠାକାର ପ୍ରାଚୀନ ସଂସ୍କୃତି ଏବଂ ନବୀନ ବାମପନ୍ଥୀ ସଂସ୍କୃତିର ଉପଲବ୍ଧିମାନଙ୍କର ତୁଳନା କରିବା ପାଇଁ ଯାତ୍ରୀମାନଙ୍କୁ ସୁବିଧା ହୁଏ । ପୂର୍ବଜର୍ମାନୀ ଏବଂ ପଶ୍ଚିମଜର୍ମାନୀର ଏକାସାଙ୍ଗରେ ଭ୍ରମଣ କରିବା ଫଳରେ ସେଠାକାର ପୁଞ୍ଜିବାଦୀ ସାମ୍ୟବାଦୀ ଦେଶମାନଙ୍କର ସ୍ଥିତିର ସଠିକ ତୁଳନା କରାଯାଇପାରେ । ଯଶପାଲ ପ୍ରଥମ ୟୁରୋପୀୟ ଯାତ୍ରା ସମୟରେ ରୁଷ୍ ମଧ୍ୟ ଯାଇଥିଲେ । ସେତିକବେଳେ ଚେକୋସ୍ଲୋଭାକିଆ, ରୁମାନିଆ ଏବଂ ପୂର୍ବଜର୍ମାନୀର ପରିଚୟ ପାଇଥିଲେ ଏବଂ ବୁଝିପାରିଥିଲେ ଯେ ସବୁ ସମାଜବାଦୀ ଦେଶମାନଙ୍କରେ କ୍ରାନ୍ତି କରିବାର ଉପାୟ ଏକପ୍ରକାର ନୁହେଁ, ଉଦାହରଣ ସ୍ୱରୂପ ରୁଷ୍‌ରେ ସର୍ବହରାମାନେ କ୍ରାନ୍ତି କଲେ । ଚେକୋସ୍ଲାଭାକିଆରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରୁଷ୍ ସହାୟକ ହୋଇ ନାଜିମାନଙ୍କୁ ସେଠୁ ବିତାଡ଼ିତ କଲା । ଫଳରେ ସଂବୈଧାନିକ ଢଙ୍ଗରେ ସେଠି ସମାଜବାଦୀ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିଲା । ଏଣୁ ପରବର୍ତ୍ତୀକାଳରେ ମାର୍କସ୍-ଲେନିନ ସିଦ୍ଧାନ୍ତାନୁସାରେ ଅବଶ୍ୟ କିଛି ପ୍ରାୟୋଗିକ ଅନ୍ତର ଆସିଯାଇଛି । ସମାଜବାଦୀ ଦେଶମାନଙ୍କରେ କୌଣସି ବ୍ୟକ୍ତିବିଶେଷର ଶାସନ ନାହିଁ । ଏଣୁ ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା କେବଳ ଜନକଲ୍ୟାଣ ପାଇଁ ଏବଂ ସେଥିପାଇଁ ସେ ଉତ୍ତରଦାୟୀ । ଉତ୍ପାଦନରୁ ବିକିଯାଏ ସମସ୍ତ ବସ୍ତୁ ଉପଭୋକ୍ତାର ରୁଚି ଅନୁକୂଳ ହୋଇଥାଏ । ଦୁନିଆର କୌଣସି ଦେଶପ୍ରତି ଘୃଣାଭାବ ସେଠି ନଥାଏ ଏବଂ ପୁଞ୍ଜିବାଦୀ ଦେଶମାନଙ୍କର ଜନତାପ୍ରତି ବି ଉପେକ୍ଷାଭାବ ନଥାଏ । ଜନତା ଜାଣେ ଯେ ଏ ଦେଶମାନଙ୍କରେ ରାଜନୀତିକ ବାଗଡୋର ଜନତା ହାତରେ ନଥାଏ, ଥାଏ ପୁଞ୍ଜିପତିମାନଙ୍କ ହାତରେ । ତେଣୁ ସେମାନେ ଚରିତ୍ରର ରକ୍ଷାନିମିତ୍ତ ଜନତନ୍ତ୍ରର ସଠିକ୍ ଭାବମୂର୍ତ୍ତି ଆଣିବାକୁ ଦିଅନ୍ତି ନାହିଁ । ସେଠାରେ ସାମ୍ୟବାଦକୁ ବିକୃତ କରିବା ପାଇଁ ପାଣିପରି ପଇସା ବୁହାଇ ଦିଆଯାଏ । କୌଣସି ଦେଶରେ ସାମ୍ୟବାଦ ପହଞ୍ଚିବା ପୂର୍ବରୁ ତା'ର ନାନାପ୍ରକାର ବିରୋଧ କରାଇ ଦିଆଯାଏ । ଯଦି ପ୍ରକୃତ ଭ୍ରାତୃଭାବ, ମିତ୍ରତା ଓ ସ୍ନେହ କୌଣସି ଜାଗାରେ ଦେଖାଯାଏ, ତାହା ହେଉଛି ସମାଜବାଦୀ ଦେଶରେ ।

ଏ ଦେଶମାନଙ୍କରେ ପ୍ରାସାଦ ଓ ବଡ଼-ବଡ଼ ଅଟ୍ଟାଳିକା ବ୍ୟତୀତ ଏପରି ଘର କରାଯାଇଛି, ଯେଉଁଠି ଅଧିକରୁ ଅଧିକ ଜନତା ଅତ୍ୟାବଶ୍ୟକ ସୁବିଧା ପାଇ ପାରିବେ ।

ଆବଶ୍ୟକତା ଅନୁସାରେ କମ୍ ଅଥବା ଅଧିକା ସ୍ଥାନ ଥିବା ଘର ମିଳିଯାଏ । କଠିନ ଶ୍ରମ କରୁଥିବା ମୂଲିଆ କିରାଣୀଠାରୁ ଅଧିକା ବେତନ ପାଏ । ଦେଶର ଆୟ ଅନୁପାତରେ କର୍ମଚାରୀମାନଙ୍କୁ ବେତନ ଦିଆଯାଏ । ଚେକୋସ୍ଲୋଭାକିଆରେ ସବୁଠାରୁ କମ ବେତନ ୭୦୦ କ୍ରାଉନ । ପୂର୍ବ ଜର୍ମାନୀ ଓ ରୁଷ୍‌ରେ ଜୀବନଧାରଣର ମାନ ଅଧିକ ବିକଶିତ ହୋଇ ପାରିଛି । ୟୁରୋପର ସମାଜବାଦୀ ଦେଶମାନଙ୍କରେ ପ୍ରାଚୀନ ଅବଶେଷଗୁଡ଼ିକୁ ସୁରକ୍ଷିତ ରଖାଯାଇଛି । ନାଜି-ଯୁଗର ହିଡଆର ଆଜି ବି ସେ ସମୟର ଭୟାବହତା ସ୍ମରଣ କରାଇଦିଏ । ନାଗରିକମାନେ କୌଣସି ଦେଶର ପ୍ରାଚୀନ ଆକ୍ରମଣ ଓ ନୃଶଂସ ହତ୍ୟାକାଣ୍ଡମାନଙ୍କ ଖବର ଶୁଣି ଭୟଭୀତ ହୋଇ ପଡ଼ନ୍ତି । ସେମାନଙ୍କ ଦୁଃଖ ଦେଶର ସୀମାନ୍ତ ପାଇଁ ନୁହେଁ, ମାନବୀୟ ସମ୍ବେଦନା ପାଇଁ । ରୁଷ୍‌ଭାଷା ଅଧ୍ୟୟନ କରି ସମସ୍ତ ସମାଜବାଦୀ ଦେଶ ନବୀନ ସଂସ୍କୃତିରେ ସହଭାଗୀ ହେବାକୁ ଚାହାନ୍ତି । ଏ ଭାଷା ସେମାନଙ୍କ ପାଇଁ ମିଳନର ଭାଷା । ଏ ଦେଶମାନଙ୍କରେ ଦୋକାନ ପାର୍କ ଏବଂ ଅନ୍ୟ ସ୍ଥାନଗୁଡ଼ିକର ନାମ ବ୍ୟକ୍ତିବାଚୀ ନୁହେଁ । ଯଦି ବ୍ୟକ୍ତି-ପୂଜାର ପରମ୍ପରା କେଉଁଠି ଅଛି, ତାହାହେଲେ ସେଗୁଡ଼ିକ ପୁଞ୍ଜିବାଦୀ ବ୍ୟକ୍ତିବାଦୀ ସଭ୍ୟତାର । ଲେନିନ-ମାର୍କସଙ୍କ ନାମରେ ଯଦି କୌଣସି ସାର୍ବଜନୀନ ସ୍ଥାନ ଅଛି, ତାହା ବ୍ୟକ୍ତି-ପୂଜା ପାଇଁ ନୁହେଁ । ଏ ନାମଗୁଡ଼ିକ ଦେଶବାସୀଙ୍କ ପାଇଁ ସେମାନଙ୍କ ହୃଦୟର କମ୍ପନ ପରି ଆପଣାର ଅଧିକାଂଶ କ୍ଷେତ୍ରରେ ଏଗୁଡ଼ିକ ସରକାରୀ ସ୍ଥାନ । ପ୍ରତ୍ୟେକ ବ୍ୟକ୍ତିର ଏଠି ପୂରା ଅଧିକାର । ରୁଷ୍‌ରେ ସରକାରଙ୍କର କୃଷି ଅଛି । କେଉଁଠି କେମିତି ବ୍ୟକ୍ତିଗତ କୃଷି ଅଛି । ଯୁଗୋସ୍ଲାଭିଆରେ ବ୍ୟକ୍ତିଗତ ମାଲିକାନା ପୂରାପୂରି ଉଠାଇ ଦିଆଯାଇ ନାହିଁ । ଯୁଗୋସ୍ଲାଭିଆର ଲେଖକ ଆଂତୋନ କହିଛନ୍ତି ଯେ ସେଠି କୃଷକମାନଙ୍କୁ ସ୍ୱତନ୍ତ୍ର ବ୍ୟକ୍ତିଗତ ଅଧିକାର ଦିଆଯାଇଥିବା ହେତୁ ରୁଷ ସହିତ ସେମାନେ ଏକମତ ହୋଇ ନାହାନ୍ତି । ଯୁଗୋସ୍ଲାଭିଆ ନିଜର ପରିସ୍ଥିତି ଅନୁସାରେ ଜମିକୁ ରାଷ୍ଟ୍ରୀୟକରଣ କରିଛି । ଏହାର ଅର୍ଥ ନୁହେଁ ଯେ ମାର୍କସବାଦରୁ ଦୂରେଇ ରହିଛି । ଏ ଦେଶଗୁଡ଼ିକ ପ୍ରାଥମିକ ଦୃଷ୍ଟିରୁ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି । ସମ୍ବିଧାନରେ ପ୍ରତ୍ୟେକ ନାଗରିକକୁ କାମ କରିବାର ଅଧିକାର ଦିଆଯାଇଛି । ସମ୍ପତ୍ତିଗତ ଅସମାନତା ଉଠାଇ ଦିଆଯାଇଛି । ସର୍ବହରା ପାଇଁ ରାଜନୀତିକ, ଆର୍ଥିକ ଓ ସାମାଜିକ କୌଣସି ପ୍ରକାର ବନ୍ଧନ ନାହିଁ । ସେ ନିଜ ପ୍ରଗତି ପାଇଁ ସମାନ ଅବସର ପାଇ ପାରୁଛି । ମାନବୀୟ ମୁକ୍ତି ପାଇଁ ଏଠି ପୂରା ଅବସର ଦିଆଯାଇଛି । ପ୍ରତ୍ୟେକ ବ୍ୟକ୍ତିକୁ ତା ନିଜର ବା ନିଜର ଲୋକଙ୍କର ଭବିଷ୍ୟତ ଚିନ୍ତା ନକରି ଦେଶର ଭବିଷ୍ୟତ ଚିନ୍ତା କରିବା ପାଇଁ ସୁଯୋଗ ଦିଆଯାଇଛି । ଆମ ଦେଶର ଲୋକେ ନିଜର ବ୍ୟକ୍ତିଗତ ଚିନ୍ତାରେ ଯେତେଦୂର ବ୍ୟସ୍ତ ରୁଷର ଲୋକେ ତା'ଠାରୁ ଅଧିକ ବ୍ୟସ୍ତ ରାଷ୍ଟ୍ରୀୟ ଓ ସମୂହ ଚିନ୍ତାରେ । ନାଜି ଅତ୍ୟାଚାର ଓ କ୍ରୂରତା ଯୋଗୁ ଆଜିବି ରୁଷର ଲୋକେ ଆତଙ୍କିତ ।

ଏଇଥିପାଇଁ ମୁକ୍ତି-ଯୋଦ୍ଧା ଲେନିନ ସେମାନଙ୍କ ପାଇଁ ଶ୍ରଦ୍ଧାର ପାତ୍ର । ଷ୍ଟାଲିନଙ୍କ ପ୍ରତି ମଧ୍ୟ ଲୋକଙ୍କ ମନରେ କମ ଉଚ୍ଚ ଧାରଣା ନାହିଁ । ଚେକୋସ୍ଲୋଭାକିଆରେ ଏକ ପର୍ବତ ଶିଖରର ନାମ ଷ୍ଟାଲିନ ରଖାଯାଇଛି । ଏଠି ଲୋକଙ୍କର ଧାରଣା ଯେ ସାମ୍ୟବାଦୀ ବ୍ୟବସ୍ଥା ଆଣିଥିବା ଯୋଗୁ ପର୍ବତ ଶିଖରଠାରୁ ଷ୍ଟାଲିନ କମ୍ ଉଚ୍ଚର ବ୍ୟକ୍ତି ନୁହନ୍ତି ।

ସମାଜବାଦୀ ଦେଶମାନଙ୍କରେ ବାମପନ୍ଥୀ ସଂସ୍କୃତି ଜନତା ପାଇଁ ଆନ୍ତରିକ ସ୍ୱତଃସ୍ଫୂର୍ତ୍ତି ଏବଂ ସ୍ୱାଭାବିକ ହୋଇଯାଇଛି । ପୁଞ୍ଜିବାଦୀ ବ୍ୟବସ୍ଥା ଏ ସଂସ୍କୃତିର ଯେପରି ବଦ୍‌ନାମ କରୁଛି, ତା'ର ଯଥାର୍ଥ ଉତ୍ତର ଏ ଦେଶମାନଙ୍କରେ ଭ୍ରମଣରୁ ହିଁ ମିଳିଯାଏ । ଯେଉଁମାନେ ଏହାର ପ୍ରାମାଣିକତା ଚାହାନ୍ତି ସେମାନେ ଥରେ ମାତ୍ର ବୁଲି ଆସିବା ଦରକାର । ଏପରି ବି କୁହାଯାଏ ଯେ ଏଠାକାର ଜନତାକୁ ନିଜର ଅଭିମତ ପ୍ରକାଶ କରିବାର ଅଧିକାର ଦିଆଯାଇ ନାହିଁ । ମାତ୍ର ଲୋକେ ସେଠି ଲାଉଡ଼ସ୍ପିକର ହୋଇ କାଳାତିପାତ କରୁଛନ୍ତି । ଧର୍ମ ସମ୍ବନ୍ଧରେ ମଧ୍ୟ ଲୋକଙ୍କୁ ଭ୍ରମ ଧାରଣା ଦିଆଯାଉଛି । ଯଶପାଲ ଏ ପ୍ରକାର ପ୍ରଶ୍ନମାନଙ୍କର ଉତ୍ତର ଯାତ୍ରାବୃତ୍ତ ଜରିଆରେ ଦେଇଛନ୍ତି । ସେ ଚେକ୍, ପୂର୍ବଜର୍ମାନୀ, ରୁଷ୍ ଓ ରୋମାନିଆର ଲୋକଙ୍କ ମତାମତଗୁଡ଼ିକୁ ଉଦ୍ଧାର କରି ସେଠାକାର ଲୋକମାନଙ୍କର ଜୀବନ-ଚରିତର ପରିଚୟ ଦେଇଛନ୍ତି ।

ସାଧାରଣ ସ୍ୱାଧୀନତା ଅଥବା ଲେଖିବାର ସ୍ୱାଧୀନତା ସମ୍ବନ୍ଧରେ ଚେକୋସ୍ଲୋଭାକିଆର -"ଲେଖକୋଂ କା କାଂଗ୍ରେସ ମେଂ" ପାରିତ ପ୍ରସ୍ତାବରୁ ହିଁ ଜଣାପଡ଼େ । ପ୍ରସ୍ତାବାଂଶ ହେଲା—'ମନୁଷ୍ୟର ପୂର୍ଣ୍ଣ ବିକାଶ ଓ ମୁକ୍ତି ପାଇଁ ସଂଘର୍ଷ ଉଚିତ । ଯେତେବେଳେ ଲେଖକ ନିଜ କଳା ଦେଖାଏ ଓ ନବୀନ ଆଦର୍ଶ ସ୍ଥାପିତ କରେ ସେତେବେଳେ ତାକୁ ଆଦର୍ଶହୀନ ଓ ଭୌତିକବାଦୀ ହେବାର ଲାଞ୍ଛନା ଦିଆଯାଏ । ଆଜିର ଲେଖକର ଆଧାର ହେଲା ବାସ୍ତବିକତା । ଏଣୁ ସେ ନିଶ୍ଚିତ ଭାବରେ ଭୌତିକବାଦୀ, ମାତ୍ର ସେ ଆଦର୍ଶହୀନ ନୁହେଁ । ତାର ଆଦର୍ଶ ଅଧିକ ଯଥାର୍ଥ । ଆଜିର ଲେଖକ ଯେତେବେଳେ ନିଜ କଳାଦ୍ୱାରା ନବୀନ ଆଦର୍ଶର ସମର୍ଥନ କରେ, ସେତେବେଳେ ତାକୁ ପ୍ରଚାରକ ହେବାର ଅପବାଦ ଦିଆଯାଏ । ଲେଖକ ସର୍ବଦା ନିଜ କୃତିଦ୍ୱାରା କୌଣସି ବିଚାର ଅଥବା ଆଦର୍ଶ ପ୍ରତି ନିଜର ସମର୍ଥନ ଅଥବା ବିରୋଧ ବ୍ୟକ୍ତ କରିଥାଏ । ସାହିତ୍ୟ ବିଚାରପୂର୍ଣ୍ଣ ହେବା ଉଚିତ । ଆମ ମତରେ ବିଚାରହୀନ ସାହିତ୍ୟ ସୃଷ୍ଟି କରିବା ଅପେକ୍ଷା ପ୍ରଚାର ସମ୍ପର୍କୀୟ ଲାଞ୍ଛନା ସ୍ୱୀକାର କରିନେବା ଅଧିକ ଉପଯୁକ୍ତ (ରାହବୀତୀ, ପୃ ୨୯) । ଏହା ନିଶ୍ଚିତ ଯେ ସମାଜବାଦୀ ଦେଶମାନଙ୍କରେ ପବନରେ ଖଣ୍ଡା ଚଳାଇବାର ଅନୁମତି ଦିଆଯାଏ ନାହିଁ । ଲେଖକ ହେଉ ଅଥବା ନାଗରିକ ହେଉ ତା'ର ପ୍ରତ୍ୟେକ ଗତିବିଧି ଆଦର୍ଶ ସ୍ଥାପନ ଓ ରକ୍ଷା ପାଇଁ । କବି

ଅଥବା କଳାକାର କଳା-ସାଧନାର ଉପେକ୍ଷା କରେ ନାହିଁ । ସେ ସର୍ବଦା ରଚନାତ୍ମକ ସ୍ୱାଧୀନତା ଚାହେଁ । ଏ ଦେଶମାନଙ୍କର ଲେଖକ ଆର୍ଥିକ ଦୃଷ୍ଟିରୁ ଦରିଦ୍ର ନୁହନ୍ତି । ସେମାନଙ୍କର ପ୍ରକାଶନ-ସଂଘ ଅଛି, ତେଣୁ ସେମାନେ ଆତ୍ମନିର୍ଭରଶୀଳ । ଏଠାରେ ସଚୋଟତାର ସହିତ ଦୁନିଆର ଅନ୍ୟ ଯେକୌଣସି ସଂସ୍କୃତିରେ ଥିବା ମାନବୀୟ ଉପଲବ୍ଧିଗୁଡ଼ିକୁ ଜାଣିବାର ଉତ୍କଣ୍ଠା ଅଛି, ପ୍ରତିଯୋଗିତା ବି ରହିଛି । ଏଠାକାର ବିଶ୍ୱବିଦ୍ୟାଳୟମାନଙ୍କରେ ଅନ୍ୟଭାଷା ପଢ଼ିବାର ବ୍ୟବସ୍ଥା ଅଛି । ଭାଷା ଶିଖିବାର ଉଦ୍ଦେଶ୍ୟ ହେଲା ସେଠାକାର ସଂସ୍କୃତି ବିଷୟରେ ଅବଗତ ହେବା । ସେମାନେ ଅନ୍ତର୍ଜାତୀୟ ମହତ୍ତ୍ୱପୂର୍ଣ୍ଣ ଲେଖକମାନଙ୍କର ଅନୁବାଦ କରନ୍ତି । ରୁଷ, ଚେକ୍ ତଥା ପୂର୍ବଜର୍ମାନୀରେ ତୁଳସୀ, ରବୀନ୍ଦ୍ର, ପ୍ରେମଚନ୍ଦ ଏବଂ ଯଶପାଳଙ୍କ ରଚନାଗୁଡ଼ିକର ଅନୁବାଦ କରାଯାଏ । ଆଧୁନିକ କାହାଣୀ, ଉପନ୍ୟାସ ଓ କବିତା ଆଦିର ଅନୂଦିତ ସଙ୍କଳନ ପ୍ରକାଶିତ ହୁଏ ଏବଂ ପତ୍ରିକାଗୁଡ଼ିକ ପଢ଼ାଯାଏ । ଏହାର କାରଣ ହେଲା, କୌଣସି ଭାଷାର ଅତିଥି ସେ ଦେଶମାନଙ୍କରେ ମଧ୍ୟ ପଢ଼ିବା ପାଇଁ ନିଜ ସାହିତ୍ୟ ପାଇପାରିବ ଓ ଭାଷା ତା ଯାହାରେ କୌଣସି ବାଧା ସୃଷ୍ଟି କରିପାରିବ ନାହିଁ । ଇଂରାଜୀର ଉପନିବେଶବାଦୀ ପ୍ରଭୁତ୍ୱକୁ ଦୂର କରିବା ପାଇଁ ଏ ଦେଶ-ମାନଙ୍କରେ ଉତ୍ତମ ବ୍ୟବସ୍ଥା କରାଯାଇଅଛି । ଚେକ୍‌ରେ ଡ. ସ୍ମେକଲ, ରୁଷରେ ଡ. ଚେଲିସେଭ, ଏବଂ ପୂର୍ବଜର୍ମାନୀରେ ଡ. ନେସ୍ପିଟାଲ ପରି ସାଧନାରତ ଲେଖକ ଅଛନ୍ତି, ଯେଉଁମାନେ ପୂର୍ବ ଦେଶମାନଙ୍କର ଭାଷା-ବିଜ୍ଞାନର ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଯଶପାଳଙ୍କୁ ଚେକୋସ୍ଲୋଭାକିଆରେ ମିଳନା ହିବ୍‌ଶମାନେବା ଅଥବା ମେରିଆ ଦ୍ୱିଭାଷୀ ଭାବରେ କାମ କରି ପୂରା ଦେଶ ବୁଲାଇ ଦେଖାଇ ଦେଇଥିଲେ ।

ଯେତେଦୂର ଧର୍ମ-ସ୍ୱାତନ୍ତ୍ର୍ୟର ପ୍ରଶ୍ନ, ଯଶପାଳ ଲେଖିଛନ୍ତି ଯେ ଚେକୋ-ସ୍ଲୋଭାକିଆରେ ଖ୍ରୀଷ୍ଟଙ୍କ ମାତା ମରିୟମଙ୍କ ମୂର୍ତ୍ତି-ମଣ୍ଡପ ବହୁ ସଂଖ୍ୟାରେ ଦେଖାଯାଏ । ପ୍ରତିଦିନ ସେଠି ପୂଜା ହୁଏ । ମଣ୍ଡପରେ କେଉଁଠି କେଉଁଠି କମ୍ୟୁନିଷ୍ଟମାନଙ୍କର ଚିହ୍ନ ଦାଆ-ହାତୁଡ଼ି ଲଗାଯାଇଛି । 'ମେ ପହିଲ ଜିନ୍ଦାବାଦ' ବୋଲି ଲେଖାଯାଇଛି । ଏଠାରେ ପ୍ରାଚୀନ ରୋମାନ କ୍ୟାଥଲିକ ଅଥବା ଖ୍ରୀଷ୍ଟିୟାନ ସନାତନ ଧର୍ମ ପରମ୍ପରା ଚାଲି ଆସୁଛି । ଏଠାକାର ଲୋକେ ଧର୍ମ ଓ କମ୍ୟୁନିଜମ୍‌କୁ ଏକା ସାଙ୍ଗରେ ସୁରକ୍ଷିତ ରଖିଛନ୍ତି । ରୁମାନିଆରେ ଗୀର୍ଜାମାନଙ୍କୁ ଯତ୍ନରେ ରଖାଯାଇଛି । ପ୍ରଶାସନ ସେଥିପାଇଁ ଅନୁଦାନ ଦିଏ । ଆଶ୍ଚର୍ଯ୍ୟର କଥା ଯେ ଏଠାରେ ପାଦ୍ରୀ ଓ ଧର୍ମୋପଦେଶମାନଙ୍କ ସାମ୍ପ୍ରଦାୟିକ ଶିକ୍ଷାପାଇଁ ଗୋଟିଏ ବିଶ୍ୱବିଦ୍ୟାଳୟ ଅଛି । ତା'ଅଧୀନରେ ଛ'ଟି କଲେଜ ଅଛି । ସେଠାକାର ଜଣେ ମନ୍ତ୍ରୀ ଏ ସମ୍ବନ୍ଧରେ ଉତ୍ତର ଦେଇଥିଲେ— 'ଏ ସାମ୍ପ୍ରଦାୟିକ ବିଶ୍ୱାସ ଏକ ବିଶେଷ ପ୍ରକାରର ଆର୍ଥିକ ଜୀବନ-ପ୍ରଣାଳୀଦ୍ୱାରା ପୋଷିତ ହୁଏ । ପ୍ରଥମ କାମ ହେଲା, ସେ ପ୍ରଣାଳୀକୁ ବଦଳାଇବା । ଜନତାଙ୍କୁ

ବୈଜ୍ଞାନିକ ଢଙ୍ଗରେ ବିଶ୍ବର କରିବାପାଇଁ ଚିନ୍ତା କରିବାର ଶିକ୍ଷା ଦିଆଯିବ । ମାତ୍ର ସେମାନଙ୍କ ମନ ଉପରେ କୌଣସି ଆଘାତ ଦେବା ଉଚିତ ହେବ ନାହିଁ (ସ୍ବପ୍ନଗାଡ଼ି-ପୃ.୧୪୮) । କେବଳ ଏହି ଦେଶରେ ନୁହେଁ, ବର୍ତ୍ତମାନ ରୁଷରେ ବିଶ୍ବଧର୍ମ-ସମ୍ମେଳନ ହୋଇଥିଲା । ଏଥିରୁ ସ୍ପଷ୍ଟ ହୁଏ ଯେ ଧର୍ମଦ୍ବାରା ମାନବୀୟ ସମ୍ବନ୍ଧରେ ଥିବା ସାମ୍ପ୍ରଦାୟିକ ଦୁର୍ଭାବନାକୁ ଦୂର କରିଦେବାର ଚେଷ୍ଟା ଏଠାରେ କରାଯାଉଛି ।

ସମାଜବାଦୀ ଦେଶମାନଙ୍କରେ ବାମପନ୍ଥୀ-ସଂସ୍କୃତିର ପ୍ରସାର ପାଇଁ ମନୋବୈଜ୍ଞାନିକ ଉପାୟରେ କାମ କରାଯାଉଛି । ପାଠଶାଳାମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦିଆ ଯାଉଅଛି । ସାମାଜିକ ଜୀବନ ନିର୍ବାହ କରିବାର ଅଭ୍ୟାସ କରାଇ ଦିଆଯାଉଛି । ନାଟ୍ୟଶାଳା ଓ ମନୋରଞ୍ଜନର ସାଧନ ମଧ୍ୟ ଉଦ୍ଦେଶ୍ୟମୂଳକ । ଅପରାଧିକ ମନେ ବୃତ୍ତିରୁ ଦୂରରେ ରହିବାପାଇଁ ଶିକ୍ଷା ଦିଆଯାଉଛି । ପ୍ରାକୃତିକ ସ୍ଥାନଗୁଡ଼ିକରେ ଲୋକଙ୍କ ସୁବିଧାର ବ୍ୟବସ୍ଥା କରାଯାଉଛି । ନାନା ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ରମାନ ନିର୍ମାଣ କରାଯାଉଛି । ସାର୍ବଜନିକ ସ୍ଥାନମାନଙ୍କରେ ଯିବା-ଆସିବାର ସମସ୍ତ ବନ୍ଦୋବସ୍ତ ଅଛି । ଯଶପାଲ ରୁଷ, ଚେକୋସ୍ଲୋଭାକିଆ, ପୂର୍ବଜର୍ମାନୀ ଭ୍ରମଣ କଲାବେଳେ ବଡ଼ ମନୋଯୋଗ ଦେଇ ଏସବୁ ଦେଖୁଥିଲେ । ତା'ର କାରଣ ହେଲା ସେ ଯେପରି ସେଠାକାର ସାମାଜିକ, ସାଂସ୍କୃତିକ ସ୍ଥିତିକୁ ଭଲଭାବେ ଓ ଅନ୍ତରଙ୍ଗରୁ ଦେଖି ପାରିବେ ସେସବୁ ଅନୁଭବ କରିପାରିବେ । 'ଅକ୍ଟୋବର କ୍ରାନ୍ତି'ର ପ୍ରଭାବ ଏବଂ 'ମେ ପହିଲା' ପ୍ରତି ଲୋକଙ୍କ ଆସ୍ଥା ସେଠା ସଂସ୍କୃତିର ଅଙ୍ଗ ହୋଇଯାଇଛି ।

ସମାଜବାଦୀ ଦେଶମାନଙ୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଶ୍ରାମକେନ୍ଦ୍ର ପୁଞ୍ଜିବାଦୀ ଦେଶମାନଙ୍କ ଭଳି କେବଳ କେତେଜଣଙ୍କ ପାଇଁ ନୁହେଁ, ତାହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଦଶମାସର ଶ୍ରମପରେ ଦୁଇ ମାସର ଅନିବାର୍ଯ୍ୟ ଅବକାଶ ଲୋକେ ଏହିଠାରେ କଟାନ୍ତି । ମସ୍କୋରେ 'ସୋର୍ଚୀ' ସ୍ୱାସ୍ଥ୍ୟକେନ୍ଦ୍ରକୁ ଯଶପାଲ ଓ ତାଙ୍କ ସ୍ତ୍ରୀ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଯାଇଥିଲେ । ଏଠାରେ ମନୋରଞ୍ଜନର ନାନା ଆକର୍ଷଣ ଓ ରୋଗମୁକ୍ତିର ସମସ୍ତ ସୁବିଧା ଉପଲବ୍ଧ । ଏଠିକାର ସୁନ୍ଦର ବସ୍ତିମାନଙ୍କରେ ସମ୍ମିଳିତ ସମଷ୍ଟି ଦେଖାଯାଏ । ତା' ମଧ୍ୟରେ ୫୨ଟି ସ୍ୱାସ୍ଥ୍ୟକେନ୍ଦ୍ର, ୩୦୦ଟି ହୋଟେଲ, ଅନେକ ଆବାସଗୃହ ଓ ପର୍ଯ୍ୟଟନ ସ୍ଥଳ । ଏଠାକୁ ବହୁ ଶ୍ରମିକ ଓ ବିଦେଶୀ ପର୍ଯ୍ୟଟକ ବିଶ୍ରାମ ନେବାପାଇଁ ଆସନ୍ତି । ସାର୍ବଜନିକ ସ୍ଥାନରେ ଜନତାର ସଭା । ଏହାଠାରୁ ଅଧିକ ପ୍ରମାଣ ଆଉ କ'ଣ ଦିଆଯାଇପାରେ ? ରୁଷରେ ଲେନିନଙ୍କ ସମାଧି ଏକ ଦର୍ଶନୀୟ ସ୍ଥାନ । ସେଠାକାର ଜନତାପାଇଁ ତାହା ଅଧ୍ୟୟନ, ମନନ ଏବଂ ଆତ୍ମାଲୋଚନା ଉପଯୋଗୀ ପରିବେଶ । ସେଠାରେ ଶାସନ ସମ୍ବନ୍ଧୀୟ ରଚନାତ୍ମକ ଆଲୋଚନା

କରିବାପାଇଁ ଜନତାଙ୍କୁ ଅଧିକାର ଦିଆଯାଇଛି । ଜାଗା-ଜାଗାରେ ପୁସ୍ତକାଳୟ । ଭଲ ପୁସ୍ତକମାନଙ୍କର ଅସଂଖ୍ୟ ପାଠକ, ବିଦେଶୀ ଲେଖକଙ୍କର ପୁସ୍ତକ ଅନୁବାଦ କରି ଅଥବା ସେଇ ଭାଷାକୁ ଶିଖି ସେଠି ପଢ଼ାଯାଉଛି । ଗୋଟିଏ ସଂଗ୍ରହାଳୟ ଅଛି । ସେଠି ସୋଭିଏତ ଲୋକଙ୍କୁ ଦୁନିଆସାରା ଲୋକେ ଦେଇଥିବା ସମସ୍ତ ଉପହାର ସଂଗୃହିତ ହୋଇଅଛି । ଭାରତ ତରଫରୁ କାନପୁରର 'ଟ୍ରେଡ୍ ୟୁନିୟନ' ଦ୍ୱାରା ପ୍ରଦତ୍ତ ଲାଲ୍ ପତାକା ଓ ଚାଉଳ ଦାନାରେ ନିର୍ମିତ ଲେନିନଙ୍କ ରେଖାକୃତି ମଧ୍ୟ ରଖାଯାଇଛି । ସେଠା'କାର ଲୋକଙ୍କର ଅନ୍ୟ ଲୋକଙ୍କ ପ୍ରତି ବହୁତ ସହାନୁଭୂତି । ଥରେ ଜଣେ ଶିଷ୍ଟ ମଣ୍ଡଳର ବନ୍ଧୁଙ୍କ ମୁଣ୍ଡରେ ଟୋପି ନଥାଏ । ଥଣ୍ଡା ବହୁତ ପଡ଼ୁଥାଏ । ଜଣେ ମହିଳା କିଛି ନ କହି ତାଙ୍କ ପକେଟରେ କିଛି ରୁବଲ ରଖିଦେଲେ । ତା'ର କାରଣ ହେଲା ସେ ଟୋପି କିଣିନେବେ ଓ ଥଣ୍ଡାରୁ ରକ୍ଷାପାଇବେ । କେତେକ ଭାରତୀୟଙ୍କ ପ୍ରତି ଲେଖକ ବଡ଼ ବ୍ୟଙ୍ଗ କରିଛନ୍ତି । କାରଣ, ସେମାନେ ନିଜର ସ୍ୱାର୍ଥପରତା ଦୃଷ୍ଟିରୁ ସେଠାରେ ନିଜ ବ୍ୟକ୍ତିତ୍ୱର କୌଣସି ଚିହ୍ନ-ବର୍ଣ୍ଣ ଛାଡ଼ି ଆସନ୍ତି ନାହିଁ । ବିଜୟଲକ୍ଷ୍ମୀ ପଣ୍ଡିତଙ୍କର ସୋଭିଏତ୍ ପ୍ରତି ଆସ୍ଥା ନଥିବା ଯୋଗୁଁ ସେଠାକାର ରାଜଦୂତ ହୋଇ ମଧ୍ୟ ଫିନଲଣ୍ଡରୁ ମହଙ୍ଗାରେ ଫର୍ନିଚରସ୍ ମଗାଇଲେ ସିନା, ଶସ୍ତାରେ ସେଠୁ କିଣି ନଥିଲେ ।

ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀର କୃତ୍ରିମ ସୀମା-ରେଖା ସେମାନଙ୍କୁ ଅଲଗା-ଅଲଗା କରି ରଖେ । ଗୋଟିକରେ ପୁଞ୍ଜିବାଦୀ ଶାସନ ବ୍ୟବସ୍ଥା ଥିବାବେଳେ ଅନ୍ୟଠାରେ ସମାଜବାଦୀ ଶାସନ ବ୍ୟବସ୍ଥା ଚାଲିଛି । ବର୍ଲିନ୍ ସହର ଦୁଇ ଭାଗରେ ବିଭକ୍ତ ହୋଇଛି । ଅନୁମତି-ପତ୍ର ନେଇ କାର୍‌ରେ ଏପଟରୁ ସେପଟକୁ ଯାଇ ଆସି ହେବ । ପୂର୍ବଅଂଶକୁ ନାଜିମାନେ ଧ୍ୱସ୍ତ କରିଦେଇଥିଲେ, ଯାହାର ଅବଶେଷ ମାତ୍ର ରହିଯାଇଅଛି । ପଶ୍ଚିମ ଜର୍ମାନୀରେ ପୁଞ୍ଜିବାଦର ରକ୍ଷାପାଇଁ ଆମେରିକା କୋଟି କୋଟି ଡଲାର ଖର୍ଚ୍ଚ କରୁଛି । କମ୍ୟୁନିଜମକୁ ରୋକିବାପାଇଁ ତା'ର ଏହି ଉଦ୍ୟମ । ପଶ୍ଚିମ ଭାଗରେ ବଡ଼-ବଡ଼ ଜମିଦାର, କାରଖାନାମାନଙ୍କର ମାଲିକ, ପୁଞ୍ଜିପତିମାନଙ୍କର ଆବାସ ଓ ପୂର୍ବ ଭାଗରେ ମଜୁରିଆ କଳାକାର, ଲେଖକ ରହିଯାଇଥିଲେ । ପରେ ପୂର୍ବଜର୍ମାନୀ ସରକାର ଅଳ୍ପଦିନ ମଧ୍ୟରେ ପରିଶ୍ରମୀ ଲୋକଙ୍କ ସହାୟତାରେ ଅନେକ ଉନ୍ନତି କରିପାରିଛନ୍ତି, ଯାହା ପଶ୍ଚିମ ଜର୍ମାନୀ ପାଇଁ ଈର୍ଷାର କାରଣ ହୋଇଛି । ପୂର୍ବ ଓ ପଶ୍ଚିମ ଜର୍ମାନୀରେ ଚାଲୁଥିବା ଟଙ୍କା 'ମାର୍କା' ଏକା ହେଲେ ବି ଦୁଇଟିଯାକର ଆକୃତି ଭିନ୍ନ । ପଶ୍ଚିମ ଜର୍ମାନୀର ପୁଞ୍ଜିପତିମାନେ ପୂର୍ବଜର୍ମାନୀର ମାର୍କାର ମୂଲ୍ୟ କମାଇବାର ଚେଷ୍ଟା କରନ୍ତି । ପଶ୍ଚିମ ଜର୍ମାନୀ ବ୍ୟାଙ୍କରେ ଏକ 'ପାଉଣ୍ଡ' ବଦଳରେ ବାରଟି ପଶ୍ଚିମ ମାର୍କ ମିଳେ ।

ସେଠାକାର ଦୋକାନଗୁଡ଼ିକ ବାରଟି ପଶ୍ଚିମ ମାର୍କ ବଦଳରେ ଅଠଗ୍ଳଶଟି ପୂର୍ବ ମାର୍କ ଦଅନ୍ତି । ମାତ୍ର ସରକାରୀ ହିସାବରେ ଏକ ପାଉଣ୍ଡ ବଦଳରେ ଛ'ଟି ପୂର୍ବ ମାର୍କ ମିଳିବା କଥା । ଏପରି ପଶ୍ଚିମ-ଜର୍ମାନୀରୁ ପୂର୍ବ-ଜର୍ମାନୀ ମାର୍କ ନେଇ ପୁଣି ପୂର୍ବ-ଜର୍ମାନୀରେ ତାକୁ କିଣିଲେ ଯଥେଷ୍ଟ ଲାଭ ହୁଏ । ଏହାଦ୍ୱାରା ପୂର୍ବ-ଜର୍ମାନୀରେ ଜିନିଷପତ୍ରର ଅଭାବ ଦେଖାଦିଏ । ଏହାର କାରଣ ହେଲା ପୁଞ୍ଜିବାଦର ଷଡ଼ଯନ୍ତ୍ର । ଶିକ୍ଷାର ସ୍ତର, ଜିନିଷପତ୍ରର ମୂଲ୍ୟ, ପ୍ରଗତିକରିବାର ଅବସର, ମାନବୀୟ ଆଚାର-ବ୍ୟବହାର, ଚାଲି-ଚଳଣ, ଖେଳକସରତ ଇତ୍ୟାଦି ଦୃଷ୍ଟିରୁ ଦୁଇଟିଯାକ ଷ୍ଟେଟର ତୁଳନାପାଇଁ ଆହ୍ୱାନ ଦିଏ । ପୂର୍ବ-ଜର୍ମାନୀର ପ୍ରଗତିକୁ ଦେଖି ପଶ୍ଚିମ-ଜର୍ମାନୀର ଗାତ୍ର ଦାହ ହୁଏ । ତେଣୁ ଆମେରିକାର ସାହାଯ୍ୟରେ ପଶ୍ଚିମଜର୍ମାନୀର ସୀମାର ଷ୍ଟେସନଠାରୁ ପୂର୍ବଜର୍ମାନୀ ଭିତରେ ସୁଡ଼ଙ୍ଗ କରି ଭିତରେ-ଭିତରେ ଟେଲିଫୋନର ମୋଟାତାର ଟଣାଯାଇ ଗୁପ୍ତଚର ବ୍ୟବସ୍ଥା କରାଯାଇଥିଲା । କାରଣ ସେଠାକାର ସମସ୍ତ ଖବର ଜାଣିବାକୁ ଚାହୁଁଥିଲା ପଶ୍ଚିମ ଜର୍ମାନୀ । ଯେତେବେଳେ ଧରାପଡ଼ିଲା ସେତେବେଳେ ପଶ୍ଚିମ ଜର୍ମାନୀ ସହ ଆମେରିକାର ମଧ୍ୟ କମ୍ ମର୍ଯ୍ୟାଦା ହାନି ହୋଇନି । ମାତ୍ର ଆଜି ବି ସେଠାକାର ଲୋକେ ବଡ଼ ଆଗ୍ରହୀ ପରସ୍ପର ସହିତ ମିଶିବା ପାଇଁ । ଏଣୁ ସବୁବେଳେ ଏଠି ଉଠୁଛି ଏକୀକରଣର ପ୍ରଶ୍ନ ।

ମରିଶସ୍-ଯାତ୍ରାର ବୃତ୍ତାନ୍ତ ଅତ୍ୟନ୍ତ କାବ୍ୟାତ୍ମକ । ବାସ୍ତବିକ ଏ ଦେଶ ଗୋଟିଏ ଗୀତିକାବ୍ୟ ପରି ନିଜ ଆକାର ଓ ସୁନ୍ଦରତାରେ ବେଶ୍ ଆକର୍ଷଣୀୟ । ସେଠି ନଗରମାନଙ୍କର ସମନ୍ୱୟ । ଯଦିଓ ନାମକରଣ ଦୃଷ୍ଟିରୁ ଭିନ୍ନ-ଭିନ୍ନ । ବାକୋଆ, ଗ୍ରାଣ୍ଡ ବେ, ପୋର୍ଟଲୁଇ, କେଉରପେପ୍, କାନ୍ଦବୋନ, ରୋଜହିଲ ଓ ବୋବାଂସେ ଇତ୍ୟାଦି ଏଠାକାର ନଗର । × × ମରିଶସର ଇତିହାସ ଜାଣିବାରେ କୌଣସି ଅସୁବିଧା ନାହିଁ । ଐତିହାସିକ 'ପ୍ଲିନୀ' ଲେଖିଛନ୍ତି ଯେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଏ ଦ୍ୱୀପ ଜଣାଶୁଣା । କିନ୍ତୁ ୧୬ଶ ଶତାବ୍ଦୀରେ ଭାସ୍କୋଡ଼ଗାମା ଆବିଷ୍କାର ପରେ ଏହା ବିଶେଷ ଭାବରେ ଲୋକଲୋଚନକୁ ଆସିଲା । ଏଠାକୁ କ୍ରମଶଃ ପର୍ତ୍ତୁଗିଜ, ସ୍ପେନ, ଡଚ, ଫ୍ରାନ୍ସର ଲୋକ ଓ ଇଂରେଜମାନେ ଆସିବାକୁ ଲାଗିଲେ । ଏହାକୁ ସ୍ୱତନ୍ତ୍ର କରିବା ପାଇଁ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ଅନ୍ୟ ଉପନିବେଶମାନଙ୍କରୁ ଦାସମାନଙ୍କୁ ପଠାଇଲେ । ସେମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଆଖୁଚାଷ କରିବା ଆରମ୍ଭ କରିଦେଲେ । ଫଳ ଓ ପନିପରିବା ଚାଷ ମଧ୍ୟ ଆରମ୍ଭ ହୋଇଗଲା । ପରିଶେଷରେ ଇଂରେଜମାନେ ପ୍ରାୟ ଶହେ ବର୍ଷଯାଏ ସେଠି ଦାସପ୍ରଥାକୁ ଜୀବିତ ରଖିଲେ । ମହାତ୍ମା ଗାନ୍ଧିଙ୍କ ଯାତ୍ରା, ଡ. ମଣିଲାଲଙ୍କ ପ୍ରେରଣା ଓ ଶିବସାଗର ରାମଗୁଲାମଙ୍କ ସଂଘର୍ଷପୂର୍ଣ୍ଣ ନେତୃତ୍ୱ ଫଳରେ ଏ ଦେଶ ୧୯୬୮ ମାର୍ଚ୍ଚ ୧୨ ତାରିଖରେ ସ୍ୱତନ୍ତ୍ର ହେଲା ।

ଏଠି ଅନେକ ଜାତିର ଲୋକ ଅଛନ୍ତି ଓ ଅନେକ ଭାଷା ମଧ୍ୟ ପ୍ରଚଳିତ ଅଛି । ଲୋକଙ୍କ ଗୋଷ୍ଠି ମିଶ୍ରିତ । କାରଣ ଦାସମାନଙ୍କର ଅବ୍ୟବସ୍ଥିତ ଜୀବନ ଏବଂ ସେମାନଙ୍କର ସ୍ତ୍ରୀମାନଙ୍କ ସହିତ ମାଲିକମାନଙ୍କର ଅବୈଧିକ ସମ୍ପର୍କ ଦୀର୍ଘଦିନଯାଏ ରହି ଆସିଥିଲା । ଅଧିକାଂଶ ଲୋକ ଭାରତୀୟ ପରିବାରର । ଏଣୁ ସେମାନେ ହିନ୍ଦୀ କହନ୍ତି । ରାମାୟଣ, ଭାଗବତ ଓ ଗୀତା ମାଧ୍ୟମରେ ସେମାନେ ନିଜ ବଂଶମର୍ଯ୍ୟାଦାକୁ ଜୀବିତ ରଖିଛନ୍ତି । ଭାରତ ପରି ଏଠାରେ ମଧ୍ୟ ଆର୍ଯ୍ୟ-ସମାଜ, ହିନ୍ଦୁ-ସଭା ଇତ୍ୟାଦି ସାଂସ୍କୃତିକ ସଂସ୍ଥାଗୁଡ଼ିକ ମୁଣ୍ଡ ଟେକିଛି, ଯଦିଓ ଗତି ବିଧିରେ ଏମାନେ ଭିନ୍ନ । 'ହିନ୍ଦୀ ସାହିତ୍ୟ ସମ୍ମେଳନ'ର ପରୀକ୍ଷାଗୁଡ଼ିକ ଏଠି ସଞ୍ଚାଳିତ ହୁଏ । ବିଭିନ୍ନ ସାଂସ୍କୃତିକ ସଂଯୋଗ ସତ୍ତ୍ୱେ ବି ଏଠି ଲୋକଙ୍କର ଏକତା ଅଛି । ସାଧାରଣ ଲୋକେ ବିରୋଧ ମତବାଦୀ । ଏହାର ପ୍ରମାଣ ଗତ ଇଲେକ୍‌ସନରୁ ମିଳିଛି । ହିନ୍ଦୀର ବିସ୍ତାର ଏଠି ଖୁବ୍ ଜୋରରେ ଚାଲିଛି । ଏଠାକାର ଜନତା ଭାରତୀୟ ତୀର୍ଥଗୁଡ଼ିକୁ ପ୍ରତୀକ ଭାବରେ ଧରି ନେଇଛି, ଯେପରି ତ୍ରିବେଣୀ, ଚିତ୍ରକୂଟ ଇତ୍ୟାଦି । ଯଶପାଲ ଏଠାକାର କେତେଜଣ ବିଶିଷ୍ଟ ଲେଖକଙ୍କ ନାମୋଲ୍ଲେଖ କରିଛନ୍ତି, ସେମାନେ ହେଲେ— ଅଭିମନ୍ୟୁ, ଅନତ, ନନ୍ଦଲାଲ, ସୋମଦତ୍ତ ବଖୌରି, ବିଷ୍ଣୁଦୟାଲ ଇତ୍ୟାଦି । "ହିନ୍ଦୀ ଲେଖକ-ସଂଘ" ନାମକ ସେମାନଙ୍କର ଏକ ସଂଗଠିତ ମଞ୍ଚ ଅଛି । ସଂଘ ତରଫରୁ ଯଶପାଲଙ୍କର ଭାଷଣ କରାଯାଇଥିଲା ଓ ଆଉ ଏକ ଗୋଷ୍ଠୀରେ 'ଲେଖକର ପ୍ରତିବଦ୍ଧତା' ଉପରେ ଚର୍ଚ୍ଚା କରାଯାଇଥିଲା ।

ସେଠାର ଲେଖକମାନେ ଜିଜ୍ଞାସା ପ୍ରକାଶ କଲେ ଯେ—'ଲେଖକ ଆତ୍ମ ସନ୍ତୋଷ ପାଇଁ ସ୍ୱତଃସ୍ଫୂର୍ତ୍ତି ଲେଖେ ନା କୌଣସି ଅଭିପ୍ରାୟ ନେଇ ଲେଖେ ? ତା'ର ରାଜନୀତିକ ପ୍ରତିବଦ୍ଧତାର ଲକ୍ଷ୍ୟ କ'ଣ ?' ଏହାର ଉତ୍ତରରେ ଯଶପାଲ କହିଲେ ଯେ, 'ସମାଜ ସହିତ ଲେଖକ ସଂଲଗ୍ନ ରହେ । ସେହିଥିରୁ ହିଁ ତା'ର ବିଚାର ଓ କଳ୍ପନା ଜାଗ୍ରତ ହୁଏ । ତାର ସ୍ୱାନ୍ତଃ ସୁଖାୟ ସନ୍ତୋଷ ମଧ୍ୟ ସାମାଜିକ ଭାବନା ଓ ସାମାଜିକ ସନ୍ତୋଷଠାରୁ ଭିନ୍ନ ନୁହେଁ । .... ଜନତାନ୍ତ୍ରିକ ବ୍ୟବସ୍ଥାରେ ଓ ଶାସନ ଉପରେ ଜନକଲ୍ୟାଣର ଦାୟିତ୍ୱ ବୁଝିନେବା ପରେ ବୈୟକ୍ତିକ ଅଥବା ସାମୂହିକ ଜୀବନର କୌଣସି ଅଂଶ ରାଜନୀତିକ ପରିଧିରୁ ବାହାରେ ରହି ନପାରେ । ...ସମାଜର ଉଚିତ ବ୍ୟବସ୍ଥା ପ୍ରତି ସଜାଗତା ହିଁ ରାଜନୀତିକ ପ୍ରତିବଦ୍ଧତା' (ସ୍ୱର୍ଗୋଦ୍ୟାନ ବିନା ସାଂପ,- ପୃ ୭୭-୭୮) । ଭାଷା, ଶୈଳୀ, ବିଷୟବସ୍ତୁ ସମ୍ବନ୍ଧରେ ଯଶପାଲଙ୍କ ବିଚାର ହେଲା ଯଦି ସ୍ରଷ୍ଟା ଜନସାଧାରଣଙ୍କୁ ସମ୍ବୋଧନ କରିବାକୁ ଚାହେଁ, ତା'ହେଲେ ତାକୁ ସାମନ୍ତୀୟ ସଂସ୍କୃତିରୁ ମୁକ୍ତ ରହି ସାଧାରଣ ଜନତାର ପରିବେଶରୁ ବିଷୟ ଓ ଭାଷା ନେବାକୁ ପଡ଼ିବ । ତା'ହେଲେ ତା'ଭାଷା ଓ ସାହିତ୍ୟ ଯଥାର୍ଥ ହୋଇ ପାରିବ ।

ସେଠାରେ ଯଶପାଳ ଏସିଆ-ଆଫ୍ରିକା ଲେଖକ କଂଗ୍ରେସର ଭାରତୀୟ ପ୍ରତିନିଧି ମଣ୍ଡଳ ସହିତ "ତାସକନ୍ଦ" ଯାଇଥିଲେ । ସେଠି ପିଲମାନେ ଲେଖକମାନଙ୍କୁ ସ୍ୱାଗତ କରି କହିଲେ ଯେ—'ଆପଣମାନେ ଏପରି ରୁଚିପୂର୍ଣ୍ଣ ଓ ଶିକ୍ଷାପ୍ରଦ ପୁସ୍ତକମାନ ଲେଖନ୍ତୁ, ଯେଉଁଗୁଡ଼ିକ ସାରା ସଂସାରର ପିଲମାନଙ୍କର ବିକାଶରେ ସହାୟକ ହୋଇପାରିବ ଏବଂ ଯାହାଦ୍ୱାରା ପ୍ରୋତ୍ସାହନ ମିଳିବା ସଙ୍ଗେ-ସଙ୍ଗେ ବିଶ୍ୱପ୍ରେମ ଓ ବିଶ୍ୱଶାନ୍ତିର ପ୍ରସାର ହୋଇ ପାରିବ' । (ବାବାଜୀ କହିଥିଲେ, ମେରି ତେହେରି ରେଖାଇ ହେ, ପୃ-୮୧) ।

ସଂସାରକୁ ଧ୍ୱଂସ-ମୁହଁରୁ ବଞ୍ଚେଇବାର ପ୍ରଶ୍ନ କେବଳ ରାଜନୀତିକ ନୁହେଁ, ସାଂସ୍କୃତିକ ମଧ୍ୟ । ଆଜିର ଭାରତୀୟ ଲେଖକ ଏଭଳି ପ୍ରଶ୍ନର ଉତ୍ତର ଦେବାକୁ ନାରାଜ । ଏପରିକି ପ୍ରତିନିଧି-ମଣ୍ଡଳର ନେତା ତାରାଶଙ୍କର ବନ୍ଦୋପାଧ୍ୟାୟ ବି । କଂଗ୍ରେସରେ ଲେଖକମାନଙ୍କ ତରଫରୁ ପ୍ରସ୍ତାବିତ ସଂଯୁକ୍ତ ବକ୍ତବ୍ୟରେ କୁହାଯାଇଥିଲା ଯେ ସାହିତ୍ୟ ଓ କଳାଦ୍ୱାରା ମାନବ-ବିକାଶ, ଦେଶମାନଙ୍କର ପୂର୍ଣ୍ଣ ସ୍ୱତନ୍ତ୍ରତା ଓ ଔପନିବେଶିକ ଦମନରୁ ମୁକ୍ତି ପାଇଁ କାର୍ଯ୍ୟ କରାଯାଉ । ଏଥିରେ କୌଣସି ରାଜନୀତିକ ଗନ୍ଧ ନ ରହୁ, ଯାହା ବର୍ତ୍ତମାନ ଅଛି । ଏଥିପାଇଁ ସଂଶୋଧନ ପ୍ରସ୍ତାବ ରଖାଯାଇଥିଲା । ଏସିଆ-ଆଫ୍ରିକାର ପ୍ରତିନିଧିମାନେ ଏହାକୁ ସ୍ୱୀକାର କରି ନଥିଲେ, ଭାରତୀୟ ଲେଖକମାନେ ମଧ୍ୟ ଏଭଳି ପ୍ରସ୍ତାବ ପାଇଁ ଆଗ୍ରହ ପ୍ରକଟ କରିଥିଲେ । ଭାରତୀୟ ଲେଖକ ଏ ପ୍ରସ୍ତାବକୁ ତଟସ୍ଥ ନୀତିର ବିରୋଧୀ ବୋଲି ଧରି ନେଇଥିଲେ । ସେମାନେ ଭାବୁଥିଲେ ଯେ, ଏହାଦ୍ୱାରା ଆମେ ଆମେରିକାର ଭର୍ତ୍ସନା କରୁଛେ । ଅନ୍ୟ ଦେଶରେ ଲେଖକ ଏଥିପାଇଁ ଭାରତୀୟ ଲେଖକମାନଙ୍କ ଉପରେ ବ୍ୟଙ୍ଗ ଓ କଟାକ୍ଷ କରିଥିଲେ । ମାତ୍ର କୌଣସି ପ୍ରକାରେ ମୁଲ୍କରାଜ ଆନନ୍ଦ ସ୍ଥିତିକୁ ସମ୍ଭାଳିନେଲେ । ଶେଷରେ କଂଗ୍ରେସ ନିର୍ଣ୍ଣୟ ନେଲା ଯେ ଶିଶୁମାନଙ୍କ ବିକାଶ ନିମିତ୍ତ ପ୍ରତ୍ୟେକ ରାଷ୍ଟ୍ର କଳାତ୍ମକ ସହଯୋଗ ନେଇ ସାହିତ୍ୟ-ସୃଷ୍ଟି କରୁ । ମହିଳାମାନଙ୍କ ଯୋଗଦାନର ମୂଲ୍ୟାଙ୍କନ କରି ଭବିଷ୍ୟତରେ ସେମାନଙ୍କଠାରୁ ଯେପରି ସହଯୋଗ ମିଳିବ ସେ ବ୍ୟବସ୍ଥା ମଧ୍ୟ କରୁ । ସିନେମା ଓ ରଙ୍ଗମଞ୍ଚରେ ସାହିତ୍ୟର ପ୍ରଭାବ ଏବଂ ନାଟକ କ୍ଷେତ୍ରରେ ଯେପରି ଅନ୍ତଃରାଷ୍ଟ୍ରୀୟ ପ୍ରଭାବ ବିସ୍ତାର ହେବ, ସେପରି କାର୍ଯ୍ୟ ହେଉ । ସମସ୍ତ ଭାଷାମାନଙ୍କରେ ଉଚ୍ଚ ସାହିତ୍ୟର ଅନୁବାଦ କରାଯାଉ । ଏହା ବ୍ୟତୀତ ସେଠାକାର ସ୍ଥାନୀୟ ଲୋକମାନଙ୍କ ମନରେ ଥିବା ଭାରତ ପ୍ରତି ସ୍ନେହ-ମମତା ଏବଂ ଭାରତୀୟ ସାହିତ୍ୟ ପ୍ରତି ରୁଚି ଦେଖାଗଲା । ରବୀନ୍ଦ୍ର ଠାକୁର, ପ୍ରେମଚନ୍ଦ, କୃଷ୍ଣଚନ୍ଦ୍ର, ରେଣୁ ଓ ଯଶପାଳ ଇତ୍ୟାଦିଙ୍କ ରଚନା ସେଠି ବହୁତ ଲୋକପ୍ରିୟ । ଅବଶ୍ୟ ଏହା ସାଂସ୍କୃତିକ ଏକତାର ପ୍ରମାଣ ଏବଂ କୌଣସି ଦେଶବାସୀଙ୍କ ପ୍ରତି ସୋଭିଏତ ଜନତାର ସ୍ୱାଭାବିକ ସ୍ନେହର ପ୍ରତୀକ ମଧ୍ୟ ।

ଅନ୍ୟ ଦେଶମାନଙ୍କ ଯାତ୍ରାଭଳି ଯଶପାଳଙ୍କ ନିଜ ଦେଶର ବିଭିନ୍ନ ସ୍ଥାନର ଭ୍ରମଣ କମ୍ ଉପଯୋଗୀ ନୁହେଁ । ସବୁଠାରୁ ଅଧିକ ଉପଯୋଗୀ ଭ୍ରମଣ ଥିଲା

ସେବାଗ୍ରାମରେ ଗାନ୍ଧିଜୀଙ୍କ ଦର୍ଶନ । ଯଶପାଲ ଗାନ୍ଧିବାଦୀ ରାଜନୀତି ଓ ସିଦ୍ଧାନ୍ତ ସହ କେବେ ଏକମତ ନଥିଲେ । ସେ ଗାନ୍ଧି-ବାଦ ପ୍ରତି ଅସମ୍ମତି ବ୍ୟକ୍ତ କରି ଲେଖିଥିଲେ— 'ଗାନ୍ଧିବାଦ କୀ ଶବ ପରୀକ୍ଷା' ଗାନ୍ଧିଙ୍କ ଆଶ୍ରମ ଏବଂ ତାଙ୍କର ଅହିଂସା, ସଦ୍‌ବ୍ୟବହାର, ସତ୍ୟ ଓ ସରଳତା ଇତ୍ୟାଦି ସିଦ୍ଧାନ୍ତର ବ୍ୟାବହାରିକ ପରୀକ୍ଷା ପାଇଁ ସେ ସେବାଗ୍ରାମ ଯାଇଥିଲେ । ଗାନ୍ଧି କହୁଥିଲେ ଯେ ସେ ଓ ତାଙ୍କର କର୍ମକର୍ତ୍ତାମାନେ ଗରିବଙ୍କ ପରି ରହିବା ଚାହାନ୍ତି । ଦରିଦ୍ରତାର କାରଣ ମେସିନ୍‌ର ପ୍ରଚଳନ ବୋଲି ସେ ଭାବୁଥିଲେ । ମାତ୍ର ଯଶପାଲ ନିଜର ଭୌତିକବାଦୀ ସିଦ୍ଧାନ୍ତ ଦୃଷ୍ଟିରେ ବିଗତ ଅସମାନତାକୁ ଶୋଷଣ ଓ ଦରିଦ୍ରତାର କାରଣ ବୋଲି ଗ୍ରହଣ କରନ୍ତି । ସେ ଜାଣନ୍ତି ଯେ ଗରିବ ନିଜ ଇଚ୍ଛାରେ ଗରିବ ହୁଏନି । ଗାନ୍ଧିଙ୍କ ଆଶ୍ରମରେ ତାଙ୍କ ସିଦ୍ଧାନ୍ତର ପ୍ରତିଫଳନ ସେ ଦେଖିବାକୁ ପାଇଲେ ନାହିଁ । ଯେଉଁ କୁଡ଼ିଆରେ ଗାନ୍ଧିଜୀ ରହୁଥିଲେ, ତାକୁ ବାତାନୁକୂଳ କରିବାର ଚେଷ୍ଟା କରାଯାଇଥିଲା । ସେ ଯୁଦ୍ଧ-ବିରୋଧୀ ସତ୍ୟାଗ୍ରହରେ ଅଂଶଗ୍ରହଣ କରିବା ପାଇଁ ଈଶ୍ୱର ବିଶ୍ୱାସକୁ ମହତ୍ତ୍ୱ ଦେଇଥିଲେ ଓ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ବ୍ୟକ୍ତିଗତ ଆନ୍ଦୋଳନର ରୂପ ଦେଇଥିଲେ । ଏହାଦ୍ୱାରା ମନୁଷ୍ୟ ଶକ୍ତିକୁ ଗାନ୍ଧିଜୀ ଦୁର୍ବଳ ମନେ କରିଥିଲେ । କଥାବାର୍ତ୍ତାରେ ସ୍ପଷ୍ଟ ଜଣାଗଲା ଯେ ସେ କମ୍ୟୁନିଷ୍ଟ ବିରୋଧୀ । ସହନଶୀଳତା ପାଇଁ ଗାନ୍ଧିଜୀ ଏତେ ପ୍ରସିଦ୍ଧ ଥିବା ସତ୍ତ୍ୱେ ତର୍କ କଲାବେଳେ ସେ ବିରକ୍ତ ହୋଇ ଉଠିଲେ ଏବଂ ବିଦାୟକାଳୀନ ନମସ୍କାରର ଉତ୍ତର ବି ଦେଇ ନଥିଲେ । ଯଶପାଲ ଯେତେବେଳେ ତାଙ୍କ ସାକ୍ଷାତକାରକୁ 'ବିପ୍ଲବ'ରେ ପ୍ରକାଶ କଲେ ସେତେବେଳେ ଗାନ୍ଧିଜୀଙ୍କର ପ୍ରତିକ୍ରିୟା ହେଲା ଯେ (ଯଶପାଲ) ନିଜ ସାକ୍ଷାତକାରକୁ ସାର୍ବଜନିକ ଉପଯୋଗରେ ଆଣିଛନ୍ତି । ଯଶପାଲ ଗାନ୍ଧିଜୀଙ୍କ ବିଚାର ଓ ଉଦ୍ଦେଶ୍ୟର ଅନ୍ତର୍ବିରୋଧକୁ ପ୍ରକାଶିତ କରି ତାଙ୍କ (ଗାନ୍ଧିଙ୍କ) ବ୍ୟାବହାରିକ ଜୀବନର ଦୁର୍ବଳତା-ଗୁଡ଼ିକୁ ରେଖାଙ୍କିତ କରିଛନ୍ତି ।

ଯଶପାଲ ଦେଶ ମଧ୍ୟରେ ଥିବା ପାହାଡ଼ିଆ ଅଞ୍ଚଳ 'ଶିମଲା ସେ କୁଲ୍ଲୁ', 'ଅଲମୋଡ଼ା ଔର ନୈନୀତାଲ'ର ସୁନ୍ଦର ଚିତ୍ର ଅଙ୍କନ କରିଛନ୍ତି । 'ଶିମଲା ସେ କୁଲ୍ଲୁ' ଯାତ୍ରା କଲାବେଳେ ନାରକଣ୍ଡା, ବାଗୀ ଓ ଗଡ଼ଓ୍ୱାଲ, ହାଟୂଟିବ୍‌ବା ଲୂରୀ, କୁମାରସେନ ଟବନାଗ ଅରୀ, ନୁଲେସରୀ, ବେଜାର, ଔଟ୍ ଔର କୁଲ୍ଲୁ ଆଦି ଗ୍ରାମୀଣ କ୍ଷେତ୍ର, ସେଠାକାର ଜନଜୀବନ, ମଝିରେ ମଝିରେ ଇଂରେଜ ଓ ରାଜା ମହାରାଜାମାନଙ୍କର ଆଭିଜାତ୍ୟର ଖୁବ୍ ଚର୍ଚ୍ଚା କରିଛନ୍ତି ଏବଂ କେତେକ ମହତ୍ତ୍ୱପୂର୍ଣ୍ଣ ବିଷୟର ଉଲ୍ଲେଖ କରିବା ମଧ୍ୟ ଭୁଲି ନାହାନ୍ତି । ଯାତ୍ରା ସମୟରେ ତାଙ୍କୁ ତିନିଜଣ ସାଥିଙ୍କ ସାହଚର୍ଯ୍ୟ ମିଳିଲା । ସେମାନଙ୍କ ସହିତ ମୁସଲିମ୍ ଧର୍ମ-ଶାସ୍ତ୍ର, ଖୁଦାଙ୍କ ପ୍ରତି ବିଶ୍ୱାସ ଓ କମ୍ୟୁନିଜିମ ଉପରେ ଚର୍ଚ୍ଚା ହେଲା । ସେମାନେ ଏକ ଦିଗଦର୍ଶୀ । ପ୍ରଗତିଶୀଳ

ରାଜନୀତିକୁ ସ୍ୱୀକାର କରିବାକୁ ସେମାନେ ରାଜି ନୁହନ୍ତି । ସେମାନଙ୍କର କେତେକ ଇଂରେଜମାନଙ୍କ ସହ ସାକ୍ଷାତ ହେଲା । ନିଜ ଦେଶର ପ୍ରତିକୂଳ ବ୍ୟବସ୍ଥା ଫଳରେ ବ୍ୟସ୍ତ ହୋଇ ପଡ଼ିଥିଲେ ସେମାନେ । ଜୀବନକୁ ଅସାର ମନେ କରୁଥିଲେ । ବିରୋଧ କରିବାର ଶକ୍ତି ନଥିଲା ସେମାନଙ୍କର । ମଦିରା ପାନକରି ବ୍ୟସ୍ତତାକୁ ଭୁଲିଯିବାର ଚେଷ୍ଟା କରୁଥିଲେ । ନାରକଣ୍ଡାରେ ଲେଖକ ମହାରାଜା ପଟିଆଲଙ୍କର ସାମନ୍ତୀୟ ଅଭିଜାତ ସଂସ୍କୃତି ଓ ପଞ୍ଜାବ ଗଭର୍ଣ୍ଣରର ପୁଞ୍ଜିବାଦୀ ସଂସ୍କୃତିର ପ୍ରମାଣ ପାଇଲେ । ମହାରାଜା ଓ ଗଭର୍ଣ୍ଣରଙ୍କ ମାଲ ଓ ଫର୍ଣ୍ଣିଚର ବୋହିବା ପାଇଁ ଘୋଡ଼ା, ଖଚର ଓ କୁଲି ତିଆର ଥା'ନ୍ତି । ମାତ୍ର ସେଠି ସାଧାରଣ ଯାତ୍ରୀମାନଙ୍କୁ କୁଲିପାଇଁ କେତେଦିନ ଯାଏ ଅପେକ୍ଷା କରିବାକୁ ପଡ଼ୁଥାଏ । ଗୁରୁଦ୍ୱାର ମଠମନ୍ଦିର ଓ ତଥାକଥିତ ରାମରାଜ୍ୟର କେନ୍ଦ୍ରମାନ କମ୍ ନାହିଁ ସେଠି । ନୈନିତାଲକୁ ଲୋକେ ଭାରତର ସ୍ୱର୍ଗ ବୋଲି କହନ୍ତି । ଲେଖକ ନିଜ ଅନୁଭୂତିରୁ ଲେଖିଛନ୍ତି ଯେ ବୈଭବଶାଳୀ ଓ ଶ୍ରମଜୀବୀ ଲୋକଙ୍କ ମଧ୍ୟରେ ଅନ୍ତର ନୈନିତାଲର ବସ୍ତିରେ ଥିବା ବଙ୍ଗଳୋ, ବଜାର ଓ ସଡ଼କରୁ ଭଲ ଭାବରେ ବାରି ହୋଇଯାଏ । ସମାଜର ଗୋଟିଏ ଶ୍ରେଣୀ ସମସ୍ତ ସାଧନର ପ୍ରତିନିଧି ପଇସାକୁ ପକେଟରେ ଧରି ସବୁ ପ୍ରକାର ସନ୍ତୋଷ ଓ ସେବାକୁ କିଣିପାରୁଥିବାବେଳେ ଅନ୍ୟଶ୍ରେଣୀ ପଇସା ଅଭାବରେ ଉଦାସ ଓ କାତର ଦୃଷ୍ଟିରେ ସେମାନଙ୍କୁ ଦେଖୁଥାଏ । (ଦେଖା-ସୋଚା-ସମଝା-ପୃ.୧୧୩)

ଲେଖକ ନୈନିତାଲର ପ୍ରାକୃତିକ ଦୃଶ୍ୟ ଓ ଋତୁମାନଙ୍କର ପରିବର୍ତ୍ତନ ଫଳରେ ସେଠାକାର ସୌନ୍ଦର୍ଯ୍ୟ ଓ ରୁକ୍ଷତା ବଡ଼ ସୁନ୍ଦର ଢଙ୍ଗରେ ଚିତ୍ରଣ କରିଛନ୍ତି । ଅଲମୋଡ଼ା ଯିବାବାଟରେ ଜଣେ କାନାଡ଼ା ନିବାସୀଙ୍କ ସହ ଦେଖା ହେଲା । ସେ ବ୍ୟସ୍ତହୋଇ ସେଠାରୁ ଚାଲି ଆସିଛନ୍ତି ମୁକ୍ତି ପାଇବା ପାଇଁ । ତାଙ୍କ ସହିତ ଯଶପାଲଙ୍କର ବାର୍ତ୍ତାଳାପ ହେଲା । ସେ କହିଲେ ଯେ ଦୁନିଆକୁ କମ୍ୟୁନିଜମରୁ ବଞ୍ଚେଇବା ଦରକାର । ଲେଖକ ତାରି ଉପରେ, ବ୍ୟକ୍ତିଗତ ସ୍ୱତନ୍ତ୍ରତାର ଆଦର୍ଶ-ସ୍ରୋତ ଉପରେ ଟିପ୍ପଣୀ କରିଛନ୍ତି—'ଏ ଲୋକର ଧାରଣାରେ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ଆଦର୍ଶ ହେଉଛି ଯେ ହାର ବାପର ଆର୍ଜେଣ୍ଟିନାରେ ହାର ବ୍ୟବସାୟ ଚଲାଉଛି ଆଉ ଏ ଆଲ୍‌ମୋଡ଼ାରେ ପାଞ୍ଚହଜାର ମାସକୁ ଖର୍ଚ୍ଚ କରି ନିଜର ଠେକ ଦେଖାଉଛି ।' (ବୀବୀଜୀ କହତୀ ହୈ, ମେରା ଚେହରା ରୋବୀଲ ହୈ, ପୃ.୪୩)

ଭ୍ରମଣର ଏ ସମସ୍ତ ବିବରଣୀ ବ୍ୟତୀତ ଯଶପାଲ ଅନ୍ୟ କେତେକ ଭ୍ରମଣ-ବୃତ୍ତାନ୍ତ ଓ ସାକ୍ଷାତକାର ଲେଖିଛନ୍ତି । ସେଥିରେ କେତେକ ବଡ଼ ନାମୀ-ଯଶସ୍ୱୀ ଲେଖକମାନଙ୍କ ଚରିତ୍ରାଙ୍କନ କରିଛନ୍ତି । 'ମିତ୍ରବନ୍ଧୁ' ନିଜ ସମୟର ବଡ଼ ପ୍ରସିଦ୍ଧ ଲେଖକ ଥିଲେ । ସେମାନେ ଲେଖକଙ୍କୁ କାହାଣୀ ଶୁଣାଇ ଓ ମତ ଦେବାକୁ

ଡକାଇଲେ । ଯଶପାଳ କାହାଣୀ ଶୁଣାଇବା ଆରମ୍ଭ କଲେ ଓ ମିଶ୍ରବନ୍ଧୁ (ଦୁଇଜଣଯାକ) ଜଣେ ଜଣକ ପରେ ଶୋଇଥା'ନ୍ତି । କାହାଣୀ ଶେଷ ହେବା ମାତ୍ରେ ଆଖି ଖୋଲି ନିଜର ସମୀକ୍ଷାତ୍ମକ ମତ ଦେଲେ—'ଆପଣଙ୍କର କାହାଣୀ ନିଶ୍ଚିତଭାବେ ଭଲ । ଆମକୁ ଖୁବ୍ ଭଲ ଲାଗିଲା । ଆପଣଙ୍କର ନୂଆ ଶୈଳୀ । ଆପଣଙ୍କ ଶୈଳୀ କେତେକାଂଶରେ ପ୍ରେମଚନ୍ଦଙ୍କ ସହିତ ମିଶିଲାଭଳି ଲାଗୁଛି । ମାତ୍ର ସେଥିରେ ଆଉ ଏଥିରେ କେତେକ ଭିନ୍ନତା ଦେଖାଯାଏ । ଆପଣଙ୍କୁ ଖୁବ୍ ପଢ଼ିବା ଦରକାର । ଆପଣ କେଉଁ କେଉଁ ପାଶ୍ଚାତ୍ୟ ଲେଖକମାନଙ୍କ ବହି ପଢ଼ିଛନ୍ତି ?' (ଦେଖା-ସୋଚ୍-ସମଝା-ପୃ.୩୨) । ଯଶପାଳ କେତେଜଣଙ୍କ ନାମ କହିଲେ । ସେମାନଙ୍କ ନାମ ଶୁଣି ମିଶ୍ରବନ୍ଧୁ ପ୍ରଶ୍ନ କଲେ—'କ'ଣ ହିନ୍ଦୀରେ ଏମାନଙ୍କର କିଛି ଅନୁବାଦ ହୋଇଛି' ?

ଯଶପାଳଙ୍କ ଭ୍ରମଣ-ସାହିତ୍ୟର ଅନ୍ତର୍ନିହିତ ତତ୍ତ୍ୱ ବୁଝିବାପରେ ଜଣାଯାଏ ଯେ ସେ ମାର୍କସ୍‌ବାଦୀ ଦୃଷ୍ଟିକୋଣକୁ ମହତ୍ତ୍ୱ ଦେଇଛନ୍ତି । କୌଣସି ଦେଶ ଓ ସମାଜର ଦ୍ୱନ୍ଦ୍ୱାତ୍ମକ ସମ୍ବନ୍ଧର ପରିଚୟଦ୍ୱାରା ସେ ସେଠାକାର ସ୍ଥିତି ଅଥବା ଅବସ୍ଥାର ମୂଲ୍ୟାଙ୍କନ କରିଛନ୍ତି । ସେ ଦେଖିଛନ୍ତି ଯେ ମନୁଷ୍ୟର ଅନ୍ତର୍ନିହିତ ବସ୍ତୁ ଓ ସାରତତ୍ତ୍ୱ ଦୁନିଆରେ ଏକାପରି । ଦେଶ, ଜାତି, ବଂଶ, ପରମ୍ପରା, ରୂପ ଓ ରଙ୍ଗ ଆଦିର ପରଦା ଉଠାଇ ଦେଲେ ସମସ୍ତେ ଏକ । ଭ୍ରମଣ ଦ୍ୱାରା ଏପ୍ରକାର ଏକତା ଧରି ନ ପାରିଲେ ସମସ୍ତ ଶ୍ରମ ବ୍ୟର୍ଥ । ଶ୍ରମକୁ ମୂଲ୍ୟବାନ ଓ ସାର୍ଥକ କରିବାପାଇଁ ମାର୍କସବାଦୀୟ ଚିନ୍ତା ଲେଖକଙ୍କର ଥିଲା । ସେ ଲେଖିଛନ୍ତି—'ମୂଳତଃ ମନୁଷ୍ୟ ଏକଜାତିକ ଓ ପ୍ରାକୃତିକ ପ୍ରାଣୀ । ପରିସ୍ଥିତି-ଭେଦରେ ଭିନ୍ନ ଭିନ୍ନ ଭାଷା କହିଲେ ଓ ନାନାପ୍ରକାର ବ୍ୟବହାର କଲେ ମଧ୍ୟ ବସ୍ତୁତଃ ସେ ଏକ । ଭିନ୍ନତା ଓ ସାଦୃଶ୍ୟର ଦ୍ୱନ୍ଦ୍ୱ ଆନନ୍ଦଦାୟକ ହେଲେ ବି ଅତ୍ୟନ୍ତ ବିସ୍ମୟୋତ୍ପାଦକ ।' (ରାହବୀତି-'ଦୋଶଦ', ପୃ-୭)

ଯଶପାଳଙ୍କ ଯାତ୍ରା ସାହିତ୍ୟ ସଂଘର୍ଷାତ୍ମକ । ଦୁନିଆରେ ଖେଳିରହିଥିବା ଅବାସ୍ତବିକତା, ଶୂନ୍ୟତା ଓ ଭ୍ରମିତ ଆଧ୍ୟାତ୍ମିକତା ବିରୋଧରେ ଏକ ସଶକ୍ତ ଅନୁଭବ-ସମ୍ଭାର ନେଇ ସେ ଆଗେଇ ଆସିଥିଲେ । ଦୁନିଆଁକୁ ଆଗରେ ରଖି ମାର୍କସ୍‌ବାଦୀ ଦୃଷ୍ଟିରୁ ବ୍ୟାବହାରିକତାକୁ ସେ ପରୀକ୍ଷା କରିଥିଲେ । ତାଙ୍କ ମତରେ ସାମ୍ୟବାଦକୁ ଏକାସାଙ୍ଗରେ ରଖାଯାଇପାରେ । ତାଙ୍କର ଏପ୍ରକାର ପ୍ରାମାଣିକ ମତବାଦ ଯୋଗୁଁ ଭାରତର କଠୋର ପୁସ୍ତକୀୟ ମାର୍କସ୍‌ବାଦୀମାନଙ୍କ ବ୍ୟତୀତ ତଥାକଥିତ ଧର୍ମଧ୍ୱଜୀମାନେ ମଧ୍ୟ ଉତ୍ତମ ଶିକ୍ଷା ପାଇଲେ । ଗୋଟିଏ ଗୋଟିଏ ଯାତ୍ରାଦ୍ୱାରା ପୁଞ୍ଜିବାଦୀ ବ୍ୟବସ୍ଥା ଓ ସାମ୍ୟବାଦୀ ସଂସ୍କୃତିର ଅନ୍ତର ସ୍ପଷ୍ଟ ହୋଇଥିଲା । କଥନସ୍ୱାତନ୍ତ୍ର୍ୟ ଅଥବା ବ୍ୟକ୍ତିଗତ ସ୍ୱତନ୍ତ୍ରତାର ଉଚିତ ଅଭିପ୍ରାୟ ସ୍ପଷ୍ଟ ହେଲା । ବାମପନ୍ଥୀ ସଂସ୍କୃତି ଭିତରେ ଥିବା ଆତ୍ମୀୟତା ଜାଗ୍ରତ ହେଲା । ଯଶପାଳ ଯାହା ଭ୍ରମଣ-ସାହିତ୍ୟ ଜରିଆରେ କରିପାରିଲେ,

ତା'କୌଣସି ସୈଦ୍ଧାନ୍ତିକ ପୁସ୍ତକ ମାଧ୍ୟମରେ କରିପାରି ନଥାନ୍ତେ । ଅତ୍ୟନ୍ତ ସରଳ ଓ ସାବଲୀଳ ଶୈଳୀରେ ଏ ସମସ୍ତ ପୁସ୍ତକ ଲେଖି ସେ କେବଳ ଯାତ୍ରାର ବିବରଣୀମାନ ଦେଇ ନାହାନ୍ତି, ବରଂ ମାର୍କସ୍‌ବାଦର ବିରୋଧୀମାନଙ୍କୁ ଉତ୍ତର ଦେଇପାରିଛନ୍ତି । ସେ ଏହାଦ୍ୱାରା ପ୍ରମାଣିତ କରିଦେଇଛନ୍ତି ଯେ—ଆମେରିକାର ଇଚ୍ଛା ଯେ ଦୁନିଆରେ ସାମ୍ୟବାଦ ନରହୁ । ରହିଲେ ଶୋଷଣ ସମାପ୍ତ ହୋଇଯିବ । ଗାନ୍ଧିଜୀ ମଧ୍ୟ ଏହାର ବିରୋଧୀ । ଯଦି ଏହା ନିର୍ଣ୍ଣିତ କରାଯାଏ ଯେ ଭାଷା ଓ ଶୈଳୀରେ ଅନ୍ତର ହେଲେ ମଧ୍ୟ ତାରାଶଙ୍କର, ଜୈନେନ୍ଦ୍ର, ଗାନ୍ଧି ଓ ଆମେରିକା ରାଜନୀତିର ବୈଗ୍ୱରିକ ପରିଣତିରେ କୌଣସି ପାର୍ଥକ୍ୟ ନାହିଁ, ତା'ହେଲେ ଅସଙ୍ଗତ ହେବନାହିଁ । ଯଶପାଲଙ୍କ ଯାତ୍ରାବୃତ୍ତିଦ୍ୱାରା ତଥାକଥିତ ଆଲୋଚକମାନଙ୍କର ବାସ୍ତବିକ ରୂପ ପଦାରେ ପଡ଼ିଯାଇଛି, ଯେଉଁମାନେ ସ୍ୱପ୍ନଲୋକରେ ରହି ଆଲୋଚନା କରିଥାନ୍ତି ।

ଯଶପାଲଙ୍କ ଯାତ୍ରା-ସାହିତ୍ୟଦ୍ୱାରା ପୁଞ୍ଜିବାଦୀ ସମାଜରେ ବ୍ୟାପ୍ତଥିବା ଅନେକ ପ୍ରଶ୍ନର ଉତ୍ତର ମିଳିଯାଏ । ବୈଜ୍ଞାନିକ ବିଚାରଧାରା, ଦ୍ୱନ୍ଦ୍ୱାତ୍ମକ ଐତିହାସିକ ଦୃଷ୍ଟି ଏବଂ ମନୁଷ୍ୟର ସୁଖଦ ଭବିଷ୍ୟତ କଳ୍ପନା ଉପରେ ଆଧାରିତ ଲେଖକର ଉଦ୍ଦେଶ୍ୟ ତାଙ୍କର ପ୍ରତ୍ୟେକ ରଚନାରେ ଦେଖାଯାଏ । ଏକ ନିଶ୍ଚିତ ଲକ୍ଷ୍ୟ ନେଇ ସେ ଲେଖନ୍ତି । ତାଙ୍କ ଶୈଳୀ ସମ୍ବନ୍ଧରେ କୁହାଯାଇପାରେ ଯେ ଯାତ୍ରା ସାହିତ୍ୟରେ ତାଙ୍କ ଶୈଳୀ ସେତେଦୂର ଚିତ୍ତାକର୍ଷକ ହୋଇପାରି ନାହିଁ । ତାଙ୍କର ପ୍ରଥମ ଯାତ୍ରା ପୁସ୍ତକ 'ଲୋହେ କା ଦିବାର କେ ଦୋନୋ "ଓର"କୁ ଛାଡ଼ିଦେଲେ ଅନ୍ୟ ବହିମାନଙ୍କର ବିଷୟ-ବସ୍ତୁ ଚୟନ ସେତେଦୂର ଆତ୍ମୀୟ ହୋଇପାରି ନାହିଁ । କେଉଁ-କେଉଁଠି କଥା-ସୂତ୍ର ବାଧାପ୍ରାପ୍ତ ହୋଇଛି । ଲେଖକୀୟ ଆତ୍ମୀୟତା ଅଥବା ରଚନାତ୍ମକ ଆବେଗର ଅଭାବ ପରିଲକ୍ଷିତ ହୁଏ । କେତେକ ଅନାବଶ୍ୟକ ବସ୍ତୁ ମଧ୍ୟ ଆସିଯାଇଛି । ସେଗୁଡ଼ିକୁ ବାଦ ଦେଇ ଦେଇଥିଲେ କୌଣସି ଅଭାବ ଦେଖା ଦେଇ ନଥାନ୍ତା । ୟୁରୋପ-ଯାତ୍ରାର ବିବରଣୀ ଯେତେଦୂର ସାର୍ଥକ ହୋଇପାରିଛି, ସେତେଦୂର ନିଜଦେଶର ନୁହେଁ । ଦେଶର ପାହାଡ଼-ଅଞ୍ଚଳର ବିବରଣୀରେ ପ୍ରାକୃତିକ ଦୃଶ୍ୟର ଚିତ୍ର ଯେତେ ପରିମାଣରେ ଆସିପାରିଛି, ସେତେ ପରିମାଣରେ ଜୀବନବୃତ୍ତି ଆସିପାରି ନାହିଁ । ଜୀବନବୃତ୍ତି ବହୁତ ସଂକ୍ଷିପ୍ତ ଓ ବହୁତ ସୀମିତ ହୋଇଯାଇଛି । ତଥାପି ଯଶପାଲଙ୍କ ଯାତ୍ରା-ସାହିତ୍ୟ ରାହୁଲଙ୍କ ପରେ ଏକ ବିଶାଳ ଉପଲବ୍ଧି ।

□

# କଥା ପରେ କଥା

କଥାକାର ହେବା ହିଁ ଯଶପାଲଙ୍କ ଖ୍ୟାତିର କାରଣ । କାରଣ ତାଙ୍କର ଉତ୍କୃଷ୍ଟ ରଚନାଗୁଡ଼ିକ ଥିଲା କଥାସାହିତ୍ୟର ଅନ୍ତର୍ଗତ । କିନ୍ତୁ ଏହା ସବୁକିଛି ନଥିଲା । ସେ ନିଜ ସମୟ ବେକାରରେ କଟାଉ ନଥିଲେ । ଯଦି ସେ କେବେ କାହାଣୀ ଅଥବା ଉପନ୍ୟାସ ଲେଖିପାରୁ ନଥିଲେ, ସେ ସମୟତକ ଅନ୍ୟ କୌଣସି କାମରେ ଲଗାଉ ଥିଲେ । କେତେବେଳେ ରାଜନୀତିକ ପ୍ରବନ୍ଧ ଲେଖୁଥିଲେ ତ କେତେବେଳେ ବିଶ୍ୱର ମହତ୍ତ୍ୱପୂର୍ଣ୍ଣ ସାହିତ୍ୟର ଅନୁବାଦ କରୁଥିଲେ ଅଥବା ଡାଇରି ଲେଖୁଥିଲେ । ଖଣ୍ଡେଅଧେ ନାଟକ ମଧ୍ୟ ଲେଖିଥିଲେ ସେ । ବନ୍ଧୁମାନଙ୍କୁ ବଡ଼ ଆଦରରେ ପତ୍ର ଲେଖୁଥିଲେ ପୁରା ମନ-ଧ୍ୟାନ ଦେଇ । ହୃଦୟ ଖୋଲି ଯେମିତି କହୁଥିଲେ, ସେମିତି ଅନ୍ୟର କଥା ଶୁଣୁଥିଲେ । ତାଙ୍କ ପତ୍ରରେ ସମୟର ଅସ୍ଥିରତା, ଅଶାନ୍ତ ଚେହେରାର ପ୍ରତିଫଳନ ଦେଖାଯାଏ । ବସ୍ତୁତଃ ଏହାହିଁ ତାଙ୍କ ସାହିତ୍ୟର ସମ୍ପତ୍ତି । ପତ୍ରମାଧ୍ୟମରେ ସେ ଲୋକଙ୍କଠାରୁ ପରାମର୍ଶ ମାଗନ୍ତି, ଅନ୍ୟର ପୁସ୍ତକ ଉପରେ ନିଜର ମତ ଦିଅନ୍ତି ଏବଂ ନିଜ ଉପରେ ଅଣାଯାଇଥିବା ଆରୋପର ଜବାବ ଦିଅନ୍ତି । ଆଶ୍ଚର୍ଯ୍ୟଜନକ ଆତ୍ମବିଶ୍ୱାସ ଥିଲା ତାଙ୍କର । ଜଣେ ସାଧାରଣ ଲୋକର କଥା ଭଲ ଲାଗିଲା ତ ତା' ଅନୁସାରେ ନିଜକୁ ସୁଧାରି ନିଅନ୍ତି । ମାତ୍ର ଯଦି ଭଲ ନଲାଗେ, ତେବେ ଯେତେ ବଡ଼ ଲୋକ ଅଥବା ଆଲୋଚକ ହେଲେ ବି ତା'କଥା ସେ ଶୁଣନ୍ତିନି । ତାଙ୍କ ପତ୍ରଗୁଡ଼ିକର ସଙ୍କଳନ 'ମଧୁରେଶ' କରିଛନ୍ତି । ସେଥିରେ ଯଶପାଲଙ୍କଦ୍ୱାରା ମଧୁରେଶଙ୍କୁ ଲେଖାଯାଇଥିବା ସମସ୍ତ ପତ୍ର ସଙ୍କଳିତ ହୋଇଛି । ଅନ୍ୟ ଲେଖକ ଓ ବନ୍ଧୁମାନଙ୍କୁ ଲେଖାଯାଇଥିବା ଅନେକ ମୂଲ୍ୟବାନ ଓ ମହତ୍ତ୍ୱପୂର୍ଣ୍ଣ ପତ୍ର ମଧ୍ୟ ଅଛି । କେବେ ସୁବିଧା ସୁଯୋଗ ମିଳିଲେ ସଙ୍କଳିତ ଓ ପ୍ରକାଶିତ ହେବ । ଯଶପାଲ ପ୍ରତ୍ୟେକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଥବା ପ୍ରଶ୍ନକୁ ନେଇ ପତ୍ରମାଧ୍ୟମରେ ହେଉନା କାହିଁକି ନିଜର ମତ ଦେଇଛନ୍ତି । ନିଜ ବନ୍ଧୁ-ମାନଙ୍କରେ ବନ୍ଧୁ ପ୍ରଶ୍ନର ରଚନାତ୍ମକ ପ୍ରୟୋଗ କରିଛନ୍ତି । ଫଳତଃ ତାଙ୍କ ସାହିତ୍ୟ ତାଙ୍କ ଜୀବନଗାଥା, ଯୁଗ-ଗାଥା ଏବଂ ରଚନାତ୍ମକ ଶକ୍ତିର ଏକ ସମ୍ଭାର ।

ଯଶପାଲ ଅନୁବାଦ ପାଇଁ ଯେଉଁ ବହିଗୁଡ଼ିକ ବାଛିଥିଲେ, ସେଗୁଡ଼ିକ ହେଲା—ଲୁଇଫିଶରଙ୍କର 'ଗାନ୍ଧି ଔର ଲେନିନ', ଓ୍ୱାଦା କାରବୀସ୍କାୟେବଙ୍କର 'ଡିସାଇସିଭ ଷ୍ଟେପ', ଚୀନା କମ୍ୟୁନିଷ୍ଟ ପାର୍ଟି, ଆମେରିକା ଲେଖିକା ପର୍ଲ ଏସ୍ ବକ୍‌ଙ୍କର 'ପେଟ୍ରୋଲିୟୁନ ଅଫ ଓ୍ୱିମେନ, ଗାଲିନା ନିକୋଲାୟେବାଙ୍କ 'ହାର୍ଭେଷ୍ଟ ଇତ୍ୟାଦି । ଅନୂଦିତ ରଚନା ହେଲା 'ଗାନ୍ଧି ଔର ଲେନିନ, 'ପକ୍‌କା କଦମ' ଚୀନ୍ କମ୍ୟୁନିଷ୍ଟ ପାର୍ଟି, ଜନାନୀ ଜ୍ୟୋତି ଔର ଫସଲ । ଏହାବ୍ୟତୀତ 'ଚଲନୀ ମେଂ ଅମୃତ' (କମଲ ମାର୍କଣ୍ଡେୟଙ୍କ ଇଂରାଜୀ ଉପନ୍ୟାସ) ଓ 'ଜୁଲୈଖା, (ଅସକଦ ଅଖ୍‌ତାରଙ୍କ ଉପନ୍ୟାସ) । ଏଗୁଡ଼ିକର ପ୍ରକାଶ ହୋଇ ସାରିଛି ।

୧୯୫୨ରେ ପ୍ରକାଶିତ ନାଟକ-'ନଶେ ନଶେ କୀ ବାତ' ଯଶପାଲଙ୍କଦ୍ୱାରା ଲିଖିତ । ତାଙ୍କଦ୍ୱାରା ଲିଖିତ ରାଜନୀତିକ ଓ ସଂସ୍କାରମୂଳକ ପୁସ୍ତକଗୁଡ଼ିକ ହେଲା— 'ବାତ ବାତ ମେଂ ବାତ' (୧୯୫୦), ରାମରାଜ୍ୟ କୀ କଥା (୧୯୫୦), ଦେଖା-ସୋଚା-ସମଝା (୧୯୫୧), 'ଆଗାଜୀ କହତୀ ହୈ ମେରା ଚେହେରା ରୋଆଲ ହୈ' (୧୯୫୧) । କ୍ରାନ୍ତିକାରୀ ଜୀବନ କେ ସଂସ୍କରଣ—ସିଂହାବଲୋକନ ଭାଗ-୧ (୧୯୫୧), ଭାଗ-୨ (୧୯୫୨) ଏବଂ ଭାଗ-୩ (୧୯୫୫) । ବିପ୍ଳବର ସ୍ଥାୟୀ ସ୍ତମ୍ଭରେ ପ୍ରକାଶିତ ଅନ୍ୟ ରଚନା-ଗୁଡ଼ିକ ହେଲା 'ନ୍ୟାୟକା ସଂଘର୍ଷ', 'ଚକ୍‌କର କ୍ଲବ' ଏବଂ 'ଜଗକା ମୁଜରା' । ଉଲ୍ଲେଖନୀୟ କଥା ଯେ ଯଶପାଲ ନିଜର ଆତଙ୍କବାଦୀ ଗତିବିଧିକୁ ଦାର୍ଶନିକତାର ଆବରଣ ଦେଇଥିଲେ । ଭଗବତୀ ଚରଣ ବର୍ମାଙ୍କ ସହ ମିଶି 'ହିନ୍ଦୁସ୍ଥାନୀ ସମାଜବାଦୀ ପ୍ରଜାତନ୍ତ୍ର ସେନା'ର ଘୋଷଣାପତ୍ର ଭାବରେ 'ଫିଲୋସଫି ଅଫ ଦ ବମ୍' ଲେଖିଥିଲେ । 'ଲୋକଭାରତୀ ପ୍ରକାଶନ' ଦ୍ୱାରା ତାଙ୍କର କେତେକ ଅପ୍ରକାଶିତ କାହାଣୀ 'ଲୈଂପଶେଡ୍' ନାମରେ ପ୍ରକାଶିତ ହୋଇଛି । ଯଶପାଲଙ୍କ ରଚନା, ଯାହା ରଚନା ଦୃଷ୍ଟିରୁ କାହାଣୀ ଅଥବା ନାଟକ-ସୀମା ମଧ୍ୟରେ ଆସେନି, ସେଗୁଡ଼ିକ ବିଶୁଦ୍ଧ ରାଜନୀତିକ । ସଂସ୍କାର ହେଉ ଅଥବା ସମସ୍ୟା-ଚନ୍ତନ, ଏ ସମସ୍ତଙ୍କ ପୃଷ୍ଠଭୂମିରେ କେବଳ ରାଜନୀତିକ ଦୃଷ୍ଟିକୋଣ ନଥାଏ, ବରଂ ଥାଏ ବ୍ୟାଖ୍ୟା ଓ ବିଶ୍ଳେଷଣର ଆଧାର ରାଜନୀତି । କୌଣସି ପତ୍ରିକାରେ ଲେଖନ୍ତୁ ଅଥବା କୌଣସି ବିଷୟରେ ତର୍କ କରନ୍ତୁ, ସେ ନିଜ ମତକୁ ଶୀର୍ଷକୁ ନେଇ ଯାଆନ୍ତି । ପ୍ରତିଭାବାନ ଓ ପ୍ରତ୍ୟୁତ୍ପନ୍ନମତି ହେବା ଫଳରେ ସେ କେବେ କେଉଁଠି ପରାଜିତ ହୋଇ ନାହାନ୍ତି । ତାଙ୍କର ଏ ପ୍ରକାର ସମସ୍ତ କଥା, ମତ ବା ସିଦ୍ଧାନ୍ତ 'ବାତ ବାତ ମେଂ ବାତ', 'ସିଂହାବଲୋକନ' ଓ 'ଜଗକା ମୁଜରା' ଇତ୍ୟାଦି ପୁସ୍ତକମାନଙ୍କରେ ପ୍ରତିଫଳିତ । ଏ ସମସ୍ତ ରଚନା ତର୍କପୂର୍ଣ୍ଣ ଟିପ୍‌ପଣୀରେ ପରିପୂର୍ଣ୍ଣ । ସିଂହାବଲୋକନ ସମ୍ବନ୍ଧରେ ସେ ନିଜେ କହିଛନ୍ତି ଯେ ମୋର ସଂସ୍କରଣ, ମୋ ନିଜ ଅନୁଭୂତି ଓ ବନ୍ଧୁମାନଙ୍କ ଅନୁଭୂତି ଏଥିରେ ସନ୍ନିବେଶିତ । ମାତ୍ର ମୋ

ଜୀବନର ସମ୍ପୂର୍ଣ୍ଣ ଅନୁଭୂତି ଏଥିରେ ଆସିପାରିନ । ଆସିବା ମଧ୍ୟ ଉଚିତ ନଥିଲା । ଯେତେବେଳେ ସ୍ୱାଧୀନତା ପ୍ରାପ୍ତି ପ୍ରଚେଷ୍ଟାର ଇତିହାସ ଲେଖାଯିବ, ସେତେବେଳେ ଏହା ନିଶ୍ଚିତ ଭାବରେ କାମରେ ଲାଗିବ । (ସିଂହାବଲୋକନ, ଭାଗ-୩, ଭୂମିକା)

'ନ୍ୟାୟକା ସଂଘର୍ଷ' ପୁସ୍ତକରେ ସର୍ବମୋଟ ଉଣେଇଶଟି ପ୍ରବନ୍ଧ ସ୍ଥାନ ପାଇଛି । ସେଥିମଧ୍ୟରୁ 'ଗାନ୍ଧିବାଦ ଔର ଉନକେ ସତ୍ୟାଗ୍ରହ', 'ପୁଞ୍ଜିପତି ଔର ମଜଦୂର' ଗରୀବ୍ କେ ଭଗବାନ', 'ମଜହବ କା ମୂଲମନ୍ତ୍ର', 'କିସାନ ମଜଦୂର' ଶ୍ରେଣୀ ସମସ୍ୟା ଭଳି ବିଷୟମାନ ଦିଆଯାଇଛି । 'ସମାଜ କେ ଶତ୍ରୁ' ପ୍ରବନ୍ଧରେ ଶ୍ରେଣୀ ଶତ୍ରୁଙ୍କୁ ଚିହ୍ନିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଭାବରେ ନ୍ୟାୟ ପଦ୍ଧତିକୁ ବର୍ଗୀୟ ନୈତିକତା ସହ ଯୋଡ଼ି ଦିଆଯାଇଅଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଏ ପ୍ରବନ୍ଧମାନଙ୍କରେ ଯଶପାଲ ଲୋକଙ୍କୁ ବାରମ୍ବାର ଚେତାଇ ଦେଇଛନ୍ତି ଯେ, ପରାଧୀନତା ସାଗର ଆରପାରୁ ହିଁ ଆସେ ନାହିଁ, ଏଠାରେ ହିଁ ତାହା ବିଦ୍ୟମାନ । ବସ୍ତୁତଃ ଏହା ସାମାଜିକ ଓ ଆର୍ଥିକ ବ୍ୟବସ୍ଥାରୁ ହିଁ ଜନ୍ମଗ୍ରହଣ କରେ । ସେ ଲେଖିଛନ୍ତି—'ଆମର ନବୀନ ପରିସ୍ଥିତିମାନଙ୍କ ପାଇଁ ପ୍ରଚଳିତ ନ୍ୟାୟ-ଧାରଣା ବହୁଅଂଶରେ ଅନୁପଯୁକ୍ତ । ତାର ବିଶ୍ଳେଷଣ (Vivisection) ଏଥିରେ କରାଯାଇଅଛି ଏବଂ ଏହା ପ୍ରତିପଦରେ କିପରି ବିରୋଧାତ୍ମକ ତାର ଉଲ୍ଲେଖ ମଧ୍ୟ କରାଯାଇଅଛି । ଏହା ଫଳରେ ଏକ ନବୀନ ସାମାଜିକ ବ୍ୟବସ୍ଥା ପ୍ରତି ସଙ୍କେତ ମଧ୍ୟ ଦିଆଯାଇଅଛି ।

ଏହିଭଳି 'ଚକ୍କର କ୍ଲବ'ରେ ଆଠଟି ପ୍ରବନ୍ଧ ସ୍ଥାନ ପାଇଛି । ଏଥିପାଇଁ ଲେଖକ ଏପରି ବିଷୟ ବାଛିଛନ୍ତି, ଯେଉଁଗୁଡ଼ିକ ବେକାରମାନଙ୍କ ଚର୍ଚ୍ଚାର ବିଷୟ ହୋଇଛି । କଫି ହାଉସରେ ଚା'ପିଇଲାବେଳେ ହେଉ ଅଥବା ବାଟ ଚାଲିଲାବେଳେ ନତୁବା କେଉଁଠି ବସିଲାବେଳେ ଯାହାସବୁ ଚର୍ଚ୍ଚା କରାଯାଏ ସେସବୁ ଏଥିରେ ସ୍ଥାନ ପାଇଛି । ସ୍ୱାଧୀନତା ସଂଗ୍ରାମବେଳେ ଗାନ୍ଧିଜୀଙ୍କ ଅନୁଗାମୀମାନଙ୍କ ମଧ୍ୟରେ ରାମରାଜ୍ୟ ଓ ଭଗବାନଙ୍କ ଚର୍ଚ୍ଚା ଏକ ସାଧାରଣ ବିଷୟ ଥିଲା ଓ 'ଦରିଦ୍ର ନାରାୟଣ' ପରି ଚର୍ଚ୍ଚାର ବିଷୟ ଥିଲା । ନାରୀ ସ୍ୱାଧୀନତାର ଚର୍ଚ୍ଚା ପ୍ରଥମେ ହିଁ ସେତେବେଳେ ହେଉଥିଲା । ଏ ସମସ୍ତ ବିଷୟ 'ଚକ୍କର କ୍ଲବ'ରେ ବିଶେଷ ଭାବରେ ଚର୍ଚ୍ଚିତ ହୋଇଛି । 'ଚକ୍କର କ୍ଲବ' ଲୋକଙ୍କ ବିଶୃଙ୍ଖଳିତ ମନରେ ଉଠୁଥିବା ବିଭିନ୍ନ ବିଷୟ ସମ୍ବନ୍ଧରେ ଚର୍ଚ୍ଚା କରିବା ସଙ୍ଗେ-ସଙ୍ଗେ ସମସ୍ତଙ୍କ ଭିତରେ ଥିବା ତ୍ରୁଟି ମଧ୍ୟ ଦେଖାଇ ଦେଉଥିଲା । ବିପ୍ଳବରେ 'ଚକ୍କର କ୍ଲବ' ନାମକ ଏକ ସ୍ତମ୍ଭ ଚାଲିଥାଏ ଏବଂ 'ବିପ୍ଳବୀ ଟ୍ରେକ୍ଟ'ରେ 'ବେକାର ଏଣ୍ଡ କମ୍ପାନୀ ଲିମିଟେଡ଼' ନାମରେ ଏ କ୍ଲବ ସମାଜ ମଧ୍ୟରେ ଥିବା ଦୋଷ-ତ୍ରୁଟିକୁ ନିରୀକ୍ଷଣ କରୁଥାଏ । ଆଜି ବି ତାହା ନୂଆଭଳି ଲାଗେ । ଭୂମିକାରେ 'ବେକାର ଏଣ୍ଡ କମ୍ପାନୀ'ର ଛ'ଟି ଯାକ ନିୟମ ଅତ୍ୟନ୍ତ ରୁଚିପୂର୍ଣ୍ଣ ।

ଉଦାହରଣ ସ୍ୱରୂପ ସେଥିମଧ୍ୟରୁ ଗୋଟିଏ ହେଲା—"ଏପରି କୃଷକ, ଯାହାର ଯଥେଷ୍ଟ ଜମି ନାହିଁ ଅଥବା ବହୁ ପରିଶ୍ରମରେ ଉତ୍ପନ୍ନ କରିଥିବା ଫସଲ ଜମି ମାଲିକ ନେଇଯିବା ଫଳରେ ବହୁତ ଦୁଃଖୀ । କୃଷକର ପିଲେ, ଯାହାଙ୍କର ନଜର, ପୈତୃକ ସମ୍ପତ୍ତି ବହୁ ଭାଗରେ ବଣ୍ଟା ହୋଇଯିବା ଫଳରେ ଭୋକରେ ମରିବା ଆଶଙ୍କାରେ ଅତ୍ୟନ୍ତ ବ୍ୟାକୁଳ, ସେହିମାନେ ହିଁ 'ବେକାର ଏଣ୍ଡ କମ୍ପାନୀ'ର ମେମ୍ବର ହୋଇ ପାରନ୍ତି ।" ('ଚକ୍କର କ୍ଲବ' ପୃ-୭)

ଏଥିରୁ ସ୍ପଷ୍ଟ ଯେ ବେକାର ଏଣ୍ଡ କମ୍ପାନୀ ଅଥବା ଚକ୍କର କ୍ଲବର ସଭ୍ୟମାନେ ଲୋକଙ୍କ ମଧ୍ୟରେ ଜାଗୃତି ଆଣି ଦେଉଥିଲେ । ଏହା ଜନ-ଶିକ୍ଷା ପାଇଁ ଆରମ୍ଭ କରାଯାଇଥିବା ଏକ ଚେଷ୍ଟା ଥିଲା । ଯଶପାଲ ଏପରି ଭାବରେ ଜନ-ସାହିତ୍ୟର ପ୍ରଶ୍ନ ଉଠାଇ ଥିଲେ । ସାହିତ୍ୟକୁ ସେ ସମାଜ ଅନୁସାରେ ସ୍ୱତଃ ପରିବର୍ତ୍ତିତ ହେବା ବସ୍ତୁ ବୋଲି ଧରି ନେଇଥିଲେ । ନାରୀମାନଙ୍କର ମିଳନ ଅଥବା ବିରହ-ଗାଥାମାନଙ୍କୁ ଆଧାର କରି ଲେଖାଯାଇଥିବା ସମସ୍ତ ପାରମ୍ପରିକ ସାହିତ୍ୟ ବଦଳରେ ଆଜିର ସାହିତ୍ୟ-ସ୍ରଷ୍ଟା-ମାନଙ୍କୁ ସେ ପ୍ରଶ୍ନ କରିଛନ୍ତି ଯେ ସେମାନେ ପୂର୍ବପରି ପୁଣି କ'ଣ ସାହିତ୍ୟ ଲେଖିବେ ? ......ସେମାନଙ୍କର ଅନୁଭୂତିର ଭୌତିକ ଆଧାର ଏବେ ସେପରି ଆଉ କାହିଁ ? ବିଶାଳ ପ୍ରାସାଦମାନଙ୍କର ଗବାକ୍ଷମାନଙ୍କରେ ଆସୁଥିବା ବର୍ଷାର ସେହି ସୂକ୍ଷ୍ମ ଜଳକଣା, ଆଗରେ କ୍ଷୀଣ କଟି, ଦେହରେ ଲାଗି ରହିଥିବା ପୋଷାକ ଭିତରୁ ଫୁଟି ପଡୁଥିବା ଯୌବନ, ମଞ୍ଜୁଆଙ୍ଗରେ ଚର୍ଚ୍ଚିତ ଅଙ୍ଗୁଳିରେ ଉଠାଉଥିବା ଓଢ଼ଣାର କୋଣ, ମଧୁର ଓଠର ସ୍ମିତହାସ ଓ କାନ ପର୍ଯ୍ୟନ୍ତ ଲମ୍ବିଯାଇଥିବା ନେତ୍ରର ବଙ୍କିମ କଟାକ୍ଷରେ ଶରବିଦ୍ଧ କରୁଥିବା ନାୟିକା ଆଜି ଆଉ କାହାନ୍ତି ?" (ତଦୈବ-୯)

ବର୍ତ୍ତମାନ ନାରୀ ହେଉ ଅଥବା ପୁରୁଷ ସମସ୍ତେ ଅଧିକାର ପାଇଁ ସଂଘର୍ଷରତ । ସଂଘର୍ଷର ଯୁଗ ଏ । ଏଇଥିପାଇଁ ଯଶପାଲ ଅନେକ ଚରିତ୍ର-ସୃଷ୍ଟି କରିଛନ୍ତି । ସମସ୍ତଙ୍କର ସ୍ୱାଧୀନତାର କାମନା ଆଜି ଅତ୍ୟନ୍ତ ତୀବ୍ର । ଏଥିପାଇଁ ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥା ବ୍ୟକ୍ତିଗତ ସ୍ୱତନ୍ତ୍ରତା ପାଇଁ ସ୍ୱର ଉତ୍ତୋଳନ କରୁଛି । ତା'ର ଯୁକ୍ତି ଯେ ସମାଜବାଦୀ ବ୍ୟବସ୍ଥା ବ୍ୟକ୍ତିଗତ ସ୍ୱାଧୀନତାକୁ ଛିନ୍ନ କରୁଛି । ଏ ସମସ୍ୟାର ସମାଧାନ ପାଇଁ ଯଶପାଲ ତାଙ୍କ ଲେଖା ମାଧ୍ୟମରେ ଯୁକ୍ତି ଦେଇଛନ୍ତି ଏବଂ ସେ ପ୍ରତ୍ୟେକ ଲୋକଙ୍କୁ ପୁଞ୍ଜିବାଦ ଓ ସମାଜବାଦ ଭିତରେ ଥିବା ପାର୍ଥକ୍ୟକୁ ବୁଝାଇ ଦେବାକୁ ଚାହିଁଛନ୍ତି ।

'ବାବାଜୀ କହତେ ହେଁ, ମେରି ତେହରି ହେବାଲି ହୈ' ପୁସ୍ତକର ଏକ ଲମ୍ବା ପ୍ରବନ୍ଧରେ ସେ ଲେଖିଛନ୍ତି—'ପୁଞ୍ଜିବାଦୀ ପ୍ରଜାତନ୍ତ୍ର-ନିୟମ ଦୃଷ୍ଟିରେ, ସମତାର ଆଦର୍ଶ ଅନୁସାରେ ଜମନା ଦାଇ ନିଜ ବୃଦ୍ଧା ମାତାକୁ ଦେଖିବାପାଇଁ ବାଗେଶ୍ୱର

ଯିବାପାଇଁ ଅସମର୍ଥ, କୋଡ଼ିଏ ଟଙ୍କାର ଗ୍ରୁକର ପାଇଁ ଲକ୍ଷ୍ମଣ ଲକ୍ଷ୍ନୌ ଯିବାପାଇଁ ଅସମର୍ଥ ଏବଂ ପଞ୍ଚାବନ ଟଙ୍କା ଦେଇ ଘରଭଡ଼ା ନେବାରେ ମୋର ବନ୍ଧୁ ଅସମର୍ଥ । ମାତ୍ର ବ୍ୟବସାୟିକ ଲାଭରୁ ଧର୍ମକାର୍ଯ୍ୟ ପାଇଁ ବାହାର କରିଥିବା କିଛି ନଗନ୍ୟ ଅଂଶରେ ପାଞ୍ଚୋଟି କଲେଜ, ପଚଶଟି ଧର୍ମଶାଳା ଚଳାଇ ଦିଆଯାଇ ପାରୁଛି । ଏହା ବ୍ୟତୀତ ପ୍ରତ୍ୟେକ ପ୍ରଦେଶର ବିଧାନସଭା ପାଇଁ ନିଜର ଲୋକମାନଙ୍କୁ ଜିତାଇ ଦିଆଯାଇ ପାରୁଛି । ଶ୍ରେଷ୍ଠ କ୍ଷେତ୍ରରେ ବ୍ୟବସାୟୀ ରାଜା ସବୁ ସମାନ । ପୁଞ୍ଜିବାଦୀ ପ୍ରଜାତନ୍ତ୍ରରେ କାନୁନ ଏଭଳି ସମସ୍ତଙ୍କୁ ସମାନ ବ୍ୟକ୍ତିଗତ ସ୍ୱାଧୀନତା ଦେଇ ରଖିଛି ।' (ପୃ-୫୭)

ଯଶପାଲଙ୍କ ତର୍କ, ସିଦ୍ଧାନ୍ତ, ଉଦାହରଣ ଏବଂ ଯୁକ୍ତିର ଶୃଙ୍ଖଳା ସବୁ ତାଙ୍କ ଅନୁଭବର କଥା । ପ୍ରେମଚନ୍ଦଙ୍କର ଯେଉଁଭଳି ନିଜ ଆଖିରେ ଦେଖିଥିବା ଓ ଅଙ୍ଗେ ଲିଭିଇଥିବା ବ୍ୟାପକ ଅନୁଭବ ଥିଲା, ଯଶପାଲଙ୍କର ମଧ୍ୟ ସେହିପରି ଅନୁଭବ ଥିଲା । ସେ ଗୋଟିଏ ବହିର ନାମ ରଖିଛନ୍ତି—'ଦେଖା-ସୋଚ୍ଚ-ସମଝା' । ଏଥିରେ ସେବାଗ୍ରାମ, ଶିମଳା ଓ ନୈନିତାଲର ଯାତ୍ରା ବର୍ଣ୍ଣନା ଛଡ଼ା 'ସାହିତ୍ୟ କା ମୂଲ୍ୟାଙ୍କନ' 'ନାଦିରଶାହି', 'ବ୍ୟକ୍ତିଗତ ସ୍ୱତନ୍ତ୍ରତା', 'ବିଦ୍ରୋହୋଂକା ସ୍ୱତନ୍ତ୍ର' ଓ 'ଅପନେ ସମର୍ଥକୋଂ କେ ପ୍ରତି ମେରେ ଦେୟ' ପ୍ରବନ୍ଧଗୁଡ଼ିକ ସଂଗୃହୀତ । ପ୍ରତ୍ୟେକ ପ୍ରବନ୍ଧରେ ବ୍ୟାବହାରିକ ସମାଜର ସମୀକ୍ଷା କରାଯାଇଅଛି । ଅବଶ୍ୟ ମାର୍କସ୍‌ବାଦୀୟ ଦୃଷ୍ଟିକୋଣରୁ । ଏଣୁ ସେ ଗାନ୍ଧିଙ୍କ ରାମରାଜ୍ୟର ପରବର୍ତ୍ତୀ ପରିକଳ୍ପନା ଓ ତାଙ୍କର ଅସମ୍ଭବ ତଥା ଅବୈଜ୍ଞାନିକ ଆଦର୍ଶର ମିଥ୍ୟା ଆବରଣକୁ ଖୋଲି ଦେଇଛନ୍ତି । ଜୈନେନ୍ଦ୍ରଙ୍କ ବିରୋଧର ଉତ୍ତର ଦେଇ ସେ କହିଛନ୍ତି ଯେ 'ମୁଁ ଗାନ୍ଧିବାଦୀୟ ନୈତିକତାକ ଓ କ୍ରିୟାତ୍ମକ ରୂପକୁ ନିଜ ଧର୍ମ-ଚକ୍ଷୁରେ ଓ ସମ୍ପୂର୍ଣ୍ଣ ଐତିହାସିକ ଦୃଷ୍ଟିରେ ଦେଖିଛି ଏବଂ ଜନତା ତା'ସମ୍ବନ୍ଧରେ ନିଜେ ନିର୍ଣ୍ଣୟ ନେବାପାଇଁ ପଥ ପରିଷ୍କାର କରିଦେଇଛି (ତତ୍ରୈବ-୧୦୭) ।

'ରାମରାଜ୍ୟ କୀ କଥା' 'ରାମରାଜ୍ୟ କୀ ଶବ ପରୀକ୍ଷା'ରେ ଉକ୍ତ ବିଷୟର ସବିସ୍ତାର ବ୍ୟାଖ୍ୟା କରାଯାଇଅଛି ।

ଯଶପାଲଙ୍କର ଏ ସମସ୍ତ ଲେଖା ଯୁଗ-ପ୍ରହରୀଭାବେ କାମ କରିଛି । ଆମ ଦେଶର ପ୍ରାଚୀନ ଇତିହାସରେ ସାଧାରଣ ଜନତାର ସଂଘର୍ଷ ଓ ଶୋଷକବର୍ଗ ସହିତ ମିଳନର ବିବରଣ ବହୁତ କମ୍ ଦେଖାଯାଏ । କିନ୍ତୁ ଆଜିର ସଂଘର୍ଷକୁ ଯଶପାଲଙ୍କ ପରି ସଚେତନ ଲେଖକମାନେ ରୂପାୟିତ କରିବାକୁ ଛାଡ଼ି ନାହାନ୍ତି । ପୂରା ବିବରଣ ଦେବାକୁ ଚେଷ୍ଟା କରିଛନ୍ତି ସେ । ଯୁଗର ଯଥାର୍ଥ ଚିତ୍ରପଟ

ସେ ଦେଇଛନ୍ତି । ଯେତେବେଳେ ଆଧୁନିକ ଯୁଗର ଆଲୋଚନାତ୍ମକ ଯାଥାର୍ଥ୍ୟ ଉପରେ ଇତିହାସ ଲେଖାଯିବ ଏବଂ ସମାଜବାଦୀ ଭାରତର ନିର୍ମାଣ-ପ୍ରକ୍ରିୟାରେ ଯଥାର୍ଥତାର ଅନ୍ୱେଷଣ କରାଯିବ ସେତେବେଳେ ଏଗୁଡ଼ିକ ପ୍ରାମାଣିକ ଦସ୍ତାବିଜ୍‌ରୂପେ କାମରେ ଆସିବ ଓ ମନୁଷ୍ୟର ଅନ୍ତର୍ନିହିତ ଦ୍ୱନ୍ଦ୍ୱର ଦଲିଲ ଭାବରେ କାମ କରିବ । ଏହା ଏକ ଜାଗ୍ରତ ଲେଖକର ବଳିଷ୍ଠ ଲେଖନୀର ପରିଚାୟକ ।

□

# ଯଥାର୍ଥବାଦର-କଷଟିରେ

ହିନ୍ଦୀରେ ସ୍ୱଚ୍ଛନ୍ଦତାବାଦୀ ଯୁଗ ଆରମ୍ଭ ହେଉ ହେଉ ମୁକ୍ତିର ନାନାପ୍ରକାର ମାର୍ଗ ପ୍ରଶସ୍ତ ହୋଇଯାଇଥିଲା । ସାମନ୍ତୀୟ ବନ୍ଧନରୁ ଯୌନ-ନୈତିକତା ମୁକ୍ତି ଲାଭକଲା । ନାରୀ ବର୍ତ୍ତମାନ ବୁଝିପାରିଲା ଯେ ସେ କ୍ରୟ-ବିକ୍ରୟର ବସ୍ତୁ ନୁହେଁ । ଅଧୁନା ନିଜ ଅସ୍ତିତ୍ୱର ଅନ୍ୱେଷଣ, ତା'ର ରକ୍ଷା ଓ ବିକାଶପାଇଁ ଲାଗିପଡ଼ିଲା ସେ । ପାଶ୍ଚାତ୍ୟ ଜଗତରେ ନାରୀ ଓ ପୁରୁଷର ଯେଉଁ ଯୌନ ସ୍ୱାଧୀନତାକୁ ନେଇ ଆନ୍ଦୋଳନ ଚାଲିଥିଲା, ତାର ପ୍ରଭାବ ମଧ୍ୟ ଏଠି କମ୍ ପଡ଼ିନଥିଲା । ଆଦର୍ଶବାଦ ଓ ଅଶ୍ଳୀଳତା, ପ୍ରକୃତିବାଦ ଓ ଯଥାର୍ଥବାଦ ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱ ଏଠାରେ କବି ଓ ଲେଖକ-ମାନଙ୍କଠାରେ ଯଥେଷ୍ଟ ଦେଖା ଦେଇଥିଲା । ପ୍ରସାଦଙ୍କ 'କଙ୍କାଳ', ନିରାଲାଙ୍କର 'ଅଲକା' ଏବଂ ଶରତଚନ୍ଦ୍ରଙ୍କ ଉପନ୍ୟାସଗୁଡ଼ିକ ପ୍ରମାଣିତ କରିଦେଲା ଯେ ଯେଉଁ ନବୀନ ମାନବ ଏଠି ଜନ୍ମଗ୍ରହଣ କରୁଛି, ତାର ମାନସିକ କ୍ଷୁଧା କ'ଣ ? ଏହା ଆକସ୍ମିକ ଘଟଣା ନଥିଲା । ବିଦେଶରୁ ଆସୁଥିବା ସ୍ତ୍ରୀ-ପୁରୁଷର ସମାନ ସ୍ୱାଧୀନତା ସମ୍ବନ୍ଧୀ ରଚନାଗୁଡ଼ିକ ଏଠି ବହୁତ ପରିମାଣରେ ଆଦୃତ ହୋଇଥିଲା । ଆନ୍ନାକେରେନିନା (ଟଲଷ୍ଟୟ) ସ୍ତ୍ରୀ ହୃଦୟ (ମୋପାସାଁ) ଓ ଗାଡ଼ୀବାଲେଂକା କଟରା (କୁପ୍ରିନ) ଇତ୍ୟାଦି ଏହି କୋଟିର ଉପନ୍ୟାସ । ଏହି ପୃଷ୍ଠଭୂମିକୁ ନେଇ ସ୍ତ୍ରୀ-ପୁରୁଷ ସମ୍ବନ୍ଧକୁ ସହଜ-ସ୍ୱାଭାବିକ କରିବା ଲକ୍ଷ୍ୟରେ ହିନ୍ଦୀରେ ବହୁ ଉପନ୍ୟାସ ଲେଖାଗଲା ଏବଂ ଏଥିପାଇଁ ପାରମ୍ପରିକ ମର୍ଯ୍ୟାଦା ଓ ଜଡ଼ ସାମାଜିକ ବନ୍ଧନ ଉପରେ କୁଠାରାଘାତ ମଧ୍ୟ କରାଗଲା ।

ପ୍ରଗତିଶୀଳ ଆନ୍ଦୋଳନ ଆରମ୍ଭ ହେବା ମାତ୍ରେ ଏହାର ବହୁ ପରୀକ୍ଷା-ନିରୀକ୍ଷା କରାଗଲା । ସ୍ୱାଧୀନତା ଓ ଅରାଜକତା ମଧ୍ୟରେ ଖବ୍ ଟଣା-ଓଟରା ଚାଲିଲା । ମାର୍କସ୍ ଓ ଫ୍ରୟେଡ଼ଙ୍କ ପ୍ରଭାବ ଏକାସାଙ୍ଗରେ ପଡ଼ିବାକୁ ଲାଗିଲା ଭାରତୀୟ ସମାଜ ଉପରେ । ବିଚିତ୍ର ବିଚିତ୍ର ତର୍କ ମଧ୍ୟ ପ୍ରସ୍ତୁତ କରାଗଲା ଏଥିପାଇଁ । କେତେକ ମତ ଦେଲେ ଯେ ଜୀବନର କେତେକ ଦିଗ ପାଇଁ ଏ ଦୁଇଟିର ଆବଶ୍ୟକତା ଭିନ୍ନ-ଭିନ୍ନ ହେଲେ ବି ଯୌନ ସମ୍ବନ୍ଧରେ ଏମାନଙ୍କ ମଧ୍ୟରେ କୌଣସି ମୌଳିକ ବିରୋଧ ନାହିଁ ।

'ନୟା ସାହିତ୍ୟ ଔର ନାରୀ' ଅଥବା 'ସାହିତ୍ୟ ଔର ନାରୀ କୀ ସମସ୍ୟା'—ନାମରେ ବହୁ ପ୍ରବନ୍ଧ ଲେଖାଯାଇଥିଲା । ସେ ସମୟରେ ବିଭିନ୍ନ ମତ ପ୍ରକାଶ ପାଇଥିଲା । ଲେଖକମାନଙ୍କ ମଧ୍ୟରେ ଦୁଇଟି ପକ୍ଷ ହୋଇଯାଇଥିଲେ । ଯଶପାଲ, ମୁଲ୍‌କରାଜ ଆନନ୍ଦ, ପହାଡ଼ୀ, ଅଶ୍କ, ନରୋତ୍ତମ ନାଗର ଓ କୃଷ୍ଣଚନ୍ଦର ଆଦି ଏକ ଦଳରେ ଓ ଅନ୍ୟ ଦଳରେ ରାମବିଲାସ ଶର୍ମା, କେଦାରନାଥ ଅଗ୍ରବାଲ, ହଂସରାଜ ରହବର ଆଦି ଥିଲେ । ପ୍ରଥମ ପକ୍ଷର ଲେଖକ ଥିଲେ 'କୋଲ୍', 'ଫ୍ଲାବେୟର' ଓ 'ଲରେଂସଙ୍କ ସମର୍ଥକ । ସ୍ୱଚ୍ଛ ଗ୍ଲାସରେ ସ୍ୱଚ୍ଛ ଜଳ, ଲେନିନ୍‌ଙ୍କ ସୂତ୍ରକୁ ସେମାନେ ଯୌନସମ୍ବନ୍ଧୀ ସ୍ୱାଧୀନତା ପାଇଁ ପ୍ରୟୋଗ କରୁଥିଲେ । କିନ୍ତୁ ରାମବିଲାସ ଶର୍ମା ଏହାର ପ୍ରତିବାଦକରି ଲେଖିଥିଲେ ଯେ—"କ୍ଷୁଧା, ତୃଷା, ନିଦ୍ରାପରି ସେକ୍‌ସ-ଆକାଂକ୍ଷା ମଧ୍ୟ ତୃପ୍ତ ହେବା ଉଚିତ, ମାତ୍ର ନର୍ଦ୍ଦମାରେ ମୁହଁ ଭର୍ତ୍ତି କରି ନୁହଁ, ବସ୍ତୁତଃ ସେକ୍‌ସ ସମ୍ବନ୍ଧରେ ସ୍ୱଚ୍ଛ ଗ୍ଲାସରେ ସ୍ୱଚ୍ଛ ଜଳ' ପାନ କରିବାର ସିଦ୍ଧାନ୍ତ ପୁଞ୍ଜିବାଦୀ ସିଦ୍ଧାନ୍ତ । ସେମାନେ ସବୁବେଳେ ଏହାକୁ ବ୍ୟବହାର କରନ୍ତି ।" (ପ୍ରଗତିଶୀଳ ସାହିତ୍ୟ କୀ ସମସ୍ୟାଏଁ, ପୃ-୧୧୯) ଏ ସମ୍ବନ୍ଧରେ ପ୍ରଗତିଶୀଳ ଲେଖକ-ସଂଘ ଭିତରେ ଯେଉଁ ମତଭେଦ ଥିଲା, ତା' ଭିବଣ୍ଡି-ଅଧିବେଶନ (୧୯୪୯)ରେ ପ୍ରକାଶ ପାଇଲା ।

ଯଶପାଲ ନିଜ ରଚନାମାନଙ୍କରେ ସେକ୍‌ସକୁ ବହୁତ ସ୍ଥାନ ଦେଇଛନ୍ତି । ସେଥିପାଇଁ ଆଲୋଚକମାନେ ତାଙ୍କ ଉପରେ ଫ୍ରୟଡ଼ଙ୍କର ଯଥେଷ୍ଟ ପ୍ରଭାବ ପଡ଼ିଛି ବୋଲି ମତ ଦିଅନ୍ତି । ପ୍ରଶ୍ନ ହେଉଛି ଯଶପାଲଙ୍କ ଯଥାର୍ଥବାଦୀ ବିଶ୍ୱାସ ପାଇଁ ଏ କଥା କେତେଦୂର ଆବଶ୍ୟକ ଅଥବା ପ୍ରାସଙ୍ଗିକ ? କାହିଁକି ନିମ୍ନ ପୁଞ୍ଜିବାଦୀ ପ୍ରବୃତ୍ତିର ଅବଶେଷ ଭାବର ଶିକାର ସେ ହୋଇଥିଲେ ? ଅଥବା କାହିଁକି ସେ ଅତ୍ୟନ୍ତ ସାହସର ସହିତ ଏପରି ବର୍ଜିତ ବିଷୟକୁ ଅଧିକାର ସହ ଗ୍ରହଣ କରିଥିଲେ ? ଏଥିପାଇଁ ପୁଣି ଥରେ ଯଶପାଲଙ୍କ ବିଚାର ଓ ପାତ୍ରମାନଙ୍କ ଚରିତ୍ରର ପରୀକ୍ଷା କରିନେବା ଦରକାର । ନିଜର ପୁସ୍ତକ "ମାର୍କସବାଦ"ରେ ସେ କହିଛନ୍ତି ଯେ—ମାର୍କସ୍‌ବାଦ ପୁରୁଷର ସମ୍ପତ୍ତି ଓ ଧର୍ମର ଭୟରେ ସ୍ତ୍ରୀ-ପୁରୁଷର ସମ୍ବନ୍ଧ ଦୃଢ଼ ହୁଏ ବୋଲି ସ୍ୱୀକାର କରେ ନାହିଁ । ସେ ସ୍ତ୍ରୀ-ପୁରୁଷର ସମ୍ବନ୍ଧକୁ ପ୍ରାକୃତିକ ଆବଶ୍ୟକତା ଓ କର୍ତ୍ତବ୍ୟଜନିତ ସମ୍ବନ୍ଧ ବୋଲି ମନେକରେ । ଏଥିପାଇଁ ସେ ଦୁଇଟିରୁ ଗୋଟିକୁ ଅନ୍ୟଟିର ଦାସ ହେବା ଆବଶ୍ୟକ ବୋଲି ମନେକରେ ନାହିଁ । ଏହା ସହିତ ସ୍ତ୍ରୀ-ପୁରୁଷ ସମ୍ବନ୍ଧରେ କୌଣସି ଉଚ୍ଛୃଙ୍ଖଳତାକୁ ମଧ୍ୟ ସ୍ୱୀକାର କରେ ନାହିଁ । (ପୃ-୮୫)

ଯଶପାଲ ଏ ସିଦ୍ଧାନ୍ତକୁ ପ୍ରମାଣ କରିବା ପାଇଁ ବହୁ ଚରିତ୍ର ସୃଷ୍ଟି କରିଛନ୍ତି ଏବଂ ସେମାନଙ୍କୁ ବିଭିନ୍ନ ପରିସ୍ଥିତି ଦେଇ ଗତିକରାଇଛନ୍ତି, ଯଦ୍ଦ୍ୱାରା ସେମାନଙ୍କର ଦମିତ ବାସନା ଆପେ-ଆପେ ନଷ୍ଟ ହୋଇଯିବ ଓ ସେମାନେ ନିଜକୁ ପ୍ରକୃତିସ୍ଥ

କରିପାରିବେ । ଜଣେ ଜଣକୁ ନିଜର ସ୍ୱାମୀ ଅଥବା ଦାସୀ କରିବାର ଅବଧାରଣା ରହିବ ନାହିଁ । ପୁରୁଷ-ପ୍ରଧାନ ସମାଜରେ ନୈତିକ ମୂଲ୍ୟକୁ ସମ୍ପତ୍ତି ଓ ପୁରୁଷ ଆଡ଼କୁ ମୋଡ଼ି ଦିଆଯାଇଅଛି । ଧର୍ମର ଉପଯୋଗ ମଧ୍ୟ ଏହି ମୂଲ୍ୟକୁ ସ୍ଥାୟୀ କରିବା ପାଇଁ କରାଯାଇଅଛି । ଯଶପାଲ ଆର୍ଯ୍ୟ ସମାଜର ଆଶ୍ରମରେ ରହି ଏହା ଭଲ ଭାବରେ ଅନୁଭବ କରିଥିଲେ । ଯଦି ସେ ଏ ଆଶ୍ରମରେ ରହି ନଥାନ୍ତେ, ପିଲାଦିନୁ ତାଙ୍କୁ ଏଭଳି ନୈତିକତାର ବନ୍ଧନରେ ବନ୍ଧା ଯାଇ ନଥାନ୍ତା ଏବଂ ଏ ବନ୍ଧନରେ ଥିବା ଭିତରି ସ୍ତରକୁ ସେ ନିଜ ଆଖିରେ ଦେଖି ନଥାନ୍ତେ । ଏଥିପାଇଁ ତାଙ୍କୁ ହୁଏତ ବହୁ ଶ୍ରମ କରିବାକୁ ପଡ଼ିଥାନ୍ତା । ଏ ଅନୁଭବ ଭାବନା-ଗ୍ରନ୍ଥି ଭାବରେ ତାଙ୍କ ମନରେ ଜମି ଯାଇଥିଲା । ଏହାକୁ ଖୋଲିଦେବା ପ୍ରଥମ କର୍ତ୍ତବ୍ୟ ବୋଲି ସେ ମନେ କରିଥିଲେ । ଅନେକ କାହାଣୀ ଓ ବହୁ ଉପନ୍ୟାସରେ ସେ ଏ ସମସ୍ୟାକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି । ଯୌନ-ସମ୍ବନ୍ଧର ସ୍ୱାଭାବିକ ସ୍ୱତନ୍ତ୍ରତାରେ ଯେଉଁମାନେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାକୁ ଲାଗିପଡ଼ିଥିଲେ, ସେହିମାନଙ୍କ ଭିତରେ ମଧ୍ୟ ଦେଖାଇ ଦେଇଛନ୍ତି । କିନ୍ତୁ ସେମାନଙ୍କର ଭୋଗବାଦୀ ଚରିତ୍ରର ମୂଳ ସ୍ୱରୂପ ପଦାରେ ପଡ଼ିଯାଇଛି । ଉଦାହରଣ ସ୍ୱରୂପ—'ଦାଦା କାମରେଡ଼'ରେ—ହରିଶ ଓ ଶୈଳ, 'ପାର୍ଟୀ କାମରେଡ଼'ରେ ଭାବରିଆ ଓ ଗୀତା, 'ମନୁଷ୍ୟ କେ ରୂପ'ରେ ଧନସିଂହ ଓ ସୋମ, 'ଦିବ୍ୟା'ରେ ଦିବ୍ୟା ଓ ପୃଥୁସେନ, 'କ୍ୟୋଂ ଫଂସେ'ରେ ଭାସ୍କର ଓ ମୋତି ଅଥବା ହେନା ଆଦି ଚରିତ୍ରକୁ ନିଆଯାଇପାରେ । ଏମାନେ କେବଳ ଶାରୀରିକ କ୍ଷୁଧା ପୂରଣ ପାଇଁ ଏପଟ-ସେପଟ ବୁଲୁନାହାନ୍ତି, ନିଜକାମ କରୁଛନ୍ତି, ଏବଂ ଜୀବନ-ଯାତ୍ରା ଭିତରେ ଶାରୀରିକ କ୍ଷୁଧାର ପରିତୃପ୍ତି ଲାଭ କରୁଛନ୍ତି । ଏଥିରେ ସ୍ତ୍ରୀମାନଙ୍କ ଚରିତ୍ର ଭଲ ଭାବରେ ପ୍ରକାଶିତ ହୋଇଛି । ସେମାନେ ନିଜ ସ୍ୱାଧୀନତା ପାଇଁ ସଂଘର୍ଷ କରୁଛନ୍ତି ଓ ଯେଉଁଠି ପୁରୁଷ ସେମାନଙ୍କୁ ନିଜର ଅଧୀନ କରିବାକୁ ଚାହୁଁଛି, ସେଠି ସେମାନେ ତାକୁ ପରିତ୍ୟାଗ କରୁଛନ୍ତି ଓ ପାତିବ୍ରତ୍ୟ ସମସ୍ୟାକୁ ସେମାନେ ନୂଆ ଢଙ୍ଗରେ ପରିଭାଷିତ କରୁଛନ୍ତି । ଭାରତୀୟ ରୁଢ଼ିଗ୍ରସ୍ତ ସମାଜରେ ବିଧବାର ସମସ୍ତ ମାନବୀୟ ଅଧିକାରକୁ ଛିନ୍ନ କରିଦିଆଯାଇଛି । ଏପରିକି ବାଳବିଧବାମାନେ ମଧ୍ୟ ସବୁ ସୁବିଧାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ନିଜ ସ୍ୱାଧୀନତା ହରାଇ ବସୁଛନ୍ତି । 'ମୃତ୍ୟୁଞ୍ଜୟ', 'ଜାଦୂ କେ ଗୁଓ୍ୱଲ', 'ଏକ ସିଗାରେଟ୍', 'ବୈଷ୍ଣବୀ' ଆଦି କାହାଣୀ-ଗୁଡ଼ିକରେ ବିଧବାମାନଙ୍କ ଦୁର୍ଦ୍ଦଶା ଚର୍ଚ୍ଚିତ ହୋଇଛି । ନିଜର ପ୍ରାକୃତିକ ଇଚ୍ଛାକୁ ଦବାଇବା ଫଳରେ ଭିତରେ-ଭିତରେ ସଢ଼ୁଛନ୍ତି ସେମାନେ । ସ୍ତ୍ରୀମାନେ କଳା ହେଲେ ଅଥବା ମୁହଁରେ ତାଙ୍କର ଦାଗ ହେଲେ କେହି ତାଙ୍କୁ ବିବାହ କରିବାକୁ ପସନ୍ଦ କରୁନାହାନ୍ତି । ଅନେକ ସେମାନଙ୍କୁ ଭୋଗ କରିବାକୁ ଚାହାନ୍ତି, ମାତ୍ର ବିବାହ କରିବାକୁ ମନା କରିଦିଅନ୍ତି । ଧନୀଘରର ପୁଅମାନେ ସ୍ତ୍ରୀମାନଙ୍କ ଅପେକ୍ଷା ଯୌତୁକକୁ ଅଧିକ ଚାହାନ୍ତି । ସେଥିପାଇଁ ଗରିବ ଘରର ସୁଗୁଣ ସମ୍ପନ୍ନ କନ୍ୟା ଯୌତୁକ ଅଭାବରୁ

ବିବାହ କରିପାରୁ ନାହାନ୍ତି । ଘରେ ସଢ଼ୁଛନ୍ତି । କେତେକ ଅନାଥ ହୋଇ ବେଶ୍ୟାଳୟର ଆଶ୍ରୟ ନେଉଛନ୍ତି । ଯଶପାଳଙ୍କ ମତରେ ସ୍ତ୍ରୀର ଦାସତ୍ୱର କାରଣ ସାମନ୍ତବାଦ ଓ ପୁଞ୍ଜିବାଦ । ଏମାନେ ହିଁ ପୁରୁଷକୁ ସ୍ତ୍ରୀଠାରୁ ଉଚ୍ଚ ସ୍ଥାନ ଓ ଅଧିକାର ଦେଇଛନ୍ତି । ଏହାର ଫଳରେ ପୁରୁଷ ଯୌନାକାଂକ୍ଷାର ଅଧିକାରୀ ହୋଇଛି । ଏଥିପାଇଁ ସ୍ତ୍ରୀର ଯେମିତି କୌଣସି ସ୍ୱାତନ୍ତ୍ର୍ୟ ଅଥବା ଅଧିକାର ନାହିଁ, ପୁରୁଷ ପାଇଁ ସେମିତି କୌଣସି ପ୍ରତିବନ୍ଧକ ମଧ୍ୟ ନାହିଁ । ଯଶପାଳଙ୍କ ଚେଷ୍ଟା ଯେ, ସ୍ତ୍ରୀ ଓ ପୁରୁଷକୁ ଏଥିପାଇଁ ସମାନ ଅଧିକାର ମିଳିବା ଉଚିତ ।

ନିଜ ସିଦ୍ଧାନ୍ତ ଅନୁସାରେ ହିଁ ଯଶପାଳ ହରିଶ ଆଗରେ ଶୈଳକୁ ନିରାଭରଣ ଦାଦା କାମରେଡ଼ରେ ଓ 'କ୍ୟୋଂ ଫଁସେ'ରେ ମୋତି ଓ ଭାସ୍କର ଏବଂ ହେନା ଓ ଭାସ୍କର ସମ୍ବନ୍ଧରେ କରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଛନ୍ତି । ଉତ୍ତର ହେଲା 'ଦିବ୍ୟା' ପୃଥୁସେନ ପ୍ରତି କରିଥିବା ଆତ୍ମସମର୍ପଣ ପାଇଁ କ୍ଷମା ଦେଇପାରନ୍ତି କିନ୍ତୁ ଶୈଳ ହରିଶ ପ୍ରତି କରିଥିବା ଆତ୍ମସମର୍ପଣକୁ ଆପଣ ଅନାବଶ୍ୟକ ମନେ କରିପାରନ୍ତି । କାରଣ ହେଲା ଏଠି ଆତ୍ମସମର୍ପଣ କରିବା ଆବଶ୍ୟକ ନଥିଲା । × × × ମୋ ମତରେ ଏହିଳି ପ୍ରସଙ୍ଗରେ ଆତ୍ମସମର୍ପଣ ଶବ୍ଦହିଁ ଭ୍ରମାତ୍ମକ । ନାରୀ ସର୍ବଦା ସମର୍ପଣ କରୁଥିବ, କିଛି ପାଇବାକୁ ଚାହିଁବ ନାହିଁ ? ବାଞ୍ଛିତକୁ ପାଇବାର ଅଧିକାରରୁ ତାକୁ ବଞ୍ଚିତ କରାଯିବ କାହିଁକି ? ଶୈଳ କାହାର ସମ୍ପତ୍ତି ନୁହେଁ, ସେ ଏକ ବ୍ୟକ୍ତି । ତା' ଇଚ୍ଛାର ମହତ୍ତ୍ୱ ଅଛି । ଭୟରେ ପ୍ରଲୋଭନରେ, କେବଳ କ୍ଷଣିକ ବାସନାରେ ଅଥବା କାହାକୁ ଠକିବା ପାଇଁ ସେ ଆତ୍ମସମର୍ପଣ କରିନି । ବସ୍ତୁତ ଭବି-ଚିନ୍ତ, ପରିଣାମ ଓ ଅସୁବିଧାକୁ ଆଖି ଆଗରେ ରଖି ଯାହା କରିବା କଥା, ତା' ସେ କରିଛି । (ଯଶପାଳ କେ ପତ୍ର ସଂ-ମଧୁରେଶ, ପୃ ୫୧-୫୨) । ଯୌନସମ୍ବନ୍ଧ ସମ୍ପର୍କରେ ସେ କହିଛନ୍ତି—"ଆମ ପରମ୍ପରାଗତ ଯୌନ ସମ୍ପର୍କର ଧାରଣାକୁ ଶାଶ୍ୱତ ସତ୍ୟ ବୋଲି କୁହାଯାଇ ନପାରେ । ସେଗୁଡ଼ିକୁ ପରିସ୍ଥିତି ବିଶେଷରେ ସାମାଜିକ ସୁବ୍ୟବସ୍ଥା ଦୃଷ୍ଟିରୁ ସ୍ୱୀକାର କରାଯାଇଥିଲା । କିନ୍ତୁ ଆଜି ପରିସ୍ଥିତି ବହୁତ ବଦଳି ଯାଇଛି । ସବୁଠାରୁ ବଡ଼ କଥା ଜନ-ସଂଖ୍ୟାବୃଦ୍ଧି । ଯାହା ଦିନେ ବ୍ୟକ୍ତି ଓ ସମାଜର ସବୁଠାରୁ ବଡ଼ ଶକ୍ତି ଥିଲା ତା' ଆଜି ସବୁଠାରୁ ବଡ଼ ସାମାଜିକ ବ୍ୟାଧି ହୋଇପଡ଼ିଛି । ଯୌନକାମନାକୁ ମନୁଷ୍ୟର କୌଣସି ବିକାଶ ଅଥବା ବିଜ୍ଞାନ ବନ୍ଦ କରିପାରିନି । କିନ୍ତୁ ଯୌନତୃପ୍ତିର ପରିଣାମକୁ ଆଜି ବନ୍ଦ କରିବା ସମ୍ଭବ ହୋଇପାରିଛି । ଏଣୁ ଯୌନସମ୍ବନ୍ଧୀ ମାନ୍ୟତାଗୁଡ଼ିକ ଦ୍ୱାରା ବ୍ୟକ୍ତିକୁ ବାନ୍ଧି ରଖିବା କେତେଦୂର ଯୁକ୍ତି-ଯୁକ୍ତ ? ବରଂ ଏହାଦ୍ୱାରା ନାନାପ୍ରକାରର ଅବ୍ୟବସ୍ଥା ସୃଷ୍ଟି ହୋଇପାରେ । ..... ଜନସଂଖ୍ୟା ରୂପକ ବିସ୍ଫୋଟ-ରାହୁକୁ ଆଖି ଆଗରେ ଦେଖି ମୋର ଦୃଢ଼ ମତ ଯେ ସମାଜର କଲ୍ୟାଣ ନିମିତ୍ତ ସ୍ତ୍ରୀ ପୁରୁଷ ସଙ୍ଗମର ଅନିଶ୍ଚିତ ପ୍ରତିଶତ ଅବସରରେ ପରିଣାମରୁ ମୁକ୍ତ ରହିବା ଉଚିତ" (ତଥୈବ ପୃ-୯୦) ।

ଏଥିରୁ ସ୍ପଷ୍ଟ ହୁଏ ଯେ ଯଶପାଲ ଯୌନସମ୍ବନ୍ଧକୁ କେବଳ ବାସନା ସହିତ ଯୋଡ଼ନ୍ତି ନାହିଁ ଓ ତାକୁ ଉଚ୍ଛୃଙ୍ଖଳତାର ରୂପ ଦେବାକୁ ଚାହାନ୍ତି ନାହିଁ । ତାଙ୍କ ମତରେ ଏହା ସମ୍ପର୍କ ଦୃଢ଼କରେ, ଭୋଗ ଅଥବା ବିଳାସରୁ ଦୂରରେ ରଖେ । ଯୌନ ସମ୍ବନ୍ଧର ଲକ୍ଷ୍ୟ ହେଲା ନାରୀମାନଙ୍କ ଗୁପ୍ତ ବ୍ୟବହାରକୁ ରୋକିବା ଓ ବେଶ୍ୟାଳୟ ମାନଙ୍କରେ ହେଉଥିବା ଅପରାଧକୁ ବନ୍ଦ କରିବା । ଲେନିନ୍ କହିଥିଲେ— "ଯୌନ ଜୀବନର ଉଚ୍ଛୃଙ୍ଖଳତା ପୁଞ୍ଜିବାଦର ଅବଦାନ । ତାହା ଅଧଃପତନର ଲକ୍ଷଣ । ସର୍ବହରା ଉନ୍ନତ ଓ ଜାଗରୂକ ବର୍ଗ । ଅନୁଭୂତି ଶୂନ୍ୟ ଅଥବା ଉତ୍ତେଜିତ କରୁଥିବା କୌଣସି ମାଦକ ଦ୍ରବ୍ୟର ଆବଶ୍ୟକତା ତାର ନାହିଁ ।" (ନାରୀମୁକ୍ତି ପ୍ରଗତି ପ୍ରକାଶନ, ମସ୍କୋ, ପୃ-୧୩୫) । ଏଣୁ ଯଶପାଲ ଚାହୁଁଥିଲେ ଯେ ପୁଞ୍ଜିବାଦୀ, ଅଧଃପତନବାଦୀ ପ୍ରବୃତ୍ତିଗୁଡ଼ିକ ଯେପରି ତାଙ୍କ ରଚନାମାନଙ୍କରେ ସ୍ଥାନ ନପାଏ । ବସ୍ତୁତଃ ତାଙ୍କ ଦୃଷ୍ଟି ସେଇଠି, ଯେଉଁଠି ନାରୀମାନେ ନିଜ ପ୍ରାକୃତିକ ଇଚ୍ଛାର ପୂରଣ ପାଇଁ ଅତ୍ୟନ୍ତ ବ୍ୟଥିତା । ସାମାଜିକ ବ୍ୟବସ୍ଥା ଅନୁସାରେ ବାହାରେ ନିଜକୁ ବ୍ୟକ୍ତ କରିବାରେ ସେମାନେ ଅସମର୍ଥ । ତେଣୁ ନିଜ ଆବଶ୍ୟକତାର ପୂରଣ କରନ୍ତି ଗୁପ୍ତ ଭାବରେ, ଲୁକ୍‌କାୟିତ ରୂପରେ । କେବେ ସେମାନେ ଉନ୍ମାଦିତ ହୋଇ ଉଠନ୍ତି ତ କେବେ କୌଣସି ପୁରୁଷ ସହିତ ଚାଲିଯାନ୍ତି । ନିଜ ଇଚ୍ଛା ଅନୁସାରେ ପତି ନ ପାଇବା ଫଳରେ ସେମାନେ ପରିବାରରେ ରହି ମଧ୍ୟ ପରପୁରୁଷଗାମିନୀ ହୋଇପଡ଼ନ୍ତି । ଅସମାନ ବିବାହର ଦୁଷ୍ପରିଣାମ ଉପରେ ବହୁ କାହାଣୀ ଲେଖାଯାଇଛି । ପ୍ରମାଣ ସ୍ୱରୂପ 'ତୀସରୀ ଚିନ୍ତା', 'ଔରତ', 'ସୋମା-ସାହସ', 'ପୁରୁଷ ଭଗବାନ' ଓ 'ମିଁନ୍ହିଁ କେ ଆଁଶୁ' ଆଦିକୁ ନିଆଯାଇପାରେ । ଏହା ବ୍ୟତୀତ ପାର୍ବତ୍ୟ ଅଞ୍ଚଳର 'ଯୌନ-ସମସ୍ୟାକୁ ନେଇ ଲେଖା ଯାଇଥିବା କାହାଣୀଗୁଡ଼ିକ ହେଲା—'ଦୁଖୀ-ଦୁଖୀ', 'ହଲାଲ କା ଟୁକଡା', 'ଗଣ୍ଡେରୀ', ଓ ବେଶ୍ୟା ସମସ୍ୟା ଉପରେ 'ଭାଗ୍ୟଚକ୍ର' ଇତ୍ୟାଦି ।

ଯଶପାଳଙ୍କ କଥା ସାହିତ୍ୟର ମୂଲ୍ୟାଙ୍କନ ଫଳରେ ଦୁଇଟି ଧାରଣା ଜନ୍ମେ । ଗୋଟିଏ ହେଲା—'ଯଶପାଳଙ୍କ ପାତ୍ର ଜନ-ଜୀବନର ପ୍ରତିନିଧି ନୁହନ୍ତି । ସେମାନେ ଏପରି ପାତ୍ରଙ୍କ ପ୍ରତିନିଧି ଯାହାଙ୍କ ଭିତରେ ସେକ୍ସ ଓ ଆତ୍ମପୀଡ଼ାର ସମସ୍ୟା ପ୍ରଧାନ, (ରାମବିଳାସ ଶର୍ମା, ପ୍ରଗତିଶୀଳ ସାହିତ୍ୟ କୀ ସମସ୍ୟାଏଁ, ପୃ-୧୧୯) ଓ 'ସେ ଜୀବନର ପ୍ରତ୍ୟକ୍ଷ ଅନୁଭବର ପ୍ରୟୋଗ କେବଳ ବିଷୟ (Theme) ଅବଧାରଣ ଦିଗରୁ ହିଁ କରନ୍ତି ଓ ଥିମ ଅନୁରୂପ କଳ୍ପନାଦ୍ୱାରା ସମ୍ପୂର୍ଣ୍ଣ ବିଷୟବସ୍ତୁର ନିର୍ମାଣ କରନ୍ତି । ଘଟଣା-ମାନଙ୍କ ସୃଷ୍ଟିରେ ତାଙ୍କର ରଚନାତ୍ମକ କଳ୍ପନା ତାଙ୍କ ରଚନା ପ୍ରକ୍ରିୟାର ମୂଳସୂତ୍ର । ଯଶପାଳଙ୍କର ପ୍ରେମଚାନ୍ଦ ଓ ଅନ୍ୟ ସମସାମୟିକ କଥାକାରଙ୍କ ସହିତ ଏହି ଆଧାରଭୂତ ପାର୍ଥକ୍ୟ ଦେଖାଯାଏ, ଯାହା ତାଙ୍କ ରଚନା ପ୍ରକ୍ରିୟାରୁ ସ୍ପଷ୍ଟ ହୁଏ । 'ଦୋ ମୁହଁ କୀ ବାତ',

'ତୁମନେ କ୍ୟୋଂ କହାଥା, ମୈଂ ସୁନ୍ଦର ହୁଁ', 'ଧର୍ମରକ୍ଷା' ଇତ୍ୟାଦି କାହାଣୀ-ଗୁଡ଼ିକ କୌଣସି ବାସ୍ତବିକ ଘଟଣାର ଚୟନ ମାତ୍ର ନୁହେଁ, ଲେଖକଙ୍କ ରଚନାତ୍ମକ କଳ୍ପନା ବିଷୟଗତ ଅନ୍ତର୍ବିରୋଧ ଅନୁରୂପ ଏ ଘଟଣାଗୁଡ଼ିକୁ ସୃଷ୍ଟି କରିଛି।" (ସୁରେନ୍ଦ୍ର ଚୌଧୁରୀ, ହିନ୍ଦୀ କାହାଣୀ : ପ୍ରକ୍ରିୟା ଔର ପାଠ-ପୃ ୫୭) । ଯଶପାଲଙ୍କ ସଫଳତା ଦେଖି ସାରିବା ପରେ ହିଁ ସୁରେନ୍ଦ୍ର ଚୌଧୁରୀ ତାଙ୍କ ସାହିତ୍ୟ ଉପରେ ବିଚାର କରିଛନ୍ତି । କିନ୍ତୁ ରାମବିଳାସ ଶର୍ମା ତା' ପୂର୍ବରୁ ଏବଂ ତାଙ୍କ ବିଚାରରେ ଚତୁର୍ଥ ଓ ପଞ୍ଚମ ଦଶକର ପ୍ରଭାବ ପରିଲକ୍ଷିତ ହୁଏ । ତତ୍କାଳୀନ ବିରୋଧାତ୍ମକ ବାକ୍ୟୁଦ୍ଧ, ଯେଉଁଥିରେ ଫ୍ରୟେଡ଼ଙ୍କ ଜାଲରେ ପଡ଼ିଯିବାର ଭୟ ଥିଲା । ଭୟ ଯେତିକି ନିକଟତର ହୁଏ ସଜାଗତା ସେତିକି ନିର୍ମମ ହୁଏ । ଆଜି ମୁକ୍ତ ଭାବରେ କୁହାଯାଇ ପାରେ ଯେ ଯଶପାଳ ନିଜ ଅନୁଭବକୁ ହିଁ କଳ୍ପନାଦ୍ୱାରା ରୂପାୟିତ କରିଛନ୍ତି । ମୋଟରେ ଯଥାର୍ଥର ଏ ଭୂମି ଅତ୍ୟନ୍ତ ବିକାଶାତ୍ମକ ।

ଯଶପାଳଙ୍କ କଥା ସାହିତ୍ୟର ଦ୍ୱିତୀୟ ପକ୍ଷ ହେଲା ଧର୍ମ ମୂଳକ । ଧର୍ମ ବର୍ଗର କଲ୍ୟାଣ ରକ୍ଷା କାମରେ ଆସୁଛି । 'ଭଗବାନ କିସକେ' ଭଳି କାହାଣୀ ସେ ଲେଖିଛନ୍ତି । 'ଜ୍ଞାନଦାନ' ଓ 'ଧର୍ମରକ୍ଷା' କାହାଣୀମାନଙ୍କରେ ତଥାକଥିତ ଧର୍ମର ବର୍ଗୀୟ ଭାବନା ପରିଣାମକୁ ଦେଖାଇ ଦିଆଯାଇଅଛି । ଜୀବନର ବାସ୍ତବିକ ସ୍ଥିତି ଆଗରେ ବ୍ରହ୍ମ ଓ ମାୟା ଉଭେଇ ଯାଇଛନ୍ତି ।

ଶ୍ରେଣୀଗତ ସମ୍ବନ୍ଧ ମଧ୍ୟରେ ସବୁଠାରୁ ବଦ୍ଧମୂଳ ଭ୍ରମ ଧାରଣା ମଧ୍ୟବର୍ଗ ଭିତରେ । ଯଦି ପରସ୍ପର ମଧ୍ୟରେ ସମ୍ବନ୍ଧ ଦୃଢ଼ ନହୁଏ, ସମସ୍ତେ ସଚେତନ ହୁଅନ୍ତି, ତା'ହେଲେ ବେଠି ନଥିବା ଛାଲର ଅବସ୍ଥା ହେବ । ମିଥ୍ୟା ମହତ୍ତ୍ୱାକାଂକ୍ଷା ବୃଥା ସମ୍ମାନର ସଂସ୍କାର ଆଣି ଦେବ । 'ଦରଦୀ', 'ଗଣ୍ଡେରୀ', 'କାଲା ଆଦମୀ', 'ରୋଟୀକା ମୋଲ', 'ଦେଖା କା ଲାଲ୍' ଓ 'ମକ୍ଖୀ ୟା ମକଡ଼ୀ' କାହାଣୀଗୁଡ଼ିକ ଏତାଦୃଶ ଦୁର୍ବଳତାକୁ ଏପରି ଭାବରେ ଉପସ୍ଥାପିତ କରୁଛି, ଯାହାଫଳରେ ନିଜ ସ୍ଥିତିକୁ ଅନୁଭବ କରି ନିଜକୁ ସୁଧାରି ନେବାକୁ ହେବ । 'ଆଦମୀ ୟା ପୈସା' କାହାଣୀର ପାତ୍ର ସାମ୍ବାଦିକ ରାମବାବୁଙ୍କ ଭାଷା ହେଲା "ଦେଢ଼ ହଜାର ଟଙ୍କାରେ ମୁଁ ନିଜ ଶ୍ରମ ବିକି ଦେଉଛି । ତଥାପି ଆଜି ମୁଁ ନିଜ ପୁଞ୍ଜିପତି ମାଲିକ ହାତର ଏକ ଖେଳଣା । ମୋ ମାଲିକ ମତେ ଜନମତ ସୃଷ୍ଟି କରିବା ପାଇଁ ଏକ ମୂଲ୍ୟବାନ ମେସିନ୍ କରି ରଖିଛି । ମତେ ସେ ନିଜର ସାମାଜିକ ଓ ରାଜନୀତିକ ଶକ୍ତି ଅକ୍ଷୁର୍ଣ୍ଣ ରଖିବା ପାଇଁ ସର୍ବଦା କାମରେ ଲଗାଉଛି ।" (ଚିନ୍ଗାରୀ ଶୀର୍ଷକ, ପୃ-୮୩)

ଯଶପାଳଙ୍କ ଲେଖନୀ ଯଥାର୍ଥର ଅନେକ ସ୍ଥିତି ଓ ପ୍ରବୃତ୍ତିକୁ ରୂପ ଦେଇ ପାରେ । ସମାଜର ଦଳିତ ମଜୁରିଆ, ପାହାଡ଼ର ନିକ୍ଷେପିତ କୁଲି, ସହରର ଲାଞ୍ଛିତ

ରିକ୍ସା ଚାଳକ, ଶ୍ରମିକ ଓ କୃଷକ ଏହାର ଉପଜୀବ୍ୟ । ଅବଶ୍ୟ ଏମାନଙ୍କୁ ବିଶେଷ ସ୍ଥାନ ଦିଆଯାଇ ନାହିଁ । କିନ୍ତୁ ଏମାନଙ୍କର ଯଥାର୍ଥ ଚିତ୍ର ଅଙ୍କିତ କରାଯାଇଛି । ଉପନ୍ୟାସ-ମାନଙ୍କରେ ଯଶପାଳ ନିଜ ସମୟର ଇତିହାସକୁ ମନୁଷ୍ୟ ଜୀବନର ଐତିହାସିକ ପ୍ରକ୍ରିୟା ସହିତ ସଂଯୋଗ କରିଛନ୍ତି ଏବଂ ଇତିହାସରେ ବର୍ତ୍ତମାନକୁ ଅନ୍ୱେଷଣ କରିଛନ୍ତି । 'ପାର୍ଟି କାମରେଡ', 'ଦାଦା କାମରେଡ୍', 'ଦେଶ ଦ୍ରୋହୀ', 'ମନୁଷ୍ୟ କେ ରୂପ' 'ଝୁଠା ସଚ', 'ମେରୀ ତେରୀ ଉସ୍‌କୀ ବାତ' ଇତ୍ୟାଦିରେ ଆମକୁ ସ୍ୱାଧୀନତା ପୂର୍ବ ଓ ପରର ଇତିହାସ ଦେଖିବାକୁ ମିଳେ । ପ୍ରଥମରୁ ଚାଲି ଆସୁଥିବା ସମସ୍ତ ଅନ୍ତର୍ବିରୋଧ ଓ ପରସ୍ପର ମଧ୍ୟରେ ଥିବା ସବୁପ୍ରକାର ଅଶାନ୍ତି ଏଥିରେ ଦେଖାଯାଏ । ଏମାନଙ୍କଦ୍ୱାରା ବିଭାଜନର ଚିତ୍ର ମଧ୍ୟରେ ଥିବା ସାମ୍ପ୍ରଦାୟିକ ଶକ୍ତିମାନଙ୍କ ଗୁଣନଫଳ ଜାଗ୍ରତ ହୋଇଉଠେ । ସାମନ୍ତବାଦୀ ଓ ପୁଞ୍ଜିବାଦୀମାନଙ୍କର ସମ୍ପୂର୍ଣ୍ଣ ସ୍ୱରୂପ ଚିତ୍ରିତ କରିବାରେ ଯଶପାଳ ପ୍ରେମଚାନ୍ଦଙ୍କଠାରୁ ପଛରେ ନୁହନ୍ତି, ବରଂ ଆଗରେ । କମ୍ୟୁନିଷ୍ଟ ପାତ୍ର ତାଙ୍କର ଅଧିକାଂଶ ରଚନାମାନଙ୍କରେ ପୂର୍ବରଚିତ ନୁହନ୍ତି, କାହାଣୀ ମଧ୍ୟରେ ହିଁ ରଚିତ ହୁଅନ୍ତି । ସେମାନଙ୍କ ରଚନା-ପ୍ରକ୍ରିୟାରେ ଲେଖକ ନିଜ ବୈଚାରିକ ସୂତ୍ରଗୁଡ଼ିକୁ ଖୋଲି-ଖୋଲି ଚାଲନ୍ତି ଏବଂ ନିଜ ଅନୁସାରେ କେବେ-କେବେ ବିଚାରଗୁଡ଼ିକୁ ଚରିତ୍ରର ରୂପ ଦିଅନ୍ତି ଓ ନିଜ ଲକ୍ଷ୍ୟକୁ ଦୃଢ଼ତା'ର ସହିତ ପରିପ୍ରକାଶ କରନ୍ତି । ଥରେ ଜୈନେନ୍ଦ୍ର ଯଶପାଳଙ୍କୁ କହିଥିଲେ ଯେ ମାର୍କସ୍‌ବାଦକୁ ନଷ୍ଟ କରିବା ପାଇଁ ସେ ତାକୁ ବୁଝିବାକୁ ଚାହାନ୍ତି । ସେ ତାଙ୍କୁ ଟିକିଏ ବୁଝେଇ ଦିଅନ୍ତୁ । ଯଶପାଳ କହିଥିଲେ "ଉପନ୍ୟାସ ଲେଖିବାର ମୋର ଅଭିପ୍ରାୟ ହେଉଛି ଯେ ମନୁଷ୍ୟ-ସମାଜ ପରମ୍ପରାଗତ ବିଚାର ଧାରାର ଦାସ ନୁହେଁ, ବରଂ ସେ ନିଜ ବିଚାରଧାରାର ସ୍ରଷ୍ଟା । ସାମାଜିକ ଜୀବନରେ ପ୍ରାୟ ଘଟୁଥିବା ଘଟଣାମାନଙ୍କୁ ଉପନ୍ୟାସର ପରୀକ୍ଷଣ ପାତ୍ରରେ ରଖି ମୁଁ ଦେଖାଇ ଦେବାକୁ ଚାହେଁ ଯେ କିପରି ଏ ଘଟଣାମାନଙ୍କଦ୍ୱାରା ଆମ ବିଚାରଧାରାରେ ପରିବର୍ତ୍ତନ ଆସେ ଅଥବା ସମାଜରେ ନବୀନ ଅନୁଭବ କିପରି ନୂତନ ବିଚାରଧାରାକୁ ଜନ୍ମ ଦିଏ ।" (ଦେଖା-ସୋଚା-ସମଝା-ପୃ-୧୫)

ଏକଥା ସ୍ପଷ୍ଟ ଯେ ଯଶପାଳ ଉପନ୍ୟାସର ଯୋଜନା କଲାବେଳେ ବିଚାର-ଗୁଡ଼ିକର ବିକଶିତ ପ୍ରକ୍ରିୟା ବିଶେଷ ଭାବରେ ବାଛି ନିଅନ୍ତି । ଏହାର ପରୀକ୍ଷା ସେ ପାତ୍ରଙ୍କ ମାଧ୍ୟମରେ କରନ୍ତି । ବିଷୟର ଚୟନ ସେ ଯେଉଁଠାରୁ କରନ୍ତୁ ନା କାହିଁକି ତାଙ୍କର ଲକ୍ଷ୍ୟ ହେଉଛି, ଶୋଷିତ-ପୀଡ଼ିତଙ୍କ ମଧ୍ୟରେ ଶକ୍ତି ସଂଗଠିତ କରିବା । ତାଙ୍କର ନିମ୍ନବର୍ଗୀୟ ପାତ୍ର ଅଥବା କମ୍ୟୁନିଷ୍ଟ ପାତ୍ରଙ୍କ ଭିତରେ ଏହାର ଯଥେଷ୍ଟ ପ୍ରମାଣ ଦେଖାଯାଏ । 'ନ୍ୟାୟକା ସଂଘର୍ଷ'ର ବହୁ ପ୍ରବନ୍ଧରେ ସେ ଏହି ଶକ୍ତି-ସଂଗଠନ ଉପରେ ହିଁ ଜୋର ଦେଇଛନ୍ତି ।

ଯଶପାଲଙ୍କ ଅଧିକାଂଶ ରଚନା ଆରମ୍ଭରୁ ଶେଷଯାଏ, ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଯୁଦ୍ଧର ଶସ୍ତ୍ର ଭଳି କାମ କରିଛି । ସମାଜରେ ଥିବା ନାନାପ୍ରକାରର ବିସଙ୍ଗତି-ଗୁଡ଼ିକର ପୂର୍ଣ୍ଣ ବିବରଣୀ ଆମକୁ ଦେଇଛି । ସାମ୍ରାଜ୍ୟବାଦୀ ଶକ୍ତି ସହିତ ସଂଘର୍ଷ କଲାବେଳେ ସେ ନିଜ ସମାଜ ଭିତରେ ଥିବା କୁସଂସ୍କାର ସହିତ ସଂଘର୍ଷ କରିବାକୁ ଭୁଲି ନାହାନ୍ତି । ସାମାଜିକ ଅସମାନତାର ପ୍ରଶ୍ନ ଅବଶ୍ୟ ପ୍ରେମଚନ୍ଦ କୃଷକ-ଜମିଦାର, ଛୁଆଁ-ଅଛୁଆଁ, ମୂଲିଆ ଓ ମାଲିକ, ଧର୍ମ ଓ ଅନୁଷ୍ଠାନ ଇତ୍ୟାଦିରେ ଉଠାଇଛନ୍ତି, ମାତ୍ର ଯଶପାଲ କ୍ରାନ୍ତିକାରୀ ସଂଗଠନମାନଙ୍କର କଳ୍ପନା କରି ଏପରି ପ୍ରଶ୍ନମାନଙ୍କ ଉପରେ ବିଜୟ ଲାଭ କରିବାକୁ ଚେଷ୍ଟା କରିଛନ୍ତି । ସେ ସ୍ତ୍ରୀମାନଙ୍କ ମୁକ୍ତିପାଇଁ ବିଶେଷ ଦୃଷ୍ଟିଦେଇ ତାଙ୍କ ଉପରେ ଲଦା ଯାଇଥିବା ମର୍ଯ୍ୟାଦାଗୁଡ଼ିକୁ ଜାଳି-ପୋଡ଼ି ପାଉଁଶ କରିଦେଇଛନ୍ତି । ତାଙ୍କ ଲେଖା ପ୍ରଥମେ ଆଲୋଚନାତ୍ମକ ଯଥାର୍ଥବାଦରୁ ଆରମ୍ଭ ହୋଇ ଧୀରେ-ଧୀରେ ସମାଜବାଦୀ ଯଥାର୍ଥର ସୀମାରେ ପହଞ୍ଚିଛି । ଆଲୋଚନାତ୍ମକ ଯଥାର୍ଥବାଦୀ ଭାବରେ ଯଶପାଲ ସ୍ତ୍ରୀ-ପୁରୁଷର ଯୌନସମ୍ବନ୍ଧୀୟ ଅସ୍ୱାଭାବିକ ବିକୃତିଗୁଡ଼ିକ ସାମନ୍ତବାଦୀ ଓ ପୁଞ୍ଜିବାଦୀ ବର୍ଗର ନୈତିକ ଅବଦାନ । ଏହି ଆଲୋଚନାକୁ ଯଶପାଲ ପ୍ରାୟୋଗିକ ଭାବରେ ନିଜ ପାତ୍ରମାନଙ୍କ ମାଧ୍ୟମରେ ଦେଖାଇ ଦେଇଛନ୍ତି । ମର୍ଯ୍ୟାଦାବାଦୀମାନଙ୍କୁ ବ୍ୟଙ୍ଗ କରନ୍ତି । ବ୍ୟଙ୍ଗ ଓ କଟୂକ୍ତିର ସାହାଯ୍ୟ ନେଇ କେତେକ ପାତ୍ର ନିଜକୁ ସ୍ୱାଭାବିକ ଭୂମିକାରେ ରଖି ଅନ୍ୟର ଆକ୍ଷେପକୁ ଭ୍ରୂକ୍ଷେପ କରନ୍ତି ନାହିଁ, ନିଜ କାମରେ ଲାଗି ରହନ୍ତି । ସେମାନେ, ଯୌନ ଭୋଗ କରିବାରେ ନିଜକୁ ଲୁଚାନ୍ତି ନାହିଁ, ବରଂ ତାକୁ ପ୍ରେମରେ ପରିବର୍ତ୍ତିତ କରି ନିଅନ୍ତି । ପ୍ରେମ ଏକ ରୂପାନ୍ତରିତ ପ୍ରକ୍ରିୟା ହୋଇଯାଏ । ପ୍ରେମ-ଭାବ ପୁଞ୍ଜିବାଦୀ ବିକୃତ ସଂସ୍କୃତିର ଭୋଗ-ବିଳାସରୁ ବହୁ ଦୂରରେ ସମ୍ପନ୍ନ ଘରର ସନ୍ତାନମାନେ ନିଜ ଶ୍ରେଣୀ ପରିବର୍ତ୍ତନ କରନ୍ତି ଓ ବୈପ୍ଳବିକ ଦୃଷ୍ଟିରୁ ସର୍ବହରାଙ୍କ ସଙ୍ଗେ ମିଶନ୍ତି । କେବେ ଦମିତ ହୋଇ ରହିବା ଉଚିତ ମନେ କରନ୍ତି ନାହିଁ । ନିଜର ପ୍ରାକୃତିକ ଆବଶ୍ୟକତାର ପୂରଣପାଇଁ ଭୋଗ କରନ୍ତି ନାହିଁ । କେତେକ ଏପରି ପାତ୍ର ଅଛନ୍ତି, ଯେଉଁମାନେ ପ୍ରଥମେ ସଙ୍କଳ୍ପବଦ୍ଧ ବିବାହ ନ କରିବା ପାଇଁ ସେମାନେ କମ୍ୟୁନିଷ୍ଟପାର୍ଟୀରେ କାମ କରିବା ପାଇଁ ବିବାହଠାରୁ ଦୂରରେ ରହିବାକୁ ଚାହାନ୍ତି ଏବଂ ଯଥାଶୀଘ୍ର ସେମାନେ ଅନୁଭବ କରନ୍ତି ଯେ ପାର୍ଟୀରେ କାମ କରିବାପାଇଁ ମନୁଷ୍ୟକୁ ତା'ସ୍ୱଭାବରେ ପ୍ରାକୃତିକ ହେବା ଉଚିତ । କୌଣସି ପ୍ରକାର ଦମିତ ବାସନା ତା'ମଧ୍ୟରେ ରହିବା ଉଚିତ ନୁହେଁ । ଏହା ତା'ମାର୍ଗରେ ବାଧକ । ଏହି ପ୍ରକ୍ରିୟା ଯଶପାଲ ନିଜ କ୍ରାନ୍ତିକାରୀ ବିଚାରଦ୍ୱାରା ସ୍ଥିର କରି ତାଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଅତ୍ୟନ୍ତ ଆତ୍ମବିଶ୍ୱାସ ସହିତ ଏହାର ନିର୍ବାହ ମଧ୍ୟ କରିଛନ୍ତି । ସେ କ୍ରାନ୍ତିକାରୀ ସ୍ୱଚ୍ଛନ୍ଦତା-ବାଦର ମନୋଭୂମିରେ ନିଜ ପାତ୍ରମାନଙ୍କର ଚରିତ୍ରକୁ ରୂପ ଦେଇଛନ୍ତି । ଯଦି ଏହା ନ କରିଥାନ୍ତେ ତା'ହେଲେ ତାଙ୍କ ପାତ୍ରମାନଙ୍କ ମନରେ ବିରାଟ ମେଲାଖାତ ସୃଷ୍ଟି

ହୋଇଥାନ୍ତି ଓ ସେଥିରେ ସନ୍ତ୍ରାସ, ପୀଡ଼ା, ଦମନ, ନିରାଶା, ବ୍ୟସ୍ତତା, ଅତୃପ୍ତି ଓ କ୍ଷୋଭ ଇତ୍ୟାଦିର ଚିତ୍ର ସାଲୁବାଲୁ ହେଉଥାନ୍ତେ । ଯେତେଦୂର ସମ୍ଭବ ଯଶପାଳ ଏପରି ଲୋକଙ୍କୁ ନିଜ ଦୃଷ୍ଟିରେ ରଖନ୍ତି, ଯେଉଁମାନେ ନିଜ ଯୌନତୃପ୍ତି ପାଇଁ କୌଣସି ପ୍ରକାରର ଦୁଷ୍କର୍ମ କରି ସଂବାଦପତ୍ରର ଶିକ୍ତ ରୂପରେ ପରିବର୍ତ୍ତିତ ହୋଇଯାଆନ୍ତି । ମଧ୍ୟବର୍ଗୀୟ ଜୀବନକୁ ସେ ଏ ସମସ୍ତ ବିକୃତିଗୁଡ଼ିକୁ ବିରେଚନ ପଦ୍ଧତିରେ ବାହାର କରିଦେବାକୁ ଚାହାନ୍ତି । ଯଶପାଳଙ୍କ ସମସ୍ତ ପାତ୍ର ଏପରି ପ୍ରେମ-ପ୍ରବୃତ୍ତି ଦେଇ ଗତି କରନ୍ତି ଏବଂ ଏହାହିଁ ତାଙ୍କ ବିକାଶ ପାଇଁ ସଂଘର୍ଷର ମାର୍ଗ ହୁଏ ।

ଯଶପାଳଙ୍କ ରଚନାମାନଙ୍କରେ କେବଳ ପ୍ରକୃତିବାଦଦ୍ୱାରା ଜୈବିକ ଆବଶ୍ୟକତାମାନଙ୍କର ପୂରଣ ହୁଏ ନାହିଁ । ସେ ରୋମାନସ୍ ଓ ଯଥାର୍ଥ ମଧ୍ୟରେ କୌଣସି ବିରୋଧ ଦେଖନ୍ତି ନାହିଁ । ଅନର୍ଷ୍ଟ ଫିଶରଙ୍କ କଥନକୁ ସେ ସ୍ୱୀକାର କରନ୍ତି—"ରୋମାଣ୍ଟିସିଜମ୍ ଓ ରିୟଲିଜମ୍, ରୋମାନ୍ସ ଓ ଯଥାର୍ଥବାଦ ପୂରାପୂରି କେହି କାହାର ବିରୋଧୀ ନୁହେଁ । ବରଂ ରୋମାଣ୍ଟିସିଜମ୍ ଆଲୋଚନାତ୍ମକ ଯଥାର୍ଥବାଦର ପ୍ରାରମ୍ଭିକ ଅବସ୍ଥା । ଦୃଷ୍ଟିକୋଣର ଅନ୍ତର ମଧ୍ୟ ଏଥିରେ ନାହିଁ, ଅବଶ୍ୟ ଶୈଳୀରେ ଅନ୍ତର ଦେଖାଯାଏ । ଯଥାର୍ଥବାଦର ସହଯୋଗରେ ରୋମାଣ୍ଟିସିଜ୍‌ମ ପ୍ରବୃତ୍ତି ଅଧିକ ବସ୍ତୁପରକ, ତଟସ୍ଥ ଓ ଦୂରବର୍ତ୍ତୀ ହୋଇଯାଏ ।" (ଦି ନେସେସିଟି ଅଫ୍ ଆର୍ଟ, ପୃ-୧୦୩)

ମେକ୍‌ସିମ ଗୋର୍କି ମଧ୍ୟ ପ୍ରାୟ ଏହିପରି ମତବ୍ୟକ୍ତ କରିଛନ୍ତି । ଯଶପାଳ ଏପରି ପାତ୍ରର ଚୟନ ବା ସୃଜନ କରନ୍ତି, ଯେଉଁମାନଙ୍କ ଭିତରେ ସମାଜବାଦୀ ବୈୟକ୍ତିକତା ଆସିଯାଏ । ଏଭଳି ପାତ୍ର ଭିତରେ ବୈଜ୍ଞାନିକ ବିଚାର ବୁଦ୍ଧି ପୂର୍ଣ୍ଣମାତ୍ରାରେ ଦେଖାଯାଏ ଏବଂ ନିଜର ମୌଳିକତାର ଶକ୍ତି ବି କମ୍ ନଥାଏ । ପ୍ରଗତିଶୀଳ ଆନ୍ଦୋଳନ ପରେ ଏହା ମାର୍କସ୍‌ବାଦୀ ଚିନ୍ତନର ପ୍ରଭାବ । ଏଣୁ ଏପରି ପାତ୍ର ସୃଷ୍ଟି କରିବାରେ ସେ ସମର୍ଥ ହୋଇପାରନ୍ତି । ତାଙ୍କ କଳ୍ପନା ଶକ୍ତି ଏଥିପାଇଁ ତାଙ୍କୁ ଯଥେଷ୍ଟ ସହଯୋଗ କରିଛି । ସମାଜବାଦୀ ଯଥାର୍ଥବାଦକୁ ଆତ୍ମସାତ କରିବାରେ ମନୋବିଶ୍ଳେଷଣବାଦୀମାନଙ୍କ ଉପଲବ୍‌ଧିକୁ ଅସ୍ୱୀକାର କରିଯାଇ ହେବ ନାହିଁ । ବରଂ ତାହା ବ୍ୟାପକ ସମାଜରେ ପ୍ରସାରିତ ହୋଇ ଉତ୍ତମ ଫଳ ଦେବାରେ ସାହାଯ୍ୟ କରେ । ଏହାଦ୍ୱାରା ମନୁଷ୍ୟର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ସୁନ୍ଦର ହୋଇ ଉଠେ । ସେ ଜଣେ ସକ୍ରିୟ ପ୍ରଭାବଶାଳୀ ନାୟକ ହୋଇପାରେ । ଯଶପାଳ, ହିନ୍ଦୀର ଏଭଳି ପ୍ରଥମ ଲେଖକ, ଯିଏ ପୁରୁଣା ଚରିତ୍ର-ପ୍ରଣାଳୀ ବଦଳରେ ନବୀନ ଯଥାର୍ଥବାଦୀ ଚରିତ୍ରମାନଙ୍କର ଯୋଜନାବଦ୍ଧ ରଚନା କରିଛନ୍ତି । ଏଥିପାଇଁ ତାଙ୍କୁ ଆହ୍ୱାନ ଦିଆଯାଇଛି ଏବଂ ତା'ର ସମ୍ମୁଖୀନ ହେବାକୁ ପଡ଼ିଛି ତାଙ୍କୁ । ନିଜର ଶକ୍ତିପାଇଁ ଉତ୍ତରାଧିକାରୀ ହିସାବରେ

ପରମ୍ପରାରୁ କିଛି ପାଇ ନାହାନ୍ତି । ଏଣୁ କିଛି ଅସଙ୍ଗତି ରହିଯିବା ସ୍ୱାଭାବିକ । ଭାବବାଦୀ ରୋମାନ୍ସ ଓ କ୍ରାନ୍ତିକାରୀ ରୋମାନ୍ସକୁ ଭିନ୍ନ-ଭିନ୍ନ ରୂପଦେବାରେ ଅବଶ୍ୟ କିଛି ତ୍ରୁଟି ରହିଯାଇଛି । ମଧ୍ୟବର୍ଗୀୟ ସ୍ୱଭାବରୁ ମୁକ୍ତ ଦେବାପାଇଁ ଶତାଧିକ ଲେଖକଙ୍କର ସମବେତ ଉଦ୍ୟମ ଚାଲିଛି । ଏଥିରେ ସର୍ବହରାମାନଙ୍କର ଶକ୍ତିଶାଳୀ ସଂଘର୍ଷ ସହାୟକ ହୋଇଛି । କିନ୍ତୁ ଯଶପାଲ ଅନୁଭବ କରିଛନ୍ତି ଯେ ଏହା ସେତେଦୂର ଶକ୍ତିଶାଳୀ ନୁହେଁ । ଏଣୁ ତାଙ୍କୁ ନିଜର ନିର୍ମାଣ କ୍ଷମତାକୁ ଅତ୍ୟଧିକ ବିକଶିତ ଓ ପ୍ରଭାବଶାଳୀ କରିବାକୁ ପଡ଼ିଛି । ସେ ଇତିହାସ ଓ ନିଜ ଯୁଗର ସତ୍ୟତାକୁ କଳ୍ପନା ମାଧ୍ୟମରେ ପାଠକମାନଙ୍କ ଭିତରେ ଦେଖାଇଛନ୍ତି ଓ ଚରିତ୍ରଗୁଡ଼ିକୁ ଯଥେଷ୍ଟ ଆଗକୁ ଟାଣି ଆଣିଛନ୍ତି । ଅବଶ୍ୟ ତା'ମଧ୍ୟରୁ କେତେକ ଆଜିର ଯଥାର୍ଥ ଜଗତରେ ଅବିକଶିତ ଅବସ୍ଥାରେ ରହିଯାଇଛନ୍ତି । ଏଇଥିପାଇଁ କେତେକ ତାଙ୍କୁ ଫର୍ମୁଲାବାଦୀ ବୋଲି କହନ୍ତି । ଗଭୀର ଭାବରେ ଦେଖିଲେ ଫର୍ମୁଲାର କେତେକ ଉଦାହରଣ ତାଙ୍କ ରଚନାରେ ନିଶ୍ଚୟ ମିଳିବ, କିନ୍ତୁ ଏହା ଯଶପାଳଙ୍କ ମହାନତାକୁ ତଳେହେଲେ କ୍ଷୁର୍ଣ୍ଣ କରିପାରିବ ନାହିଁ । ନିଶ୍ଚିତ ଭାବରେ ସେ ସମକାଳୀନ ଯଥାର୍ଥବାଦର କୁଶଳ ଶିଳ୍ପୀ । ଆଗାମୀ ଯୁଗରେ ସେ ଆମମାନଙ୍କର ଗୌରବ ହୋଇ ରହିବେ ।

□

# ଯଶପାଲଙ୍କ ରଚନାବଳୀ

କାହାଣୀ ସାହିତ୍ୟ :

| | | |
|---|---|---|
| ୧ । ପିଞ୍ଜରେ କୀ ଉଡ଼ାନ | ୧୯୩୯ | ବିପ୍ଲବ କାର୍ଯ୍ୟାଳୟ, ଲଖନଉ |
| ୨ । ଓ୍ୱୋ ଦୁନିୟାଁ | ୧୯୪୧ | ,, |
| ୩ । ଜ୍ଞାନଦାନ | ୧୯୪୩ | ,, |
| ୪ । ଅଭିଶପ୍ତ | ୧୯୪୪ | ,, |
| ୫ । ତର୍କ କା ତୂଫାନ | ୧୯୪୬ | ,, |
| ୬ । ଭସ୍ମାବୃତ୍ତ ଚିନଗାରୀ | ୧୯୪୬ | ,, |
| ୭ । ଫୂଲୋ କା କୁର୍ତ୍ତା | ୧୯୪୯ | ,, |
| ୮ । ଧର୍ମଯୁଦ୍ଧ | ୧୯୫୦ | ,, |
| ୯ । ଉତ୍ତରାଧିକାରୀ | ୧୯୫୧ | ,, |
| ୧୦ । ଚିତ୍ର କା ଶୀର୍ଷକ | ୧୯୫୧ | ,, |
| ୧୧ । ତୁମନେ କ୍ୟୋଂ କହା ଥା ମୈଂ ସୁନ୍ଦର ହୁଁ | ୧୯୫୪ | ,, |
| ୧୨ । ଉତ୍ତମୀ କୀ ମାଁ | ୧୯୫୫ | ,, |
| ୧୩ । ଓ ଭୈରବୀ | ୧୯୫୮ | ,, |
| ୧୪ । ସଚ ବୋଲନେ କୀ ଭୂଲ | ୧୯୬୨ | ,, |
| ୧୫ । ଖଚ୍ଚର ଔର ଆଦମୀ | ୧୯୬୪ | ,, |
| ୧୬ । ଭୂଖ କେ ତୀନ୍ ଦିନ | ୧୯୬୮ | ,, |
| ୧୭ । ଲେମ୍ପଶେଡ୍ | ୧୯୭୯ | ଲୋକଭାରତୀ ପ୍ରକାଶନ, ଇଲାହାବାଦ |

ଉପନ୍ୟାସ :

| | | |
|---|---|---|
| ୧୮ । ଦାଦା କାମରେଡ୍ | ୧୯୪୧ | ବିପ୍ଲବ କାର୍ଯ୍ୟାଳୟ, ଲଖନଉ |
| ୧୯ । ଦେଶଦ୍ରୋହୀ | ୧୯୪୩ | ,, |
| ୨୦ । ଦିବ୍ୟା | ୧୯୪୫ | ,, |

| | | |
|---|---|---|
| ୨୧ । ପାର୍ଟୀ କାମରେଡ଼ | ୧୯୪୬ | ବିପ୍ଳବ କାର୍ଯ୍ୟାଳୟ, |
| ୨୨ । ମନୁଷ୍ୟ କେ ରୂପ | ୧୯୪୯ | ,, ଲଖନଉ ; |
| ୨୩ । ଅମିତା | ୧୯୫୬ | ,, |
| ୨୪ । ଝୂଠା ସଚ (ଭାଗ-୧) | ୧୯୫୮ | ,, |
| ୨୫ । ଝୂଠା ସଚ (ଭାଗ-୨) | ୧୯୬୦ | ,, |
| ୨୬ । ବାରହ ଘଣ୍ଟେ | ୧୯୬୩ | ,, |
| ୨୭ । ଅପ୍‌ସରା କା ଶ୍ରାପ | ୧୯୬୫ | ,, |
| ୨୮ । କ୍ୟୋଂ ଫଁସେ | ୧୯୬୮ | ,, |
| ୨୯ । ମେରୀ ତେରୀ ଉସକୀ ବାତ | ୧୯୭୫ | ,, |

ନାଟକ :

| | | |
|---|---|---|
| ୩୦ । ନଶେ-ନଶେ କୀ ବାତ | ୧୯୫୨ | ,, |

ପ୍ରବନ୍ଧ :

| | | |
|---|---|---|
| ୩୧ । ନ୍ୟାୟ କା ସଂଘର୍ଷ | ୧୯୪୦ | ,, |
| ୩୨ । ବାତ-ବାତ ମେଂ ବାତ | ୧୯୫୦ | ,, |
| ୩୩ । ଜଗ୍ କୀ ମୁଜରା | ,, | ,, |
| ୩୪ । ଦେଖା, ସୋଚା, ସମଝା | ୧୯୫୧ | ,, |
| ୩୫ । ଚକ୍‌କର କ୍ଲବ (ଷଷ୍ଠ ସଂସ୍କରଣ) | ୧୯୬୩ | ,, |

ଯାତ୍ରାବୃତ୍ତାନ୍ତ ଏବଂ ସଂସ୍କରଣ :

| | | |
|---|---|---|
| ୩୬ । ସିଂହାବଲୋକନ (ଭାଗ-୧) | ୧୯୫୧ | ,, |
| ୩୭ । ସିଂହାବଲୋକନ (ଭାଗ-୨) | ୧୯୫୨ | ,, |
| ୩୮ । ସିଂହାବଲୋକନ (ଭାଗ-୩) | ୧୯୫୫ | ,, |
| ୩୯ । ବୀବୀଜୀ କହତୀ ହୈଂ ମେରା ଚେହରା ରୋବଲ୍ଲ ହୈଂ | ୧୯୫୯ | ,, |
| ୪୦ । ଲୋହେ କୀ ଦୀବାର କେ ଦୋନୋଂ ଓର (ଦ୍ୱିତୀୟ ସଂସ୍କରଣ) | ୧୯୮୪ | ଲୋକଭାରତୀ ପ୍ରକାଶନ, ଇଲାହାବାଦ |
| ୪୧ । ରାହବୀତୀ | ୧୯୫୬ | ବିପ୍ଳବ କାର୍ଯ୍ୟାଳୟ, ଲଖନଉ |
| ୪୨ । ସ୍ୱର୍ଗୋଦ୍ୟାନ : ବିନାସାଂପ | ୧୯୭୫ | ,, |

### ସିଦ୍ଧାନ୍ତ ଗ୍ରନ୍ଥ :

| | | |
|---|---|---|
| ୪୩ । ମାର୍କସ୍‌ବାଦ | ୧୯୪୦ | ବିପ୍ଳବ କାର୍ଯ୍ୟାଳୟ, ଲକ୍ଷ୍ନଉ |
| ୪୪ । ଗାନ୍ଧିବାଦ କୀ ଶବ ପରୀକ୍ଷା | ୧୯୬୧ | ,, |
| ୪୫ । ରାମରାଜ୍ୟ କୀ କଥା | ୧୯୫୦ | ,, |

### ଅନୂଦିତ ରଚନାବଳୀ :

| | | |
|---|---|---|
| ୪୬ । ପକ୍‌କା କଦମ | ୧୯୪୯ | ,, |
| ୪୭ । ଚୀନୀ କମ୍ୟୁନିଷ୍ଟ ପାର୍ଟୀ | ପ୍ରକାଶନ ବର୍ଷ ଓ ପ୍ରକାଶକ ନାମ ଅପ୍ରାପ୍ତ । | |
| ୪୮ । ଜନାନା ଡ୍ୟୋଢ଼ୀ | | ,, |
| ୪୯ । ଚଲନା ମେଂ ଅମୃତ | | ,, |
| ୫୦ । ଫସଲ | | ,, |
| ୫୧ । ଜୁଲୈଖାଁ | ୧୯୬୦ | ବିପ୍ଳବ କାର୍ଯ୍ୟାଳୟ |

### ଯଶପାଳଙ୍କ କୃତିତ୍ୱସମ୍ବନ୍ଧୀ ବିଶିଷ୍ଟ ଆଲୋଚନାତ୍ମକ ଗ୍ରନ୍ଥ :

| | | |
|---|---|---|
| ୧ । ମାର୍କସ୍‌ବାଦ ଔର ଯଶପାଲ | ପାରସନାଥ ମିଶ୍ର, | ଲୋକଭାରତୀ ପ୍ରକାଶନ, ଇଲାହାବାଦ |
| ୨ । କ୍ରାନ୍ତିକାରୀ ଯଶପାଲ | (ସଂ.) ମଧୁରେଶ, | ,, |
| ୩ । ଯଶପାଲ କେ ପତ୍ର | (ସଂ.) ମଧୁରେଶ | ମ୍ୟାକମିଲନ, ଦିଲ୍ଲୀ |
| ୪ । ଯଶପାଲ ଔର ମାଣିକ ବନ୍ଦୋପାଧ୍ୟାୟ | | ସଦାଶିବ ଦ୍ୱିବେଦୀ, ପ୍ରାସଙ୍ଗିକ ପ୍ରକାଶନ, ଦିଲ୍ଲୀ |
| ୫ । ଯଶପାଲ : ବ୍ୟକ୍ତିତ୍ୱ ଔର କୃତିତ୍ୱ | | ସରୋଜ ଗୁପ୍ତ |
| ୬ । ଯଶପାଲ ଔର ହିନ୍ଦୀ ସାହିତ୍ୟ | | ସୁରେଶ ଚନ୍ଦ୍ର ତିଓ୍ୱାରୀ |
| ୭ । କଲମ କା ସିପାହୀ—ଅମୃତ ରାୟ | | ହଂସ ପ୍ରକାଶନ, ଇଲାହାବାଦ |
| ୮ । ଯଶପାଲ କା କଥାସାହିତ୍ୟ | | ପ୍ରକାଶ ଚନ୍ଦ୍ର ମିଶ୍ର |
| ୯ । ଯଶପାଲ ଅଭିନନ୍ଦନ ଗ୍ରନ୍ଥ | | (ସଂ.) ବା. ପ୍ରସାଦ |

□

# ଭାରତୀୟ ସାହିତ୍ୟ-ନିର୍ମାତା

ଭାରତୀୟ ସାହିତ୍ୟ-ଇତିହାସ ନିର୍ମାଣର ଦୀର୍ଘ ଯାତ୍ରାରେ ଯେଉଁ ମହାନ୍ ପ୍ରାଚୀନ ଅଥବା ଅର୍ବାଚୀନ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି, ସେମାନଙ୍କ ପରିଚୟ ସାଧାରଣ ପାଠକଙ୍କୁ ଦେବା ଉଦ୍ଦେଶ୍ୟରେ ଏହି ପୁସ୍ତକମାଳାର ପ୍ରକାଶନ ଆରମ୍ଭ କରାଯାଇଅଛି । ଏପର୍ଯ୍ୟନ୍ତ ନିମ୍ନଲିଖିତ ପୁସ୍ତକଗୁଡ଼ିକ ହିନ୍ଦୀରେ ପ୍ରକାଶିତ କରାଯାଇଅଛି :—

| | |
|---|---|
| ଲକ୍ଷ୍ମୀନାଥ ବେଜବରୁଆ | ହେମ ବରୁଆ |
| ବଙ୍କିମଚନ୍ଦ୍ର ଚଟ୍ଟର୍ଜୀ | ସୁବୋଧଚନ୍ଦ୍ର ସେନଗୁପ୍ତ |
| ବୁଦ୍ଧଦେବ ବସୁ | ଆଲୋକ ରଞ୍ଜନ ଦାସଗୁପ୍ତ |
| ଚଣ୍ଡୀ ଦାସ | ସୁକୁମାର ସେନ |
| ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର | ହିରଣ୍ମୟ ବାନର୍ଜୀ |
| ଜୀବନାନନ୍ଦ ଦାସ | ଚିଦାନନ୍ଦ ଦାସଗୁପ୍ତ |
| କାଜୀ ନଜରୁଲ ଇସ୍‌ଲାମ | ଗୋପାଳ ହାଲ୍‌ଦାର |
| ମହର୍ଷି ଦେବେନ୍ଦ୍ରନାଥ ଠାକୁର | ନାରାୟଣ ଚୌଧୁରୀ |
| ମାଣିକ ବନ୍ଦୋପାଧ୍ୟାୟ | ସରୋଜ ମୋହନ ମିତ୍ର |
| ମାଇକେଲ ମଧୁସୂଦନ ଦତ୍ତ | ଅମଲେନ୍ଦୁ ବୋଷ |
| ପ୍ରମଥ ଚୌଧୁରୀ | ଅରୁଣ କୁମାର ମୁଖୋପାଧ୍ୟାୟ |
| ରାଜା ରାମମୋହନ ରାୟ | ସୌମ୍ୟେନ୍ଦ୍ରନାଥ ଠାକୁର |
| ତାରାଶଙ୍କର ବନ୍ଦୋପାଧ୍ୟାୟ | ମହାଶ୍ୱେତା ଦେବୀ |
| ଶ୍ରୀ ଅରବିନ୍ଦ | ମନୋଜ ଦାସ |
| ସରୋଜିନୀ ନାଇଡୁ | ପଦ୍ମିନୀ ସେନଗୁପ୍ତ |
| ତରୁ ଦତ୍ତ | ପଦ୍ମିନୀ ସେନଗୁପ୍ତ |
| ଗୋବର୍ଦ୍ଧନ ରାମ | ରମଣଲାଲ ଜୋଶୀ |
| ମେଘାଣୀ | ବସନ୍ତରାଓ ଜଟାଶଙ୍କର ତ୍ରିବେଦୀ |

| | |
|---|---|
| ନାନାଲଲ | ଉମେଦଭାଇ ମଣିୟାର |
| ନର୍ମଦାଶଙ୍କର | ଗୁଲାବଦାସ ବ୍ରୋକର |
| ଭାରତେନ୍ଦୁ ହରିଶ୍ଚନ୍ଦ୍ର | ମଦନ ଗୋପାଲ |
| ବିହାରୀ | ବଚନ ସିଂହ " |
| ଦେବକୀ ନନ୍ଦନ ଖତ୍ରୀ | ମଧୁରେଶ " |
| ଘନାନନ୍ଦ | ଲଲ୍ଲନ ରାୟ |
| ହରିଔଧ | ମୁକୁନ୍ଦଦେବ ଶର୍ମା |
| ଜୟଶଙ୍କର ପ୍ରସାଦ | ରମେଶ ଚନ୍ଦ୍ର ଶାହ |
| ଜାୟସୀ | ପରମାନନ୍ଦ ଶ୍ରୀବାସ୍ତବ |
| କବୀର | ପ୍ରଭାକର ମାଚୱେ |
| କେଶବ ଦାସ | ଜଗଦୀଶ ଗୁପ୍ତ |
| ମହାବୀର ପ୍ରସାଦ ଦ୍ୱିବେଦୀ | ନନ୍ଦକିଶୋର ନୱଲ |
| ନନ୍ଦଦୁଲାରେ ୱାଜପେୟୀ | ପ୍ରେମଶଙ୍କର |
| ପ୍ରେମଚନ୍ଦ | ପ୍ରକାଶଚନ୍ଦ୍ର ଗୁପ୍ତ |
| ରାହୁଲ ସାଂକୃତ୍ୟାୟନ | ପ୍ରଭାକର ମାଚୱେ |
| ରୈଦାସ | ଧର୍ମପାଲ ମୈନୀ |
| ଶ୍ୟାମସୁନ୍ଦର ଦାସ | ସୁଧାକର ପାଣ୍ଡେୟ |
| ସୁଭଦ୍ରା କୁମାରୀ ଚୌହାନ | ସୁଧା ଚୌହାନ |
| ବୀ. ଏମ୍. ଶ୍ରୀ କଣ୍ଠୟ୍ୟ | ଏ. ଏନ୍. ମୂର୍ତ୍ତିରାଓ |
| ବସୱେଶ୍ୱର | ଏଚ୍. ଥିପ୍ପେରୁଦ୍ର ସ୍ୱାମୀ |
| ବିଦ୍ୟାପତି | ରମାନାଥ ଝା |
| ଏ. ଆର୍. ରାଜରାଜ ବର୍ମା | କେ. ଏମ୍. ଜର୍ଜ |
| ଚନ୍ଦୁ ମେନନ | ଟୀ. ସି. ଶଙ୍କର ମେନନ |
| କୁମାରନ୍ ଆଶାନ | କେ. ଏମ୍ ଜର୍ଜ |
| ମହାକବି ଉଲ୍ଲୁର | ସୁକୁମାର ଅପିକୋଡ଼ |
| ବଲ୍ଲତ୍ତୋଲ | ବୀ. ହୃଦୟ କୁମାରୀ |
| ଦତ୍ତକବି | ଅନୁରାଧା ପୋତ୍ଦାର |
| ଜ୍ଞାନଦେବ | ପୁରୁଷୋତ୍ତମ ୟଶବନ୍ତ ଦେଶପାଣ୍ଡେ |
| ହରିନାରାୟଣ ଆପଟେ | ରାମଚନ୍ଦ୍ର ଭିକାଜୀ ଜୋଶୀ |
| କେଶବ ସୁତ | ପ୍ରଭାକର ମାଚୱେ |
| ନାମଦେବ | ମାଧବ ଗୋପାଲ ଦେଶମୁଖ |

| | |
|---|---|
| ନରସିଂହ ଚିନ୍ତାମଣି କେଲକର | ରାମଚନ୍ଦ୍ର ମାଧବ ଗୋଲେ |
| ଶ୍ରୀପାଦ କୃଷ୍ଣ କୋଲ୍‌ହଟ୍‌କର | ମନୋହର ଲକ୍ଷ୍ମଣ ବରଡପାଣ୍ଡେ |
| ତୁକାରାମ | ବାଲଚନ୍ଦ୍ର ନେମାଡ଼େ |
| ଫକୀର ମୋହନ ସେନାପତି | ମାୟାଧର ମାନସିଂହ |
| ରାଧାନାଥ ରାୟ | ଗୋପୀନାଥ ମହାନ୍ତି |
| ସାରଳା ଦାସ | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ |
| ଭାଇ ବୀର ସିଂହ | ହରବଂଶ ସିଂହ |
| ଦୁରସା ଆଢ଼ା | ରାଓ୍ୱତ ସାରସ୍ୱତ |
| ଜାମ୍ଭୋଜୀ | ହୀରାଲାଲ ମାହେଶ୍ୱରୀ |
| ମୁହଁତା ନୈଣସୀ | ବ୍ରଜମୋହନ ଜାଓ୍ୱଲିୟା |
| ପ୍ରିଥୀରାଜ ରାଠୌଡ଼ | ରାଓ୍ୱତ ସାରସ୍ୱତ |
| ସୂର୍ଯ୍ୟମଲ୍ଲ ମିଶ୍ରଣ | ବିଷ୍ଣୁଦତ୍ତ ଶର୍ମା |
| ବାଣଭଟ୍ଟ | କେ. କୃଷ୍ଣମୂର୍ତ୍ତି |
| ଭବଭୂତି | ଗୋ. କେ. ଭଟ୍ଟ |
| ଜୟଦେବ | ସୁନୀତି କୁମାର ଚାଟାର୍ଜି |
| କଲ୍‌ହଣ | ସୋମନାଥ ଧର |
| କ୍ଷେମେନ୍ଦ୍ର | ବ୍ରଜମୋହନ ଚତୁର୍ବେଦୀ |
| ମାଘକବି | ଚଣ୍ଡିକା ପ୍ରସାଦ ଶୁକ୍ଳ |
| ସଚଲ ସରମସ୍ତ | କଲ୍ୟାଣ ବି. ଆଡ଼ୱାଣୀ |
| ଶାହଲତୀଫ | କଲ୍ୟାଣ ବି. ଆଡ଼ୱାଣୀ |
| ଭାରତୀ | ପ୍ରେମାନନ୍ଦ କୁମାର |
| ଇଲଙ୍ଗୋ ଅଡିଗଲ | ମୁ. ଓ୍ୱରଦରାଜନ |
| କମ୍ବନ | ଏସ. ମହାରାଜନ |
| ମାଣିକ୍‌କ ଓ୍ୱାଚକର | ଜୀ. ବଂମୀକନାଥନ |
| ପୋତନ୍ନା | ଦିବାକର୍ଲ ଓ୍ୱେଙ୍କଟାଓ୍ୱଧାନୀ |
| ଓ୍ୱେଦମ ଓ୍ୱେଙ୍କଟରାୟ ଶାସ୍ତ୍ରୀ | ଓ୍ୱେଦମ ଓ୍ୱେଙ୍କଟରାୟ ଶାସ୍ତ୍ରୀ (ଜନ |
| ଗୁରୁଜାଡ଼ | ନାର୍ଲ ଓ୍ୱେଙ୍କଟେଶ୍ୱର ରାଓ |
| ବୀରେଶ ଲିଙ୍ଗମ୍ | ନାର୍ଲ ଓ୍ୱେଙ୍କଟେଶ୍ୱର ରାଓ |
| ଓ୍ୱେମନା | ନାର୍ଲ ଓ୍ୱେଙ୍କଟେଶ୍ୱର ରାଓ |
| ଗାଲିବ | ମୁହମ୍ମଦ ମୁଜୀବ |

117828
21/12/04

ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ଦୁଇ ଧରଣର ହୁଅନ୍ତି । ଦଳେ ମାଛିମାନଙ୍କ ଭଳି ଗୁଡ଼ ଖାଇବାକୁ ଯାଇ ସେଥିରେ ଜଡ଼ି ଯାଆନ୍ତି ଏବଂ ଶେଷରେ ମୃତ୍ୟୁ ବରଣ କରନ୍ତି । ଅନ୍ୟ ଏକ ଦଳ ଯେଉଁମାନେ ମହୁମାଛି ଭଳି ପୁଷ୍ପରାଜୀରୁ ରସ ସଂଗ୍ରହ କରି ମଧୁ ତିଆରି କରନ୍ତି– ଯାହାକି ମନୁଷ୍ୟଙ୍କୁ ଆରୋଗ୍ୟ କରିଥାଏ । ଯେଉଁମାନଙ୍କର ଗୁଡ଼ ଖାଇବାର କ୍ଷମତା ନାହିଁ ସେମାନେ ନିଜର ଦୁଃଖ ଜଞ୍ଜାଳ ମଧ୍ୟରେ ଛନ୍ଦି ହୁଅନ୍ତି । ଆଜି ମନୁଷ୍ୟ ମହୁମାଛି ଠାରୁ ତାର ଏହି ଗୁଣ ଶିକ୍ଷାଲାଭ କରିଛି । ସମୁହ ଶକ୍ତିର ରହସ୍ୟ ସେ ଜାଣି ପାରିଛି ।

ଯଶପାଲ ହିନ୍ଦୀର ସେହି ଲେଖକମାନଙ୍କ ମଧ୍ୟରୁ ଜଣେ ଯେଉଁମାନଙ୍କର ମନୁଷ୍ୟର ସମୁହ ଶକ୍ତି ଉପରେ ଅଧିକ ବିଶ୍ୱାସ । ମୃତ୍ୟୁକୁ ଭୟ କରି ଜୀବନର ପ୍ରତିକ୍ଷଣରେ ସେ ମରି ନାହାନ୍ତି । ସେ ବଞ୍ଚିବାର ଆକାଂକ୍ଷା ଉପରେ ନିର୍ଭର କରି ମରି ଯାଇ ମଧ୍ୟ ବଞ୍ଚି ରହିଛନ୍ତି । ଆମେ ତାଙ୍କର ମରଣ ତିଥି ମନେ ରଖିଥିଲେ ହେଁ ତାଙ୍କର ସୃଷ୍ଟି କାଳାତିତ ଅଟେ । ତାଙ୍କ ରଚନାକୁ ଅବଲମ୍ବନ କରି ଯେ ନିଜର ବ୍ୟକ୍ତିତ୍ୱ ତିଆରି କରେ ତା'ର କେବେ ମୃତ୍ୟୁ ହୁଏ ନାହିଁ । ତା'ର କାରଣ ସାହସ ଓ ସଂକଳ୍ପର ଅଗ୍ନିକଣା ତାର ହୃଦୟରେ ପ୍ରଜ୍ୱୋଳିତ ହେବାକୁ ଲାଗେ । ଯଶପାଲଙ୍କର ନାମ ଚନ୍ଦ୍ରଶେଖର ଆଜାଦ୍, ସରଦାର ଭଗତ ସିଂ, ସୁଖଦେବ ଭଳି ବିପ୍ଳବୀମାନଙ୍କ ସହିତ ସ୍ମରଣ କରାଯାଏ । ସେ ଆମଦେଶର ଜନତାର ବକ୍ତବ୍ୟର ମୁଖପତ୍ର ହୋଇ ଯାଇଛନ୍ତି ।

ଯେତେବେଳେ ବିପ୍ଳବୀ ବନ୍ଧୁମାନଙ୍କ ମଧ୍ୟରୁ ଯଶପାଲ ଏକା ବଞ୍ଚି ରହିଲେ, ସେ ବନ୍ଧୁକରୁ ଗୋଳି ଚଳାଇବା ବନ୍ଦ କରି କଲମରୁ ଶବ୍ଦ ଚଳାଇବାକୁ ଲାଗିଲେ । କର୍ମବୀରର ଅସ୍ତ୍ର ବଦଳି ଗଲା କିନ୍ତୁ ଲକ୍ଷ୍ୟ ବଦଳିଲା ନାହିଁ । ବ୍ରିଟୀଶ ଶାସନ ଓ ସାମ୍ରାଜ୍ୟବାଦ ବିରୋଧରେ ସେ ଲଗାତାର ଅସ୍ତ୍ର ଉତ୍ତୋଳନ କରି ଚାଲିଥିଲେ । ଦେଶୀୟ ସାମନ୍ତବାଦ ଓ ତାହାର ନୀତିର ମଧ୍ୟ ଯଶପାଲ ଆଜୀବନ ଘୋର ବିରୋଧୀ ଥିଲେ । ଏହି ଶତ୍ରୁମାନଙ୍କର ... କେବେହେଲେ ସମର୍ପିତ କରି ନଥିଲେ ।

ଏହି ପ୍ରବନ୍ଧର ଲେଖକ କମଳ ... ଜୀବନ, ରଚନା ସଂଗ୍ରହ ଏବଂ ଚିନ୍ତାଧା... ବିବେଚନା କରିଅଛନ୍ତି ।

Library IIAS, Shimla
OR 813.309 2 Y 26 K
00117828

ମୂଲ୍ୟ : ୧୫ ଟଙ୍କା

ISBN 81-7201-887-8